R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୦
ତିଥି : ତ୍ରୟୋଦଶୀ
୦୬ ମେ’ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 210
06 May 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

# ଅସମ୍ଭାଳ ହେଲାଣି ତାତି

ଭୁବନେଶ୍ୱର, ୫।୫ (ସବ୍ୟୁ) : ୨୧ ଦିନରେ ପହଞ୍ଚିଲା ଗ୍ରୀଷ୍ମ ପ୍ରବାହ । ଏପ୍ରେଲ୍ ୧୫ ତାରିଖରୁ ଆଜି ଯାଏଁ ଅର୍ଥାତ ମେ ୫ ତାରିଖ ପର୍ଯ୍ୟନ୍ତ ଲଗାତାର ୨୧ ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ସେପଟେ ଆଜି ତାତିର ସହର ଟିଟିଲାଗଡ଼ ପାଲଟିଛି ଉତ୍ତପ୍ତ ସହର । ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଛି ।

## ଟିଟିଲାଗଡରେ ତାପମାତ୍ରା ୪୫° ରେକର୍ଡ



ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବୌଦ୍ଧରେ ୪୪.୬ ଡିଗ୍ରୀ, ନୂଆପଡ଼ାରେ ୪୪.୪ ଡିଗ୍ରୀ, ବଲାଙ୍ଗିରରେ ୪୪.୪ ଡିଗ୍ରୀ, ଭବାନୀପାଟଣାରେ ୪୪ ଡିଗ୍ରୀ, ବାରିପଦାରେ ୪୩.୫ ଡିଗ୍ରୀ, ସୋନପୁରରେ ୪୩.୫ ଡିଗ୍ରୀ, ସମ୍ବଲପୁରରେ ୪୩.୪ ଡିଗ୍ରୀ, ନୟାଗଡ଼ରେ ୪୩ ଡିଗ୍ରୀ, କେନ୍ଦୁଝରରେ ୪୩ ଡିଗ୍ରୀ, ସୁନ୍ଦରଗଡ଼ରେ ୪୩ ଡିଗ୍ରୀ, ଅନୁଗୋଳରେ ୪୨.୯ ଡିଗ୍ରୀ,ଫୁଲବାଣୀରେ ୪୨.୬ ଡିଗ୍ରୀ, ରାଉରକେଲାରେ ୪୨.୬ ଡିଗ୍ରୀ, ତାଳଚେରରେ ୪୨.୪ ଡିଗ୍ରୀ, ହୀରାକୁଦରେ ୪୨.୧ ଡିଗ୍ରୀ, ମାଲକାନଗିରିରେ ୪୨ ଡିଗ୍ରୀ, ବରଗଡ଼ରେ ୪୧.୬ ଡିଗ୍ରୀ ଓ ଢେଙ୍କାନାଳରେ ତାପମାତ୍ରା ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଯାଜପୁରରେ ୪୧.୫ ଡିଗ୍ରୀ, ଖୋର୍ଦ୍ଧାରେ ୪୧ ଡିଗ୍ରୀ, ଭଦ୍ରକରେ ୪୦.୮ ଡିଗ୍ରୀ, ଚାନ୍ଦବାଲିରେ ୪୦.୪ ଡିଗ୍ରୀ, ଛତ୍ରପୁରରେ ୪୦.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୦ ଡିଗ୍ରୀ, ଭୁବନେଶ୍ୱରରେ ୩୯.୯ ଡିଗ୍ରୀ, ନବରଙ୍ଗପୁରରେ ୩୯.୮ ଡିଗ୍ରୀ, ଦେବଗଡ଼ରେ ୩୯.୫ ଡିଗ୍ରୀ, ବାଲେଶ୍ୱରରେ ୩୯.୨ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୯.୧ ଡିଗ୍ରୀ, କଟକରେ ୩୮.୫ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୮ ଡିଗ୍ରୀ, କୋରାପୁଟରେ ୩୭.୮ ଡିଗ୍ରୀ, ଜଗତସିଂହପୁରରେ ୩୭ ଡିଗ୍ରୀ, ପୁରୀରେ ୩୪.୨ ଡିଗ୍ରୀ, ପରାଦୀପରେ ୩୩.୫ ଡିଗ୍ରୀ ଓ ଗୋପାଳପୁରରେ ତାପମାତ୍ରା ୩୩ ଡିଗ୍ରୀ ରେକର୍ଡ କରାଯାଇଛି ।

# ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୫।୫ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ବରିଷ୍ଠ ବିଜେପି ନେତାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ବିମାନ ବନ୍ଦରରୁ ସେ ସିଧାସଳଖ କାରକେଡ୍‌ରେ ଯାଇ ରାଜଭବନ ପହଞ୍ଚିଥିଲେ । ରାଜଭବନ ଯିବା ବାଟରେ ବିମାନ ବନ୍ଦର ବାହାରେ କଳାକାରମାନେ ପାରମ୍ପରିକ ବାଦ୍ୟ, ନୃତ୍ୟ ଓ ଗୀତରେ ମୋଦିଙ୍କୁ ସ୍ୱାଗତ ଜଣାଇଛନ୍ତି । ରାଜଭବନରେ ରାତି କଟାଇବା ପରେ ପ୍ରଧାନମନ୍ତ୍ରୀ ସୋମବାର ସକାଳେ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିବେ । ସେଠାରେ ନିର୍ବାଚନୀ ସଭାରେ ଯୋଗଦେବେ । ଏହାପରେ ନବରଙ୍ଗପୁରରେ ବିଜୟ ସଙ୍କଳ୍ପ ସମାବେଶରେ ସାମିଲ ହୋଇ ଜନସମାବେଶକୁ ଉଦ୍‌ବୋଧନ ଦେବେ ।

## ତ୍ରିସ୍ତରୀୟ ସୁରକ୍ଷାରେ ରାଜଭବନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗ୍ରସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ରାଜଭବନ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଥିବାବେଳେ ୨୮ ପ୍ଲାଟୁନ୍ ଫୋର୍ସ, ଏସ୍‌ପିଜି ଓ ସିଆଇଏସ୍‌ଏଫ୍ କମାଣ୍ଡୋଙ୍କ କଡ଼ା ପ୍ରହରା ବ୍ୟବସ୍ଥା କରାଯାଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି ।

ପ୍ରଧାନମନ୍ତ୍ରୀ ନିର୍ବାଚନ କାର୍ଯ୍ୟକ୍ରମରେ ରବିବାର ରାତିରେ ଓଡ଼ିଶା ଆସି ଭୁବନେଶ୍ୱର ରାଜଭବନରେ ରାତ୍ରିଯାପନ କରିବେ । ସେଥିପାଇଁ ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବା ସହ ରାଜଭବନ ଚତୁପାର୍ଶ୍ୱ ସୁରକ୍ଷାବାହିନୀ (୯ ପୃଷ୍ଠାରେ)

# ପୁଞ୍ଛରେ ଆତଙ୍କୀ ହମଲା, ଜଣେ ଯବାନ ସହିଦ



ଶ୍ରୀନଗର, ୫।୫ : ପୁଞ୍ଛ ଜିଲ୍ଲାରେ ବାୟୁସେନା କନଭୟ ଉପରକୁ ବଡ ଧରଣର ଆତଙ୍କବାଦୀ ହମଲା ହୋଇଛି । ଏହି ଅକ୍ରମଣରେ ଆହତ ହୋଇଥିବା ୫ ଜଣ ଯବାନଙ୍କ ମଧ୍ୟରୁ ଆଜି ଜଣେ ସହିଦ ହୋଇଛନ୍ତି । ସେନା ଅଧିକାରୀଙ୍କ ତରଫରୁ ଏହି ସୂଚନା ମିଳିଛି ।ସୂଚନା ମୁତାବକ, ଗତକାଲି ସନ୍ଧ୍ୟାରେ ଭାରତୀୟ ବାୟୁସେନାର କନଭୟରେ ଥିବା ୨ଟି ଗାଡ଼ି ଉପରେ ଆତଙ୍କବାଦୀମାନେ ସୁରନକୋଟର ସନାଇ ଗାଁରେ ଆକ୍ରମଣ କରିଥିଲେ । ଗ୍ରେନେଡ ସହ ଆଖିବୁଜା ଗୁଳିମାଡ ହୋଇଥିଲା । ଏଥିରେ ୫ ଜଣ ଯବାନ ଆହତ ହୋଇଥିଲେ । ସେମାନଙ୍କୁ ଉଦ୍ଧମପୁର ସ୍ଥିତ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ଯବାନ ସହିଦ ହୋଇଛନ୍ତି । ଅନ୍ୟ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେପଟେ ବାୟୁସେନାର ଗାଡିଗୁଡିକୁ ଶାହସିତାର ନିକଟସ୍ଥ ଏୟାରବେସ୍ ଭିତରକୁ ସୁରକ୍ଷିତ ଭାବେ ପଠାଇ ଦିଆଯାଇଛି ।ହମଲା ସମ୍ପର୍କରେ ଖବର ମିଳିବା ପରେ କନଭୟରେ ଥିବା ଯବାନଙ୍କୁ ବ୍ୟାକଅପ ଦେବାକୁ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଇ ଯାଇଥିଲା । ଘଟଣାସ୍ଥଳରେ ଇଣ୍ଡିଆନ୍ ଏୟାରଫୋର୍ସର ଗରୁଡ ସ୍ପେଶାଲ ଫୋର୍ସକୁ ମଧ୍ୟ ମୁତୟନ କରାଯାଇଛି । ସେନା ଓ ଜମ୍ମୁ ପୁଲିସର ଯବାନମାନେ ଘଟଣାରେ ସାମିଲ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି ।

# ମଡେଲଙ୍କୁ ଗୁଳି କରି ହତ୍ୟା

ଇକ୍ୟୁଏଡରସିଟି, ୫।୫ : ମଡେଲ୍ ତଥା ପୂର୍ବତନ ମିସ୍ ଇକ୍ୟୁଏଡର୍ ପ୍ରତିଯୋଗୀଙ୍କ ଉପରକୁ ଏକ ରେଷ୍ଟୁରାଣ୍ଟ ଭିତରେ ବନ୍ଧୁକଧାରୀମାନେ ଆଖିବୁଜା ଗୁଳିମାଡ କରିଛନ୍ତ । ମଧ୍ୟାହ୍ନ ଭୋଜନ କରିବା ବେଳେ ତାଙ୍କୁ ଗୁଳିମାଡ ହୋଇଛି । ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡିଛନ୍ତି । ପୂର୍ବତନ ମିସ୍ ଇକ୍ୟୁଏଡର୍ ପ୍ରତିଯୋଗୀ ଲ୍ୟାଣ୍ଡି ପାରାଗା ଗୋଏବୁରୋ । ଲସ ରିଓସ ପ୍ରଦେଶରେ ଅବସ୍ଥିତ ଏକ ରେଷ୍ଟୁରାଣ୍ଟରେ ଖାଉଥିବା ବେଳେ ବନ୍ଧୁକଧାରୀମାନେ ସେଠାକୁ ପଶି ଆସିଥିଲେ । ଏହାପରେ ତାଙ୍କ ଉପରକୁ ହଠାତ୍ ଗୁଳିମାଡ କରିଥିଲେ । ଫଳରେ ୨୩ ବର୍ଷୀୟ ଏହି ବ୍ୟୁଟି କୁଇନ୍‌ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଏହି ସମସ୍ତ ଘଟଣାର ସିସିଟିଭି ଫୁଟେଜ ସୋଶାଲ ମିଡିଆରେ ଭାଇରାଲ ହେଉଛି । ମୃତ୍ୟୁର କିଛି ସମୟ ପୂର୍ବରୁ ହିଁ ଲ୍ୟାଣ୍ଡି ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ । ଏଥିରୁ ହିଁ ତାଙ୍କ ଲୋକେସନ୍ ବିଷୟରେ ବନ୍ଧୁକଧାରୀମାନଙ୍କୁ ସୁରାଗ ମିଳିଥିଲା ।

ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ମୁତାବକ, ଇକ୍ୟୁଏଡୋର ସୁନ୍ଦରୀ ଲ୍ୟାଣ୍ଡି ପାରାଗାଙ୍କର ଜଣେ କୁଖ୍ୟାତ ଗ୍ୟାଙ୍ଗ ନେତାଙ୍କ ସହ ସମ୍ପର୍କ ଥିଲା । ଏହି ଗ୍ୟାଙ୍ଗର ସଦସ୍ୟମାନେ ହିଁ ଏହି ହତ୍ୟାକାଣ୍ଡ ଘଟାଇ ଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛ । ଫୁଟେଜରୁ ଜଣାପଡିଛି ଯେ ଦୁଇଜଣ ବନ୍ଧୁକଧାରୀ ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ । ଏହାପରେ ଲ୍ୟାଣ୍ଡିଙ୍କ ସମେତ ସେଠାରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତିଙ୍କୁ ଉପରୁ ଗୁଳି ମାଡ କରିଥିଲେ । ବନ୍ଧୁକଧାରୀଙ୍କ ମଧ୍ୟରୁ ଜଣେ ଗୁଳି ଚଳାଇଥିବା ବେଳେ ଅନ୍ୟଜଣେ କବାଟ ପାଖରେ ଠିଆ ହୋଇ ଜଗି ରହିଥିଲେ । ଗୁଳି ଚଳାଇବା ପରେ ଦୁହେଁ ସେଠାରୁ ଫେରାର ହୋଇ ଯାଇଥିଲେ । ତେବେ କିଏ ଓ କାହିଁକି ତାଙ୍କୁ ଏଭଳି ଗୁଳିମାଡ କରି ହତ୍ୟା କରିଛନ୍ତି ସେ ନେଇ କୌଣସି ଖୁଲାସା ହୋଇନାହିଁ ।ବର୍ତ୍ତମାନ ପୁଲିସ ସିସିଟିଭି ଫୁଟେଜ ଆଧାରରେ ବନ୍ଧୁକଧାରୀଙ୍କୁ ଚିହ୍ନଟ କରି ଧରିବାକୁ ଚେଷ୍ଟା ଜାରି ରଖିଛି ।

## ବୌଦ୍ଧ, ବୀରମହାରାଜପୁର ଓ ସୋନପୁରରେ କାର୍ତ୍ତିକଙ୍କ ଧୂଆଁଧାର ପ୍ରଚାର

# ମୁଖ୍ୟମନ୍ତ୍ରୀ ସେବାରେ ବିଶ୍ୱାସ କରନ୍ତି

ଭୁବନେଶ୍ୱର, ୫।୫ (ସବ୍ୟୁ) : ନିର୍ବାଚନ ପ୍ରଚାରର ୧୧ ଦିନରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ବୌଦ୍ଧ ଜିଲ୍ଲାର ବୌଦ୍ଧ, ସୋନପୁର ଜିଲ୍ଲାରେ ସୋନପୁର ଏବଂ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଧୂଆଁଧାର ପ୍ରଚାର ଜାରି ରଖିଛନ୍ତି ।

ବୌଦ୍ଧରେ ସମବେତ ବିପୁଳ ଜନସମାବେତକୁ ସମ୍ବୋଧନ କରି ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେବାରେ ବିଶ୍ୱାସ କରନ୍ତି । ଲୋକଙ୍କୁ କାମର ହିସାବ ଦେବାରେ ବିଶ୍ୱାସ କରନ୍ତୁ । ଲୋକଙ୍କ ଅସୁବିଧାକୁ ନିଜ ଅସୁବିଧା ଭାବି ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଅନ୍ତି । କିନ୍ତୁ ବିରୋଧୀ ଦଳ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ନିର୍ବାଚନ ଆସିଲେ ସେମାନେ ପର୍ଯ୍ୟଟକ ଭଳି ଆସନ୍ତି, ବଡ ବଡ କଥା କୁହନ୍ତି । ମିଠା ମିଠା ପ୍ରତିଶ୍ରୁତି ଦିଅନ୍ତି । ନିର୍ବାଚନ ସରିଗଲେ ଆଉ ମିଳନ୍ତି ନାହିଁ । ଶଙ୍ଖ ଚିହ୍ନକୁ ଓଡିଶାର ପ୍ରଗତିର ଚିହ୍ନ ଭାବରେ ଅଭିହିତ କରି ଶ୍ରୀ ପାଣ୍ଡିଆନ କହିଲେ ବିଜୁ ଜନତା ଦଳ ଓଡିଶାର ବିକାଶ ପାଇଁ ସମର୍ପିତ ଭାବେ କାମ କରିଚାଲିଛି ।

ବୌଦ୍ଧ ଜିଲ୍ଲାର ପୁରୁଣା କଟକକୁ ଏନ୍‌ଏସି ଓ ବୌଦ୍ଧକୁ ମୁନିସିପାଲଟି ମାନ୍ୟତା ଦିଆଯାଇଛି । ଲୋକଙ୍କ ପ୍ରସ୍ତାବକ୍ରମେ ଭୈରବୀ ମନ୍ଦିର ଓ ଚନ୍ଦ୍ରଚୂଡ ମନ୍ଦିରର ବିକାଶ ପାଇଁ ଯଥାକ୍ରମେ ୪ କୋଟି ଓ ସାଢେ ତିନି କୋଟି ଟଙ୍କା ଦିଆଯାଇଛି । ଏହାସହିତ ଅନେକ ମଠ, ମନ୍ଦିର, ଚର୍ଚ୍ଚ, ମସ୍ଜିଦର ରୂପାନ୍ତର ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ପାଣ୍ଡିଆନ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେବା ପାଇଁ ନିବେଦନ କରିଥିଲେ ।




## ନବୀନ ପଟ୍ଟନାୟକଙ୍କ ଯୁଗ ହେଉଛି, ଓଡିଶା ପାଇଁ ଶାନ୍ତିର ଯୁଗ

## ଲୋକଙ୍କ ମୁହଁରେ ହସ ଫୁଟିଲେ ମୁଖ୍ୟମନ୍ତ୍ରୀ ଖୁସି

ପରେ ବୀରମହାରାଜପୁରରେ ସମବେତ ଜନତାଙ୍କୁ ଉଦ୍ବୋଧନ ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସାରା ଓଡିଶାବାସୀଙ୍କୁ ନିଜ ପରିବାର ଭାବେ (୯ ପୃଷ୍ଠାରେ)

## ୫ ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇଲା କଂଗ୍ରେସ

ଭୁବନେଶ୍ୱର, ୫।୫ (ସବ୍ୟୁ): ରାଜ୍ୟର ୫ଟି ବିଧାନସଭା ଆସନରେ କଂଗ୍ରେସ ନିଜର ପ୍ରାର୍ଥୀଙ୍କୁ ବଦଳାଇଛି । ଜଳେଶ୍ୱର, ବରୀ, ଆଠମଲ୍ଲିକ, ଆଠଗଡ଼ ଓ ପୁରୀରେ ପ୍ରାର୍ଥୀ ବଦଳିଛନ୍ତି । ଜଳେଶ୍ୱରରେ ସୁଦର୍ଶନ ଦାସଙ୍କୁ ପ୍ରାର୍ଥୀ କଲା କଂଗ୍ରେସ । ପୂର୍ବରୁ ଦେବୀପ୍ରସନ୍ନ ଚାନ୍ଦଙ୍କ ନାଁ ଘୋଷଣା କରିଥିଲା ଦଳ । ହେଲେ ତାଙ୍କ ଜାଗାରେ ଆଜି ସୁଦର୍ଶନଙ୍କୁ ପ୍ରାର୍ଥୀ କରିଛି ଦଳ ।ଗତକାଲି ଦଳରେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ଟିକେଟ ମିଳିଛି । ତାଙ୍କୁ ବରୀରୁ ପ୍ରାର୍ଥୀ କରାଯାଇଛି । ଦଳ ପୂର୍ବରୁ ଏହି ଆସନ ପାଇଁ ଆରତି ଦେଓଙ୍କ ନାଁ ଘୋଷଣା କରିଥିଲା । ଆଠମଲ୍ଲିକରେ ହିମାଂଶୁ ଚାଉଳିଆଙ୍କୁ କଂଗ୍ରେସ ଟିକେଟ ଦେଇଛି । ବିଜୟାନନ୍ଦ ଚାଉଳିଆଙ୍କ ସ୍ଥାନରେ ଦଳ ହିମାଂଶୁଙ୍କୁ ପ୍ରାର୍ଥୀ କରିଛି । ଆଠଗଡ଼ରେ ବି ପ୍ରାର୍ଥୀ ବଦଳାଇଛି ଦଳ । ଏଠାରୁ ସୁଦର୍ଶନ ସାହୁଙ୍କୁ ନୂଆ ପ୍ରାର୍ଥୀ କରିଛି ଦଳ । ପୂର୍ବରୁ ଏହି ଆସନ ପାଇଁ ମେହବୁବ ଅହମ୍ମଦ ଖାନ୍‌ଙ୍କ ନାଁ ଘୋଷଣା କରାଯାଇଥିଲା । ପୁରୀରେ (୯ ପୃଷ୍ଠାରେ)




# ୪ ଟ୍ରକରୁ ୨୦୦୦ କୋଟି ଜବତ



ନୂଆଦିଲ୍ଲୀ, ୫।୫ : ନିର୍ବାଚନ ପ୍ରଚାର ଚାଲିଥିବାବେଳେ ଆନ୍ଧ୍ରପ୍ରଦେଶ ପୁଲିସ ୨,୦୦୦ କୋଟି ନଗଦ ଟଙ୍କା ଜବତ କରିବା ସହ ୪ଟି କଣ୍ଟେନରକୁ ଜବତ ଅଟକ ରଖିଛି । ଏହି ସବୁ କଣ୍ଟେନର କେରଳରୁ ଆନ୍ଧ୍ରପ୍ରଦେଶକୁ ଯାଉଥିଲା ।

ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲା ସ୍ଥିତ ପାମିଡ଼ି ଆନ୍ତଃରାଜ୍ୟ ତନଖି ଫାଠକ(ଚେକ୍ ଗେଟ୍) ନିକଟରେ ଯାଞ୍ଚ କରୁଥିଲା ପୁଲିସ ।ଏହି ସମୟରେ ୪ଟି କଣ୍ଟେନର ଏକା ସାଙ୍ଗେ ଯାଉଥିଲେ, ଯାହାକୁ ଦେଖି ପୁଲିସର ସନ୍ଦେହ ବଢିଥିଲା । ଆଉ ତଦନ୍ତ କରିବା ପରେ ପୁଳା ପୁଳା ଟଙ୍କା ଦେଖି ତାଜୁବ ହୋଇଯାଇଥିଲେ ପୁଲିସ କର୍ମଚାରୀ । ବିପୁଳ ଟଙ୍କା ଦେଖିବା ପରେ ରାଜ୍ୟ ପୁଲିସ ଡିଜି, ନିର୍ବାଚନ ଅଧିକାରୀ ଓ ଇନକମ୍ ଟ୍ୟାକ୍ସ ଅଫିସରଙ୍କୁ ଜଣାଇଥିଲେ । ଖବର ପାଇ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ । ଇନକମ୍ ଟ୍ୟାକ୍ସ ଓ ନିର୍ବାଚନ ଅଧିକାରୀ ଯାଞ୍ଚ ବେଳେ ଜାଣିଲେ ଯେ, ଟ୍ରକରେ ଯାଉଥିବା ଟଙ୍କା ବଣ୍ଟଲ ବ୍ୟାଙ୍କଗୁଡିକର । ଅଧିକାରୀମାନେ କହିଛନ୍ତି ଯେ, ଏସବୁ ବ୍ୟାଙ୍କ୍ ଟଙ୍କା, ଯାହା କେରଳର କୋଚି ଆଞ୍ଚଳିକ କାର୍ଯ୍ୟାଳୟରୁ ହାଇଦ୍ରାବାଦ ଆରବିଆଇ କାର୍ଯ୍ୟାଳୟକୁ ଯାଉଥିଲା । ତେବେ ଜବତ ୨,୦୦୦ କୋଟି ଟଙ୍କା ମଧ୍ୟରୁ ୫୦୦ କୋଟ ଆଇସିଆଇସିଆଇ ବ୍ୟାଙ୍କ, ଅନ୍ୟ ୫୦୦ କୋଟି ଆଇଡିବିଆଇ ବ୍ୟାଙ୍କ ଓ ୧,୦୦୦ କୋଟି ଫେଡେରାଲ ବ୍ୟାଙ୍କ୍ ଟଙ୍କା । ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ ପରେ ଟ୍ରକଗୁଡିକୁ ଛାଡି ଦିଆଯାଇଛ । ଲୋକସଭା ଓ ବିଧାନସଭା ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଟ୍ରକଗୁଡ଼ିକୁ ଅଟକ ରଖି ଯାଞ୍ଚ କରାଯାଇଥିଲା ବୋଲି ପୁଲିସ କହିଛି ।

# ଚିଲ୍ଡ ବିୟର ଭଲଲାଗେ କାହିଁକି

ପ୍ରତ୍ୟେକ ବିୟର୍ ସୌଖିନ ବ୍ୟକ୍ତି ଚିଲ୍ଡ ବିୟର ପିଇବାକୁ ପସନ୍ଦ କରିଥାନ୍ତି । ହଲ୍କା ଥଣ୍ଡା ବିୟରଠାରୁ ଚିଲ୍ଡ ବିୟର କାହିଁକି ଭଲ ଲାଗିଥାଏ ତାହା ଉପରେ ନିକଟରେ ଏକ ଗବେଷଣା କରାଯାଇଥିଲା । ଏହି ଗବେଷଣାରେ ସାମିଲ ବୈଜ୍ଞାନିକଙ୍କ ମତରେ ବିୟରରେ ଥିବା ଇଥେନଲ୍ ଅଣୁ ଉପରେ ତାପମାନର ବିଶେଷ ପ୍ରଭାବ ପଡ଼ିଥାଏ । ଏଥିପାଇଁ ତାପମାନ ଅନୁସାରେ ବିୟରର ସ୍ୱାଦ ବଦଳିଥାଏ । ମ୍ୟାଟର ଜର୍ନାଲକୁ ସାକ୍ଷାତକାର ଦେଇଥିବା ପ୍ରଫେସର ଲି ଜିୟାଙ୍ଗ ଅନୁସାରେ ବିୟରରେ ଥିବା ଇଥେନଲର ଅଣୁ ବିଭିନ୍ନ ପାନୀୟରେ ଭିନ୍ନ ତାପମାତ୍ରାରେ ବିଶେଷ ପ୍ରକାର ଆକାର ଧାରଣ କରିଥାଏ । କମ୍ ଆଲ୍‌କହଲ୍ ଥିବା ପାନୀୟ ଯଥା ବିୟରକୁ କମ୍ ତାପମାନରେ ରଖାଯାଇଥାଏ । ତେଣୁ ଏହାର ଇଥେନଲ ଅଣୁ ପିରାମିଡ ଆକାର ଧାରଣ କରିନେଇଥାଏ । ଅଧିକ ଥଣ୍ଡା ହେବାମାତ୍ରେ ଇଥେନଲର ଅଣୁଗୁଡ଼ିକ ପରସ୍ପର ଖୁବ୍ ନିକଟତର ହୋଇଯାଆନ୍ତି ଫଳସ୍ୱରୂପ ଚିଲ୍ଡ ବିୟରର ସ୍ୱାଧ ଆହୁରି ବଢ଼ିଯାଇଥାଏ । ନିକଟରେ ହୋଇଥିବା ଏକ ଅଧ୍ୟଅନ ଅନୁସାରେ ଏବେ ଜଳବାୟୁ ପରିବର୍ତ୍ତନ ଫଳରେ ବିୟରର ଦାମ୍ ବଢ଼ିଯିବା ସହ ସ୍ୱାଦ ମଧ୍ୟ ବଦଳିଯିବ । ଗ୍ଲୋବାଲ ୱାର୍ମିଂ ଓ ଅନ୍ୟକିଛି କାରଣ ପାଇଁ ବିୟର ପ୍ରସ୍ତୁତିରେ ବ୍ୟବହାର ହେଉଥିବା ହୋପ୍ (ଏଚ୍‌ଓପି) ଫୁଲର ସଂଖ୍ୟା ଓ ଏହାର ଗୁଣବତ୍ତା କମିଯାଇଥିବାରୁ ଖୁବ୍‌ଶୀଘ୍ର ବିୟର ଦୁର୍ମୁଲ୍ୟ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।



# ସୁପରୱୁମେନ୍ ସିଣ୍ଡ୍ରୋମ୍



ଏହା ଏପରି ଏକ ଅବସ୍ଥା ଯାହା ହେବାଫଳରେ ମହିଳାମାନେ ଅଧିକ ଆକ୍ଟିଭ ହୋଇଯାଇ ଥାଆନ୍ତି । ସବୁ କ୍ଷେତ୍ରରେ ପରଫେକ୍ଟ ହେବା ପାଇଁ ଏମାନେ ଚେଷ୍ଟା କରନ୍ତି । ଏହି ସିଣ୍ଡ୍ରୋମ କାରଣରୁ ସେମାନଙ୍କୁ ଅନେକ ସମସ୍ୟା ମଧ୍ୟ ହୋଇଥାଏ । ସେମାନଙ୍କ ନିକଟରେ ମୁଣ୍ଡବିନ୍ଧା, ଇନସୋମେନିଆ, ଚିନ୍ତା, ଷ୍ଟ୍ରେସ, କ୍ରୋନିକ୍ ଏଗଜ୍‌ସନ୍ ସମସ୍ୟା ଦେଖିବାକୁ ମିଳିଥାଏ । ଏହାର କାରଣ ମଧ୍ୟ ବିଭିନ୍ନ ରହିଥାଏ । ଆଜିକାଲି ମହିଳାଙ୍କ ଉପରେ ବିଭିନ୍ନ ପ୍ରକାରର ଷ୍ଟ୍ରେସ୍ ପଡୁଛି । ସେମାନଙ୍କୁ ପରିବାର ସମ୍ଭାଳିବାସହ ବିଭିନ୍ନ ବାହାର କାମ ମଧ୍ୟ କରିବାକୁ ପଡୁଛି, ତେଣୁ ସେ ସମସ୍ତ କାମରେ ସଫଳ ହେବାପାଇଁ ଚେଷ୍ଟା କରୁଛନ୍ତି । ଯାହା ଏହି ସିଣ୍ଡ୍ରୋମର ପ୍ରମୁଖ କାରଣ ହୋଇଥାଏ । ଯେତେବେଳେ ସେମାନେ କୌଣସି କାମ ସଠିକ ରୂପେ କରି ପାରନ୍ତି ନାହଁ ସେତେବେଳେ ସେମାନଙ୍କ ନିକଟରେ ଅନୁତାପ ଦେଖା ଦେଇଥାଏ । ଏହି କାରଣରୁ ସୁପରୱୋମାନ ସିଣ୍ଡ୍ରୋମ୍ ଜନ୍ମ ନେଇଥାଏ । ଏହାର ପ୍ରଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ରହିଥାଏ । ସବୁଠାରୁ କଷ୍ଟ ଏହାକୁ ଚିହ୍ନିବା, ଏହାର ସେପରି କିଛି ନିର୍ଦ୍ଧିଷ୍ଟ ଲକ୍ଷଣ ନଥାଏ । ଯଦି ନିଜର କିମ୍ବା ଆଖପାଖରେ ମହିଳାଙ୍କର କୋଣସି କାର୍ଯ୍ୟକୁ ନେଇ ଦରକାରରୁ ଅଧିକ ବ୍ୟସ୍ତତା ଦେଖୁଛନ୍ତି, ତେବେ ଏହା ସୁପରୱୁମେନ୍ ସିଣ୍ଡ୍ରୋମ୍ ହୋଇଥାଏ । ତେଣୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ସୋସିଆଲ କୋଟ୍ସ



ମା', ଆପଣ ଏବେ ବି ମୋ ପାଖରେ ଅଛନ୍ତି । ଆପଣଙ୍କ ସ୍ମୃତି ଏବେ ମଧ୍ୟ ଜୀବନ୍ତ ଅଛି । ସବୁବେଳେ ଲାଗୁଛି ଆପଣ ଆଖପାଖରେ ହିଁ ଅଛନ୍ତି ।

ସଞ୍ଜୟ ଦତ୍ତ, ଅଭିନେତା



ଲାଗୁନଥିଲା ହ୍ରିତିକ୍ ରୋଶନ ଦିନେ ବଲିଉଡର ଷ୍ଟାର ହେବେ । ପୁରା ଇଣ୍ଡଷ୍ଟ୍ରୀ ମଧ୍ୟ ଏହା ହିଁ ଭାବୁଥିଲା କି ହ୍ରିତିକ୍ ଅଭିନେତା ହୋଇ ପାରିବେ ନାହିଁ ।

ରାମ ଗୋପାଲ ବର୍ମା, ଫିଲ୍ମ ମେକର



ନୋ ଏଣ୍ଟ୍ରି ୨ର ସ୍କ୍ରିପ୍ଟ ଖୁବ ଭଲ ହୋଇଛି । ଏହି ଫିଲ୍ମକୁ ନେଇ ପୁରା ୟୁନିଟ୍ ଉତ୍ସୁକ ଅଛି । ଏଥିରେ ସମସ୍ତ ଷ୍ଟାରକାଷ୍ଟ ଖୁବ ପରିଶ୍ରମ କରିଛନ୍ତି, ଆଶା କରୁଛି ଦର୍ଶକଙ୍କୁ ପସନ୍ଦ ଆସିବ ।

ଫରଦିନ୍ ଖାନ୍, ଅଭିନେତା

## ଇତିହାସ

୧୭୩୩ – ପ୍ରଥମ ଅନ୍ତରାଷ୍ଟ୍ରୀୟ ବକ୍ସିଂ ମ୍ୟାଚ୍ ଖେଳାଯାଇଥିଲା ।
୧୮୪୦ – ବ୍ରିଟେନ୍‌ର ପ୍ରଥମ ଡାକ ଟିକେଟ୍ ଜାରି ହୋଇଥିଲା ।
୧୯୧୯ – ଆଫଗାନ୍ ଯୁଦ୍ଧର ଆରମ୍ଭ ହୋଇଥିଲା ।
୧୯୭୬ – ଉତ୍ତର ଇଟାଲୀର ଭୂମିକମ୍ପ କାରଣରୁ ୯୮୯ ଜଣଙ୍କର ମୃତ୍ୟୁ ହୋଇଥିଲା ।
୨୦୦୭ – ଫ୍ରାନ୍ସର ରାଷ୍ଟ୍ରପତି ନିର୍ବାଚନରେ ନିକୋଲସ୍ ସାକୋଜୀଙ୍କର ବିଜୟ ହୋଇଥିଲା ।

# ସକାରାତ୍ମକ ଭାବ

ଜୀବନରେ ସକରାତ୍ମକତା ରହିବାର ବେଶ୍ ଆବଶ୍ୟକତା ରହିଛି । ଏହା ଦ୍ୱାରା ଆପଣଙ୍କର ଅନେକ କାର୍ଯ୍ୟ ସହଜ ହୋଇଯାଇଥାଏ । ତେବେ ଏଥିପାଇଁ ନିଜର କିଛି ସ୍ୱଭାବରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଆସନ୍ତୁ ଜାଣିବା ନିଜର କେଉଁ ସ୍ୱଭାବକୁ ବଦଳାଇବା ଦ୍ୱାରା ଆପଣ ଜୀବନରେ ସକରାତ୍ମକତା ଆଣିପାରିବେ । ପ୍ରଥମେ ଲୋକଙ୍କୁ କ୍ଷମା କରିବା ଶିଖନ୍ତୁ । ଏହା ସକରାତ୍ମକତାର ପ୍ରଥମ ସିଢି ହୋଇଥାଏ । ଏହି ସ୍ୱଭାବକୁ ଆପଣାଇବା ଦ୍ୱାରା ଆମ ମନରେ ଆତ୍ମ ବିଶ୍ୱାସ ବଢିଥାଏ । ଏହାଦ୍ୱାରା ଆମେ ଉଲ୍ଲସିତ ଓ ଆଶାବାଦୀ ରହିଥାଉ । ସେହିଭଳି ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜେ ସମସ୍ତ କାର୍ଯ୍ୟ କରିପାରିବେ ବୋଲି ବିଶ୍ୱାସ ରଖିବା ଦ୍ୱାରା ଆପଣଙ୍କ ବିଫଳତାର ହାର କମି ଯାଇଥାଏ । ସେହିଭଳି ଏହି ବିଶ୍ୱାସ ଦ୍ୱାରା ଆପଣ ଖୁବ କମ କାର୍ଯ୍ୟରେ ଅସଫଳ ହୁଅନ୍ତି, ଯେଉଁ କାରଣରୁ ଆପଣଙ୍କ ଜୀବନରେ ସକରାତ୍ମକତା ବଢିଥାଏ । କେବଳ ଆତ୍ମବିଶ୍ୱାସୀ ନୁହେଁ ଜୀବନରେ ଦାୟିତ୍ୱବୋଧ ହେବାକୁ ପ୍ରାଥମିକତା ଦିଅନ୍ତୁ । କେଉଁ କାର୍ଯ୍ୟ କେତେବେଳେ କରିବାର ଆବଶ୍ୟକତା ରହିଛି, ସେହି ଅନୁଯାୟୀ କରନ୍ତୁ । ଯାହା ଫଳରେ ଜୀବନରେ ସଫଳତା ସହିତ ଶାନ୍ତି ମଧ୍ୟ ଆସିବ । ଏଥିସହିତ ଆତ୍ମବିଶ୍ୱାସ ଓ ସକରାତ୍ମକତା ମଧ୍ୟ ବଢିବ ।





# ସୁଖଝରା ଆଖି, ଲୁହଭରା ଆଖି



ଯେତେବେଳେ ଆମେ ଅତ୍ୟଧିକ ଭାବୁକ ହୋଇଯାଉ ସେତେବେଳେ ଆମ ଆଖି ଲୁହରେ ଛଳଛଳ ହୋଇଉଠେ । ହେଲେ ଆମେ ଧ୍ୟାନ ଦେଇନଥାଉ ଯେ ଲୁହଭରା ଦୁଇ ଆଖି ମଧ୍ୟରୁ ଲୁହର ପ୍ରଥମ ବିନ୍ଦୁ କେଉଁ ଆଖିରୁ ଝରିଥାଏ । ଏହି ପ୍ରଶ୍ନର ଉତ୍ତର ଜାଣିବାକୁ ନିକଟରେ ଏକ ଅଧ୍ୟୟନ କରାଯାଇଥିଲା । ସର୍ବେକ୍ଷଣର ମୁଖ୍ୟ ଥିବା ମନୋବୈଜ୍ଞାନିକ ରୋବର୍ଟ ପ୍ରୋବାଇନ୍ କୁହନ୍ତି, ମନୁଷ୍ୟ ଭାବୁକ ହୋଇ କାନ୍ଦିବା ପଛରେ ଏକ ହରମୋନ୍ କାମ କରିଥାଏ । ହସିଲେ ମସ୍ତିଷ୍କର ଯେଉଁ ଅଂଶ ସକ୍ରିୟ ହୋଇଥାଏ, କାନ୍ଦିଲେ ମଧ୍ୟ ସେହି ଅଂଶ ସମାନ ସକ୍ରିୟ ହୁଏ । ତେଣୁ ଲଗାତାର ହସିବା କିମ୍ବା କାନ୍ଦିବା ସ୍ଥିତିରେ ମସ୍ତିଷ୍କର କୋଶିକାଗୁଡ଼ିକ ଉପରେ ଚାପ ପଡ଼ିଥାଏ । ଫଳରେ ଶରୀରରୁ କର୍ଣ୍ଟିସେଲ୍ ଓ ଏଡ୍ରୋନାଲାଇନ୍ ହର୍ମୋନ କ୍ଷରଣ ହୋଇଥାଏ । ତେବେ ଏସବୁକୁ ଦୃଷ୍ଟିରେ ରଖିଲେ ଦୁଃଖ ହେଉ ଅବା ସୁଖର ଲୁହ ଉଭୟର ଆଖରୁ ଝରିବା କଥା । କିନ୍ତୁ ଆଶ୍ଚର୍ଯ୍ୟ ଲଗେ ଓ ବିଜ୍ଞାନ କୁହେ ଖୁସିର ପ୍ରଥମ ଲୋତକବିନ୍ଦୁ ଡାହାଣ ଆଖିରୁ ଝରୁଥିବା ବେଳେ ଦୁଃଖର ପ୍ରଥମ ଲୁହବିନ୍ଦୁ ବାମ ଆଖିରୁ ଝରିପଡ଼େ ।

# କରିବେନି ଡେବ୍ୟୁ

ବିଟାଉନ୍ ନାୟିକା କରୀନା କପୁର ଆଗକୁ କନ୍ନଡ ଫିଲ୍ମରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଥିଲା । ହେଲେ ସଦ୍ୟତମ ରିପୋର୍ଟ ଅନୁସାରେ କରୀନା ଏହି ଡେବ୍ୟୁ କରିବେ ନାହିଁ । ଏହାର କାରଣ ଭାବେ କରୀନାଙ୍କର ବିଜି ସିଡ୍ୟୁଲ ବୋଲି ଫିଲ୍ମ ସହ ଜଡିତ କିଛି ସୁତ୍ର ପକ୍ଷରୁ କୁହାଯାଇଛି ।

କରୀନାଙ୍କ ଡେଟ୍ ଫିଲ୍ମର ଡେଟ୍ ସହିତ ଖାପ ଖାଉ ନାହିଁ, ଯାହାଫଳରେ କରୀନା ସୁଟିଂ କରିପାରିବେ ନାହିଁ ବୋଲି ଜଣା ପଡିଛି । ଫିଲ୍ମ ମେକର କରୀନାଙ୍କ ଡେଟ୍ ସହିତ ତାଳ ମେଳ ରଖିବାକୁ ଖୁବ ଚେଷ୍ଟା କରିଛନ୍ତି ହେଲେ ଏହା ହୋଇ ପାରିଲା ନାହିଁ ବୋଲି ଜଣା ପଡିଛି । ଏହି ଫିଲ୍ମରେ କରୀନାଙ୍କୁ କନ୍ନଡ ଷ୍ଟାର ୟଶଙ୍କ ସହିତ ଦେଖିବାକୁ ମଳିଥାଆନ୍ତା । ବର୍ତ୍ତମାନ ଏହି ଫିଲ୍ମ ପାଇଁ ନୂଆ ନାୟିକା ଖୋଜା ଚାଲିଛି । ଉଭୟ ଷ୍ଟାରଙ୍କୁ ଏକାଠି ଦେଖିବାକୁ ଉତ୍ସୁକ ଥିବା ଫ୍ୟାନମାନେ ବର୍ତ୍ତମାନ ନିରାଶ ହୋଇଛନ୍ତି । ତେବେ କରୀନାଙ୍କ ସ୍ଥାନରେ ଆଉଜଣେ ବଲିଉଡ୍ ଆକ୍ଟ୍ରେସ କାଷ୍ଟ ହେବା ନେଇ ଚର୍ଚ୍ଚା ହେଉଛି । ଏନେଇ ସେଭଳି କୌଣସି ସଠିକ୍ ତଥ୍ୟ ନଥିଲେ ମଧ୍ୟ ଚର୍ଚ୍ଚା ହେଉଥିବା ଜଣା ପଡିଛି ।

# ଆଚାରୀ ପନିର୍ ପଲଉ

**ସାମଗ୍ରୀ–** ପନିର, ୨କପ ଚାଉଳ, ଲେମ୍ବୁ କିମ୍ବା କଞ୍ଚା ଲଙ୍କାର ଆଚାର, ଜିରା, ଗୋଲମରିଚ, କ୍ୟାପସିକମ୍, ଅଧା କପ ଦହି, ଲଙ୍କା ଗୁଣ୍ଡ, ତେଜପତ୍ର, ହଳଦୀ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ତେଲ ଗରମ କରି ଏଥିରେ ଜିରା, ତେଜପତ୍ର ପକାଇ ଫୁଟାନ୍ତୁ । ଏହାପରେ ଏଥିରେ ହଳଦୀ ଓ ଲଙ୍କାଗୁଣ୍ଡ ମିଶାନ୍ତୁ । ଭଲକରି ଗୋଳାଇ ଏଥିରେ ଦହି ପକାନ୍ତୁ । ଏହାପରେ ଏଥିରେ ଆଚାର ପକାନ୍ତୁ । ଅଳ୍ପ ସମୟ ଗୋଳାଇବା ପରେ ଏଥିରେ ପନିର, କଟା ହୋଇଥିବା କ୍ୟାପସିକମ୍ ପକାଇ ଗୋଳାନ୍ତୁ । ଭଲକରି ଗୋଳାଇବା ପରେ ଚାଉଳ ମିଶାନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଆବଶ୍ୟକ ହିସାବରେ ପାଣି ଦେଇ ସିଝିବାକୁ ଛାଡି ଦିଅନ୍ତୁ । ଭାତ ସମ୍ପୂର୍ଣ୍ଣଭାବେ ହୋଇଯିବା ପରେ ଏଥିରେ ଧନିଆ ପତ୍ର ପକାଇ ପରଷନ୍ତୁ ଆଚାରୀ ପନିର୍ ପଲଉ ।



# ମୟୂରାସନ

ଏହି ପୋଜ କରିବା ପାଇଁ ପ୍ରଥମେ ମ୍ୟାଟ୍ ଉପରେ ଆଣ୍ଠୁ ମାଡ଼ି ବସି ପଡନ୍ତୁ । ତେବେ ଆଣ୍ଠୁ ମଧ୍ୟରେ କିଛି ଗ୍ୟାପ ରଖନ୍ତୁ । ଏହାପରେ ହାତକୁ ସାମ୍ନାପଟେ ଭୂମି ଉପରେ ରଖନ୍ତୁ । ଏହାପରେ କହୁଣୀକୁ ମୟୂର ପଞ୍ଝାଭଳି ରଖି ଏହା ଉପରେ ସମସ୍ତ ଶରୀରର ଭାର ରଖନ୍ତୁ । ଏହାପରେ ଧୀରେଧୀରେ ଗୋଡକୁ ଅଳ୍ପ ଉପରକୁ ଉଠାନ୍ତୁ ।



ତେବେ ଏହି ଆସନ କରିବା ସମୟରେ ଏକ୍ସପର୍ଟଙ୍କର ସାହାଯ୍ୟ ନିଅନ୍ତୁ । ଯେତିକି ସମୟ ପାରୁଛନ୍ତି ସେତିକି ସମୟ ଏହି ପୋଜ୍‌ରେ ରୁହନ୍ତୁ । ଏହା ଏକ ଷ୍ଟ୍ରେଚିଂ ଏକ୍ସରସାଇଜ୍ , ଯାହା ଶରୀରର ପାଇଁ ଖୁବ ଭଲ ହୋଇଥାଏ ।






କନ୍ଧମାଳ ନୟାଗଡ଼ ବୀରମହାରାଜପୁର ବୌଦ୍ଧ ସୋନପୁରରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ କାର୍ତ୍ତିକ ପାଣ୍ଡିଆନ୍

### କନ୍ଧମାଳ ଓ ନୟାଗଡ ନିର୍ବାଚନ ମଣ୍ଡଳୀରେ ପାଣ୍ଡିଆନଙ୍କ ତୋଫାନି ପ୍ରଚାର

# ନିର୍ବାଚନ ଆସିଲେ ବିଜେପିର ମନେ ପଡନ୍ତି ଚାଷୀ, ବୁଢାବୁଢୀଙ୍କ କଥା



ଭୁବନେଶ୍ୱର,(ସବ୍ୟୁ): ନିର୍ବାଚନ ପ୍ରଚାରର ୧୧ ଦିନରେ ରବିବାର ସକାଳେ ବୌଦ୍ଧ, ସୋନପୁର ଓ ବୀରମହାରାଜପୁର ପରେ ଅପରାହ୍ନରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କନ୍ଧମାଳ ଓ ନୟାଗଡ ନିର୍ବାଚନ ମଣ୍ଡଳୀରେ ତୋଫାନି ପ୍ରଚାର କରିଥିଲେ । ନୟାଗଡର ଓଡଗାଁଠାରେ ଆୟୋଜିତ ନିର୍ବାଚନୀ ସଭାରେ ବିରୋଧୀ ବିଜେପି ଦଳକୁ ତୀବ୍ର କଟାକ୍ଷ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ବିଜେପି ଦଳ ଗତ ୧୦ ବର୍ଷ ଧରି କ୍ଷମତାରେ ରହି ଆସିଛନ୍ତି । ପୂର୍ବରୁ

## ୨ କୋଟି ଚାକିରୀ କୁଆଡେ ଗଲା, ଦରଦାମ ଆକାଶ ଛୁଆଁ

## ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତା' ଠାରୁ ଅଧିକ କରି ଦେଖାନ୍ତି

## ନୟାଗଡ ବିକାଶ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି

କେବେ ଚାଷୀ ମନେ ପଡୁ ନଥିଲେ । ଏମ୍ଏସ୍ପି କଥା ମନେ ପଡୁ ନଥିଲା । ଭତ୍ତା ମନେ ପଡୁ ନଥିଲା । ନିର୍ବାଚନ ଆସିଲେ ଚାଷୀ ମନେ ପଡନ୍ତି । ବୁଢାବୁଢୀ ମନେ ପଡନ୍ତି । ଚାହିଁ ଥିଲେ ପୂର୍ବରୁ ଭତ୍ତା ୩୦୦ ରୁ ୩୦୦୦ ଟଙ୍କା କରିପାରିଥାନ୍ତେ । ଏମ୍ଏସ୍ପି ଦୁଇ ଗୁଣ କରିପାରିଥାନ୍ତେ । ନିର୍ବାଚନ ଆସିଗଲା । ଏବେ ମନେ ପଡୁଛି । ସେମାନେ ଓଡିଶା ଲୋକଙ୍କୁ ବୋକା ଭାବନ୍ତୁ ନାହିଁ । ଓଡିଶା ଲୋକ ଉଚିତ୍ ଜବାବ ଦେବେ । ସେ ଆହୁରି ମଧ କହିଥିଲେ ଯେ ନିର୍ବାଚନ ପ୍ରତିଶୃତି ଥିବା ୨ କୋଟି ଚାକିରୀ କୁଆଡେ ଗଲା । ଦରଦାମ ଆଜି ଆକାଶ ଛୁଆଁ । ଏଥିରେ ଲଗାମ ନାହିଁ । କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତା' ଠାରୁ ଅଧିକ କରି ଦେଖାନ୍ତି । ମୁଖ୍ୟମନ୍ତ୍ରୀ ନୟାଗଡର ବିକାଶ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଛ ଓଡଗାଁ ରଘୁନାଥ ମନ୍ଦିର ପାଇଁ ସାଢେ ୩ କୋଟି, ବସ୍ ଷ୍ଟାଣ୍ଡ ପାଇଁ ୧୧ କୋଟି, ଇନ୍ଡୋର ଷ୍ଟାଡିୟମ ପାଇଁ ୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ନୟାଗଡ ବିଧାନ ସଭା ପ୍ରାର୍ଥୀ ଅରୁଣ ସାହୁ ଓ ପୁରୀ ସାଂସଦ ପ୍ରାର୍ଥୀ ଅରୁପ ପଟ୍ଟନାୟକଙ୍କୁ ଯୋଡି ଶଙ୍ଖରେ ଆଶୀର୍ବାଦ କରି ନବୀନ ପଟ୍ଟନାୟକଙ୍କ ବିକାଶର ରଥକୁ ଆଗେଇ ନେବା ପାଇଁ ଶ୍ରୀ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସେହିପରି କନ୍ଧମାଳରେ ଉପସ୍ଥିତ ବିପୁଳ ଜନସମାବେଶକୁ ଉଦ୍ବୋଧନ ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ନିର୍ବାଚନ ଆସିଲେ ନୂଆ ନୂଆ ଚେହେରା ଆସିବେ । ମିଠା ମିଠା କଥା କହିବ । ନିର୍ବାଚନ ସରିଗଲେ, ଖୋଜିଲେ ବି ପାଇବେ ନାହିଁ । ଓଡିଶାବାସୀଙ୍କ ପାଇଁ ଦିନରାତି କଠିନ ପରିଶ୍ରମ କରୁଥିବା ଆମ ମୁଖ୍ୟମନ୍ତ୍ରୀ ଅଳ୍ପ କଥା କହନ୍ତି, ଅଧିକା କାମ କରନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବା ପାଇଁ ୫ ବର୍ଷରେ ଥରେ ଆପଣମାନେ ସୁଯୋଗ ପାଇଛନ୍ତି । ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଓ ବିଧାୟକ ପ୍ରାର୍ଥୀ ମହିଧର ରଣାଙ୍କୁ ୪୦ ହଜାର ମାର୍ଜିନରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରନ୍ତୁ । ଆଉ ଯିଏ ବି କ୍ଷମତାକୁ ଆସିବେ ଓଡିଶା ବିକାଶର ରଥ ଅଟକି ଯିବ । ଆମେ ବିକାଶର ରଥକୁ ଅଟକିବାକୁ ଦେବା ନାହିଁ ଛ ସମସ୍ତେ ମିଶି ଓଡିଶାକୁ ଆଗେଇ ନେବା ।

ସେ ଆହୁରି ମଧ କହିଥିଲେ ଯେ ଗତ ୫ ଜୁଲାଇ ୨୦୨୩ ରେ କନ୍ଧମାଳ ଆସିଥିଲି । ସେଦିନର ମିଟିଙ୍ଗ୍ ଓ ଆପଣମାନଙ୍କର ଖଡଙ୍ଗ ବ୍ୟାରେଜ ସମ୍ପର୍କିତ ଦାବୀ ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ତତକ୍ଷଣାତ ମଞ୍ଜୁର କରିଥିଲେ ୨୦୦ କୋଟି ଟଙ୍କା । କନ୍ଧମାଳ, ମନମୁଣ୍ଡା ଓ ବାଉଁଶୁଣିକୁ ମୁଖ୍ୟମନ୍ତ୍ରୀ ଏନ୍ଏସି ମାନ୍ୟତା ପ୍ରଦାନ କରିଛନ୍ତି । ଖଇରମାଳ ନଦୀଗର୍ଭ ଜଳାଶୟ ପାଇଁ ୯୨୫ କୋଟି ଟଙ୍କା, ବିରମୁଣ୍ଡା ମନ୍ଦିର ପାଇଁ ୫୦ ଲକ୍ଷ ଟଙ୍କା, ବିଭିନ୍ନ ମନ୍ଦିର, ମସଜିଦ୍, ଚର୍ଚ୍ଚ ଓ ମଠର ବିକାଶ ପାଇଁ ୬ କୋଟି ଟଙ୍କା, ତେଲ୍ ନଦୀ କୁଟାଯୋର ଠାରେ ହାଇ ଲେଭଲ ସେତୁ ପାଇଁ ୪୬ କୋଟି ଟଙ୍କା, ଖଣ୍ଡିକମ୍ବା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୨.୧୦ କୋଟି ଟଙ୍କା ମଞ୍ଜୁର ହୋଇଛି । କନ୍ଧମାଳ ନିର୍ବାଚନ ମଣ୍ଡଳୀର ୪୫ ହଜାର ଚାଷୀ କାଳିଆ ଯୋଜନାରେ ଉପକୃତ ହୋଇଥିବା ବେଳେ ପ୍ରାୟ ୬୦ ହଜାର ପରିବାର ବିଏସ୍କେୱାଇରେ ସାମିଲ ହୋଇଛନ୍ତି ।

ଉଭୟ ସଭାରେ ନୟାଗଡରେ ସାଂସଦ ପ୍ରାର୍ଥୀ ଅରୁପ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ଅରୁଣ ସାହୁ ଏବଂ କନ୍ଧମାଳଠାରେ ସାଂସଦ ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ପ୍ରମୁଖ ନିର୍ବାଚନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ ।

# କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମା ବଲ୍ଲଭ ରଥଙ୍କ ଉପରେ ଆକ୍ରମଣ



ପୁରୀ,(ସବ୍ୟୁ): ରବିବାର ପୁରୀରେ ରାଜନୈତିକ ହିଂସା ଦେଖା ଦେଇଛି । ଯାହାକୁ ନେଇ ସହରରେ ଉଷ୍ମତା ପ୍ରକାଶ ପାଇଛି । ଶନିବାର କଂଗେସ ପ୍ରାର୍ଥୀ ସୁଜିତ ମହାପାତ୍ର ପୁରୀ ବିଧାନ ସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ ତେବେ ରବିବାର ପ୍ରଦେଶ କଂଗ୍ରେସ୍ ପକ୍ଷରୁ ସୁଜିତଙ୍କ ନାମ ପରିବର୍ତ୍ତନ କରାଯାଇ ପୁରୀ ବିଧାୟକ ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ନାମ ଘୋଷଣା କରା ଯାଇଥିଲା । ଯାହାକୁ ନେଇ ଅପରାହ୍ନରେ ସୁଜିତଙ୍କ ସମର୍ଥକ ମାନେ କଂଗ୍ରେସ ଭବନରେ ଗଣ୍ଡଗୋଳ କରି ବା ସହ ଟେବୁଲ୍ ଚେୟାର ଭଙ୍ଗା ରୁଜା କରି ଥିଲେ । ସଂଧ୍ୟାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମା ବଲ୍ଲଭ ରଥ ତାଙ୍କର କେତେକ ସହଯୋଗୀଙ୍କ ସହ ଗୁଣ୍ଡିଚାମଣ୍ଡିର ନିକଟରେ ର୍ନିବାଚନ ପ୍ରଚାର ଆରମ୍ଭ କରି ଥିଲେ । ଏହି ସମୟରେ କେତେକ ଯୁବକ ବୁଲେଟ୍ ଓ ବାଇକରେ ଆସି ସେଠାରେ ପହଞ୍ଚି ଥିଲେ । ସେମାନେ ହଠାତ ବାଇକରୁ ଓହ୍ଲାଇ ଉମାଙ୍କ ମୁହଁକୁ କିଛି ତରଳ ପଦାର୍ଥ ସ୍ପ୍ରେ କରି ଥିଲେ । ତାଙ୍କୁ କିଛି ଦେଖା ଯାଇ ନ ଥିଲା । ସେ କିଛି ବୁଝିବା ପୂର୍ବରୁ ଦୃର୍ବୃତ୍ତ ମାନେ ତାଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ମୁହଁକୁ ମୁଥ ମାରି ଥିଲେ । କୋଲ୍ଡ଼ ଡ୍ରିଙ୍କ ବୋତଲରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ଶ୍ରୀ ରଥ ତଳେ ପଡ଼ି ଯାଇ ଥିଲେ । ସେ ତଳେ ପଡି ଯିବାରୁ ଦୃର୍ବୃତ୍ତ ମାନେ ତାଙ୍କୁ ଗୋଇଠା ବିଧା ମାରି ଥିଲେ । କେବଳ ସେତିକି ନୁହେଁ ଦୃର୍ବୃତ୍ତ ମାନେ ତାଙ୍କ ଉପରେ ଛିଡା ହୋଇ ଦଳି ଚକଟି ଦେଇ ଥିଲେ । ଫଳ ରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ମୁହଁ ଫାଟି ଯାଇଛି । ଏହାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇ ଥିଲା । ଖବର ପାଇ ଅତିରିକ୍ତ ଏସିପି ସୁଶିଲ କୁମାର ମିଶ୍ର, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କ ସମେତ ବିଭିନ୍ନ ଥାନା ପୋଲିସ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଏନେଇ ଶ୍ରୀ ରଥ କୁମ୍ଭାରପଡ଼ା ଥାନାରେ ଏକ ଲିଖିତ ଏତଲା ଦାଏର କରିବା ସହ ସୁରକ୍ଷା ଲୋଡିଛନ୍ତି ।

ଉକ୍ତ ଏତଲାରେ ଶ୍ରୀ ରଥ ପ୍ରେମଜିତ ମହାନ୍ତି ଓ ଚନ୍ଦ୍ରଶେଖର କର ଓ ଅନ୍ୟ କେତେକ ଅଜଣା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିଛନ୍ତି । ଶ୍ରୀ ରଥ ଆସନ୍ତା କାଲି ପୁରୀ ସଦର ବିଧାନ ସଭା ଆସନ ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିବେ । ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ପୋଲିସକୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି । ଏନେଇ ଶ୍ରୀ ରଥଙ୍କ ଅଭିଯୋଗ କ୍ରମେ କୁମ୍ଭାରପଡ଼ା ଥାନା ରେ କେଶ ନମ୍ବର ୧୪୬/୨୪ କ୍ରମେ ଆଇ ପି ସି ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ସିଟି ଡିଏସ୍ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କାଡ ଗଠନ କରା ଯାଇଛି । ଶ୍ରୀ ରଥଙ୍କୁ ଆବଶ୍ୟକୀୟ ପୋଲିସ ସୁରକ୍ଷା ପ୍ରଦାନ କରାଯାଇଛି । ସହରରେ ରାଜ ନୈତିକ ହିଂସାଙ୍କୁ କୌଣସି ପରିସ୍ଥିତିରେ କରିବାକୁ ଦିଆଯିବ ନାହିଁ । ହିଂସା ଘଟାଉ ଥିବା ଅପରାଧୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ପୋଲିସ୍ କହିଛି ।

# ୫୨ନଂ ୱାର୍ଡରେ ବିଜେଡି କର୍ମୀ ସମ୍ମିଳନୀ



କଟକ, (ସ୍ୱପ୍ର): ଚୌଦ୍ୱାର କଟକ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସିଏମସି ୫୨ନଂ ୱାର୍ଡରେ କର୍ପୋରେଟର ସୌଭାଗିନୀ ଜେନାଙ୍କ ସଭାପତିତ୍ୱରେ ରାଜେନ୍ଦ୍ରନଗର ସ୍ଥିତ ପ୍ରମିଳା ମଣ୍ଡପଠାରେ ଏକ କର୍ମୀ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ଅତିଥି ଭାବେ ବିଜେଡି କଟକ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କ ଅବଗତ କରାଇବା ସହ ରାଜ୍ୟର ବିକାଶ ପାଇଁ ଆସନ୍ତା ୨୫ ତାରିଖରେ ଯୋଡି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏକ ବିଶେଷ କାର୍ଯ୍ୟରେ ଅନୁପସ୍ଥିତ ଥିବା ଅନ୍ୟତମ ଅତିଥି ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଭିଡିଓ କଲ୍‌ରେ ସଭାରେ ଯୋଡି ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ବିନୟ କେତନ ଚୌଧୁରୀ, ମୁଖ୍ୟ ପର୍ଯ୍ୟବେକ୍ଷକ ଶୀବେନ୍ଦ୍ର ହାତୀ, ପର୍ଯ୍ୟବେକ୍ଷକ ପ୍ରଦୀପ ସାହୁ, ପପୁ ପାତ୍ର, ମୁରବୀ ହେମନ୍ତ ମହାପାତ୍ର, ପ୍ରଶାନ୍ତ ପଣ୍ଡା, କମଳ ସିଂହ, ଗଜେନ୍ଦ୍ର ନାୟକ, ସପନ ଦାସ, ଶ୍ରୀକାନ୍ତ ମହାନ୍ତି, ଅକ୍ଷୟ ପଣ୍ଡା, ତାରକନାଥ ଦାସ, ସୁବ୍ରତ ସାମନ୍ତରାୟ, ବୀରକିଶୋର ସାହୁ, ମହିଳା ୱାର୍ଡ ସଭାପତି ପ୍ରଭାତି ଦତ୍ତ, ରାଧେଶ୍ୟାମ ରଣା, ଫିରୋଜ ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, ବ୍ରହ୍ମାନନ୍ଦ ଭୋଇଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିବା ବେଳେ ସାହି ମୁରବୀ ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଜନ ସମ୍ପର୍କ ଯାତ୍ରା

## ୨୩ ନମ୍ବର ୱାର୍ଡରେ ବୁଲିଲେ ସାହିକୁ ସାହି



କଟକ,(ସବ୍ୟୁ): ବାରବାଟୀ – କଟକ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଆଜି ପ୍ରତ୍ୟୁଷ ରୁ ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ୨୩ ନମ୍ବର ୱାର୍ଡ ପରିକ୍ରମା ମାଧମରେ ଜନ ସମ୍ପର୍କ ପଦ ଯାତ୍ରା କରିଛନ୍ତି କରିଛନ୍ତି ଛ ଏହି ଜନ ସମ୍ପର୍କ ଯାତ୍ରା ଚୌଧୁରୀ ବଜାର ଧର୍ମଶାଳା ଛକ ରୁ ବାହାରି କେଉଟ ସାହି, ଚୌଧୁରୀ ବଜାର ଦୁର୍ଗା ପୂଜା ମଣ୍ଡପ, ନନ୍ଦୀ ସାହି, ସର୍ଦାର ପଟ୍ଟୀ , କଦମ ରସୁଲ, ଜେଲ ରୋଡ଼, ତିନିକୋଣିଆ ବଗିଚା,ଦର୍ଘା ବଜାର, ହାତୀ ପୋଖରୀ, ବାଳକୃଷ୍ଣ ରୋଡ଼ ଓ ଶେଷରେ କାଠଗଡା ସାହି ସ୍ଥିତ ତେରାପନ୍ଥ ଭବନ ଠାରେ ସମାପନ ହୋଇଥିଲା । ଏହି ଅବସରରେ ଉପରୋକ୍ତ ଅଞ୍ଚଳର ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଆଲୋଚନା କରିଥିଲେ ପ୍ରକାଶ । ୱାର୍ଡ ପରିକ୍ରମା ରେ ତାଙ୍କ ସହ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ୨୩ ନମ୍ବର ୱାର୍ଡର କର୍ପୋରେଟର ଶ୍ରୀମତୀ ଅରୁନ୍ଧତୀ କର, ୱାର୍ଡ଼ ବିଜେଡି ସଭାପତି ପୂର୍ବତନ କର୍ପୋରେଟର ଦୁର୍ଗା ଚରଣ ସାହୁ, ରାଜ୍ୟ ବିଜୁ ମହିଳା ସାଧାରଣ ସମ୍ପାଦିକା ତନ୍ମୟା ରାୟ,ବାରବାଟୀ – କଟକ ମହିଳା ବିଜେଡି ସଭାନେତ୍ରୀ ଜରିନ ମୁସ୍ତାକ, କଟକ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଚନ୍ଦନ ଦାସ, କାଠଗଡା ସାହି ମୁରବି ଜୟଦେବ ଛାଟୋଇ,ନିରଞ୍ଜନ ମିତ୍ର (ସାନୁ ଦା),ଅବଦୁଲ କରିମ, ସରୋଜ ରଞ୍ଜନ କର, ଯୁବ ବିଜେଡି ନଗର ସାଧାରଣ ସମ୍ପାଦକ ଚନ୍ଦନ ବେହେରା,ସେକ ଅଜିଜୁର ରହିମ, ସେକ ପୁନମ, ମୁନା ସିଂ,ମନୋଜ ମହାନ୍ତିଙ୍କ ସହ ଯୁବ ବିଜେଡ଼ି, ଛାତ୍ର ବିଜେଡ଼ି ସମେତ ସାହି ମୁରବୀ ମାନେ ଉପସ୍ଥିତ ଥିଲେ ।

# ବିଜେଡିରୁ ଇସ୍ତଫା ଦେଲେବିଧାୟକ ଆଶାୟୀ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ଆଶାୟୀ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ବିଜେଡିରୁ ଇସ୍ତଫା ଦେଇଛନ୍ତି । ଏନେଇ ସେ ରବିବାର ପୁର୍ବାହ୍ନରେ ମଙ୍ଗଳପୁରସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଏହା ଘୋଷଣା କରିଛନ୍ତି । ଶ୍ରୀ ସାହୁ ଛାତ୍ର ଜୀବନରେ କଂଗ୍ରେସ ଦଳରୁ ରାଜନିତି ଆରମ୍ଭ କରିବା ସହ ଧର୍ମଶାଳା ବିକାଶ ପରିଷଦ ନାମରେ ଏକ ସଙ୍ଗଠନ କରି ବହୁ ଯୁବ ଓ ମହିଳାମାନଙ୍କୁ ସାମିଲ କରିପାରିଛନ୍ତି । ତେବେ ୨୦୧୯ ନିର୍ବାଚନ ପୁର୍ବରୁ ସେ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀ ହେବାକୁ ଆଶା ରଖି ଟିକଟ ପାଇଁ ଆବେଦନ ମଧ୍ୟ କରିଥିଲେ । ହେଲେ ଦଳ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ପୁନଶ୍ଚ ପ୍ରାର୍ଥୀ କରିଛି । ଯାହାକୁ ନେଇ ଶ୍ରୀ ସାହୁଙ୍କ ମନରେ କ୍ଷୋଭ ରହିଥିବା ବେଳେ ଦଳ ତାଙ୍କ ପ୍ରତି ଅଣଦେଖା କରିବା ସହିତ ରାଜ୍ୟରେ ଏବେ ତାମିଲ ଶାସନ ଚାଲିଛି ବୋଲି ଅଭିଯୋଗ କରି ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ବୋଲି ଘୋଷଣା କରିଛନ୍ତି ।

# କାକଟପୁର ସଂରକ୍ଷିତ ନିର୍ବାଚନମଣ୍ଡଳୀ: ଚିନ୍ତାରେ ତିନି ପ୍ରମୁଖ ଦଳ

ଅସ୍ତରଙ୍ଗ,(ସବ୍ୟୁ):ପୁରୀ ଜିଲ୍ଲା କାକଟପୁର ବିଧାନସଭା ର୍ନିବାଚନମଣ୍ଡଳୀ ପାଇଁ ବିଜେଡ଼ି ,ବିଜେପି ଓ କଂଗ୍ରେସ ପ୍ରମୁଖ ତିନ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପରେ ର୍ନିବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା କେତେକ ଦଳୀୟ କନ୍ଦଳ ନେଇ ଅଦ୍ୟାବଧି ଦେଖିବାକୁ ମିଳିନାହିଁ । ବିଜେଡିରୁ ବର୍ତ୍ତମାନ ବିଧାୟକ, ତୁଷାର କାନ୍ତି ବେହେରା, ବିଜେପିରୁ ନିମାପଡ଼ା ର ପୂର୍ବତନ ବିଧାୟକ ବାଇଧର ମଳିକ ଓ କଂଗ୍ରେସରୁ ବିଶ୍ ଭୂଷଣ ଦାସଙ୍କୁ ପ୍ରାର୍ଥୀ ରହିଛନ୍ତି। ୧୯୯୫ ଅକ୍ଟୋବର ମାସରେ ସେତେବେଳର କଂଗ୍ରେସ ବିଧାୟକ ସ୍ୱର୍ଗତ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ମୃତ୍ୟୁ ପରେ,ବର୍ତ୍ତମାନ ବିଜେଡିର ଗଡ କୁହାଯାଉଥିବା କାକଟପୁର ର୍ନିବାଚନମଣ୍ଡଳୀରେ ୨୦୦୦ ମସିହାଠାରୁ ବିଜେଡ଼ି କ୍ରମାଗତ ଭାବେ ବିଜୟ ଲାଭ କରି ଆସୁଛି । ତେବେ ଚଳିତ ର୍ନିବାଚନରେ ବିଜେଡି ତୁଷାରକାନ୍ତି ବେହେରା ଙ୍କୁ ପୁନର୍ବାର ପ୍ରାର୍ଥୀ ଘୋଷଣା କରିବା ପରେ ଦଳରୁ ଅନ୍ୟତମ ଟିକେଟ ଆଶାୟୀ ଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ତାଙ୍କର ଛାମୁଆ ସମର୍ଥକଙ୍କ ସହ ଦଳରୁ ଇସ୍ତଫା ଦେବା ସହ,ଅନ୍ୟ କୋଉ ଦଳରୁ ଲଢି ନ ପାରିଲେ ମଧ ସେ ମହାଶୟ ସ୍ୱାଧୀନ ଭାବରେ ଲଢ଼ି ତାଙ୍କର ସଂଗଠନ ର ପରାକ୍ରମ ଦେଖାଇବେ ବୋଲି ,ସୂଚନା ମିଳିଛି । ତେବେ କାକଟପୁର ବିଜେଡ଼ି ସଂଗଠନର ନେତୃତ୍ୱ ନେଉଥିବା ଯୁବ ନେତା ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ରାଜ୍ୟ ବିଜେଡ଼ି ସମ୍ପାଦକ ସ୍ୱାଧୀନ କୁମାର ନାୟକଙ୍କ ର୍ନିବାଚନୀ ରଣନୀତି ଓ ଗୋଟି ଚାଳନା ତୁଷାରଙ୍କୁ ପୁନର୍ବାର ଜିତାଇବାରେ ସହାୟକ ହେବ ବୋଲି ତାଙ୍କ ସମର୍ଥକମାନେ ଆଶାବାଦୀ ଅଛନ୍ତି। ସ୍ୱାଧୀନ ବର୍ଷ ତମାମ ବିଜେଡ଼ି ସାଂଗଠାନିକ କାର୍ଯ୍ୟକ୍ରମ,ସହ,କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଙ୍କ ଦଳ ବଦଳ ଓ ବି ଜେ ପି ପ୍ରାର୍ଥୀ କାକଟପୁରର ନ ହୋଇ ଅନ୍ୟ ର୍ନିବାଚନ ମଣ୍ଡଳୀର । ଅସ୍ତରଙ୍ଗ ମାଟିର ପୁଅ ଉଚ୍ଚ ଶିକ୍ଷିତ ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ସର୍ବାଧିକ ଭୋଟ ଦେଇ ଜିତାଇବେ ବୋଲି,ବିଭିନ୍ନ ମହଲରୁ ଶୁଣିବାକୁ ମିଳୁଛି। ବି ଜେ ଡି ଦଳର ଟିକେଟ ଘୋଷଣା ପରେ ତୁଷାରକାନ୍ତି ଓ ସ୍ୱାଧୀନ ବାବୁ ଘନ ଘନ ବିଭିନ୍ନ ପଞ୍ଚାୟତ ସ୍ତରୀୟ ର୍ନିବାଚନୀ ପ୍ରସ୍ତୁତି ବୈଠକ ଚଳାଇଛନ୍ତି । ସେପଟେ, ନିମାପଡା ର ପୂର୍ବତନ ବିଧାୟକ ବାଇଧରଙ୍କ ପ୍ରାର୍ଥୀତ୍ୱକୁ କାକଟପୁରର ବିଜେପି ସଂଗଠନ ସହଜରେ ଗ୍ରହଣ କରି ପାରିନି।ସ୍ଥାନୀୟ ନେତାଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କରିବା ପାଇଁ ବିଜେପିର ଗୋଟିଏ ଗୋଷ୍ଠି ଅଡି ବସି ନିଷ୍ପତି ପୁନର୍ବିଚାର ପାଇଁ ଦଳୀୟ ନେତୃତ୍ୱଙ୍କ ଉପରେ ଚାପ ପକାଇ ଚାଲିଛନ୍ତି। ଏହାକୁ ନେଇ ଏବେବି ବିଜେପି ନେତୃ ଦ୍ୱନ୍ଦ୍ୱରେ ରହିବା ଓ କିଛି ବିଜେପି କର୍ମୀ ନେତୃତ୍ୱ ଙ୍କ ପ୍ରାର୍ଥୀ ପରିବର୍ତ୍ତନକୁ ଅପେକ୍ଷା କରିବା ଆଦି ଘଟଣା ର୍ନିବାଚନ ମଣ୍ଡଳୀର ମୁଖ୍ୟ ଆଲୋଚନାର ବିଷୟବସ୍ତୁ ହୋଇଛି ।

## ରେଢାଖୋଲରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ସାମିଲ

# ମୂଳ ପ୍ରଶ୍ନର ଉତ୍ତର ନ ଦେଇ ବିତଣ୍ଡା ଯୁକ୍ତି କରୁଛି ବିଜେଡି - ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,(ସବ୍ୟୁ) ଓଡ଼ିଶା ସରକାର ସ୍କୁଲରେ ରଙ୍ଗ ମାରି ଶିକ୍ଷାର ବିକାଶ ହେଉଛି ବୋଲି ମିଛ ଡିଣ୍ଡିମ ପିଟୁଛନ୍ତି । ଶିକ୍ଷାର ମୂଳ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ରହିଥିବା ବେଳେ ଓଡ଼ିଶାର ଅନେକ ସରକାରୀ ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି । କ୍ଷମତାସୀନ ବିଜେଡି ସରକାର ମୂଳ ପ୍ରଶ୍ନର ଉତ୍ତର ନ ଦେଇ କେବଳ ଏଣେତେଣେ ଯୁକ୍ତି ବାଢୁଛନ୍ତି ବୋଲି ରବିବାର ରେଢାଖୋଲରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେବ । ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ ଆଜି ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେବା ସହ ତାଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଚଳିତ ନିର୍ବାଚନରେ ପିଇବା ପାଣି, ଜଳସେଚନ, ଚିକିତ୍ସାସେବା, ଶିକ୍ଷାର ସୁବ୍ୟବସ୍ଥା, ମହିଳାଙ୍କ ସୁରକ୍ଷା, ଓବିସିଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ, ଆଦିବାସୀଙ୍କ ଧନ ଜୀବନ ସୁରକ୍ଷା ଓ ବଞ୍ଚିତ ବର୍ଗକୁ ସମ୍ମାନ ମିଳିବା ବିଜେପିର ପ୍ରମୁଖ ପ୍ରସଙ୍ଗ ହୋଇଛି । ମୋଦି ସରକାର ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି । ଏହା ପରେ ମଧ୍ୟ ଓଡ଼ିଶାରେ ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସ୍କୁଲରେ ଶିକ୍ଷକ ନାହାନ୍ତି । ଅନେକ ବିଦ୍ୟାଳୟରେ ବିଜୁଳି, ଇଣ୍ଟରନେଟ୍, ଖେଳପଡ଼ିଆ ଓ ଶୌଚାଳୟର ସୁବିଧା ନାହିଁ । ଛାତ୍ରଛାତ୍ରୀଙ୍କ ପାଇଁ ପିଇବା ପାଣିର ସୁବିଧା ନାହିଁ । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । କିନ୍ତୁ ଏ ସମସ୍ୟା ଉପରେ ପ୍ରଶ୍ନ କଲେ ସ୍ଥାନୀୟ ସରକାର ମୂଳ ପ୍ରଶ୍ନରୁ ବିଚ୍ୟୁତ ରହୁଛନ୍ତି ।

ଏବେ ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆସ୍ଥା ବଢୁଛି । ରାଜ୍ୟରେ ପରିବର୍ତ୍ତନର ଲହର ଦେଖାଦେଇଛି । ୨୪ ବର୍ଷ ସରକାରର ଅପାରଗତା ଓ ଦୁର୍ନୀତି କରୁଥିବା ଲୋକ ମାନଙ୍କୁ ଶାସନ ଗାଦିରୁ ହଟାଇବା ପାଇଁ ଲୋକମାନେ ମନ ବନାଇ ସାରିଛନ୍ତି । ଓଡ଼ିଶାରେ ବିକଳ୍ପ ଭାବେ ବିଜେପି ଓଡ଼ିଶାର ସେବା କରିବାର ସୁଯୋଗ ପାଇବ । ବିଜେପିର ମୁଖ୍ୟମନ୍ତ୍ରୀ ଯିଏ ହେବ ତାହାକୁ ଓଡ଼ିଶାବାସୀ ନିର୍ଣ୍ଣୟ କରିବେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରେଢାଖୋଲ ସମେତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହେବ । ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ଓ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାକୁ ଏକ ନମ୍ବର କରିବା ସହ ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ପଦ୍ମଫୁଲରେ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ନାଗରିକଙ୍କୁ ନିବେଦନ କରିଛନ୍ତି ।

ଏହାପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାଭିମାନ ସମ୍ବଲପୁର' ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ସେ କହିଥିଲେ ବିଶ୍ୱମ୍ଭର ବହିଦାରଙ୍କ ଭଳି ସମ୍ବଲପୁରର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟରେ ସ୍ଥାନୀୟ ନାଗରିକ ବିଶେଷତଃ ଯୁବବର୍ଗଙ୍କ ନିଃସ୍ୱାର୍ଥପର ଯୋଗଦାନ ପ୍ରଶଂସନୀୟ । ମାନବ ସମାଜରେ ସ୍ୱାଭିମାନ ସହ ସେବା ମନୋଭାବ ତିଆରି କରିବାରେ ଆପଣଙ୍କ ସଂଗଠନ ପ୍ରେରଣାର ସ୍ରୋତ ହେଉ ।

## ନିର୍ଣ୍ଣାୟକ ହେବ ୩୨ହଜାର ଦିବ୍ୟାଙ୍ଗ ଭୋଟ୍ !

# ଭୋଟ ହାତେଇବାକୁ ନେତାଙ୍କ କସରତ୍

ଖୋର୍ଦ୍ଧା,(ସବ୍ୟୁ): ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରୀ ରହିଥିବାବେଳେ ପ୍ରାର୍ଥୀମାନେ ଏବେଠାରୁ ନିଜ ନିଜର ସମର୍ଥକଙ୍କ ସହ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଭେଟି ସହଯୋଗ କାମନା କରୁଛନ୍ତି । କେଉଁ ଠାରେ ନେତା ଦଳ ବଦଳ କରୁଛନ୍ତି ତ ଆଉ କେଉଁ ଠାରେ କର୍ମୀ। କାହା ସପକ୍ଷରେ କେତେ ଭୋଟ ତାକୁ ନେଇ ଦିନ ରାତି ମିଶାଣ ଫେଡ଼ାଣ ରେ ବ୍ୟସ୍ତ ନେତା । ବିଜେଡ଼ି, ବିଜେପି ଏବଂ କଂଗ୍ରେସ ତିନି ପ୍ରମୁଖ ରାଜନୈତିକ ଦଳୀୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିଥିବା ବେଳେ ଟିକେଟରୁ ବାଦ ପଡିଥିବା ଅନେକ ଆଶାୟୀଙ୍କୁ ମନାଇବାକୁ ଲାଗିଛନ୍ତି ଦଳୀୟ ଶୀର୍ଷ ନେତୃତ୍ୱ । ନିର୍ବାଚନ ତାରିଖ ଘୋଷଣା ପରଠାରୁ ନେତା ଭୋଟରଙ୍କ ଘର ଘର ବୁଲି ନିଜ ଦଳର ସଫଳତା ବଖାଣୁଥିବା ବେଳେ ଭୋଟର ମଧ୍ୟ ନେତା ମାନଦଣ୍ଡ ଓଜନ କରିବାରେ ବ୍ୟସ୍ତ । ୫ବର୍ଷ ତଳେ ଦେଇଥିବା ପ୍ରତିଶୃତି କେତେ ପାଳନ କରୁଛି ତାହାର ହିସାବ ମାଗିବା ଭୋଟର ମଧ୍ୟରେ ଦେଖାଗଲାଣି । ତେବେ ୨୦୧୯ ନିର୍ବାଚନରେ ୮ ବିଧାନସଭା କ୍ଷେତ୍ରରୁ ଗୋଟିଏ କଂଗ୍ରେସ ଦଖଲ କରିଥିବା ବେଳେ ଅବଶିଷ୍ଟ ୭ଗୋଟି ବିଜେଡ଼ି ନିଜ ଅକ୍ତିଆରକୁ ନେଇଥିଲା । ମାତ୍ର ଏଥର କିଛି ବିଧାନସଭାରେ ଦ୍ୱିମୁଖୀ ଓ ଅନ୍ୟକିଛି ସ୍ଥାନରେ ତ୍ରିମୁଖୀ ଲଢେଇ ହେବା ସମ୍ଭାବନା ଦେଖାଯାଉଛି । ସମସ୍ତ ବିଧାନସଭା କ୍ଷେତ୍ରରେ ସ୍ୱଳ୍ପ ବ୍ୟବଧାନରେ ପ୍ରାର୍ଥୀ ବିଜୟୀ ସମ୍ଭାବନା ଥିବାରୁ ଚଳିତ ନିର୍ବାଚନ ରେ ନେତାଙ୍କ ଫୋକସରେ ଦିବ୍ୟାଙ୍ଗ ମତଦାତା ନିର୍ଣ୍ଣାୟକ ଭୂମିକା ନେବା ସମ୍ଭାବନା ରହିଛି । ଦିବ୍ୟାଙ୍ଗ ଭୋଟ ହାତେଇବାକୁ ସବୁ ଦଳୀୟ ସ ସ୍ୱାଧିନ ପ୍ରାର୍ଥୀ କରସତ୍ କରୁଥିବା ଦେଖାଯାଇଥିବା ବେଳେ ପ୍ରଶାସନ ମଧ୍ୟ ଦୁଇ ପାଦ ଆଗେଇ ସେମାନଙ୍କ ମତ ସାବ୍ୟସ୍ତ କ୍ଷେତ୍ରରେ ଯେମିତି କିଛି ସମସ୍ୟା ନ ହେବା ତାହା ଉପରେ ବିଶେଷ ଧ୍ୟାନ ଦେଇଛି ।

ଚଳିତ ନିର୍ବାଚନ ନିମନ୍ତେ ଜିଲ୍ଲାରେ ଏପର୍ଯ୍ୟନ୍ତ ୧୮ଲକ୍ଷ ୬୫ହଜାର ୪୫୫ଜଣ ମତଦାତା ଅଛନ୍ତି । ସେଥିରୁ ଜିଲ୍ଲାବ୍ୟାପି ୩୧ହଜାର ୯୨୦ଜଣ ଦିବ୍ୟାଙ୍ଗ ମତଦାତା ଥିବାବେଳେ ତନ୍ମଧ୍ୟରେ ୧୯୧୭୪ଜଣ ପୁରୁଷ,୧୨୭୪୫ଜଣ ମହିଳା ଓ ଜଣେ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି । ତେବେ ସର୍ବାଧିକ ଦିବ୍ୟାଙ୍ଗ ମତଦାତା ଭୁବନେଶ୍ୱର (ମଧ୍ୟ) ୪୬୧୨ଜଣ ଏବଂ ସର୍ବନିମ୍ନ ୩୧୮୩ଜଣ ଜଟଣୀ ବିଧାନସଭା କ୍ଷେତ୍ରରେ ଥିବା ଜଣାଯାଇଛି । ସେହିପରି ଜୟଦେବ ନିର୍ବାଚନମଣ୍ଡଳୀରେ ୪୧୬୪ଜଣ, ଭୁବନେଶ୍ୱର (ଉତର) ରେ ୩୯୭୭ଜଣ, ଏକ୍ରାମ (ଭୁବନେଶ୍ୱର) ରେ ୩୮୮୨, ବେଗୁନିଆ ରେ ୩୮୪୨ଜଣ, ଖୋର୍ଦ୍ଧା ରେ ୪୧୬୫ଜଣ ଓ ଚିଲିକା ରେ ୪୦୯୫ଜଣ ରହିଛନ୍ତି । ଚଳିତ ବର୍ଷ ନିର୍ବାଚନ ଆୟୋଗ ଦିବ୍ୟାଙ୍ଗ ମତଦାତାଙ୍କୁ ଭୋଟ କେନ୍ଦ୍ରକୁ ଆଣିବା ଏବଂ ମତଦାନ ସମୟରେ ସେମାନଙ୍କ ନିମନ୍ତେ ର୍ୟାମ୍ପ, ସହାୟତା ପାଇଁ ସ୍ୱେଚ୍ଛାସେବୀ ଏବଂ ହୁଇଲ୍ ଚେୟାର ବ୍ୟବସ୍ଥା କରିଥିବା ଜଣାଯାଇଛି । ଜଣେ ହେଲେ ଦିବ୍ୟାଙ୍ଗ ଭୋଟର ମତଦାନରୁ ବଂଚିତ ନ ହେବ ସେ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଥିବା ଜଣାଯାଇଛି । ଏପରିକି ଯେଉଁ ଭିନ୍ନକ୍ଷମ ଭୋଟର ମତଦାନ କେନ୍ଦ୍ରକୁ ନଆସିପାରିବେ ସେମାନଙ୍କ ପାଇଁ ନିଜେ ଘରେ ରହି ମତଦାନ କରିବା ନିମନ୍ତେ ବ୍ୟବସ୍ଥା ହୋଇଥିବା ଜିଲ୍ଲାପାଳ ଚଂଚଳ ରାଣା କହିଛନ୍ତି । ଏବେ ପ୍ରମୁଖ ରାଜନୈତିକ ଦଳୀୟ ନେତା ଓ ସ୍ୱାଧିନ ପ୍ରାର୍ଥୀଙ୍କ ଫୋକସ୍ ଏମାନଙ୍କ ଉପରେ ରହିଛି ।

## ଅକ୍ଷୟପାତ୍ର ଫାଉଣ୍ଡେସନକୁ ବଦନାମ କରିବାକୁ ଚକ୍ରାନ୍ତ

ଭୁବନେଶ୍ୱର,(ସବ୍ୟୁ): କିଛି ଅସାଧୁ ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ଓ ଅକ୍ଷୟପାତ୍ର ଫାଉଣ୍ଡେସନକୁ ବଦନାମ କରିବା ଉଦ୍ଦେଶ୍ୟରେ ମହାପ୍ରସାଦକୁ ଅପମାନ କରିଛନ୍ତି । ସେମାନେ ୧୮ ବର୍ଷ ପୂର୍ବେ ଅକ୍ଷୟପାତ୍ର ଆରମ୍ଭ ସମୟ ରେ ମଧ୍ୟ ଏହିଭଳିଆ ହୀନ ଚକ୍ରାନ୍ତ କରିଥିଲେ । ମାଟି କୁଡୁଆ ସହିତ ଅନ୍ୟ ପାତ୍ର ରେ ପରସା ଯାଉଥିବା ଗୋଟିଏ ଫୋଟୋ କୁ ସୋସିଆଲ ମିଡିଆ ରେ ଭାଇରାଲ କରି ମହାପ୍ରସାଦ ସହିତ ଯୋଡ଼ା ଯାଉଛି । ଅକ୍ଷୟପାତ୍ର ସମୟ ସମୟରେ ଆସୁଥିବା ଅତିଥି ମାନଙ୍କ ପାଇଁ ମାଟି କୁଡୁଆ ରେ କାଠ ଚୁଲି ବ୍ୟବହାର କରି ବ୍ୟଞ୍ଜନ ପ୍ରସ୍ତୁତ କରି ପରିସି ଥାଏ । ପୁରୀର ସ୍ଥାନୀୟ ଲୋକ ପରମ୍ପରା ଅନୁସାରେ ମାଟି କୁଡୁଆରେ ରୋଷେଇ କରିବା ଓ ପରିସିବାର ପରମ୍ପରା ରହିଛି । ଏହାକୁ ମହାପ୍ରସାଦ ସହିତ ଯୋଡିବା ଏକ ନିନ୍ଦନୀୟ ଅପରାଧ । ଅକ୍ଷୟପାତ୍ର ଦୀର୍ଘ ୧୮ ବର୍ଷ ଧରି ପୁରୀ ତଥା ଓଡିଶାର ଅନେକ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦେଇଆସୁଛି ଓ ପୁରୀବାସୀଙ୍କ ପାଇଁ ଅନେକ ଜନସେବା କାର୍ଯ୍ୟ କରି ଆସୁଛି । ଆଗକୁ ମଧ୍ୟ ଏହା ଜାରି ରହିବ । ମହାପ୍ରସାଦ ପ୍ରତି ଅକ୍ଷୟପାତ୍ରର ଅଗାଧ ସମ୍ମାନ ରହିଛି । ମହାପ୍ରସାଦକୁ ଅପମାନ କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ନୁହେଁ । ଅକ୍ଷୟପାତ୍ର କୁ ବଦନାମ କରିବା ପାଇଁ ମିଥ୍ୟା ସୋସିଆଲ ମିଡିଆ ପ୍ରସାରକୁ ଓ ଏଭଳି ବିଭ୍ରାନ୍ତ ମୂଳକ କଥାକୁ ବିଶ୍ୱାସ ନ କରିବାକୁ, ସମସ୍ତ ଜଗନ୍ନାଥ ପ୍ରେମୀ ଓ ଅଗଣିତ ଭକ୍ତ ମାନଙ୍କୁ ଅକ୍ଷୟପାତ୍ର ଫାଉଣ୍ଡେସନ ପକ୍ଷରୁ ବିନମ୍ର ନିବେଦନ କରାଯାଇଛି ।



# ବିଜେପିର ମିଶ୍ରଣ ପର୍ବ

କେନ୍ଦ୍ରାପଡ଼ା,(ସବ୍ୟୁ) :କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇପଡିଆରେ ବିଜେପିର ଏକ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ ମଣ୍ଡଳସଭାପତି ଶଶାଙ୍କ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଜନ ସାଧାରଣଙ୍କୁ ପ୍ରଭାବିତ କରି ଆଗାମୀ ନିର୍ବାଚନରେ ଡବଲଇଞ୍ଜିନ ସରକାରଙ୍କ ନିମନ୍ତେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ ।ମୋଦୀ ସରକାର ର ବିକାଶ ର ବାର୍ତା ଲୋକ ମାନଙ୍କ ନିକଟରେ ସବୁସୁବିଧାକୁ ବଂଚିତ କରୁଥିବା ବିଜେଡି ସରକାର କୁ ଲୋକନିର୍ବାଚନରେ ଉଚିତ୍ ଜବାବ ଦେବା ଦରକାର ବୋଲି ଅତିଥି ମାନେମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଲୋକସଭା ପ୍ରାର୍ଥୀ ବୈଜୟନ୍ତପଣ୍ଡା ଓ ବିଧାନସଭା ପ୍ରାର୍ଥିନୀ ଗୀତାଞ୍ଜଳୀ ସେଠୀଙ୍କୁ ପଦ୍ମଫୁଲ ରେମତଦାନ କରି ଜୟଯୁକ୍ତ କରାଇବା ପାଇଁ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଅନୁରୋଧ କରାଯାଇ ଥିଲା । କାର୍ଯ୍ୟକ୍ରମରେ ପୂର୍ବତନସାଂସଦ ଅର୍ଚ୍ଚନା ନାୟକ, ଜିଲ୍ଲା ସାଧାରଣ ସଂପାଦକ ଉପୀନ ରାଉତ,ମିଡିଆ ସେଲ ନେହେରୁ କୁମାର ସାହୁଙ୍କ ସମେତ ମାଧବ ମଲିକ, ବିଜୟବୋଷ, ଢୋଲ ସରପଂଚ ପ୍ରଫୁଲ୍ଲ ମଲିକ, ବ୍ରଜ କିଶୋର ମିଶ୍ର,ସ୍ୱର୍ଣ୍ଣଲତା ମଲିକ, ଦେବାଶିଷ ସ୍ୱାଇଁ, ପ୍ରଶାନ୍ତ କୁମାର ମଲିକ ପ୍ରମୁଖଉପସ୍ଥିତ ଥିଲେ ।

## ସାନ ରାଉତପଡାରେ ପୋଲିସର ଫ୍ଲାଗମାର୍ଚ୍ଚ

ନିରାକାରପୁର,(ସବ୍ୟୁ): ଆଉ ମାତ୍ର ଦିନ କେଇଟା ପରେ ହେବ ସାଧାରଣ ନିର୍ବାଚନ । ନିର୍ବାଚନ କୁ ଶାନ୍ତି ଶୃଙ୍ଖଳା ର ସହ ସମାପନ କରିବା ପାଇଁ ଏବେ ଠାରୁ ଅଣ୍ଟା ଭିଡ଼ିଲାଣି ପ୍ରଶାସନ । ରବିବାର ଖୋର୍ଦ୍ଧା ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଟାଙ୍ଗୀ ପୋଲିସ ଥାନା ଅନ୍ତର୍ଗତ ବିଭିନ୍ନ ପୋଲିଙ୍ଗ ବୁଥ ବୁଲି ବୁଲି ଅଡିଟ କରିଛନ୍ତି ଜିଲ୍ଲା ପୋଲିସ ଅଧିକାରୀ ମାନେ । ଖୋର୍ଦ୍ଧା ଜିଲ୍ଲା ଏସ ପି ଅବିନାଶ କୁମାରଙ୍କ ନିର୍ଦ୍ଦେଶରେ ରେ ଟାଙ୍ଗୀ ଥାନା ଅନ୍ତର୍ଗତ ସାନରାଉତପଡଛ ଅଞ୍ଚଳରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛନ୍ତି । ପୋଲିସ ଏସ ପି ଅବିନାଶ କୁମାରଙ୍କ ସହ ବାଲୁଗାଁ ଏସଡିପିଓ ଶୁଭ୍ରାଂଶୁ ମିଶ୍ର ଙ୍କ ତତ୍ତ୍ୱାବଧାରେ ଟାଙ୍ଗୀ ଥାନା ଆଇ ଆଇ ସୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

## ଆଳି ନିର୍ବାଚନ ମଣ୍ଡଳୀରେ ଆଚରଣବିଧି ଉଲଙ୍ଘନ ଅଭିଯୋଗ ଆଣିଲେ ବିଜେପି ପ୍ରାର୍ଥୀ




ରାଜକନିକା ,(ସବ୍ୟୁ) : ଆଳି ନିର୍ବାଚନ ମଣ୍ଡଳୀରେ ର୍ନିବାଚନ ଆଚରଣ ଧି ଉଲଘଂନ ହେଉଛି ବୋଲି ରାଜକନିକା କଣ୍ଟପଡ଼ା ବଜାର ସ୍ଥିତ ଜୟଶ୍ରୀ ମାର୍କେଟ କମ୍ପ୍ଲେକ୍ସ ରେ ଏକ ସାମ୍ବାଦିକ ସମ୍ମିଳନୀ ଡ଼କାଇ ଅଭିଯୋଗ ଆଣିଛନ୍ତି ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା । ଅଭିଯୋଗ ମୁତାବକ ମିଶନ ଶକ୍ତି ରାଜକନିକା ବ୍ଲକ ସଭାନେତ୍ରୀ ସଂଯୁକ୍ତା ଶତପଥୀ ଓ କଟକ କୋଅପେରେଟିଭ ବ୍ୟାଙ୍କ ଆଳି ଶାଖାର କର୍ମଚାରୀ ରାକେଶ ରାୟ ଆଚରଣବିଧି ଉଲଂଘନ କରି ବିଜେଡ଼ିର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ରେ ଯୋଗଦେଇ ଦଳୀୟ ପ୍ରାର୍ଥୀ ଙ୍କୁ ଜିତେଇବାକୁ ନିବେଦନ କରୁଛନ୍ତି । ଏହାଛଡ଼ା ରାଜକନିକା ବ୍ଲକ ମିଶନ ଶକ୍ତି ସଂଯୋଜକ ସୁଶାନ୍ତ ମଲ୍ଲିକ ରାଜକନିକା ର ଅଧିବାସୀ ହୋଇ ମଧ୍ୟ ସେ କିପରି ଭାବରେ ରାଜକନିକା ବ୍ଲକରେ ଅବସ୍ଥାପିତ ହୋଇଛନ୍ତି ସେ ବାବଦରେ ମଧ୍ୟ ଅଭିଯୋଗ ଆଣିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ରେ ବିଜେପି ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଆଳି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ମିହିର ସାମଲ, ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ଲକ୍ଷ୍ମୀ ପ୍ରିୟା ଜେନା ଓ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କର ପ୍ରମୁଖ ଯୋଗଦେଇ ର୍ନିବାଚନ ଅଧିକାରୀଙ୍କୁ ଏ ବାବଦରେ ଜଣାଇଛନ୍ତି ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ କର୍ମଶାଳା

# ରାଜ୍ୟରେ ଉଚ୍ଚତର ଶିକ୍ଷା ଓ ଗବେଷଣାକୁ ୟୁଜିସିର ପ୍ରାଧାନ୍ୟ

କଟକ, (ସ୍ୱପ୍ର): ଓଡିଶାରେ ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ( ୟୁଜିସି) ପ୍ରଧାନ୍ୟ ଦେଉଛି । ଏଥିପାଇଁ ପର୍ଯ୍ୟପ୍ତ ଆର୍ଥିକ ଅନୁଦାନ ବ୍ୟବସ୍ଥା ମଧ୍ୟ ରହିଛି । ଶିକ୍ଷାନୁଷ୍ଠାନ ଗୁଡିକ ଏହି ସୁଯୋଗର ସଦୁପଯୋଗ କରିବାକୁ ୟୁଜିସିର ନବ ନିଯୁକ୍ତ ସଦସ୍ୟ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କର୍ମଶାଳାରେ ଯୋଗଦେଇ ପ୍ରଫେସର ମହାନ୍ତି କହିଲେ ଆମ ସାମ୍ବିଧାନିକ ବ୍ୟବସ୍ଥାରେ ଶିକ୍ଷାକୁ ଯୁଗ୍ମ ତାଲିକାର୍ଭୁକ୍ତ କରାଯାଇଛି । ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ଶିକ୍ଷା ବିକାଶ ଓ ସଂସ୍କାର ନିମନ୍ତେ ନୀତିନିୟାମକ ପ୍ରଣୟନ କରିପାରିବେ । ବିଶେଷ କରି ଉଚ୍ଚ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଆଭିମୁଖ୍ୟ ଅତ୍ୟନ୍ତ ପ୍ରଭାବୀ ଓ ସୁଦୂରପ୍ରସାରୀ । ୟୁଜିସି ଏକ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ଜାତୀୟ ଶିକ୍ଷାନୀତି-୨୦୨୦ ର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରି ସେ କହିଲେ ଜ୍ଞାନ ଅଭିବୃଦ୍ଧି ଓ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ ନିମନ୍ତେ ଗବେଷଣା ଅତ୍ୟନ୍ତ ଜରୁରୀ। ଏହା ଉପରେ ଆମକୁ ପ୍ରାଧାନ୍ୟ ଦେବାକୁ ହେବ । ଅନଲାଇନ୍ ପାଠ୍ୟକ୍ରମ ଆଜି ସମୟର ଏକ ବଡ ଆହ୍ୱାନ, ଏହା ମଧ୍ୟ ଯୁବପିଢୀଙ୍କ ଦ୍ୱାରା ଆଦୃତ ହେଉଛି । ସେହିପରି ଶିକ୍ଷାଦାନ କକ୍ଷକୁ ଯିବା ପୂର୍ବରୁ ଜଣେ ଶିକ୍ଷକ ସବୁ ସମୟରେ ନିଜକୁ ପ୍ରସ୍ତୁତ କରିବା ଅପରିହାର୍ଯ୍ୟ। ସ୍ୱାୟତ୍ତତା ଓ ଉତ୍ତରଦାୟିତ୍ୱ ସଂପର୍କରେ ସେ କହିଲେ ସମାଜ ଆମମାନଙ୍କୁ ଅନେକ କିଛି ଦେଇଛି, ମାତ୍ର ପ୍ରତିବଦଳରେ ସମାଜର ଉନ୍ନତି ପାଇଁ ଆମକୁ କିଛି କରିବାକୁ ହେବ । ଏହି ପ୍ରସଙ୍ଗରେ ସେ ଶ୍ରୀ ଅରବିନ୍ଦ, ଶ୍ରୀମା, ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶର ଉଦାହରଣ ଦେଇ ଛାତ୍ରଛାତ୍ରୀ ବିଶ୍ୱମୁଖୀ ଚିନ୍ତନ, ଆଭିମୁଖ୍ୟ ଏବଂ ଆଧ୍ୟାତ୍ମିକ ଚରିତ୍ର ନର୍ମାଣ ଲାଗି ଯତ୍ନବାନ ହେବାକୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ମୁଖ୍ୟପୁରୋଧା ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରଫେସର ମହାନ୍ତିଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ଥିବା ବେଳେ ପ୍ରଫେସର ମହାନ୍ତି ତାଙ୍କ ମାଆ ତଥା ବିଶିଷ୍ଟ ଓଡିଆ ନାରୀ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜୀବନୀ ସଂକଳିତ ଏକ ପୁସ୍ତକ ଡ. ରଥଙ୍କୁ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ଓ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



## କୁରାଙ୍ଗ ଶାସନରେ ବିଜେଡ଼ିର ମିଶ୍ରଣ ପର୍ବ

ଫୁଲନଖରା,(ସବ୍ୟୁ) : ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗ ଶାସନସ୍ଥିତ ହୋଟେଲ ଆମ୍ରପଲ୍ଲୀ ରିର୍ସଟରେ ନିଆଳି ବିଜେଡ଼ିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ହରିଅନ୍ତା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କେଦାରନାଥ ଜେନା ,ଆଇନଜିବୀ କୃଷ୍ଣଚନ୍ଦ୍ର ମଲ୍ଲିକ, କମୁନିଷ୍ଟ ନେତା ତପନ ସ୍ୱାଇଁ, ଗଣେଶ ଚନ୍ଦ୍ର ସାହୁ ଙ୍କ ସମେତ ହରିଅନ୍ତା ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଅନଦଳ ଛାଡ଼ି ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବର୍ମୂ ଓ ବିଧାୟକ ପ୍ରଫେସର ଡ଼ାକ୍ତର ପ୍ରମୋଦ ମଲ୍ଲିକଙ୍କ କାର୍ଯ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ବିଜେଡ଼ିରେ ମିଶିଥିଲେ । ବିଧାୟକ ପ୍ରଫେସର ଡ଼ାକ୍ତର ପ୍ରମୋଦ କୁମାର ମଲ୍ଲିକ ସେମାନଙ୍କୁ ବିଜେଡ଼ି ଉରୀୟ ଓ ଟୋପି ଦେଇ ସ୍ୱାଗତ କରିବା ସହ ଡ଼ବଲ ଶଙ୍ଖରେ ଭୋଟ ଦେଇ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନିଆଳି ମାଟିର ସମ୍ମାନ ରଖିବା ପାଇଁ ନିବେଦନ କରିଥିଲେ । ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଉଷୁମା ଓକଣ୍ଟାପଡ଼ା ଅଞ୍ଚଳର ପ୍ରାୟ ଶତାଧିକ କର୍ମୀ ରବିବାର ଦିନି ବିଜେଡ଼ିରେ ସାମିଲ ହୋଇଥିଲେ । ବରିଷ୍ଠ ବିଜେଡ଼ି ନେତା ଶେଷଦେବ ପାତ୍ର ଏହି ମିଶ୍ରଣ ପର୍ବକୁ ସଂଚାଳନ କରିଥିଲେ । ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ସଭ ପ୍ରଦୀପ ଭୋଇ , ଜିଲ୍ଲା ସାଧାରଣ ସଂପାଦକ ଅକ୍ଷୟ କୁମାର ମହାନ୍ତି, ସରକାରୀ ଆଇନଜିବୀ କବି ନାରାୟଣ ଜେନା, କଣ୍ଟାପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ବିମାନ ବିହାରୀ ବେହେରା,ବାରଙ୍ଗ ପ୍ରତିନିଧି ସମୀର ସାମନ୍ତରାୟ,ପ୍ରାକ୍ତନ ବ୍ଲକ ଅଧକ୍ଷ ସରୋଜ ସାହୁ, ସଂଗଠକ ସମରେନ୍ଦ୍ର ହାତୀ,ବିଶ୍ୱରଂଜନ ଦାସ,ଅଶୋକ କୁମାର ରଥ ,ବ୍ଲକ ଯୁବ ବିଜେଡ଼ି ସଭାପତି ଶଶୀଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ହୋଇ ରାଜ ସରକାରଙ୍କ ଜନକଲ୍ୟାଣ ଯୋଜନା ସଂପର୍କରେ ସୂଚନା ଦେବା ସହ ଡ଼ବଲ ଶଙ୍ଖରେ ଭୋଟ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ ସତ୍ୟବ୍ରତ ଜେନା, ଲକ୍ଷ୍ମୀଧର ପ୍ରଧାନ, ବିଶ୍ୱରଂଜନ ସାହୁ, ରାଜ ବାରିକ, ଅରୁଣ କୁମାର ସାହୁ, ଗଗନ ବିହାରୀ ଜେନା,ଗଣେଶ ବେହେରା , ଘନଶାମ ପାତ୍ର.ବିଶ୍ୱଜିତ ଜେନା ,ଦିବକାନ୍ତ ବାରିକ , ନଳିନୀକାନ୍ତ ପଟ୍ଟନାୟକ ପ୍ରମୁଖ ବିଜେଡ଼ି କର୍ମୀ କାର୍ଯକ୍ରମ ପରିଚାଳନା କରିଥିଲେ ।

# ଖଣ୍ଡପଡ଼ା ନିର୍ବାଚନୀ ରାଜନୀତି

## ଅନୁଭବଙ୍କ ସୋସିଆଲ ମିଡ଼ିଆ ପୋଷ୍ଟକୁ ନେଇ ଆଲୋଡନ

ଭୁବନେଶ୍ୱର,(ଶରତ ସାହୁ): ନିର୍ବାଚନ ପୂର୍ବରୁ ରୋଚକ ହେଉଛି ଖଣ୍ଡପଡ଼ା ରାଜନୀତି। ଗୋଟିଏ ଛାତ ତଳେ ଦେଖିବାକୁ ମିଳିଛି ବିଜେଡିରୁ ବହିଷ୍କୃତ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ଗୟାଧର ପରିଡ଼ାଙ୍କୁ।ସୋଶାଲ ମିଡିଆ ପ୍ଲାଟଫର୍ମ ରେ ଏକ ଫଟୋ ଶେଆର କରିଛନ୍ତି ଅନୁଭବ ପଟ୍ଟନାୟକ। ଏଥିରେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଗୟାଧର ପରିଡ଼ାଙ୍କ ସହିତ ସେ ଅଛନ୍ତି।ଏହି ଫଟୋରେ ଲେଖା ହୋଇଛି- ଖଣ୍ଡପଡ଼ା ପାଇଁ ସ୍ୱାଭିମାନର ଲଢ଼େଇ।ମହାମେଣ୍ଟ ବୋଲି ମଧ୍ୟ ସେ ଏଥିରେ ଲେଖିଛନ୍ତି ।ଏହା ସହିତ ଅନୁଭବ ଲେଖିଛନ୍ତି- ଆସନ୍ତୁ ଲଢ଼ିବା, ଶ୍ରେଷ୍ଠ ଖଣ୍ଡପଡ଼ା ଗଢ଼ିବା।ଆସନ୍ତୁ ଆମେ ସମସ୍ତେ ଏକାଠି ହେବା।ଗଞ୍ଜେଇ ବେପାରୀ, ହତ୍ୟା ଅଭିଯୁକ୍ତଙ୍କ ଧର୍ମପତ୍ନୀଙ୍କୁ ଖଣ୍ଡପଡ଼ାରେ ହରେଇ ଖଣ୍ଡପଡ଼ା ମାଟିର ଶିକ୍ଷିତ, ଯୋଗ୍ୟ ଯୁବକକୁ ଭୋଟ ଦେଇ ଖଣ୍ଡପଡ଼ା ମାଟିରେ ସୁଶାସନ ପ୍ରତିଷ୍ଠା କରିବା।ଅନୁଭବଙ୍କ ଏହି ସୋଶାଲ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଅନୁଭବ ଓ ଗୟାଧର ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଉଭୟ ଏଥର ଖଣ୍ଡପଡ଼ା ପାଇଁ ବିଜେଡିରୁ ଟିକେଟ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ବିଜେଡି ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବରେ ନାମାଙ୍କନ ଦାଖଲ କରିଛନ୍ତି ଅନୁଭବ ପଟ୍ଟନାୟକ।ସେ ୨୦୧୪ରେ ଖଣ୍ଡପଡ଼ାରୁ ବିଧାୟକ ଥିଲେ। ୨୦୧୯ରେ ତାଙ୍କ ବଦଳରେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି।ଛ ଏହା ପରେ ସେ ପାଲଟି ଯାଇଥିଲେ ସୌମ୍ୟଙ୍କର ବିରୋଧୀ। ଗତ ୫ ବର୍ଷରେ ବିଭିନ୍ନ ସମୟରେ ସେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆଉ ଏବେ ତାଙ୍କୁ ସୌମ୍ୟଙ୍କ ସହିତ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତୃଣମୂଳସ୍ତରରେ ଜଣେ ସଂଗଠକ ହେଉଛନ୍ତି ଗୟାଧର ପରିଡ଼ା। ପୂର୍ବରୁ ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲେ ସେ। ଭାପୁର ବ୍ଲକ୍ ବିଜେଡି ସଭାପତି ଦାୟିତ୍ୱ ର୍ନିବାହ କରିଛନ୍ତି ସେ। ଏଭଳ ସ୍ଥିତିରେ ସୌମ୍ୟ, ଅନୁଭବ ଓ ଗୟାଧରଙ୍କ ଭେଟଘାଟ ଖଣ୍ଡପଡ଼ା ରାଜନୀତିକୁ ଉଷ୍ମ କରିଛି। ଖଣ୍ଡପଡ଼ାରେ ଅନୁଭବଙ୍କୁ ସୌମ୍ୟରଞ୍ଜନ ଓ ଗୟାଧରଙ୍କ ସମର୍ଥନ ମିଳୁଛି ନା ନାହିଁ, ତାହା ଆଗାମୀ ଦିନରେ ଜଣାପଡ଼ିବ।ସୂଚନାଯୋଗ୍ୟ, ସୌମ୍ୟରଞ୍ଜନ ପଟ୍ଟନାୟକ କେନ୍ଦୁଝର ଜିଲ୍ଲା ଘସିପୁରା ବିଧାନସଭା ଆସନରୁ ସ୍ୱାଧୀନ ଭାବେ ର୍ନିବାଚନ ଲଢ଼ିବେ।ଦୁଇ ଦିନ ତଳେ ସେ ଏନେଇ ଘୋଷଣା କରିଥିଲେ। ସମର୍ଥକଙ୍କ ପରାମର୍ଶରେ ସେ ସ୍ୱାଧୀନ ଭାବେ ର୍ନିବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ ।



# ଚେକ୍ ବାଉନ୍ସ ମାମଲା : ବ୍ଲକ୍ କଂଗ୍ରେସ ସଭାପତିଙ୍କୁ ଜେଲ୍, ଜୋରିମାନା



ଜଗତସିଂହପୁର, (ସବ୍ୟୁ) : ଏକ ଚେକ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତ ମାନସ କୁମାର ରଥ(ମୁନା)ଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡ ସହିତ ୩ ଲକ୍ଷ ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି ଜଗତସିଂହପୁର ସିଜେଏମ ନିଳିମା ପଣ୍ଡା । ଜୋରିମାନା ଅନାଦେୟ ଅଧିକ ୫ ମାସ ଜେଲ ଦଣ୍ଡ ବୋଲି ରାୟ ଶୁଣାଇଛନ୍ତି । ଉକ୍ତ ଜୋରିମାନା ରାଶିକୁ ଅଭିଯୋଗକାରୀକୁ କ୍ଷତିପୂରଣ ଆକାରରେ ପ୍ରଦାନ ନିମନ୍ତେ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉକି ମରିଚାପଦା ଗ୍ରାମର ପୂର୍ଣ୍ଣାନନ୍ଦ ବେହେରାଙ୍କ ପୁଅ ସଞ୍ଜୟ ବେହେରାଙ୍କ ଠାରୁ ସଦର ବ୍ଲକ ଅବିଧିଆନନ୍ଦପୁର ଗ୍ରାମର ମନୋରଞ୍ଜନ ରଥଙ୍କ ପୁଅ ମାନସ କୁମାର ରଥ ୨୦୨୦ ଅଗଷ୍ଟ ୨୦ ତାରିଖରେ ୨ ଲକ୍ଷ ଟଙ୍କା ଧାର ନେଇଥିଲେ । ସେହି ଟଙ୍କାକୁ ୨ ମାସ ଭିତରେ ମାନସ ରଥ ଫେରସ୍ତ କରିବେ ବୋଲି ଚୁକ୍ତି କରିବା ସହିତ ଏକ ହାତ ରସିଦ ମଧ୍ୟ ଦେଇଥିଲେ । ମାତ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ମାନସ ରଥ ଟଙ୍କା ଫେରାଇଲେ ନାହିଁ । ବାରମ୍ବାର ସଞ୍ଜୟ ଟଙ୍କା ଫେରସ୍ତ ପାଇଁ ମାନସଙ୍କୁ କହିବା ପରେ ୨୦୨୧ ଅକ୍ଟୋବର ୨୯ ତାରିଖରେ ମାନସ ରଥ ପଞ୍ଜାବ ନେସନାଲ ବ୍ୟାଙ୍କ ଜଗତସିଂହପୁର ଶାଖା ଆକାଉଣ୍ଟ ନମ୍ବର-୬୭୫୨୦୦୨ ୧୦୦୦୦୦୪୩୬ର ୨ ଲକ୍ଷ ଟଙ୍କାର ଏକ ଚେକ ସଞ୍ଜୟଙ୍କୁ ପ୍ରଦାନ କରିଥିଲେ । ଚେକ ପ୍ରଦାନର ୩ ଦିନ ପରେ ଅର୍ଥାତ ୨୦୧୧ ନଭେମ୍ବର ୧ ତାରିଖରେ ସଞ୍ଜୟ ଉକ୍ତ ଚେକକୁ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆରେ ଜମା କରିଥିଲେ । ମାତ୍ର ଉକ୍ତ ଆକାଉଣ୍ଟ ବନ୍ଦ ଥିବା ଯୋଗୁ ଚେକ ଫେରି ଆସିଥିଲା । ପରେ ସଞ୍ଜୟ ନିଜ ଓକିଲଙ୍କ ଜରିଆରେ ମାନସ ରଥଙ୍କ ନିକଟକୁ ରେଜେଷ୍ଟ୍ରୀ ପୋଷ୍ଟ ଜରିଆରେ ୧୫ ଦିନ ମଧ୍ୟରେ ଟଙ୍କା ଫେରସ୍ତ ପାଇଁ ୧୭ ନଭେମ୍ବର ୨୦୨୧ରେ ଓକିଲ ନୋଟିସ ପଠାଇଥିଲେ । ମାତ୍ର ଉକ୍ତ ନୋଟିସକୁ ମାନସ ରଥ ମଧ୍ୟ ଗ୍ରହଣ କରି ନଥିଲେ । ଶେଷରେ ଅଭିଯୋଗକାରୀ ସଞ୍ଜୟ ବେହେରା ଏହାକୁ ନେଇ ୨୦୨୨ ଜୁଲାଇ ୭ ତାରିଖରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାର ବିଭିନ୍ନ ଦିଗକୁ ବିଚାର କରି ସିଜେଏମ ନିଳିମା ପଣ୍ଡା ଅଭିଯୁକ୍ତ ମାନସ କୁମାର ରଥଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡ ସହିତ କ୍ଷତିପୂରଣ ବାବଦରେ ୩ ଲକ୍ଷ ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଜୋରିମାନା ଅନାଦେୟ ଅଧିକ ୫ ମାସ ଜେଲ ଦଣ୍ଡ ରାୟ ଶୁଣାଇଛନ୍ତି । ଏହି ମାମଲାକୁ ଅଭିଯୋଗକାରୀ ସଞ୍ଜୟ କୁମାର ବେହେରାଙ୍କ ପକ୍ଷରୁ ଆଇନଜୀବୀ ସୁବ୍ରତ ଶତପଥୀ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ମାନସ କୁମାର ରଥଙ୍କୁ କଂଗ୍ରେସ ପକ୍ଷରୁ ଗତ ଅପ୍ରେଲ ମାସରେ ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଭାବରେ ନିଯୁକ୍ତ ଦିଆଯାଇଛି ।

# ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରୁଛି ଟିପିଏସ୍ଓଡିଏଲ୍




ବ୍ରହ୍ମପୁର, (ସବ୍ୟୁ): ଟିପିଏସଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ପକ୍ଷରୁ ହାୱାଇ ଚପଲ ଉତ୍ପାଦନ ସମ୍ପର୍କିତ ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକରେ ମହିଳାମାନଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଓ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ମହିଳାଙ୍କ ସାମର୍ଥ୍ୟକୁ ସ୍ୱୀକୃତି ଦେଇ ଟିପିଏସଓଡିଏଲ୍ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଅତ୍ୟାବଶ୍ୟକ ଦକ୍ଷତା, ଜ୍ଞାନ ଏବଂ ସମ୍ବଳ ଯୋଗାଇଛି । ପାଣ୍ଡିସ୍, ଓଏଲଏମ୍ (ଓଡ଼ିଶା ଜୀବିକା ମିଶନ) ଏବଂ ୟୁନିସେଫ୍ ସହଯୋଗରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ହାୱାଇ ଚପଲ ତିଆରିରେ ଦକ୍ଷତା ପ୍ରଦାନ ତଥା ବ୍ୟବସାୟ ପରିଚାଳନା ଏବଂ ଉଦ୍ୟୋଗ ଉପରେ ମଡ୍ୟୁଲ୍ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଏବଂ ମଧ୍ୟମ ଆକାରର ଉଦ୍ୟୋଗ (ଏସଏମଇ)ରେ ପରିଣତ କରିବାକୁ ଚେଷ୍ଟା କରେଛ ଓଡ଼ିଶା ଜୀବିକା ମିଶନ ଜରିଆରେ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠାରେ ଆବଶ୍ୟକ ହେଉଥିବା ସମ୍ବଳ ଓ ପାଣି ସଂଗ୍ରହ ପାଇଁ ଟିପିଏସ୍ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉତ୍ପାଦନ ୟୁନିଟର ପ୍ରତ୍ୟେକ ମହିଳା ମାସକୁ ଅତି କମରେ ୧୦ ରୁ ୧୨ ହଜାର ଟଙ୍କା ରୋଜଗାର କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି। ମାର୍କେଟ ଲିଙ୍କେଜ୍ ପାଇଁ କମ୍ପାନୀ ଏକ ସ୍ୱତନ୍ତ୍ର ପ୍ଲାନ୍ ମଧ୍ୟ ପ୍ରସ୍ତୁତ କରିଛି। ଟିପିଏସଓଡିଏଲ ବିଭିନ୍ନ ଅଫଲାଇନ ଏବଂ ଅନଲାଇନ ମାଧ୍ୟମରେ ଉତ୍ପାଦର ବ୍ରାଣ୍ଡିଂ, ମାର୍କେଟିଂ ଏବଂ ଲଞ୍ଚିଂରେ ସହଯୋଗ ପ୍ରଦାନ କରିବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସୁମିତ୍ରା ନାୟକ କହିଛନ୍ତି, ଏହା ଏକ ନୂଆ ଆରମ୍ଭ। ଟିପିଏସଓଡିଏଲ୍ ଆମକୁ ପ୍ରଶିକ୍ଷଣ ଦେବା ସହ ଏହି ବ୍ୟବସାୟର ପରିସର ବିଷୟରେ ମଧ୍ୟ ସୂଚନା ଦେଇଥିଲା। ଆମେ ସମସ୍ତେ ଏହି ଉତ୍ପାଦନ ୟୁନିଟ୍ ଚଳାଇବା ପାଇଁ ଆଶାବାଦୀ ଅଛୁ । ଏହି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ କମ୍ପାନୀ ସମସ୍ତ କାର୍ଯ୍ୟ ପରିଚାଳନା କରୁଛି। ଏଥିପାଇଁ ଟିପିଏସଓଡିଏଲକୁ ଧନ୍ୟବାଦ ଜଣାଇଛନ୍ତି ସୁମିତ୍ରା ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କୁହନ୍ତି, ସମାଜରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଆମେ ମହିଳାମାନଙ୍କ ଅନ୍ତର୍ନିହିତ ଶକ୍ତି ଉପରେ ଗଭୀର ବିଶ୍ୱାସ କରୁ । ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ କେବଳ ଦକ୍ଷତା ପ୍ରଦାନ କରୁନାହୁଁ ବରଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରୁଛୁ। ଯାହା ଦ୍ୱାରା ଏହି ମହିଳାମାନେ ସେମାନଙ୍କ ଗୋଷ୍ଠୀ ମଧ୍ୟରେ ସଫଳ ଉଦ୍ୟୋଗୀ ଏବଂ ପ୍ରଭାବଶାଳୀ ନେତ୍ରୀ ହୋଇପାରିବେ।

## ମଦ ଜବତ, ୨ ଗିରଫ

ଠାକୁରଗଡ଼, (ସବ୍ୟୁ): ହଣ୍ଡପା ପୋଲିସ ଶନିବାର ଦିନ ନାକିଚି ଅଞ୍ଚଳରେ ଚଢଉ କରି ବିଶ୍ୱାମିତ୍ର ସାହୁ ଙ୍କ ଠାରୁ ୨୪ ଟି ବିଦେଶୀ ମଦ ବୋତଲ ଜବତ କରି ତାଙ୍କୁ ଗିରଫ କରିଛି । ସେ ବେଆଇନ ଭାବରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ପୋଲିସ ଯାଞ୍ଚ କରି ଧରିଥିଲା।

## ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପୋଲସରା, (ସବ୍ୟୁ): ଚଳିତ ସାଧରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ଅବାଧ ଓ ନିରପେକ୍ଷ ଭାବେ ଯେପରି ଜନସାଧାରଣ ମାନେ ନିଜ ନିଜର ମତଦାନ କରିପାରିବେ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ ତାହାକୁ ନଜର ରଖି ପୋଲସରା ଥାନା ପୋଲିସ୍ ପକ୍ଷରୁ ଶନିବାର ସନ୍ଧ୍ୟାରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ପ୍ରତ୍ୟେକ ନାଗରିକଙ୍କ ମତଦାନ କରିବାର ଅଧିକାର ରହିଛି। କୌଣସି ପରିସ୍ଥିତିରେ କୌଣସି ବ୍ୟକ୍ତିଙ୍କ ଧମକ ଚମକରେ ଭୟଭୀତ ନହୋଇ ପୋଲିସର ସହଯୋଗ ନେଇପାରିବେ । ଯଦି ଏଭଳି କୌଣସି ପ୍ରକାର ଅଭିଯୋଗ ଆସେ କିମ୍ବା ନଜରକୁ ଆସେ, ତାହାହେଲେ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଆଜିର ଏହି ଫ୍ଲାଗ ମାର୍ଚରେ ପୋଲସରା ଥାନା ଆଇଆଇସି କୌଶିକ ମାଝୀଙ୍କ ନେତୃତ୍ୱରେ ଶତାଧିକ ସାମରିକ ସୁରକ୍ଷା ବାହିନୀକୁ ନେଇ ପୋଲସରାରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା ।

## ବରିଷ୍ଠ ବିଜେଡି ନେତା ରଘୁନାଥ ଦାଶଙ୍କ ଦେହାନ୍ତ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ବରିଷ୍ଠ ବିଜେଡି ନେତା ଶ୍ରୀ ରଘୁନାଥ ଦାଶ (୮୪)ଙ୍କ ପରଲୋକ ହୋଇଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ରଘୁନାଥ ଦାଶ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅତି ଘନିଷ୍ଠ ଥିଲେ। ଆଜୀବନ ଜନତା ଦଳରେ ଜଣେ ସଚ୍ଚୋଟ କର୍ମୀ ଭାବେ ସାରା ଜିଲ୍ଲାରେ ସୁପରିଚିତ ଥିଲେ। ନିଜ ପଞ୍ଚାୟତରେ ସେ ବହୁ ଥର ସରପଞ୍ଚ ହେବା ସହ ସମିତି ସଭ୍ୟ ହୋଇ ପଞ୍ଚାୟତର ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁତ୍ର ଅଜିତ କୁମାର ଦାସ। ଅମିତ କୁମାର ଦାସ, ଅରୁଣ କୁମାର ଦାସଙ୍କ ସହ ତିନି ପୁତ୍ର ବଧୂଙ୍କ ସହ ନାତି, ନାତୁଣୀ, ବନ୍ଧୁବର୍ଗ ଏବଂ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ରଘୁନାଥ ଦାସଙ୍କ ବିୟୋଗରେ ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦିଲେଶ୍ୱର ରେଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଜିଲ୍ଲା ସାଧାରଣ ସମ୍ପାଦକ ରାମହରି ପାତ୍ର, ୫୪ ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତଙ୍କ ସମେତ ଗଭୀର ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି ପ୍ରାର୍ଥନା କରିଥିଲେ।

## ଆଟପୁର ହାଇସ୍କୁଲ ୨ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୋର, (ସବ୍ୟୁ):ସୋର ବ୍ଲକ ଆଟପୁର ପଞ୍ଚାୟତ ଦୀନବନ୍ଧୁ ଉଚ୍ଚବିଦ୍ୟାପୀଠର ଶିକ୍ଷକ କମଳଲୋଚନ ତ୍ରିପାଠୀ ଏବଂ ଶ୍ରୀଧର ବେହେରାଙ୍କ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ବିଜୟ କୁମାର କର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁରଲୀଧର ପାଢ଼ୀ ଯୋଗଦେଇ କହିଲେ ଯେ ପ୍ରତ୍ୟେକ ପୁରାତନ ଛାତ୍ର ଏବଂ ପ୍ରାକ୍ତନ ଶିକ୍ଷକ ବିଦ୍ୟାଳୟକୁ ଭଲ ପାଇବା ସହିତ ଏହାର ବିକାଶ ପାଇଁ ଚିନ୍ତା କରିବା ଆବଶ୍ୟକ। ପ୍ରାକ୍ତନ ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ଦାଶ ଯୋଗଦେଇ ଶିକ୍ଷାର ସଂଜ୍ଞା ଉପରେ ଆଲୋଚନା କରି ଶିକ୍ଷା ସହିତ ଗୀତାର ନିବିଡ଼ ସଂପର୍କ ଆଧାରିତ ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ରମେଶ ଚନ୍ଦ୍ର ନାୟକ, ପରିଚାଳନା କମିଟି ସଭାପତି ବଳରାମ ଜେନା, ସରକାରୀ ମୌଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ବେହେରା ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦାୟୀ ଶିକ୍ଷକଦ୍ୱୟଙ୍କୁ ପାଛୋଟି ନେଇ ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ ପରେ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଶୋଭାଯାତ୍ରାରେ ବିଦାୟ ଦିଆଯାଇଥିଲା। ରଜତ ରଂଜନ ଜେନା ଅତିଥି ପରିଚୟ ଏବଂ ପଞ୍ଚାନନ ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ। ରମେଶ ଚନ୍ଦ୍ର ନାୟକ, ସଂଜୟ ବେହେରା, ରବୀନ୍ଦ୍ର ଶିଅଳ, ଲିକୁ ଶିଅଳ, ସନତ ନାୟକ ଏହାକୁ ପରିଚାଳନା କରିଥିଲେ।

## ୫୫ନଂ ୱାର୍ଡରେ ବିଜେଡି କର୍ମୀ ସମ୍ମିଳନୀ



କଟକ, (ସ୍ୱପ୍ର): ଚୌଦ୍ୱାର କଟକ ବିଜୁ ଜନତା ଦଳ ପକ୍ଷରୁ ସିଏମସି ୫୫ନଂ ୱାର୍ଡରେ କର୍ପୋରେଟର ବର୍ଣ୍ଣ ବନ୍ଦିତା ପଣ୍ଡାଙ୍କ ନେତୃତ୍ୱରେ ବିଦ୍ୟାଧରପୁର ସ୍ଥିତ ଗୋଲ୍ଡେନ ଛକ ଠାରେ ଏକ କର୍ମୀ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ଅତିଥିଭାବେ ବିଜେଡି କଟକ ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ରାଜ୍ୟର ବିକାଶ ପାଇଁ ଆସନ୍ତା ୨୫ରେ ଯୋଡି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ଅଭୟ ଲେଙ୍କା, ମୁଖ୍ୟ ପର୍ଯ୍ୟବେକ୍ଷକ ଶୀବେନ୍ଦ୍ର ହାତୀ, ପର୍ଯ୍ୟବେକ୍ଷକ କବି ମିଶ୍ର, ନଗର କମିଟି ସାଧାରଣ ସମ୍ପାଦକ ତାପସ ମହାନ୍ତି, ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବିଶ୍ୱାଳ ଏବଂ ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ୱାର୍ଡର ମୂରବୀ, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । ଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବେଆଇନ ମୋରମ ଚାଲାଣ
## ଦୁଇ ଟ୍ରାକ୍ଟର, ଜେସିବି ଜବତ

ଛତ୍ରପୁର, (ସବ୍ୟୁ): ବେଆଇନ ମୋରମ ଚୋରା ଚାଲାଣ ବେଳେ ଦୁଇ ଟ୍ରାକ୍ଟର ଓ ଗୋଟେ ଜେସିବି ଜବତ କଲା ମାଇନିଂ ବିଭାଗ । ଗତକାଲି ବିଳମ୍ବିତ ରାତ୍ରରେ ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ପାହାଡ଼ରୁ ବେଆଇନ ମୋରମ ଚାଲାଣ ହେଉଥିବା ବେଳେ ଖବର ପାଇ ମାଇନିଂ ବିଭାଗ ଚଢ଼ାଉ କରିଥିଲା। ସୂଚନା ଥାଉ କି, ଦୀର୍ଘ ଦିନ ଧରି ସୁନ୍ଦରପୁର ପାହାଡ଼ରୁ ବେଆଇନ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ତେବେ ଗତକାଲି ବିଳମ୍ବିତ ରାତ୍ରରେ ବେଆଇନ ମୋରମ ଚାଲାଣ ହେଉଥିବା ଖବର ପାଇ ମାଇନିଂ ବିଭାଗ ଚଢ଼ାଉ କରିଥିଲା। ପରେ ଛତ୍ରପୁର ଥାନାରେ ଜିମା ଦିଆଯାଇଥିଲା ।

## ସଂଖ୍ୟାଲଘୁଙ୍କ ଉନ୍ନତି ପାଇଁ ଆର୍‌ଏମ୍‌ଏସ୍‌ର ଦାବି



କଟକ, (ସ୍ୱପ୍ର): ରାଜ୍ୟରେ ଦୀର୍ଘଦିନ ଧରି ସଂଖ୍ୟାଲଘୁ ସମ୍ପ୍ରଦାୟ ଅବହେଳା ଦେଇ ଗତିକରୁଛି । ଦୀର୍ଘ ୨୪ ବର୍ଷ ଧରି ରାଜ୍ୟ ସରକାର ମାଇନରଟି କମିସନ ଗଠନ କରିବେ ବୋଲି ପ୍ରତିଶୃତି ଦେଇ ଆସୁଥିଲେ ମଧ୍ୟ ତାହା ପୂରଣ ହୋଇପାରି ନାହିଁ । ବିଜେପି ଶାସିତ ରାଜ୍ୟ ଉତ୍ତ ପ୍ରଦେଶ, ଗୁଜୁରାଟ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ମାଇନରିଟି କମିସନ ଗଠନ ହୋଇ କାର୍ଯ୍ୟକ୍ଷମ ହୋଇଆସୁଥିଲେ ମଧ୍ୟ ଓଡିଶାରେ ତାହା ହୋଇ ପାରୁନାହିଁ, ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ୱାକଫ ବୋର୍ଡ, ହଜ କମିଟି, ମଦ୍ରାସା ବୋର୍ଡ, କଟକ ଉର୍ଦ୍ଦୁ ଲାଇବ୍ରେରୀ ଇତ୍ୟାଦି ଗତ ୧୦ ବର୍ଷ ହେଲା ବନ୍ଦ ହୋଇ ପଡିରହିଛି, ରାଜ୍ୟର ୨୧ଟି ଲୋକସଭା ଓ ୧୪୭ଟି ବିଧାସଭା କ୍ଷେତ୍ର ପାଇଁ ଜଣେ ହେଲେ ମଧ୍ୟ ମୁସଲିମଙ୍କୁ ପ୍ରାର୍ଥୀ କରାଗଲା ନାହିଁ, ସରକାରୀ ଉର୍ଦ୍ଦୁ ସ୍କୁଲ ପାଇଁ ଖାଲିଥିବା ଶିକ୍ଷକ ପଦବୀ ପୁରଣ କରାଗଲା ନାହିଁ, ଗତ ୧୦ ବର୍ଷ ମଧ୍ୟରେ ମୁସଲିମ ତଲାକି ମହିଳାଙ୍କୁ ତାଙ୍କର ତଲାକି ଭତା ପ୍ରଦାନ କରାଯାଇନାହିଁ ଓ ବର୍ତ୍ତମାନ ପର୍ଯ୍ୟନ୍ତ ମାଇନରିଟି କର୍ପୋରେସନ ଗଠନ ହୋଇପାରିଲା ନାହିଁ ଆଦି ସମସ୍ୟାକୁ ନେଇ ରାଜ୍ୟ ମାଇନରିଟି ସଂଘ(ଆରଏମଏସ)ର ଆବାହକ ଡାକ୍ତର ସମୀ ସଲୀମଙ୍କ ନେତୃତ୍ୱରେ ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବୀ ଉପସ୍ଥାପନା କରାଯାଇଛି । ଏଥିସହିତ ତୁରନ୍ତ ଏହା ଉପରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବୀ କରାଯାଇଛି । ଏହି ସମ୍ମିଳନୀରେ ମୌଲାନା ସିରାଜ, ଗୌତମ ସିଦ୍ଦିକ ଏବଂ ସଂଘର ରାଜ୍ୟ ସଂଯୋଜକ ସୈଦୁର ରେହେମାନଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପ୍ରଚାର

ବୁଗୁଡା, (ସବ୍ୟୁ) : ଗତ ୩ ତାରିଖରେ ହଜାର ହଜାର ସମର୍ଥକଙ୍କ ସହ ଏକ ବିଶାଳ ଶୋଭାଯାତ୍ରା ବାହାରି ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ନିଜର ନାମାଙ୍କନପତ୍ର ଦାଖଲ କରିଥିଲା ବେଳେ ଏବେ ସେ ତାଙ୍କର ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିବା ଦେଖିବାକୁ ମିଳିଛି । ସେ ବୁଗୁଡା ବ୍ଲକର ମାଣିତରା ପଞ୍ଚାୟତ ଅନ୍ତର୍ଗତ ଭୋଗଡା, ମାଣିତରା, ମକରାପଲ୍ଲୀ, ସାପୁଆପଲ୍ଲୀ, କଣ୍ଡେରେଇ ଆଦି ଗାଁରେ ନିଜ ନିଜର ଶହଶହ ସମର୍ଥକଙ୍କ ଗହଣରେ ଯାଇ ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ସେହିପରି ବ୍ଲକର ଏ.କରଡାବାଡି ପଞ୍ଚାୟତ ଅନ୍ତର୍ଗତ ସୋରଡ, ବଣପଲ୍ଲୀ ଆଦି ଗ୍ରାମକୁ ଯାଇ ଘରକୁ ଘର ବୁଲି ସେ ଭୋଟ ଭିକ୍ଷା କରିଥିଲେ। ଏ ଅବସରରେ ଉଭୟ ପଞ୍ଚାୟତର ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଛ ଉକ୍ତ ପ୍ରଚାର କାର୍ଯ୍ୟକ୍ରମରେ ଘୁମୁସର ସାଂଗଠନିକ ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଆରତୀ ଦେବୀ, ବବୁଲ ନାୟକ, ସୁନୀଲ କୁମାର ପାଢୀ ପ୍ରମୁଖଙ୍କ ସମେତ ବିଜେପିର ବହୁ କର୍ମୀ ଓ କର୍ମକର୍ତ୍ତା ସାମିଲ ଥିଲେ ।



## ବରିଷ୍ଠ ବିଜେଡି ନେତା ରାଜକିଶୋର ଆଚାର୍ଯ୍ୟଙ୍କ ଇସ୍ତଫା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବଡସାହି ନିର୍ବାଚନ ମଣ୍ଡଳୀର ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ପରିଷଦ ସଦସ୍ୟ ରାଜକିଶୋର ଆଚାର୍ଯ୍ୟ ରବିବାର ବିଜୁଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏନେଇ ସେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ, ସେ ଜଣେ ବରିଷ୍ଠ ନେତା ହୋଇଥିଲେ ମଧ୍ୟ ବଡସାହି ନିର୍ବାଚନ ମଣ୍ଡଳୀରେ ଯେଉଁମାନେ ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି ସେମାନେ ଯେଉଁ ଭାବରେ ଅସମ୍ମାନ ପ୍ରଦର୍ଶନ କରୁଛନ୍ତି ଓ ନିନ୍ଦିତ କରି ଉଦ୍ଦେଶ୍ୟ ମୂଳକ ଭାବରେ କାର୍ଯ୍ୟ କରୁଛନ୍ତି ସେଥିରେ ଦଳରେ ଆଉ ମୋର କୌଣସି ସମ୍ମାନ ବା ଆବଶ୍ୟକତା ଥିବା ଉପଲବ୍ଧି କରିପାରୁନାହିଁ । ଏଭଳି ପରିସ୍ଥିତିରେ ବିଜୁଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ରାଜକିଶୋର ଆଚାର୍ଯ୍ୟ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ଆଚାର୍ଯ୍ୟ ୧୯୮୦ ମସିହାରୁ ଜନତା ଦଳ ଓ ବିଜୁଜନତା ଦଳ ପାଇଁ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଆସୁଥିବା ସହ ଏମ୍‌ସିସି ବ୍ୟାଙ୍କର ସଭାପତି ଭାବେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି । ଅନ୍ୟପକ୍ଷରେ ରାଜକିଶୋରଙ୍କ ଇସ୍ତଫା ଫଳରେ ବଡସାହି ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ମହଙ୍ଗା ପଡିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

## ମୋରଡାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ ଅଧ୍ୟାପକ ଗୋପବନ୍ଧୁ

ବାରିପଦା, (ସବ୍ୟୁ) : ଏକ ଲିଖିତ ବିବୃତିରେ ଜଣାଇଛନ୍ତି ଯେ, ସେ ଆଗାମୀ ବିଧାନସଭା ନିର୍ବାଚନରେ ମୟୂରଭଞ୍ଜର ମୋରଡା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିବେ। ସେ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢିବେ। ଓବିସି, ଏସଟି, ଏସସି, ମହିଳା ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ସମ୍ବିଧାନିକ ଅଧିକାର ପାଇଁ ସେ ସ୍ୱର ଉତ୍ତୋଳନ କରି ଆସିଛନ୍ତି । ଏହାକୁ ହିଁ ସେ ନିର୍ବାଚନରେ ଇସ୍ୟୁ କରିବେ। ବିଭିନ୍ନ ପଛୁଆବର୍ଗ ସଂଗଠନ ଓ ସାମାଜିକ ସଂଗଠନର ସମର୍ଥନ ତାଙ୍କ ପ୍ରତି ରହିଛି ବୋଲି ସେ କହିଛନ୍ତି। ପ୍ରକାଶ ଥାଉକି ସେ ଜଣେ ପ୍ରାବନ୍ଧିକ, ବକ୍ତା, ସଂଗଠକ ଓ ପ୍ରଗତିଶୀଳ ବିଚାରଧାରାର ବ୍ୟକ୍ତି ଭାବେ ସୁପରିଚିତ। ଦର୍ଶନ ବିଭାଗର ପ୍ରାଧ୍ୟାପକ ଭାବେ ଅବସର ଗ୍ରହଣ କରି ସେ ଏବେ ସାମାଜିକ ବିକାଶ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେ ମୋରଡାର ସର୍ବାଙ୍ଗୀନ ବିକାଶ ସହିତ ସାମାଜିକ ଭାବେ ତଳେ ପଡିଥିବା ଗୋଷ୍ଠୀ ସମୂହର କ୍ଷୀପ୍ର ବିକାଶ ଉପରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି।

## ୯ ନଂ ୱାର୍ଡରେ ବିଜେଡିର ପ୍ରଚାର

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ୯ ନଂ ୱାର୍ଡରେ ବିଜେଡି ର ଜୋରଦାର ପ୍ରଚାର କାଉନସିଲର ପ୍ରୀତିଛନ୍ଦା ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବ୍ୟାଙ୍କ କଲୋନୀ ଠାରୁ ବହୁ ମହିଳା, ୱାର୍ଡ ବାସିନ୍ଦା, ଦଳର ଛାମୁଆ ନେତା ଓ କର୍ମୀ ମାନେ ଘରକୁ ଘର ବୁଲି ବିଜେଡି ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ରଙ୍କ ନିମନ୍ତେ ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଜନ ମଙ୍ଗଳ କାର୍ଯ୍ୟ ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ସମସ୍ତ ବର୍ଗର ଲୋକଙ୍କ ପାଇଁ କରିଛନ୍ତି । ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷରେ ରେକର୍ଡ ସୃଷ୍ଟି କରିବା ପାଇଁ ସେମାନେ ଲୋକଙ୍କୁ ନିବେଦନ କରିଛନ୍ତି । ଏହି ପ୍ରଚାରରେ ଛତ୍ରପୁର ପୌର ପରିଷଦର ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି. ବି. ନିଶ୍ଚଳା ସ୍ୱାମୀ, ମମତା ପାତ୍ର ଓ ଡ଼ି. ଇନ୍ଦୁ, ବ୍ୟାଙ୍କ କଲୋନୀ ସୋସାଇଟି ସଭାପତି ସୁଶାନ୍ତ କୁମାର ସାହୁ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ଅଭିମନ୍ୟୁ ନାୟକ, ନିର୍ମଳ ପାଣିଗ୍ରାହୀ, ଦୟାନିଧି ଦାଶଙ୍କ ସମେତ ବହୁ ୱାର୍ଡ ବାସିନ୍ଦା ମାନେ ସାମିଲ ହୋଇଥିଲେ।

## ଏମ୍‌ପିସି ପ୍ଲାଟିନମ୍ ଜୁବୁଲି ବକ୍ତୃତାମାଳା ସିରିଜ

# ବକ୍ତବ୍ୟ ରଖିଲେ କଥାକାର ଦାଶ ବେନହୁର : ପଗଡ଼ି ପୁରୁଷ, ଓଡ଼ିଆ ସ୍ୱାଭିମାନ



ବାରିପଦା, (ସବ୍ୟୁ) : ଏମ୍‌ପିସି କଲେଜର ଚାରି ମାସ ତଳେ ଅନୁଷ୍ଠିତ ହୋଇଯାଇ ଥିବା ପ୍ଲାଟିନମ୍ ଜୁବୁଲିର ଇତିହାସରେ ଅଭୁଲା ଅତୀତ ହୋଇ ରହିଗଲା । ଯେବେ ସେହି ସନ୍ଧ୍ୟାର ପ୍ରଚଣ୍ଡ ରୌଦ୍ରତାପରେ ଓଡ଼ିଆ ସ୍ୱାଭିମାନର ତାତି ଭରି ଦେଲେ ତୁଣ୍ଡ ଓ ଦାଣ୍ଡର ଭାଷାକୁ ସହଜ ଭାବେ ଶ୍ରୋତାଙ୍କ ନିକଟରେ ଥୋଇ ପାରୁଥିବା ଓଡ଼ିଆ ସାହିତ୍ୟ ଜଗତର ପ୍ରତିଷ୍ଠିତ ଲେଖକ ଓ ଆଗଧାଡ଼ସର କଥାକାର, ସ୍ତମ୍ଭକାର ସଭିଙ୍କ ପ୍ରିୟ ଦାଶ ବେନହୁର'। ଦୀର୍ଘ ଦୁଇ ଘଣ୍ଟାରୁ ଉଦ୍ଧ୍ୱର୍ବ ସମୟ ଧରି ଅତି ସରଳ ସାବଲୀଳ ଭାଷାରେ ବକ୍ତବ୍ୟ ରଖିଥିଲେ ସ୍ୱାଭିମାନୀ ଓଡ଼ିଆ ପୁଅ ମଧୁ ବାବୁଙ୍କ ଉପରେ ସ୍ୱରଚିତ କାଳଜୟୀ ପୁସ୍ତକ 'ପଗଡ଼ି ପୁରୁଷଙ୍କର ତ୍ୟାଗପୂତ ଜୀବନର ଉଚ୍ଚ ଆଦର୍ଶ ଉପରେ, ଯେ କି ସମର୍ପିତ ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ମଧୁ ବାବୁଙ୍କ ସମ୍ପର୍କରେ ବହୁ ଜଣା ଅଜଣା ରୋଚକ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ମଧୁ ବାବୁଙ୍କ ଉକ୍ତି ଓଡ଼ିଆର ପରିଚୟ ଏକ ସ୍ୱତନ୍ତ୍ର ଜାତି ଭାବେ, କେବଳ ଓଡ଼ିଆ ଭାଷା ନୁହେଁ ଉପରେ ଆଲୋକପାତ କରିଥିଲେ। ଏହି ଆଭାସି ବକ୍ତୃତା କାର୍ଯ୍ୟକ୍ରମରେ ଦେଶ ବିଦେଶରେ ଅବସ୍ଥିତ ଥିବା ଅଗଣିତ ପୁରାତନ ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁ ବୁଦ୍ଧିଜୀବି ମାନେ ଯୋଡ଼ି ହୋଇ ବକ୍ତାଙ୍କ ଅନର୍ଗଳ ଉଦ୍‌ବୋଧନକୁ ବେଶ୍ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବହୁ ଉପାଦେୟ ପ୍ରସଙ୍ଗ ଉପରେରେ ଅନ୍‌ଲାଇନ୍ ବକ୍ତୃତା ମାଳା ଜାରି ରହିବ ବୋଲି ପୁରାତନ ଛାତ୍ର ସଂସଦ ଓ ଜୁବୁଲି କମିଟି ପକ୍ଷରୁ ସୂଚନା ଦିଆଯାଇ ସମସ୍ତଙ୍କର ସହଯୋଗ କାମନା କରାଯାଇଛି।

## ଡ୍ରିମ୍‌ସ ସ୍କୁଲ ଅଫ୍ ପାରାମେଡିକାଲରେ ସ୍ୱାଗତ ଉତ୍ସବ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ପାରାମେଡିକାଲ ଆଣ୍ଡ ଆଲାଏଡ୍ ସାଇନ୍ସର ସ୍ୱାଗତ ଉତ୍ସବ ଆଗାଜ୍-ଟୁକେ-୨୪ ଅନୁଷ୍ଠିତ ହୋଇଯାଇଛି। ପଦିନ୍ନୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବକୁ ଆଭାସୀରେ ଉଦଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ ସହ ସମାଜର ଉନ୍ନତି ଦିଗରେ କାର୍ଯ୍ୟକରିବାକୁ ଦିଗ୍‌ଦର୍ଶନ ଦେଇଥିଲେ । ଡିନ୍ ପ୍ରଫେସର ଡା. ନିରୂପମା ଚୟନୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରଫେସର ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ କଠିନ ପରିଶ୍ରମ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ନିରନ୍ତର ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେବା ସହିତ ନବାଗତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡା. ଦୁର୍ଗାପ୍ରସାଦ ମିଶ୍ର, ଡା. ମେହେବୁବ୍ ଅଲ୍ଲୀ, ଅଧ୍ୟାପକ ଦୀପକ ମଲ୍ଲିକ, ଆଶୀର୍ବାଦ ଦାସ, ଜ୍ୟୋତିରଂଜନ ସାହୁ, ଶୁଭସ୍ମିତା ମଲ୍ଲିକ, ପ୍ରତିଶ୍ରୁତି ବରାଳ, ସୁଚିତ୍ରା ସିଂ, ଅଭିନୟ ମହାପାତ୍ର, ସୌଭାଗ୍ୟଲକ୍ଷ୍ମୀ ଧଳ, ସୁସ୍ମିତା ଚକ୍ରବର୍ତ୍ତୀ, ନିକିତା ମିଶ୍ର ପ୍ରମୁଖ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଭାଜପାରେ ଯୋଗଦେଲେ ବ୍ଲକ୍ ଅଧକ୍ଷାଙ୍କ ସହ ଶତାଧିକ କର୍ମୀ



ଠାକୁରମୁଣ୍ଡା, (ସବ୍ୟୁ) : ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କରଞ୍ଜିଆ ବିଧାନସଭା ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ଠାକୁରମୁଣ୍ଡା ଠାରେ ରବିବାର ସନ୍ଧ୍ୟାରେ ଭଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଙ୍କ ସମେତ ବ୍ଲକ ଉପାଅଧକ୍ଷ ସନ୍ତୋଷ ମହାନ୍ତ,ଧାତକିଡ଼ିହା ସମିତି ସଭ୍ୟ ମନୋଜ ବିନିସିଆ ବିଜୁ ଜନତା ଦଳ ଛାଡି ଭଜପା ରେ ଆନୁଷ୍ଠାନିକ ଭାବରେ ଯୋଗ ଦେଇଛନ୍ତି ।ଏହି ଅବସର ରେ ଅଧ୍ୟକ୍ଷା ଙ୍କ ସମର୍ଥିତ ଅସନ୍ତୁଷ୍ଟ ଅନେକ କର୍ମୀ ଭାଜପା ରେ ଆନୁଷ୍ଠାନିକ ଭାବେ ଦଳରେ ଯୋଗ ଦେଇଛନ୍ତି।ସେହିପରି କଂଗ୍ରେସ ର ବ୍ଲକ ଉପସଭାପତି ତଥା ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ଙ୍କ ନେତୃତ୍ୱରେ ତାଙ୍କର ସମର୍ଥକ ମାନେ ଭାଜପା ରେ ସାମିଲ ହୋଇଥିଲେ। ସେହିପରି ବିଭିନ୍ନ ଗ୍ରାମପଞ୍ଚାୟତର ଅସନ୍ତୁଷ୍ଟ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଠାକୁରମୁଣ୍ଡା ଠାରେ ଭାଜପା ଦଳ କାର୍ଯ୍ୟାଳୟ ପରିସର ରେ ଅୟୋଜିତ ମିଶ୍ରଣ ପର୍ବରେ ପଶ୍ଚିମ ମୟୁରଭଞ୍ଜ ରାଇରଙ୍ଗପୁର ଜିଲ୍ଲା ସାଙ୍ଗଠନିକ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ,ବିଧାୟକ ପ୍ରାର୍ଥୀ ପଦ୍ମଚରଣ ହାଇବ୍ରୁରୁ,ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ମହାନ୍ତ,ସମ୍ପାଦକ ବିମଳ କୁମାର ସେନାପତି,ସ୍ୱାମୀ ଡକ୍ଟର ଧୀରେନ୍ଦ୍ରଚାର୍ଯ୍ୟ ପ୍ରମୁଖ ଦଳୀୟ ଅତିଥିମାନେ ଦଳରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀ ମାନଙ୍କୁ ପୁଷ୍ପ ଗୁଛ ଓ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।କାର୍ଯ୍ୟକ୍ରମ ରେ ୫୦୦ ରୁ ଉର୍ଦ୍ଧ୍ୱ ଭଜପା ଓ ଦଳରେ ସାମିଲ ହେବାକୁ ଥିବା ଅନ୍ୟ ଦଳ ର କର୍ମୀ ମାନେ ଉପସ୍ଥିତ ଥିଲେ।

# ବିଜେଡି ଲିଗାଲ ଫ୍ରଣ୍ଟ, ଅନୁଗୋଳ ଜିଲ୍ଲା ଶାଖା ବୈଠକ



ଅନୁଗୋଳ, (ସବ୍ୟୁ) : ବିଜେଡି ଲିଗାଲ ଫ୍ରଣ୍ଟ, ଅନୁଗୋଳ ଜିଲ୍ଲା ଶାଖାର ବାର୍ଷିକ ବୈଠକ ସ୍ଥାନୀୟ ହୋଟେଲ କମଲେଶ କଣ୍ଟିନେଣ୍ଟାଲ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଲିଗାଲ ଫ୍ରଣ୍ଟ, ଅନୁଗୋଳ ଜିଲ୍ଲା ଶାଖାର ସଭାପତି ବରିଷ୍ଠ ଆଇନଜୀବୀ ତଥା ମୁଖ୍ୟ ସରକାରୀ ଓକିଲ ପରମାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ନବୀନ ବାବୁଙ୍କର କେହି ବିକଳ୍ପ ନାହାଁନ୍ତି। ସେ କମ କଥା କହନ୍ତି, କାର୍ଯ୍ୟରେ ବିଶ୍ୱାସ ରଖନ୍ତି । ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବାକୁ ହେଲେ ନିର୍ବାଚନରେ ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ଜୟଯୁକ୍ତ କରିବାକୁ ପଡିବ ବୋଲି ଆଇନଜୀବୀ ମାନଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ଅନ୍ୟତମ ଅତିଥି ବିଜେଡି ଲିଗାଲ ଫ୍ରଣ୍ଟର ରାଜ୍ୟ ସଭାପତି ମିଳନ କାନୁନଗୋ ଯୋଗଦେଇ କହିଲେ ଯେ ଆଇନଜୀବୀ ମାନେ ଦେଶର ସ୍ୱାଧୀନତା ଆଣିବାରେ ମୁଖ୍ୟ ଭୂମିକା ଥିଲା। ସ୍ୱର୍ଗତ ବିଜୁବାବୁ ଓଡିଶାକୁ ତାଙ୍କର ଏକ ବଡ ସମ୍ପତି ଛାଡି ଯାଇଛନ୍ତି। ସେ ହେଉଛନ୍ତି ନବୀନ ପଟ୍ଟନାୟକ। ଓଡିଶାରେ ନବୀନ ବାବୁ ଆଇନଜୀବୀ ମାନଙ୍କ ପାଇଁ ବୀମା ଯୋଜନା ଅତି ଶୀଘ୍ର ଲାଗୁ କରିବେ। ନିର୍ବାଚନରେ ଆଇନଜୀବୀ ମାନଙ୍କର ଏକ ଗୁରୁତ୍ୱପୂର୍ଣ ଭୂମିକା ଅଛି । ତେଣୁ ସେମାନେ ବିଜେଡିର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନଙ୍କୁ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଅନୁଗୋଳ ବିଧାନସଭାର ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଉପାଧକ୍ଷ ରାଜୀବ କୁମାର ମହାନ୍ତି, ବିଜେଡି ଲିଗାଲ ଫ୍ରଣ୍ଟ କଟକ ସଭାପତି ଗୋପାଳ ଅଗ୍ରୱାଲ, ଅନୁଗୋଳ ବିଜେଡି ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ବିଜେଡି ଲିଗାଲ ଫ୍ରଣ୍ଟ, ଢେଙ୍କାନାଳ ଜିଲ୍ଲା ସଭାପତି ଗୋପାଳ ପାତ୍ର, ତାଳଚେର ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ରାଉତ ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ଆଠମଲ୍ଲିକ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଅସିତ କୁମାର ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେଡି ଲିଗାଲ ଫ୍ରଣ୍ଟର ଅଭିମୁଖ୍ୟ ସମ୍ପର୍କରେ କହିବା ସହ ଅନୁଗୋଳ ଜିଲ୍ଲାରେ ପାଞ୍ଚଟି ବିଧାନସଭାର ବିଜେଡି ପ୍ରାର୍ଥୀ ଓ ପ୍ରାର୍ଥୀନୀ ଓ ଲୋକସଭା ପ୍ରାର୍ଥୀ ମାନଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ସମସ୍ତ ଆଇନଜୀବୀ ମାନଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ସାହୁ, ପାର୍ଥସାରଥୀ ପ୍ରଧାନ, ସୁନୀଲ କୁମାର ସାହୁ,ବିନୋଦ କୁମାର ସାମଲ, ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଆଇନଜୀବୀ ମାନେ ବୈଠକରେ ସହଯୋଗ କରିଥିଲେ । ଏହି ବୈଠକରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡା, ଛେଣ୍ଡିପଦା ର୍ନିବାଚନମଣ୍ଡଳୀର ଶତାଧିକ ଆଇନଜୀବୀ ମାନେ ଯୋଗ ଦେଇଥିଲେ।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିକ୍ଷା ଶିବିର ଉଦ୍ଯାପିତ



କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ଗ୍ରୀଷ୍ମକାଳିନ ସ୍ୱତନ୍ତ୍ର ଶିକ୍ଷା ଶିବିର ଶନିବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି। ୧୦ ଦିନ ବ୍ୟାପି ଏହି ଶିବିରରେ ନୃତ୍ୟ, ସଂଗୀତ, ଚିତ୍ରକଳା, ମୁଖା ତିଆରି, ବର୍ଜ୍ୟବସ୍ତୁରୁ ଘର ସଜାଡିବା ସାମଗ୍ରୀ ତିଆରି, ପ୍ରାଚୀର ପତ୍ରିକା, କବିତା ଓ ଗଳ୍ପ ଲିଖନ, କବିତା ଆବୃତ୍ତି, ବ୍ୟକ୍ତିତ୍ୱ ବିକାଶ, କ୍ରିକେକଟ, ଭଲିବଲ, କ୍ୟାରମ, ଚେସ, ଆଧାତ୍ମୀକ ପ୍ରବଚନ ତାଲିମ ପ୍ରଦାନ କରାଯାଇଥିଲା। ପ୍ରତ୍ୟହ ଅଭିଜ୍ଞ ପ୍ରଶିକ୍ଷକ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସମୁଦାୟ ୪୧୦ ଜଣ ଶିବିରାର୍ଥୀ ଯୋଗ ଦେଇଥିଲେ। ଯୋଗ ଗୁରୁ ଶଙ୍କର୍ଷଣ ପଣ୍ଡା ଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟହ ପ୍ରତ୍ୟୁଷରୁ ଯୋଗ ଶିକ୍ଷା ପ୍ରଦାନ କରାଯାଉଥିଲା। ଉଦଜାପାନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ପ୍ରମୋଦ କୁମାର ମିଶ୍ର, ବଟକୃଷ୍ଣ ଦାସ, ଲୋକନାଥ ମିଶ୍ର, ଲକ୍ଷ୍ମୀପ୍ରିୟ ପଟ୍ଟନାୟକ, କୈଳାଶ ଚନ୍ଦ୍ର ପୃଷ୍ଟି, ପ୍ରିୟବ୍ରତ ପଣ୍ଡା, ବରିଷ୍ଠ ଶିକ୍ଷକ ଧାନଚାନ୍ଦ ମିଶ୍ର, ନାଟ୍ୟକାର ଦିନେଶ ଦାସ, କାମାକ୍ଷାନଗର ବ୍ଲକ ଓଷ୍ଟା ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ ପ୍ରବଚକ ପଣ୍ଡିତ ଦିବାକର ନନ୍ଦ, ପ୍ରବଚିକା ସଂଯୋଜୟା ନନ୍ଦ, ସମାଜ ସେବୀ ବିନୋଦ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ଓ ପୁରଷ୍କାର ବଣ୍ଟନ କରିଥିଲେ। ଯୋଗ ଗୁରୁ ସଂକର୍ଷଣ ପଣ୍ଡା, ନାଟ୍ୟ ଗୁରୁ ଦିନେଶ ଦାସ, ନୃତ୍ୟ ଗୁରୁ ଜିତେନ୍ଦ୍ର କୁମାର ସେଣ୍ଠ, ସଙ୍ଗୀତ ଗୁର କୃଷ୍ଣଚନ୍ଦ୍ର ରାଉତଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଶୁରେଶ କୁମାର ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ ।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଥାନା କଙ୍କଣା ଗାଁରେ ଅଘଟଣା। ଘରେ ଫ୍ୟାନ ଲଗାଉଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମହିଳାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ କଙ୍କଣା ଗାଁର ସୁଲୋଚନା ନାୟକ। ସୁଲୋଚନା ଘରେ ଫ୍ୟାନ ଲଗାଉଥିବା ବେଳେ ଅସାବଧାନତା କାରଣରୁ ବିଦ୍ୟୁତ ତାର ଦେହରେ ଲାଗିଯାଇ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ସୁଲୋଚନାଙ୍କ ଚିତ୍କାର ଶୁଣି ପରବାର ଲୋକେ ଦୌଡ଼ି ଆସି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ। ତେବେ ପରିବାର ଲୋକେ ତାଙ୍କୁ ସଂକଟାପନ୍ନ ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଯାହାକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

# କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଆରମ୍ଭ

ଧାମନଗର, (ସବ୍ୟୁ): କଂଗ୍ରେସର ଭଦ୍ରକ ଲୋକସଭା ସାଂସଦ ପ୍ରାର୍ଥୀ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ ଓ ଧାମନଗର ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରା ଧାମନଗର ସଦରରେ ସେମାନଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ବୁଧବାର ସନ୍ଧ୍ୟାରେ କଂଗ୍ରେସର ଦୁଇ ପ୍ରାର୍ଥୀ ସେମାନଙ୍କର ଶତାଧିକ କର୍ମୀ ଓ ସମର୍ଥକଙ୍କ ସହ ପ୍ରଥମେ ଧାମନଗର ଖାନକାସରିଫକୁ ଯାଇଥିଲେ। ସେଠାରେ ପୀର ବାବାଙ୍କ ଆସ୍ତାନାରେ ଶ୍ରଦ୍ଧା ସୁମନ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ସେମାନେ ଧାମନଗର ସାନବଜାର,ବଡବଜାରର ବହୁ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଭେଟି କଂଗ୍ରେସକୁ ଭୋଟ ଦେଇ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ସାଂସଦ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କ ସହ କଂଗ୍ରେସ ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରା,ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢୀ,ଅଭିଷେକ ରାଉତ, ପ୍ରସନ୍ନ କୁମାର ଧଳ,ଚିନ୍ତାମଣି ବାରିକ,ସେକ ତାରିକ,ସେକ ଅଜୋ,ସେକ ମାମା,ସେକ ଜୋନେତ ପ୍ରମୁଖ ବହୁ ଛାମୁଆ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# *ଭାଇଙ୍କୁ ଠେଙ୍ଗାରେ ଆକ୍ରମଣ ଅଭିଯୋଗ*

ଠାକୁରଗଡ଼, (ସବ୍ୟୁ): ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଗ୍ରାମରେ ଶୁକ୍ରବାର ଦିନ ହାଡିବନ୍ଧୁ ରାଉତଙ୍କୁ ସେହି ଗ୍ରାମର ତାଙ୍କ ବଡ ବାପାଙ୍କ ପୁଅ ସିପୁନ ରାଉତ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ହାଡିବନ୍ଧୁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୧୧୧/ ୨୪ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ହାଡିବନ୍ଧୁ ତାଙ୍କ ଘର ଅଗଣାରେ ସେହି ଗ୍ରାମର ସଞ୍ଜୀ ସାହୁଙ୍କ ସହ କଥା ହେଉଥିବା ବେଳେ କୌଣସି କାରଣ ନଥାଇ ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ହାଡିବନ୍ଧୁଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଠାକୁରଗଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି ।

# ବିଜେଡିର ନିର୍ବାଚନ ପ୍ରଚାର

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ରବିବାର ଦିନ ଠାରୁ ବିଜେଡି ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି । ବିଧାୟକ ପ୍ରାର୍ଥି ନଳିନୀକାନ୍ତ ପ୍ରଧାନ ପ୍ରଥମେ ନିଜ ଗାଁ ମାହେଶ୍ୱରୀ ଠାକୁରାଣୀଙ୍କ ଠାରେ ନିଜର ପ୍ରଚାର ପୁସିଂ କାର୍ଡ ମା ଙ୍କ ଠାରେ ସମର୍ପିତ କରି ଘରଘର ବୁଲି ପ୍ରଚାର କରିଥିଲେ। ଗାଁ ର ସମସ୍ତ ମହିଳା, ପୁରୁଷ, ଯୁବ ଭୋଟର, ବୟସ୍କ ଭୋଟର ମାନଙ୍କୁ ନିଜର ପୁସିଂ କାର୍ଡ ଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେ ବିଜୟୀ ହେଲେ ଆଠମଲ୍ଲିକ ଉପଖଣ୍ଡକୁ ଏକ ଶ୍ରେଷ୍ଠ ଅଞ୍ଚଳ ଭାବରେ ଗଢି ତୋଳିବାକୁ ଭୋଟର ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ପ୍ରଚାରରେ ତାଙ୍କ ପତ୍ନୀ ତଥା ବିଜେଡି ନେତ୍ରୀ ରଞ୍ଜିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଅନୁପମା ସାହୁ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ଦାମଦର ବେହେରା, ନିରଞ୍ଜନ ପ୍ରଧାନ, ବୁଧଦେବ ପ୍ରଧାନ, ବରୁଣ ସାହୁ, ପଦ୍ମଲୋଚନ ସାହୁ, ସାବିତ୍ରୀ ସାହୁ, ସସ୍ମିତା ସାହୁ, ରଶ୍ମିତା ସାହୁଙ୍କ ସମେତ ବହୁ ବିଜେଡି ନେତା ମାନେ ଯୋଗ ଦେଇଥିଲେ ।

# ପାରାଲିଗାଲ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ଭଦ୍ରକ, (ସବ୍ୟୁ): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଇନସେବା ପ୍ରାଧିକରଣ ସଭାଗୃହ ପରିସରରେ ସଚିବ ନେହା ଅଗ୍ରୱାଲ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ନୂତନଭାବେ ନିଯୁକ୍ତ ହୋଇଥିବା ପାରାଲିଗାଲ କର୍ମଚାରୀମାନଙ୍କୁ ଆଇନ୍ ବାବଦରେ ବିଭିନ୍ନ ପ୍ରଶିକ୍ଷକଙ୍କ ସହଯୋଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, (ସବ୍ୟୁ) : ଭଦ୍ରକରେ ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧୧.୦୫.୨୦୨୪ ରେ ଅନୁଷ୍ଠିତ ହେବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ୍ ଯୋଗ୍ୟ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କରଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ ଜଳ ଓ ଅନ୍ୟ ବିଲ୍ ଦେୟ ଜନିତ ବିବାଦ ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି, ସମ୍ବନ୍ଧୀୟ ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟ ଦେୱାନୀ ମୋକଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବା କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମାସ୍ତରୀୟ ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।

# ବିଜେପି ପ୍ରାର୍ଥୀ କାଳନ୍ଦୀ ସାମଲଙ୍କ ନାମାଙ୍କନପତ୍ର ଦାଖଲ



ତାଳଚେର, (ସବ୍ୟୁ): ତାଳଚେର ବିଧାନସଭା ଆସନ ନିମନ୍ତେ ବିଜେପି ପକ୍ଷରୁ ଆଜି ବିଧାୟକ ପ୍ରାର୍ଥୀ ଭାବେ ତାଳଚେରବାସୀଙ୍କ ବିଶ୍ୱସ୍ତ ସେବକ କାଳନ୍ଦି ସାମଲ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଶ୍ରୀ ସାମଲ ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ମା ହିଙ୍ଗୁଳା ଠାକୁରଣୀ ଙ୍କର ନିକଟରେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ତଥା ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ଶ୍ରୀ ସାମଲ ପବିତ୍ର ସହିଦ ସ୍ତମ୍ଭ ଓ କାର୍ଗିଲ ସହିଦ ରନ ମହାନ୍ତିଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ଶ୍ରୀ ସାମଲ ଏକ ବିଶାଳ ପଟୁଆରରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ସ୍ଥାନୀୟ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ନିକଟରେ ନିଜ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତ୍ତା, କର୍ମୀ ଓ ସମର୍ଥକମାନେ ଉପସ୍ଥିତ ରହି କାଳନ୍ଦି ସାମଲଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଜଣାଇଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମଲ କହିଛନ୍ତିଯେ, ବିକଶିତ ଭାରତରେ ବିକଶିତ ତାଳଚେରର ନକ୍ସା ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତୁତ କରିଛନ୍ତି । ତାଳଚେରରେ ଯାହା ଯାହା କାମ ହୋଇଛି, ତାହା ସବୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ହୋଇଛି । ସେ ବିଧାନସଭାକୁ ଗଲେ ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ବିଧାନସଭାରେ ଉପସ୍ଥାପନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚୁର ଅର୍ଥ ପଠାଉଛନ୍ତି ଧର୍ମେନ୍ଦ୍ର ପ୍ରଧାନ ଅର୍ଥ ଆଣୁଛନ୍ତି ତାହାକୁ ସେ କାର୍ଯ୍ୟାନ୍ୱୟନ୍ କରିବେ । ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନରେ ଲଢ଼େଇ କରିଥିବା ସଂଗ୍ରାମୀମାନଙ୍କୁ ସ୍ମରଣ କରି ଅଞ୍ଚଳର ସମ୍ମାନ, ସ୍ୱାଭିମାନ ଓ ସମୃଦ୍ଧିର ସ୍ୱପ୍ନ ଦେଖିଥିବା କାର୍ଯ୍ୟକୁ ସେ ପୂରଣ କରିବା ପାଇଁ ସେ ଉଦ୍ୟମ କରିବେ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି । ଶ୍ରୀ ସାମଲ ତାଙ୍କର ନାମାଙ୍କନ ପତ୍ର ରେ ତାଳଚେର ନିର୍ବାଚନ ମଣ୍ଡଳୀର ବିଭିନ୍ନ କ୍ଷେତ୍ରରୁ ଚାରି ଜଣ ତଥା ଓବିସି ମହିଳା ବର୍ଗରୁ ପ୍ରାକ୍ତନ ବ୍ଲକ ଉପାଧକ୍ଷା ତଥା ସମିତି ସଦସ୍ୟା ସୁବର୍ଣ୍ଣା ସାହୁ, ଏସସି ବର୍ଗରୁ ପୂର୍ବତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ସଂଘର ପୁରାତନ କାର୍ଯ୍ୟକର୍ତ୍ତା ଆନନ୍ଦ ଚନ୍ଦ୍ର ଦାସ, ସାଧାରଣ ବର୍ଗରୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ସିଂହ ପ୍ରମୁଖଙ୍କୁ ପ୍ରସ୍ତାବକ ରଖିଥିଲେ। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଠାକୁର ରିତ ଦାସ, ବିଜେପି ଅନୁଗୁଳ ଜୋନ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ସୋମନାଥ ରାଉତଙ୍କ ସମେତ ହଜାର ହଜାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ ଶାଶ୍ୱତ ବାଲେଶ୍ୱର ପରିଦର୍ଶନ କଲେ ଜୟଶ୍ରୀ ମହାନ୍ତି



ବାଲେଶ୍ୱର, (ସବ୍ୟୁ) : ସ୍ଥାନୀୟ ଆଇଟିଆଇ ଛକରେ ଥିବା ରୋଟାରୀ କ୍ଲବ ଶାଶ୍ୱତ ବାଲେଶ୍ୱରରେ ଓଡ଼ିଶା ମୁଖ୍ୟ ରୋଟାରିୟାନ ଜୟଶ୍ରୀ ମହାନ୍ତି କ୍ଲବ ପରିଦର୍ଶନରେ ଆସି ବାଲେଶ୍ୱରର ୧୦ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନୀତ କରିଥିଲେ । ରୋଟାରୀ ପ୍ରତିଷ୍ଠାତା ପଲ ହରିଶଙ୍କୁ ପୁଷ୍ପଗୁଚ୍ଛ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ଶୁଭଶ୍ରୀ ପତି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । କ୍ଲବର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୀତାରାମ ସେଠୀ କ୍ଲବର ବିଭିନ୍ନ ଉନ୍ନୟନ ମୂଳକ ସମାଜସେବା କାର୍ଯ୍ୟ ବାବଦରେ ଆଲୋକପାତ କରିଥିଲେ । କ୍ଲବର ପ୍ରତିଷ୍ଠାତା ହୃଷିକେଶ ସାହୁ ଓ ଚେୟାରମେନ୍ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସମେତ କୁଞ୍ଜ ବିହାରୀ ଜେନା ଓଡ଼ିଶା ରୋଟାରୀ ମୁଖ୍ୟ ଜୟଶ୍ରୀ ମହାନ୍ତି ବକ୍ତବ୍ୟ ରଖିଥିବାବେଳେ ଶେଷରେ ଉପେନ୍ଦ୍ରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ପ୍ରତିଭା ଆଦଭିକ ଭୂଷଣ ଝାଡ଼ଖଣ୍ଡ ରେ ଅନୁଷ୍ଠିତ ଚେସ୍ ପ୍ରତିଯୋଗୀତା ବିଜୟୀ, କନିଷ୍ଠ ଲେଖକ ଆଦ୍ୟା ଭାର୍ଗବୀ (ଅଷ୍ଟମଶ୍ରେଣୀ ଛାତ୍ରୀ), ଜି ଟିଭି ଦ୍ୱାରା ପ୍ରଜୋଜିତ ସାରେ ଗାମାର ଲିଟିଲ ଚାମ୍ପର ସୟଦ ହବିବୁର ରେହମାନ୍ ,ବାଳିକା ବିଭାଗର ବେଡ୍‌ମିଣ୍ଟନ ଖେଳାଳୀ ସମୃଦ୍ଧି ନନ୍ଦ, ରୋସନ ମହାକୁଡ଼, ଆନ୍ତର୍ଜାତୀୟ ପ୍ରତିଯୋଗୀତାରେ ପଦକ ବିଜେତା ଦେବସ୍ମିତା ମହାନ୍ତି,ସମାଜସେବୀ ମନୋରଂଜନ ଭୋଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଆର ନରେନ୍ଦ୍ର କୁମାର ମହାନ୍ତି, ଆଧାତ୍ମିକ ଗୁରୁ ତଥା ସଂସ୍କୃତ ଆଚାର୍ଯ୍ୟ ପଣ୍ଡିତ ପର୍ଶୁରାମ ମିଶ୍ର ଓ ଶ୍ରେଷ୍ଠ କୋରିଓ ଗ୍ରାଫର ଭାବେ କ୍ର୍ୟୋର୍ତିର୍ମୟୀ ସାମଲଙ୍କୁ ସମ୍ମାନୀତ କରାଯାଇଥିଲା ।

# ନିର୍ବାଚନ ପ୍ରଚାରରେ ବିଜେଡିର ମୁଖ୍ୟ ମୁଦ୍ଦା ପାଲଟିଛି ଅଢେଇ ବର୍ଷର ବିକାଶ

ବାସୁଦେବପୁର, (ସବ୍ୟୁ) : ଭଦ୍ରକ ଜିଲ୍ଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପାଇଁ ତିନି ରାଜନୈତିକ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ବିଜୁ ଜନତାଦଳର ପ୍ରାର୍ଥୀ ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ନାମ ପ୍ରଥମ ପର୍ଯ୍ୟାୟରେ ଦଳ ଘୋଷଣା ହୋଇଥିଲା। କଂଗ୍ରେସ ଦଳ ଅଶୋକ କୁମାର ଦାସ ଓ ବିଜେପି ପାର୍ଟି ବାଣୀ କଲ୍ୟାଣ ମହାନ୍ତିଙ୍କ ନାମ ଘୋଷଣା କରିଛି। ବିଜେଡି ପକ୍ଷରୁ ପ୍ରତି ୱାର୍ଡରେ କର୍ମୀ ସମ୍ମିଳନୀ ଆୟୋଜନ କରି ଅଢେଇ ବର୍ଷର ବିକାଶକୁ ମୁଖ୍ୟ ଅସ୍ତ୍ର କରିଛି। ସମଗ୍ର ଦେଶ କରୋନା ମହାମାରୀକୁ ପ୍ରତିହତ କରିବାକୁ ନେତା ଠାରୁ ସାଧାରଣ ଜନତା ଅଢେଇ ବର୍ଷ ଧରି ଜୀବନ ଭୟରେ ଘରେ ମଧ୍ୟରେ ରହିଲେ। ବାକି ଅଢେଇ ବର୍ଷରେ ବିଜେଡି ସରକାର ବାସୁଦେବପୁର ନିର୍ବାଚନମଣ୍ଡଳୀରେ ବିକାଶର ବର୍ଷା କରିଛନ୍ତି। ଯାହା ପଚାଶ ବର୍ଷ ମଧ୍ୟରେ କେବେ ଚିନ୍ତା କରାଯାଇ ନଥିଲା । ଶାସକ ବିଜୁ ଜନତାଦଳ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଏଥର ଭୋଟରଙ୍କୁ ଆକୃଷ୍ଟ କରୁଛି । ବାସୁଦେବପୁର ଅଂଚଳର ବିକାଶ ସର୍ଭିଙ୍କୁ ଚକିତ କରିଛି । ଦୁଇ ବର୍ଷ କରୋନା ମହାମାରୀର ତାଣ୍ଡବ ପରେ ମଧ୍ୟ ବିକାଶର ବନ୍ଧ ଖୋଲି ଦେଇଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଇରମ ଓ ତିହିଡି ସନ୍ଥପୁରା ଠାରେ ଆଦର୍ଶ ବିଦ୍ୟାଳୟ,ତିହିଡି ଠାରେ ନୂତନ ଫାୟାର ଷ୍ଟେସନ,କଲ୍ୟାଣ ମଣ୍ଡପ,ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଇଣ୍ଡୋର ଷ୍ଟାଡିୟମ,ତହସିଲ ପରିସରରେ ନୂତନ ଲାଇବ୍ରେରୀ,ନୂତନ ବସଷ୍ଟାଣ୍ଡ,ପାର୍କ,ବାଲିମୁଣ୍ଡା ଠାରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଗ୍ରୀଡ ଷ୍ଟେସନ ପ୍ରତିଷ୍ଠା,୨୭୫ କୋଟି ଟଙ୍କାର ଧାମରା– ଜାମୁଝାଡି ରାସ୍ତାର ପ୍ରଶସ୍ତୀକରଣ,ବାସୁଦେବପୁର– ବାଲିଛନ୍ଦାଘାଟ ରାସ୍ତାର ପ୍ରଶସ୍ତୀକରଣ,ବେକମୋଡି ରାସ୍ତାର ପ୍ରଶସ୍ତୀକରଣ,ବାସୁଦେବପୁର–ପଦ୍ମପୁର ରାସ୍ତାର ପ୍ରଶସ୍ତୀକରଣ,ବାସୁଦେବପୁର ପୌରପାଳିକାର ୧୫ ଗୋଟି ସ୍ଥାନରେ ଓପନ ଜିମ୍,ସେପଟ୍ରେଜ,ଜୈବ ପ୍ରକ୍ରିୟା କରଣ ମୋ ଖତ ( ଗଉଡ),ଅତ୍ୟାଧୁନିକ ସସ୍ମାନ,ଧର୍ମ ପୀଠର ବିକାଶ,ରକ୍ତତୀର୍ଥ ଇରମର ଉନ୍ନତିକରଣ,ଚାରବାଟିଆ ମହାତ୍ମାଗାନ୍ଧୀ ପୀଠର ବିକାଶ ପାଇଁ ୭୩ ଲକ୍ଷ,କସିଆ ଜେଟି ନିର୍ମାଣ,ଚୂଡାମଣୀ ଜେଠି ୪୨ କୋଟି ନିର୍ମାଣ,କଟକରୁ ବାଲେଶ୍ୱର ସଟକଟ୍ ରାସ୍ତା ପାଇଁ ବାସୁଦେବପୁରବାସୀଙ୍କର ଦୀର୍ଘ ବର୍ଷର ଦାବୀ ବାଲିଆପାଳ ଓ ଚାରବାଟିଆ ମନ୍ତେଇ ନଦୀର ପୋଲ ନିର୍ମାଣ,ମାଟିଆ ସାହି,ମାଝିସାହି ଓ ବାହାକୁଲା ଠାରେ ପୋଲ ନିର୍ମାଣ,ବାଲିମେଦ ଓ ସିନ୍ଦୋଳ ଠାରେ ବାତ୍ୟା ଆଶ୍ରୟସ୍ଥଳୀ,ବସୁଧା ଯୋଜନାର ପ୍ରତି ପଂଚାୟତର ପାଣିଟାଙ୍କି,ବାଲିମେଦ ଓ ସିନ୍ଦୋଳ ନୂଆସାହି ଠାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଆଦି ବହୁ ଯୋଜନା ହୋଇଛି । ଇଭ୍‌ଟି ମାଧ୍ୟମରେ ଆମ ହସପିଟାଲ ଓ କଲେଜ ଓ ବିଦ୍ୟାଳୟରେ ରୂପାନ୍ତରୀକରଣ ସ୍ମାର୍ଟ କ୍ଲାସ ଆଦି ଲୋକମାନଙ୍କୁ ପ୍ରଭାବିତ କରିଛି । ଇରମ ଓ ଚାରବାଟିଆ ପରି କେତୋଟି ସ୍ଥାନରେ ଅର୍ଥ ମଞ୍ଜୁର ହୋଇଛି ହେଲେ ଟେଣ୍ଡର ପ୍ରକ୍ରିୟା ଯୋଗୁଁ କାମ ଆରମ୍ଭ ହୋଇପାରିନାହିଁ। ପ୍ରଥମ କରି ବିଧାନସଭାରେ ପାଦ ଥାପିଥିବା ଯୁବ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଅଢେଇ ବର୍ଷର ବିକାଶର ହିସାବ ଦେଖିଲେ ବିରୋଧି ଦଳ ଚମକି ଯିବ ବୋଲି ବିଜେଡ଼ିର ବ୍ଲକ ସଭାପତି ଦୀନବନ୍ଧୁ ଦାସ ଓ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ କହିଛନ୍ତି ।

# କୋଇଲା ଖଣିରେ ବାରମ୍ବାର ଭିଜିଲାନ୍ସ ଯାଞ୍ଚକୁ ନେଇ ପ୍ରଶ୍ନବାଚୀ



ତାଳଚେର, (ସବ୍ୟୁ): ତାଳଚେର ଅଂଚଳରେ ଲିଙ୍ଗରାଜ ଖୋଲାମୁହଁ କୋଇଲା ଖଣି ଠାରୁ ଆରମ୍ଭ କରି ଭୁବନେଶ୍ୱରୀ, କଣିହାଁ, ଜଗନ୍ନାଥ, ଅନନ୍ତ, ଭରତପୁର, ବଳରାମ, ହିଙ୍ଗୁଳା ରହିଥିବା ବେଳେ ଡ଼େରା ଓ ନନ୍ଦିରା ଭୂତଳ କୋଇଲା ଖଣି ରହିଛି। ଏହି କୋଇଲା ଖଣି ଗୁଡ଼ିକରେ ସ୍ୱଚ୍ଛତା ଏବଂ ଉତମ ଶାସନକୁ ସୁନିଶ୍ଚିତ କରିବା ଦିଗରେ ଏମସିଏଲ ନିଜସ୍ୱ ଭିଜିଲାନ୍ସ ଟିମ ବାରମ୍ବାର ଏଠାକୁ ଆସି ଯାଞ୍ଚ କରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହିଙ୍ଗୁଳା କୋଇଲା ଖଣିରେ ବିଗତବର୍ଷ ଗୁଡ଼ିକରେ ମାଟି ଗଦା ଉପରେ କୋଇଲା ଷ୍ଟକ ରଖି ମେଜରମେଣ୍ଟ କରାଯାଇଥାଏ ବୋଲି ଅଭିଯୋଗ ହୋଇଥାଏ। ଏକଥା ସମସ୍ତଙ୍କୁ ଜଣା ରହିଥିଲେ ମଧ ଭିଜିଲାନ୍ସ ଟିମ କିପରି ଭାବେ ଏହା ଜାଣିପାରୁ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇବା ସହିତ ଉକ୍ତ କୋଇଲା ଖଣିକୁ ଭିନ୍ନ ଭିନ୍ନ ସମୟରେ କେତେକ ଅସାଧୁ କର୍ମଚାରୀ ଓ କୋଇଲା ମାଫିଆଙ୍କ ସାଲା ସୁତରାରେ ଶହଶହ ଟ୍ରିପ୍ ଚୋରା କୋଇଲା ବାହାରକୁ ଚାଲଣ ହେଉଥିବା ଘଟଣାକୁ କେନ୍ଦ୍ର କରି ଅନ୍ୟ ଜିଲ୍ଲାର ଥାନା ଓ ଖଣିର ଏସଟିଏଫ୍ ଟିମ ହାବୁଡ଼ରେ ଧରା ପଡୁଥିବା ଘଟଣା ଚର୍ଚ୍ଚା ପରିଧିକୁ ଆସିଥିବା ବେଳେ କିପରି ଭାବେ ଭିଜିଲାନ୍ସ ଟିମ୍ ଏହାର ଟେର୍ ପାଉନାହିଁ। ଏପରିକି, କୋଇଲା ଖଣିର ଷ୍ଟକ୍ ୟାର୍ଡ଼ରେ କୋଇଲା ପୋଡ଼ି ଯୋଗୁଁ ଏଠାରେ ଉତାପ ବୃଦ୍ଧି ପାଉଥିବା ବେଳେ ଏହାକୁ ଖଣି କର୍ମଚାରୀ ଆୟତ କରିବା ପରିବର୍ତେ ଅଣଦେଖା କରୁଥିବା ମନେ ହେଉଛି। ଫଳତଃ କେତେକ ଅସାଧୁ ଖଣି କର୍ମଚାରୀମାନେ ହଜାର ହଜାର ଟ୍ରିପ୍ କୋଇଲା ପୋଡୁଥିବା ଜାଗାରେ ଶହଶହ ଟ୍ରପ୍ ଦେର୍ଶାଉଥିବା କାହା ସ୍ୱାର୍ଥରେ। ଯଦି ନିରପକ୍ଷ ତଦନ୍ତ କରାଯାଏ ପ୍ରକୃତ ସତ୍ୟସତ୍ୟା ଘଟଣା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

# ପାଣି ପାଇଁ ଟାଙ୍ଗରପଡା ରାସ୍ତାରେ ବସିଲେ ଲୋକେ

ପାଟଣା ,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡା ହାଟ ସାହିରେ ପିଇବା ପାଣି ସମସ୍ୟା କୁ ନେଇ ଶନିବାର ଦିନ ଟାଙ୍ଗରପଡା ରୁ କେନ୍ଦୁଝର ରାସ୍ତା ଅବରୋଧ କରିଥିଲେ।ସୂଚନା ଅନୁଯାୟୀ ଟାଙ୍ଗରପଡା ହାଟ ସାହିର ଶତାଧିକ ମହିଳା ଗରା ବାଲତି ରଖି ରାସ୍ତା ଉପରେ ବସିଥିଲେ। ଗ୍ରାମରେ ବସୁଧା ଯୋଜନାରେ ଲୋକଙ୍କୁ ପିଇବା ପାଣି ମିଳୁନାହିଁ।ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ଲୋକେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଶନିବାର ଦିନ ବାଧ ହୋଇ ଗ୍ରାମର ଶତାଧିକ ମହିଳା ଗରା ବାଲତି ରଖି ରାସ୍ତା ଅବରୋଧ କରିଥିଲେ।



# ପୌରାଞ୍ଚଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ପୌର ପରିଷଦ ୧୫ନଂ, ୧୬ନଂ, ୨୧ନଂ, ୨୦ନଂ, ୫ନଂ ଓ ୨୨ନଂ ୱାର୍ଡରେ ଅନୁଷ୍ଠିତ ହୋଇଥିଲା ଘରେ ଘରେ ଶଂଖ କାର୍ଯ୍ୟକ୍ରମ।ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପାର୍ଥିଙ୍କୁ ଶଂଖ ଚିହ୍ନରେ ଆଶିର୍ବାଦ ଭିକ୍ଷା କରିଥିଲେ।ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ,ଆମ ଓଡିଶା ନବୀନ ଓଡିଶା ଜିଲ୍ଲା ସଂଯୋଜକ ରଂଜନ ବାଗ,କାଉନସିଲର ସଂଧ୍ୟାରାଣୀ ଜେନା,ସବିତାରାଣୀ ଦାସ,ମୀତା ପଟ୍ଟନାୟକ,କବିତା ମୁର୍ମୁ, ମୀନା ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ,ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ,ଶ୍ରଷ୍ଟାଶ୍ରୀ ଦାସ,ରୁବିତା ଦାସ, ପୂର୍ବତନ କାଉସିଲର କୈଳାସ ବିହାରୀ ଦାଶ, ବିଜେଡି ନେତା ଦେବାଶିଷ ଦାଶ, ଅତୁଲ ଶତପଥୀ ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

# ବିଜେଡ଼ିର ଯୁବଛାତ୍ର ସମାବେଶ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକର ଅସୁରାଳି ଠାରେ ବିଜୁ ଜନତା ଦଳ ପକ୍ଷରୁ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଛି। ଅସୁରାଳି ପଂଚାୟତ ଯୁବ ବିଜେଡ଼ି ସଭାପତି ଶ୍ରୀକାନ୍ତ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ଜିଲ୍ଲା ବିଜେଡ଼ି ଉପସଭାପତି ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଧାମନଗର ବିଧାନସଭାର ଦଳୀୟ ପ୍ରାର୍ଥୀ ଡାକ୍ତର ସଞ୍ଜୟ କୁମାର ଦାସ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସରକାର ସବୁ ବେଳେ ଯୁବ ଛାତ୍ର ବର୍ଗଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରାଧାନ୍ୟ ଦେଇ ଆସିଛନ୍ତି କହି ଆଗାମୀ ନିର୍ବାଚନରେ ବିଜେଡ଼ିକୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ସମାବେଶ ସଭାରେ ଅସୁରାଳି ଜୋନର ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ,ଯୁବ ବିଜେଡ଼ି ଜିଲ୍ଲା ସମ୍ପାଦକ ଅରୁଣ କୁମାର ସାହୁ,ଧାମନଗର ବିଧାନସଭା ଯୁବ ସଭାପତି ସ୍ୱଧନା ନାୟକ,ଧାମନଗର ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ,ବରିଷ୍ଠ ସଂଗଠକ କୁଞ୍ଜବିହାରୀ ନାୟକ,ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡ଼ିର ଶତାଧିକ ଯୁବ ଛାତ୍ର କର୍ମୀମାନେ ଯୋଗ ଦେଇଥିଲେ।

# ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣକୁ ନେଇ ଆକ୍ରମଣ ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ): ଏହି ଥାନା ଅନ୍ତର୍ଗତ ରହଣିଆ ପଞ୍ଚାୟତ ନୂଆପୋଖରୀ ଗ୍ରାମର ମନୋରମା ମହାନ୍ତିଙ୍କ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣକୁ ବାରଣ କରାଯିବାରୁ ଆକ୍ରମଣ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ମନୋରମାଙ୍କ ଜମି ଉପରେ ଲୋକେ ଅସ୍ଥାୟୀ ଭାବେ ଯାତାୟତ କରୁଥିଲେ। ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେବା ସହ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ପାଇଁ କେତେକ ଲୋକ ଉଦ୍ୟମ ଆରମ୍ଭ କରିଥିଲେ। ମନୋରମା ମାପଚୁପ ପାଇଁ ଦାବି କରିଥିଲେ। ଅସ୍ଥାୟୀ ରାସ୍ତା ସମ୍ପୂର୍ଣ୍ଣ ଭାବେ ମନୋରମାଙ୍କ ବ୍ୟକ୍ତିଗତ ଜମିରେ ଥିବା ମାପଚୁପରୁ ଜଣାପଡିଥିଲା। ମନୋରମା ରାସ୍ତା ପାଇଁ ଏତେ ପରିମାଣର ଜମି ଛାଡିବାକୁ ରାଜି ହୋଇନଥିଲେ। ଏଥିପାଇଁ ବୈଠକ ସ୍ଥିର ହୋଇଥିଲା। ହେଲେ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ଗତ ୩ ତାରିଖରେ ଗ୍ରାମର ଦିବାକର ସାହୁ ମନୋରମାଙ୍କ ଘର ନିକଟକୁ ଯାଇ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଦିବାକର ଓ ଅନ୍ୟମାନେ ମନୋରମା ଘରକୁ ପଶି ମାଡ ମାରିବା ସହ ଟଣାଘୋଷରା କରିଥିଲେ। ମନୋରମା ଶନିବାର ଥାନାରେ ଅଭିଯୋଗ କରିଥିଲେ। ଥାନାରେ ୨୦୦/ ୨୪ନଂ ମାମଲା ଦିବାକରଙ୍କ ସମେତ ୯ଜଣଙ୍କ ନାମରେ ରୁଜୁ ହୋଇଛି।

# ରାଜନୈତିକ ଗାଳିଗୁଲଜ ଅଭିଯୋଗ ନେଇ ମାମଲା

ଭଣ୍ଡାରିପୋଖରୀ,(ସବ୍ୟୁ):ଏହି ଥାନା ଅନ୍ତର୍ଗତ ନେରଡା ଗ୍ରାମର ନିଳମଣୀ ପଣ୍ଡାଙ୍କୁ ଦଳଗତ ଆକ୍ଷେପ କରି ଗାଳିଗୁଲଜ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ୩ ତାରିଖ ଦିନ ୧୧ଟା ବେଳେ ପଡୋଶୀ ପୂର୍ଣ୍ଣଚନ୍ଦ୍ର ରାଉତ କୌଣସି କାରଣ ନଥାଇ କଂଗ୍ରେସ ଦଳକୁ ଆକ୍ଷେପ କରି ନିଳମଣୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏଥିରେ ଭୟଭୀତ ହୋଇ ନିଳମଣୀ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ୧୯୯/ ୨୪ନଂ ମାମଲା ପୂର୍ଣ୍ଣଚନ୍ଦ୍ରଙ୍କ ନାମରେ ରୁଜୁ ହୋଇଥିବା ଜଣାଯାଇଛି।

# କଂଗ୍ରେସର ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ




ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ବ୍ଲକର ଧୋବାଗଡିଆ ଠାରେ କଂଗ୍ରେସର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ କଂଗ୍ରେସ ସଭାପତି ଶରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭଦ୍ରକ ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ବକ୍ତବ୍ୟରେ କଂଗ୍ରେସର ବିଭିନ୍ନ ଗ୍ୟାରେଣ୍ଟି ଉପରେ ଆଲୋଚନା ରଖି କଂଗ୍ରେସ ସରକାରକୁ ଆସିଲେ ପ୍ରାଥମିକତା ଭିତ୍ତିରେ ଚାଷୀଙ୍କ ଋଣ ଛାଡ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସିମୁଳିଆ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କୁ ସମାଲୋଚନା କରିବା ସହ ଆଗାମୀ ରଣନୀତି ସମ୍ପର୍କରେ କଂଗ୍ରେସ କର୍ମୀ କୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ନାରି ନେତ୍ରୀ ମଧୁମିତା ପଣ୍ଡା, ପ୍ରଜ୍ଞାପାରମିତା ବେହେରା, ମଧୁସୂଦନ ଜେନା, ଜୋନ ସଭାପତି ସଞ୍ଜୟ ଦଳେଇ, ତପନ ଦାସ,ପ୍ରଶାନ୍ତ ପାତ୍ର, ମହିଳା ସଭାପତି ଭାନୁମତି ଦାସ, ମଧୁସ୍ମିତା ଦାସ, ମଧୁସ୍ମିତା ବେହେରା, ଦ୍ରୌପଦୀ ପାତ୍ର, ଭାଗିରଥି ମହାପାତ୍ର ସମେତ ୩୭ଟି ପଞ୍ଚାୟତରୁ ୨ହଜାରରୁ ଉର୍ଦ୍ଧ କର୍ମୀ ଓ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ଦଳଛାଡି ଆସିଥିବା ଶତାଧିକ କର୍ମୀ କଂଗ୍ରେସରେ ଯୋଗଦାନ କରିଥିଲେ ।

# ମୋଦିଙ୍କ ଲାଭାର୍ଥୀ ଯୋଜନା ଘରେ ଘରେ ପହଞ୍ଚାଅ : ଭାଜପା ପ୍ରଭାରୀ

ଭୋଗରାଇ ,(ସବ୍ୟୁ) :ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ଭାବେ ଆଶିଷ କୁମାର ପାତ୍ରଙ୍କୁ ଦଳୀୟ ମୋହର ଲାଗିଥିବା ବେଳେ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି ।ଏଭଳି ସ୍ଥିତିରେ ରବିବାର ଜଳେଶ୍ୱରପୁର ଡାକ୍ତରଖାନା ସମ୍ମୁଖ ଏକ୍ସିସ ବ୍ୟାଙ୍କ ଉପରମହଲା ରେ ଭୋଗରାଇ ଭାଜପା ର ବରିଷ୍ଠ ଓ ଛାମୁଆ ନେତାଙ୍କୁ ନେଇଁ ଏକ ଗୁରୁତ୍ୱ ପୂର୍ଣ୍ଣ ଜରୁରୀ ବୈଠକ କରାଯାଇ ନିର୍ବାଚନ ରଣ କୌଶଳ ପ୍ରସ୍ତୁତ କରାଯାଇଛି । ବାଲେଶ୍ୱର ଜିଲା ବିଧାନସଭା ପ୍ରଭାରୀ ତଥା ବରିଷ୍ଠ ନେତା ଅରବିନ୍ଦ ବେହେରା ଯୋଗଦେଇ ଭାଜପାନେତା ଙ୍କ ଆଚରଣବିଧି, ଦଳୀୟ ଶୃଙ୍ଖଳା, ସଂଯମ ର ସହିତ ବିରୋଧୀଙ୍କ କିପରି କର୍ମୀ ଓ ନେତାମାନେ ମୁକାବିଲା କରି ଭୋଟରଙ୍କ ମନ ଜିଣିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ଭୋଗରାଇର ୨ ୫ ୨ ଟି ବୁଥ କେନ୍ଦ୍ରରେ ବୁଥ କମିଟି ସକ୍ରିୟ ଭାବେ ଦଳୀୟ କାର୍ଯ୍ୟକ୍ରମ ଭିତ୍ତିରେ କାର୍ଯ୍ୟ କରିବା ସହିତ ପ୍ରତେକ ବୁଥ କେନ୍ଦ୍ରରେ ଅଧିକ ଭୋଟ ପାଇଁ ମୋଦିଙ୍କ ଲାଭାର୍ଥୀ ଯୋଜନା ଘରେ ଘରେ ପହଞ୍ଚାଇବା ଓ ସଚେତନ କରିବା ନିମନ୍ତେ ନେତା ଓ କର୍ମୀମାନେ ୧ ୨ ଘଣ୍ଟା କାର୍ଯ୍ୟ କରିବାକୁ ଅଣ୍ଟାଭିଡ଼ନ୍ତୁ ବୋଲି ସେ ପ୍ରକାଶ କରିଥିଲେ । ଭାଜପାର ବରିଷ୍ଠ ନେତା କ୍ୟାପଟେନ ଅଶୋକ କୁମାର ଦାସ ଙ୍କ ପୌରୋହିତ୍ୟରେ ଭାଜପା ପ୍ରାର୍ଥୀ ଆଶିଷ କୁମାର ପାତ୍ର, ବରିଷ୍ଠ ନେତା ସୁନୀଲ କୁମାର କର, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଭବଶଙ୍କର ମହାନ୍ତି, ସଂଜୀବ କୁମାର ସାହୁ, ଶକ୍ତିପଦ ପାଣ୍ଡେ, ଦିଲ୍ଲୀପ କାମିଲା, ଅମଳେନ୍ଦୁ ଦାସ,ନିଶେଷ ଦେବ, ସୁଭାଷ ଚାନ୍ଦ, ସନ୍ତୋଷ ଗିରି, ବିସ୍ତାରକ କାର୍ତ୍ତିକେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି, ଗୋପାଳ ପଣ୍ଡା, ନନୀ ଗୋପାଳ ପାତ୍ର, ରୂପକ ଜେନା, ପରମାନନ୍ଦ ପରିଡା ପ୍ରମୁଖ ଛାମୁଆ ନେତାମାନେ ଉପସ୍ଥିତ ହୋଇ ଭାଜପା ର ଡବଲ ଇଞ୍ଜିନ ସରକାର ଗଢିବା ନିମନ୍ତେ ଭାଜପା ଏମପି ପ୍ରତାପ ଷଡ଼ଙ୍ଗୀ ଓ ଏମ ଏଲ ଏ ପ୍ରାର୍ଥୀ ଆଶିଷ କୁମାର ପାତ୍ର ଙ୍କୁ ବିପୁଳ ଭୋଟର ଜୟ ଯୁକ୍ତ କରିବାକୁ ମହିଳା ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ଯୁବ ଛାତ୍ର ମୋର୍ଚ୍ଚା ର ସଂଗଠକ ମାନେ କର ବା ମର ସ୍ଥିତି ହେବାକୁ ଆହ୍ୱାନ ଦେଇଥିଲେ । ଭାଜପା ର ପ୍ରଥମ ନିର୍ବାଚନୀ ଉଚ୍ଚ କାର୍ଯ୍ୟକାରିଣୀ ବୈଠକରେ ଗୋପୀନାଥ ପୁର ପଞ୍ଚାୟତ ଉକ୍ତ ଗ୍ରାମର ୱାର୍ଡ ସଦସ୍ୟ ସୀତାରାମ ସାମଲ, ରବୀନ୍ଦ୍ର ଘୋଷ,ଖଗେନ୍ଦ୍ର ଘୋଷ ଓ ଜଗନ୍ନାଥ ଘୋଷ ଭାଜପା ରେ ସାମିଲ ହୋଇଥିବାବେଳେ ସେମାନଙ୍କୁ ପଦ୍ମ ଉତ୍ତରୀ ଓ ମୁଣ୍ଡରେ ମୋଦୀ ଟୋପିଦେଇ ଭାଜପାରେ ମିଶ୍ରଣ କରାଯାଇଥିଲା ।



# ଘର ଭାଙ୍ଗି ହାତୀ ଖାଇଲା ଧାନ, ଚାଉଳ

କରଞ୍ଜିଆ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡରେ ଏକ ଗୋଠଛଡ଼ା ଦନ୍ତାର ଉତ୍ପାତ ଜାରି ରହିଛି। ଶନିବାର ବିଳମ୍ବିତ ରାତିରେ ଏହି ହାତୀ କରଞ୍ଜିଆ ବନଖଣ୍ଡର କୁଳିପୋଷି ଗାଁରେ ପଶି ନଗମା କାରୁଆଙ୍କ ଘର ଭାଙ୍ଗି ଦେଇଛି। ହାତୀଟି ଘର ଭାଙ୍ଗିବା ସହିତ ଧାନ, ଚାଉଳ ଖାଇ ଦେଇଛି। ହାତୀ ଆକ୍ରମଣରେ ଘରଟି ନଷ୍ଟ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ନଗମା କାରୁଆ ଓ ତାଙ୍କ ପରିବାର ଲୋକେ। ନଗମା କାରୁଆ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ।



# ବିଜେଡିର ମିଶ୍ରଣ ପର୍ବ ସାମିଲ ହେଲେ ୪୦ ପରିବାର

ବାସୁଦେବପୁର,(ସବ୍ୟୁ): ନବୀନ ପଟ୍ଟନାୟକ ଆଦର୍ଶ ଓ ବିକାଶ ଧାରାରେ ଯୁବ ଗୋଷ୍ଠୀ ସାମିଲ ହେଉଛନ୍ତି। ବାସୁଦେବପୁର ନିର୍ବାଚନମଣ୍ଡଳୀର ସଶକ୍ତ ହେଉଛି ବିଜୁ ଜନତାଦଳ। ବାସୁଦେବପୁର ବିଜେଡିର ପାର୍ଟି ଅଫିସରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। ଆୟୋଜିତ ମିଶ୍ରଣ ପର୍ବରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଦୁର୍ଗାଦତ୍ତ ରାଉତରାୟଙ୍କ ଉପସ୍ଥିତିରେ ତିହିଡି ବ୍ଲକର ମଙ୍ଗଳପୁର ପଂଚାୟତର ୪୦ପରିବାର। କଂଗ୍ରେସ ଓ ବିଜେପି ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ବାସୁଦେବପୁର ନିର୍ବାଚନମଣ୍ଡଳୀର ତିହିଡି ମଙ୍ଗଳପୁର ପଂଚାୟତର ୪୦ପରିବାର କଂଗ୍ରେସ ଓ ବିଜେପି ଛାଡି ବିଜେଡିରେ ଯୋଗଦେଇନ୍ତି। ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧିଙ୍କୁ ମାତ୍ ଦେଇ ବିଜେଡି ପ୍ରତି ସେତିକି ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳପୁର ପଂଚାୟତର ଲକ୍ଷ୍ମୀଧର ନାୟକ,ଭିକାରୀ ଚରଣ ନାୟକ,ଭାଗିରଥି ଦାସ,ରମେଶ ଚନ୍ଦ୍ର ସାହୁ,ଚନ୍ଦନ ନାୟକ,ବିନୋଦ ନାୟକ,ପିତବାସ ପରିଡା,ରଞ୍ଜନ ନାୟକ,ସୁରେନ୍ଦ୍ର ବାରିକ,ମକରା ମାଝୀ,ଏସକେ ବାଗଦାଦ, ନରୋତ୍ତମ ସାହୁ,ରାଜେନ୍ଦ୍ର ନାୟକ,ଦୟାନିଧି ବାରିକ,ଝଣ୍ଟୁଆ ମହାଳିକ,କୌଳାସ ମହାଳିକ ଘନଶ୍ୟାମ ମଳିକ,ନିରୋଦ ମଳିକ,କାଳନ୍ଦୀ ମଳିକ,ରଙ୍ଗାଧର ମଳିକ,ଉମାକାନ୍ତ ମଳିକ,ପ୍ରମୋଦ ବାରିକ,ସୋମନାଥ ନାୟକ,ଜୀବନ ନାୟକ ବିଜୁ ପରିବାରରେ ନୂତନ ଭାବରେ ଯୋଗଦାନ କରିଥିବା ସଦସ୍ୟଙ୍କୁ ଉତ୍ତରୀ ପ୍ରଦାନ କରି ବିଧାୟକ ଶ୍ରୀରାଉତରାୟ ସ୍ୱାଗତ କରିଥିଲେ। ଆୟୋଜିତ ସଭାର ଦୁର୍ଗାଦତ୍ତ ରାଉତରାୟ,ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା,ବିଜେଡିର ଜିଲ୍ଲା ଉପସଭାପତି ସୁରେନ୍ଦ୍ର ପ୍ରସାଦ ନାୟକ,ଯୁବ ନେତା ଶଶଧର ମଲ୍ଲିକ,ସଂଗ୍ରାମ କେଶରୀ ଦାସ,ଧର୍ମାନନ୍ଦ ବେହେରା,ବିପିନ ଦାସ ଓ ଅକ୍ଷୟ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ମାଛଧରାକୁ କେନ୍ଦ୍ରକରି ମାଡ଼ପିଟ୍ : ଜଣେ ମୃତ

ସୋର, (ସବ୍ୟୁ) :ସୋର ବ୍ଲକ ଆଟପୁର ପଞ୍ଚାୟତ ବେଲଦା ଗ୍ରାମରେ ଏକ ପୋଖରୀରୁ ମାଛଧରାକୁ କେନ୍ଦ୍ରକରି ଗଣ୍ଡଗୋଳ ବେଳେ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସାଧୀନ ଜଣେ ଯୁବକଙ୍କର ଆଜି କଟକ ବଡ଼ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏହି ଗ୍ରାମର ସ୍ୱର୍ଗତ ଭଜନ ଜେନାଙ୍କ ପୁଅ ଅର୍ଜୁନ ଜେନା(୨୫) ଗତ ୪ ଦିନ ତଳେ ତାଙ୍କ ଘର ନିକଟସ୍ଥ ଏକ ପୋଖରୀରୁ ମାଛ ଧରାକୁ କେନ୍ଦ୍ର କରି ଗ୍ରାମର ଅନ୍ୟକେତେକଙ୍କ ସହିତ ଗଣ୍ଡଗୋଳ ହୋଇ ମାଡ଼ପିଟ୍ ହୋଇଥିଲା। ଏହି ସମୟରେ ଅର୍ଜୁନ ଆହତ ହୋଇଥିଲେ। ଗତକାଲି ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ସୋର ଡାକ୍ତରଖାନକୁ ଆଣଇବା ପରେ ଅବସ୍ଥା ଅଧିକ ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ଅପରାହ୍ଣରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସଂପର୍କରେ ଗତକାଲି ସୋର ଥାନାରେ ଅର୍ଜୁନର ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପୁଲିସ୍ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆନନ୍ଦପୁର ବିଜୁ ଜନତା ଦଳର ମିଶ୍ରଣ ପର୍ବ

ଦୋବାଲ,(ସବ୍ୟୁ):ସଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଧାମନଗର ରାଜନୀତି ସରଗରମ ହେବା ସହ ଏ ଦଳରୁ ସେ ଦଳ ମିଶ୍ରଣ ପର୍ବ ଜୋରଦାର ଆରମ୍ଭ ହୋଇଛି । ଏହି ପରିପେକ୍ଷିରେ ଆଜି ଧାମନଗର ବ୍ଲକ୍ ଆନନ୍ଦପୁର ପଂଚାୟତର ବିଜେଡି ମିଶ୍ରଣ ପର୍ବ କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ବିଜେପି ଓ ଅନ୍ୟଦଳର କର୍ମୀଙ୍କୁ ନିଜ ଦଳରେ ସାମିଲ କରି ନିର୍ବାଚନ ମାହୋଲକୁ ଆହୁରି ସରଗରମ କରୁଥିବା ଦେଖିବାକୁ ମିଳୁଛି। ଆନନ୍ଦପୁର ପଂଚାୟତ ଉତେପୁର ଗ୍ରାମର ଜାନେକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୁଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଦୋବଲ ଜୋନର ବରିଷ୍ଠ ନେତା ତଥା ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳର ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ । ଏଥିରେ ବିଧାୟକ ପ୍ରାର୍ଥି ଡ଼ା.ସଞ୍ଜୟ ଦାସ,ବ୍ଲକ ସଭାପତି ଉମେଶ ମହାନ୍ତି,ଦୋବାଲ ଜୋନ ପର୍ଯ୍ୟବେକ୍ଷକ ରଜତ କୁମାର ପଣ୍ଡା,ପୁର୍ବତନ ସମିତି ସଭ୍ୟ ପ୍ରତାପ ସାମଲ,ପୁର୍ବତନ ସରପଂଚଙ୍କ ଶରତ ମାଝୀ,ଯୁବନେତା ବାସୁଦେବ ପାଗଳ,ଅରୁଣ ପରିଡ଼ା,ସରୋଜ ପାଣିଗ୍ରାହୀ,ସୁଦାମ ବାରିକଙ୍କ ସମେତ ଦଳୀୟ କର୍ମୀମାନେ ଯୋଗ ଦେଇ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଦଳୀୟ ଟୋପି ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ଖାଇବାକୁ ଦେବାରେ ବିଳମ୍ବ କରିବାରୁ ମା'କୁ ହତ୍ୟା

ଢ଼େଙ୍କିକୋଟ ,(ସବ୍ୟୁ) :ମଦୁଆ ପୁଅ ମଦପିଇ ଆସି ମା କୁ ଖାଇବାକୁ ମାଗିଲା ।ଝ ମା କହିଲା ପୁଅରେ ଟିକେ ଅପେକ୍ଷାକର, ରୋଷେଇ କରୁଛି । ସେତିକିରେ ପୁଅର ମୁଣ୍ଡକୁ ପିତ ଚଢିଲା।ପୁଅଏକ କାଠଫାଳିଆରେ ମା କୁ ମାରଣାତ୍ମକ ଆକ୍ରମଣ କରି ଜୀବନ ରେ ମାରିଦେଲା। ଏହିପରି ଏକ ଅଭାବନୀୟ ଘଟଣା ଘଟିଯାଇଛି କେନଦ୍ଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଂଗିରି ପଞ୍ଚୟତର ଭାଲୁପହାଡ଼ି ସାହିରେ ।ମୃତକ ଜଣକ ହେଲେ ଇଶ୍ୱର ଚନ୍ଦ୍ର ନାଏକଙ୍କ ସ୍ତ୍ରୀ ଗୌରୀ ନାଏକ ( ୫୨)। ମା କୁ ହତ୍ୟା କରିଥିବା ପୁଅର ନାମ ସୁରେନ୍ଦ୍ର ନାଏକ ।ଏ ସଂକ୍ରାନ୍ତରେ ଇଶ୍ୱର ତୁରୁମୁଙ୍ଗା ଥାନାରେ ଜଣାଇଥିଲେ । ଥାନା ଅଧିକାରୀ ଶବକୁ ଜବତକରି ପୋଷ୍ଟ ମୋଟମ କରାଇଛନ୍ତି ଓ ପୁଅକୁ ଗିରଫ କରିଛନ୍ତି ।

# ରଘୁନାଥପୁର ଶାସନରୁ ଚୋର

ଭଣ୍ଡାରିପୋଖରୀ,(ସବ୍ୟୁ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ରଘୁନାଥପୁର ଶାସନ ଗ୍ରାମରୁ ବଡଧରଣର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗ୍ରାମର ଗାୟତ୍ରୀଛକ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ ଥିବା ଶିକ୍ଷୟତ୍ରୀ ସଙ୍ଘମିତ୍ରା ପାଣିଗ୍ରାହୀଙ୍କ ଘର ଝରକା ଗତ ଶୁକ୍ରବାର ରାତ୍ରରେ ତାଡ଼ି ଦୁର୍ବୃତ୍ତମାନେ ନଗଦ ୪୨ ହଜାର ଟଙ୍କା ସମେତ ୩ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ଚୋରି କରିନେଇଛନ୍ତି। ସ୍କୁଲ ଛୁଟି ଥିବାରୁ ସଂଘମିତ୍ରା ଭୁବନେଶ୍ୱରରେ କାର୍ଯ୍ୟକରୁଥିବା ସ୍ୱାମୀଙ୍କ ପାଖରେ ଯାଇ ରହୁଥିଲେ। ଗ୍ରାମ ଘରେ ସଂଘମିତ୍ରାଙ୍କ ପିତା ରବିନ୍ଦ୍ର ଏକାକୀ ରହି ଜଗାରଖା କରୁଥିଲେ। ରବିନ୍ଦ୍ର ଗୋଟିଏ କୋଠରୀରେ ଶୋଇଥିଲେ। ଚୋରମାନେ ପଛପଟ ଝରକା ତାଡି ରବିନ୍ଦ୍ର କୋଠରୀ କବାଟକୁ ବାହାରପଟୁ ବନ୍ଦ କରି ଅନ୍ୟ କୋଠରୀ ଆଲମିରା ଭାଙ୍ଗି ନଗଦ ୪୨ ହଜାର ଟଙ୍କା, ହଳେ ସୁନା କାନଫୁଲ, ହାର, ରୁପା ପାଉଁଜି ଆଦି ୩ଲକ୍ଷ ଟଙ୍କା ମୂଲ୍ୟର ଗହଣା ନେଇ ପଳାଇଥିଲେ। ସକାଳୁ ଉଠି ରବିନ୍ଦ୍ର ଦ୍ୱାର କବାଟ ଖୋଲି ପାରିନଥିଲେ। ଖବର ପାଇ ପଡିଶା ଲୋକେ ରବିନ୍ଦ୍ରଙ୍କୁ ବାହାରକୁ ଆଣିଥିଲେ। ରବିନ୍ଦ୍ର ଏଥିନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଓ ବିଜ୍ଞାନୀ ଦଳ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ଏଥିସହ ଗ୍ରାମର ଅନ୍ୟ ୨ଟି ଘରୁ ଚୋରି ଉଦ୍ୟମ ହୋଇଥିଲା ବୋଲି ସୂଚନା ମିଳିଛି।

# ଡ଼ାଃ ସୁରଥ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସ ପାଳନ

ଭଦ୍ରକ,(ସବ୍ୟୁ): ଡ଼ା. ସୁରଥ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତି ସଭା ଭାଗବତ କଲ୍ୟାଣ ମଣ୍ଡପ ଠାରେ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନଙ୍କୁ ବୈଲୋଚନ ବେହୁରିଆ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ବେଦ ପାଠ କରିଥିଲେ ବେଦବିତ୍ ଘନଶ୍ୟାମ ଲେଙ୍କା । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିତ୍ ଗୟାଧର ପଣ୍ଡା । ଡ଼ାଃ ବିଶ୍ୱାଳଙ୍କ ଜୀବନ ଉପରେ ବିଭିନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖାଯାଇଥିବା ସ୍ମୃତିଗ୍ରନ୍ଥ ସ୍ଥିତପ୍ରଜ୍ଞ ସୁରଥ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପୁସ୍ତକର ମୁଖ୍ୟ ସଂପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକ୍ ପୁସ୍ତକ ସଂପର୍କରେ ସୂଚନା ଦେଇଥିଲେ ଏବଂ ହରମୋହନ କୁଅଁର ସଂପାଦକୀୟ ବକ୍ତବ୍ୟ ରଖିଥିଲେଡ଼ା. ବିଶ୍ୱାଳ ଜଣେ ସ୍ନେହୀ, ଶାନ୍ତସ୍ୱଭାବର ମଣିଷ, ମିଷ୍ଟଭାଷୀ, ସରଳ ଓ ସ୍ଥିତପ୍ରଜ୍ଞ ବ୍ୟକ୍ତିଭାବେ ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । ଏହି ସଭାରେ ଡ଼ା ହରେକୃଷ୍ଣ ନାୟକ, ଡ଼ାଃ ଦୁର୍ଯ୍ୟୋଧନ ଦାସ, ସମ୍ବକାର ଅଭୟ ଦ୍ୱିବେଦୀ, ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନା, ଶିକ୍ଷାବିତ୍ ବାବାଜି ଚରଣ ପଣ୍ଡା, ଡ଼ା. ରବିନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ କୈଳାସ ପଣ୍ଡା, ଜିତେନ୍ଦ୍ର ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମଧୁସ୍ମୀତା ବିଶ୍ୱାଳ, ଡ଼. ରାଧାରାଣୀ ମହାପାତ୍ର, ଡ଼. ରାମଚନ୍ଦ୍ର ପଣ୍ଡା, ଡ଼ା. ସୁକାନ୍ତୀ ଜେନା, ସୁଧାକର ରାଉତ, ମାୟାଧର ବିଶ୍ୱାଳ, ଡ଼ା. ମୁରଲୀଧର ସୂତାର ପ୍ରଭୃତି ବ୍ୟକ୍ତିମାନେ ଉପସ୍ଥିତ ରହି ଡ଼ା. ବିଶ୍ୱାଳଙ୍କ ଗୁଣାବଳୀ ବିଷୟରେ ଆଲୋଚନା କରିଥିଲେ । ଏତଦ୍‌ଭିନ୍ନ ଏହି ସଭାରେ ଉପସ୍ଥିତ ଥିଲେ ଡ଼. ରାମଚନ୍ଦ୍ର ନାୟକ, ଡ଼ା. ରବୀନ୍ଦ୍ର ଓଝା, ପବିତ୍ର ପାଣିଗ୍ରାହୀ, ଡ଼. ପ୍ରଭାତ ନଳୀନୀ ମହାପାତ୍ର, ଗୀତାରାଣୀ ଆଇଚ, ଡ଼. ଗୋଲକ ବିହାରୀ ସାହୁ, ରତ୍ନାକର ଦାସ ଓ ଅମର କୁମାର ପାଣିଗ୍ରାହୀ ଏବଂ ଅନେକ ବ୍ୟକ୍ତି ବିଶେଷମାନେ । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପରମାନନ୍ଦ ସାହୁ । ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପ୍ରଫୁଲ୍ଲ କୁମାର ମାଝୀ, ମନୋରଂଜନ ରାଉଳ, ଆଶିଷ କୁମାର ନାୟକ, ସନ୍ତୋଷ କୁମାର ରାଉତ ଓ ଅଭିମନ୍ୟୁ ନାୟକ।

# ପ୍ରାର୍ଥୀ ଘୋଷଣା କଲା ଆଜସୁ ପାର୍ଟି

ମୋରଡା (ସବ୍ୟୁ ) : ମୋରଡା ର୍ନିବାଚନ ମଣ୍ଡଳି ମୋରଡା ବ୍ଲକ ଚିତ୍ରଡା ପଞ୍ଚାୟତ ପୁରୁଣାପାଣି ମାଉସୀମା ମନ୍ଦିର କଲ୍ୟାଣ ମଣ୍ଡପରେ ଅଖିଳ ଝାରଖଣ୍ଡ ଛାତ୍ର ସଂସଦ ପାର୍ଟି (ଆଜସୁ ) ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟଜିତ ହୋଇ ଯାଇଛି ।ଉକ୍ତ ସମ୍ମିଳନୀରେ ଆଜସୁ ପାର୍ଟି ୨୦୨୪ ସାଧାରଣ ର୍ନିବାଚନ ପାଇଁ ପାର୍ଟିର ରାଜ୍ୟ ସଭାପତି ଆଲୋକ ବାସ୍କେ ମୟୁରଭଞ୍ଜ ଜିଲ୍ଲା ସାଂସଦୀୟ ପ୍ରାଥୀ ପାଇଁ ଆଲୋକ ବାସ୍କେ ଛିଡା ହୋଇଥିବା ଲେ ମୋରଡା ର୍ନିବାଚନ ପାଇଁ ବିଧାୟକ ପ୍ରାଥୀ ଭାବେ ମୋରଡା ବ୍ଲକ ଦାନ୍ତିଆମୁହାଁ ପଞ୍ଚାୟତ କ୍ଷେତ୍ରସନ ସାହି ଯୋଗେନ୍ଦ୍ର ନାଥ ମହାନ୍ତ, ଉଦୁଳା ଓ ବାଙ୍ଗିରିପୋଷି ର୍ନିବାଚନମଣ୍ଡଳୀ ନିମନ୍ତେ ମଦନ ମୋହନ ମାଝୀ ଏବଂ ମନୋରଞ୍ଜନ ହେମରାମଙ୍କୁ ଦଳ ପ୍ରାଥୀ ଘୋଷଣା କରିଛି । ତେବେ ମୋରଡା ର୍ନିବାଚନ ମଣ୍ଡଳୀର ମୌଳିକ ସମସ୍ୟା ଯଥା ଜଳ, ଶିକ୍ଷା, ହାତୀ, ରାସ୍ତା ପରି ପ୍ରମୁଖ ସମସ୍ୟା ଗୁଡିକର ସମାଧାନ ପ୍ରତି ଚେଷ୍ଟା କରିବା ।ମୁଦ୍ଦା କୁ ନେଇ ର୍ନିବାଚନ ମୈଦାନରେ ଅହ୍ଲାଇବ ବୋଲି ପ୍ରାଥୀ ଯୋଗମହନ କହିଛନ୍ତି । ତେବେ ବିଗତ ବର୍ଷ ମାନଙ୍କରେ ମୋରଡା ର୍ନିବାଚନ ମଣ୍ଡଳୀ ରେ କୌଣସି ଆଖି ଦୃଶିଆ କାର୍ଯ୍ୟ ହୋଇଥିବା ନଜରକୁ ଆସୁନଥିବା ଲେ ବେକାର ଯୁବକ ମାନେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । କିପରି ର୍ମିବାଚନ ମଣ୍ଡଳି ର ଲୋକ ମାନଙ୍କ ବିକାଶ ଏବଂ ଉନ୍ନତି କରିବା ପାର୍ଟିର ମୂଳ ଲକ୍ଷ୍ୟ ରହିବ ବୋଲି ଆଲୋକ ବାସ୍କେ କହିଥିଲେ । ଆଜସୁ ପାର୍ଟିର ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଆଲୋକ ବାସ୍କେ, ଜିଲ୍ଲା ସାଧାରଣ ସମ୍ପାଦକ ଗୋପୀନାଥ ବାସ୍କେ,ବିଧାୟକ ପ୍ରାଥୀ ଯୋଗେନ୍ଦ୍ର ନାଥ ମହାନ୍ତ,ମଦନ ମହନ ମାଝୀ, ମନୋରଞ୍ଜନ ହେମ୍ରମ ଚିତ୍ରଡା ପଞ୍ଚାୟତ ପୂର୍ବ ତନ ସରପଞ୍ଚ ସୁରେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ସମ୍ମିଳନୀ ପଞ୍ଚରେ ଉପସ୍ଥିତ ଥିଲେ ।




# କଂଗ୍ରେସର ବିଶାଳ କର୍ମୀ ସମାବେଶ

ତିହିଡି,(ସବ୍ୟୁ):ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ଧାମନଗର, ବାସୁଦେବପୁର ଓ ଚାନ୍ଦବାଲି କଂଗ୍ରେସର କର୍ମୀ ଓ ନେତାଙ୍କୁ ନେଇ ତିହିଡିରେ କଂଗ୍ରେସ ପକ୍ଷରୁ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଶନିବାର ସନ୍ଧ୍ୟାରେ କଂଗ୍ରେସ କର୍ମୀ ଓ ନେତାମାନେ ଏକ ବିଶାଳ ପଟୁଆରରେ ତିହିଡି ପୁରୁଣାହାଟ ଛକରୁ ବାହାରି ତିହିଡି ବ୍ଲକ ଛକସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପ ନିକଟରେ ପହଁଛି ଥିଲେ । ପରେ ସେଠାରେ ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଭଦ୍ରକ ଲୋକସଭା (ସଂରକ୍ଷିତ) ଆସନର କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ବାସୁଦେବପୁର ବିଧାନସଭା ଆସନର ପ୍ରାର୍ଥୀ ଅଶୋକ କୁମାର ଦାସ, ଚାନ୍ଦବାଲି ବିଧାନସଭା ଆସନର ପ୍ରାର୍ଥୀ ଅମୀୟ କୁମାର ମହାପାତ୍ର ଓ ଧାମନଗର ବିଧାନସଭା ଆସନର ପ୍ରାର୍ଥୀ ରଞ୍ଜନ ବେହେରା, ପିସିସି ସାଧାରଣ ସମ୍ପାଦକ ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ମଧୁମିତା ସେଠୀ, ଦିଗମ୍ବର ଦାସ, ଚାନ୍ଦବାଲି ବ୍ଲକ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡା, ସରପଞ୍ଚ ଉଦ୍ଧବ ନାୟକ, ବରିଷ୍ଠ ନେତା ମୀନକେତନ ସେନାପତି, ବିପିନ ବିହାରୀ ପତି, ସୁଧାଂଶୁ ଶେଖର ମାହୁନ୍ତ ପ୍ରମୁଖ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୁଶାସନରେ ଲୋକେ ଅତିଷ୍ଠ ହୋଇପଡିଲେଣି ତେଣୁ ଲୋକେ ଏଥର ପରିବର୍ତ୍ତନ ଚାହୁଁଛନ୍ତି ବୋଲି କହିବା ସହ କଂଗ୍ରେସର କର୍ମୀ ଓ ନେତା ମାନେ ସବୁ ମତଭେଦ ଭୁଲି ଏକ ମନ ଓ ଏକ ପ୍ରାଣ ହୋଇ କାର୍ଯ୍ୟକଲେ ଉଭୟ ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଫେରିବ ବୋଲି ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ବେହେରା, ଦିଲ୍ଲୀପ ବିଶ୍ୱାଳ, କୈଳାସ ମାଝୀ, କୈଳାସ ପାତ୍ର, ବସନ୍ତ କୁମାର ନାୟକ, ସୁରେଶ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ସର୍ବେଶ୍ୱର ବେହେରା, ରଞ୍ଜନ ପଣ୍ଡା, ପୀତାମ୍ବର ସେଠୀ, ପୃଥୀରାଜ ନାୟକ, ଦୀପକ ଦାସ, ସୁରେନ୍ଦ୍ର ସାହୁ, ଗୋରାବାବୁ ଶାହ, ନରହରି ନାୟକ, ଜୟୀରାମ ବାରିକ, କରୁଣାକର ମହାରଣା, ରମେଶ ବଳ, ଦୀପକ ଭୋଇ, ସୁଦର୍ଶନ ସାହୁ, ଚୈତନ୍ୟ ସେଠୀ, ରବିନ୍ଦ୍ର ମାହୁନ୍ତ, ଲକ୍ଷ୍ମୀଧର ମାଝୀ, ଝରଣା ମହାନ୍ତି, ପଦ୍ମାବତୀ ଜେନା, ସୁବାସ ପାଢୀ, ସୁଦର୍ଶନ ବାରିକ, ଧର୍ମେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀ ମାନଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁକୁନ୍ଦପୁର ପଞ୍ଚାୟତର ଯୁବନେତା ତ୍ରିଲୋଚନ ମହାଳିକ ଓ ଅନ୍ୟମାନେ କଂଗ୍ରେସରେ ଯୋଗଦାନ କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୫/୨୨)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

**ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।**
**ଆଦ୍ୟନ୍ତବନ୍ତଃ କୌନ୍ତେୟ ! ନ ତେଷୁ ରମତେ ବୁଧଃ ॥୨୨॥**

ହେ କୌନ୍ତେୟ ! ଯେଉଁସବୁ ସୁଖ ବିଷୟରୁ ( ଇନ୍ଦ୍ରିୟ ବିଷୟରୁ) ଜାତ, ସେ ସବୁ ଦୁଃଖର କାରଣ ଓ ଆଦ୍ୟନ୍ତବିଶିଷ୍ଟ ଅର୍ଥାତ୍ ସ୍ଥାୟୀ ନୁହେଁ । ଅତଏବ ବିବେକୀମାନେ ସେସବୁ ସୁଖଷର ତୃପ୍ତି ଲାଭ କରନ୍ତି । ॥୨୨॥

## ସମ୍ପାଦକୀୟ

# ଚୀନ–ଆମେରିକା ବନ୍ଧୁତ୍ୱ !

ଚୀନର ବରିଷ୍ଠ ଅଧିକାରୀଙ୍କ ସହ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ଙ୍କ ବିସ୍ତୃତ ଆଲୋଚନା, ମୁଖ୍ୟତଃ ଦୁଇ ଦେଶର ସମ୍ପର୍କରେ ସ୍ଥିରତା ଆଣିବା ନେଇ କେତେଦୂର ସଫଳ ହେଇଛି ବା ନ ହେଇଛି, ତାହା ବିତର୍କର ବିଷୟ । କିନ୍ତୁ ସୁଖର କଥା, ଦୁଇ ଦେଶ ପରସ୍ପର ସହ ଆଲୋଚନା କରିଛନ୍ତି ଏବଂ ଏହି ଆଲୋଚନାରେ ଚୀନର ରାଷ୍ଟ୍ରପତି ଜି ଜିନପିଙ୍ଗ ମଧ୍ୟ ନିଜକୁ ସାମିଲ କରିଛନ୍ତି । ଏହି ଆଲୋଚନା ଦୁଇଟି ବୃହତ୍ ଅର୍ଥନୀତି ମଧ୍ୟରେ ପ୍ରତିଯୋଗିତା, ବିବାଦକୁ ବଢାଇବ ନାହିଁ ବରଂ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ବୈଦେଶିକ ସଚିବ ଜୋର ଦେଇ କହିଛନ୍ତି । ଚୀନର ରାଷ୍ଟ୍ରପତି ମଧ୍ୟ ସକାରାତ୍ମକ ପ୍ରତିକ୍ରିୟା ରଖିଛନ୍ତି । ତାଙ୍କ ମତରେ ଆମେରିକା ଓ ଚୀନ ଆଜେବାଜେ ପ୍ରତିଯୋଗିତାରେ ଭାଗ ନ ନେଇ, ଦୁଇ ଦେଶର କଲ୍ୟାଣ ହେଉଥିବା ବିଷୟବସ୍ତୁ ଉପରେ ମନୋନିବେଶ କରିବା ଆବଶ୍ୟକ । ତେବେ ଚୀନ–ଆମେରିକାର ଏହି ବୈଠକ ବା ସାକ୍ଷାତ ଅବସରରେ, ବ୍ଲିଙ୍କେନ୍ ଚୀନର କେତେକ ପଦକ୍ଷେପ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଚୀନ ରୁଷିଆକୁ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ କରିବା ନେଇ ବ୍ଲିଙ୍କେନ୍ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏହା ଶୀଘ୍ର ବନ୍ଦ କରିବା ନେଇ ଚେତାବନୀ ମଧ୍ୟ ଦେବାକୁ ପଛାଇ ନ ଥିଲେ । ଆମେରିକା ୟୁକ୍ରେନକୁ ୬୧ ବିଲିଅନ ଡଲାର ମୂଲ୍ୟର ସାମରିକ ସହାୟତା ଦେଇଥିବାବେଳେ ଚୀନ ଓ ରୁଷିଆ ମଧ୍ୟରେ ଥିବା ବେସାମରିକ ଅର୍ଥନୈତିକ ଓ ବାଣିଜ୍ୟ ବିନିମୟ ବିରୁଦ୍ଧରେ ଭିତ୍ତିହୀନ ଅଭିଯୋଗ ଆଣିଛି ଯାହାକୁ ଚୀନ ନିନ୍ଦା କରିବା ସହ ଏହା ଆମେରିକାର କପଟତା ଓ ଦାୟିତ୍ୱହୀନତାର କାର୍ଯ୍ୟ ବୋଲି ଅଭିହିତ କରିଥିଲା । ଆମେରିକାର ତାଇୱାନ ଓ ଦକ୍ଷିଣ ଚୀନ ସାଗର ନୀତିକୁ ମଧ୍ୟ ଚୀନ ନିନ୍ଦା କରିଛି ଏବଂ ୱାଶିଂଟନକୁ ଚୀନର ବିକାଶକୁ ସକାରାତ୍ମକ ଦୃଷ୍ଟିରେ ଦେଖିବାକୁ ଚୀନ ଅନୁରୋଧ କରିଛି । ଏସବୁ ସ୍ପଷ୍ଟ କରିଛି ଯେ' ଦୁଇ ଦେଶ ମଧ୍ୟରେ ଗଭୀର ମତଭେଦ ରହିଛି । ରଣନୀତିକ କ୍ଷେତ୍ର, ବିଶେଷକରି ସେମିକଣ୍ଡକ୍ଟର କ୍ଷେତ୍ରରେ ଚାଇନାର ଅଭିବୃଦ୍ଧିକୁ ସୀମିତ ରଖିବା ପାଇଁ ଆମେରିକା ରପ୍ତାନି ଉପରେ ନିୟନ୍ତ୍ରଣ ଲାଗୁକରିଛି ଏବଂ ଚୀନର ସାମଗ୍ରୀଗୁଡିକ ଉପରେ ଅଧିକ ଶୁଳ୍କ ଲାଗୁକରିଛି । ଏହାଭିତରେ ଆମେରିକା ତାଇୱାନକୁ ଏହାର ସମର୍ଥନ ଦ୍ୱିଗୁଣିତ କରିସାରିଥିବାବେଳେ ଦକ୍ଷିଣ ଚୀନ ସାଗରରେ ଚୀନର ଶତ୍ରୁ ଫିଲିପାଇନ୍ସ ସହିତ ପ୍ରତିରକ୍ଷା ସହଯୋଗକୁ ଆହୁରି ଦୃଢ କରିଛି । ଦକ୍ଷିଣ ଚୀନ ସାଗରରେ ଉତ୍ତେଜନା ପାଇଁ ବେଜିଂ ଆମେରିକାକୁ ଦାୟୀ କରିଛି ଏବଂ ତାଇୱାନକୁ ଆମେରିକାର ସମର୍ଥନକୁ ଏହାର ଆଭ୍ୟନ୍ତରୀଣ କାର୍ଯ୍ୟରେ ହସ୍ତକ୍ଷେପ ବୋଲି ଚୀନ ଅଭିଯୋଗ କରିଛି । ଏହିପରି କେତେକ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ, ଏବେ ହଠାତ ଦୁଇ ଦେଶ ମଧ୍ୟରେ ବିଶ୍ୱାସର ବାତାବରଣ ଫେରାଇ ଆଣିବା କଷ୍ଟକର ବ୍ୟାପାର ବୋଲି ମନେହେଉଛି । ଏସବୁ ପରେ ମଧ୍ୟ, ଅନେକ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ରହିଆସିଛି । ନଭେମ୍ବର ୨୦୨୩ରେ ଯେତେବେଳେ ଚୀନ ରାଷ୍ଟ୍ରପତି ଜି ଜିନପିଙ୍ଗ ଏବଂ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟରେ କାଲିଫର୍ଣ୍ଣିଆରେ ସାକ୍ଷାତ–ଆଲୋଚନା ହେଇଥିଲା, ଉଭୟପକ୍ଷ ମିଲିଟାରୀ କ୍ଷେତ୍ରରେ ଯୋଗାଯୋଗ ପୁଣି ଥରେ ଆରମ୍ଭ କରିବାକୁ, କୃତ୍ରିମ ବୁଦ୍ଧିମତାର ବିପଦକୁ ଦୂର କରିବାରେ ସହଯୋଗ କରିବାକୁ ଓ ଫେଂଟନୀଲ ଉତ୍ପାଦନକୁ ନିୟନ୍ତ୍ରଣ କରିବା ନେଇ ନିଷ୍ପତ୍ତି ନେଇଥିଲେ । ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଖାଦ୍ୟ ନିରାପତ୍ତାର ମୁକାବିଲା କରିବା ମଧ୍ୟ ସହଯୋଗର ଗୋଟିଏ କ୍ଷେତ୍ର ଭାବରେ ଆଲୋଚନାରେ ସ୍ଥାନ ପାଇଥିଲା । ଶୀତଳ ଯୁଦ୍ଧରୁ ଗୋଟିଏ ପ୍ରମୁଖ ଶିକ୍ଷା ହେଉଛି ଯଦି ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ପ୍ରତିଯୋଗିତା ବିବାଦ ଆଡକୁ ଗତିକରେ, ତେବେ ଏହା ଛାୟା ଯୁଦ୍ଧ, ଅର୍ଥନୈତିକ ଯୁଦ୍ଧ ଏବଂ କୂଟନୈତିକ ସଙ୍କଟ ମାଧ୍ୟମରେ ବିଶ୍ୱକୁ ପ୍ରଭାବିତ କରିପାରେ । ତେଣୁ ଦୁଇ ଶକ୍ତିଶାଳୀ ଦେଶ ସେମାନଙ୍କ ଇତିହାସର ପୁନରାବୃତ୍ତିରୁ ଦୂରେଇ ରହିବା ଉଚିତ । ଯଦିଓ ସେମାନେ ସେମାନଙ୍କର ଆଦର୍ଶଗତ ଏବଂ ଭୌଗଳିକ ରାଜନୈତିକ ପାର୍ଥକ୍ୟର ସମାଧାନ କରିବାରେ ସକ୍ଷମ ନୁହନ୍ତି, କିନ୍ତୁ ଗୋଟିଏ ସୀମା ମଧ୍ୟରେ ରହି ପ୍ରତିଯୋଗିତା ନ ବଢ଼ାଇବା ପାଇଁ ଉଭୟ ଯତ୍ନବାନ ହେବା ଆବଶ୍ୟକ ।

# ପ୍ଲାଷ୍ଟିକ ମୁକ୍ତ ସମାଜ!

ଆମ ଗ୍ରହକୁ ସୁରକ୍ଷା ଦେବା ଏବଂ ପ୍ଲାଷ୍ଟିକମୁକ୍ତ ଭବିଷ୍ୟତକୁ ପ୍ରତିପାଦନ କରିବା ପାଇଁ ଆମେ ବର୍ତ୍ତମାନ ପଦକ୍ଷେପ ନେବା ଆବଶ୍ୟକ । ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ସହଭାଗୀମାନଙ୍କ ସହ ସହଯୋଗ କରି, ଆମେ ସକରାତ୍ମକ ପରିବର୍ତ୍ତନ ସୃଷ୍ଟି କରିପାରିବା ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ କରିବା ପାଇଁ ଅଭିନବ ଏବଂ ସ୍ଥାୟୀ ସମାଧାନକୁ ପ୍ରୋତ୍ସାହିତ କରିପାରିବା, ଏହାହିଁ ଆମର ଲକ୍ଷ୍ୟ ହେବା ଉଚିତ । କିନ୍ତୁ ବାସ୍ତବତାରୁ ଆମେ ବହୁ ଦୂରରେ । ପ୍ଲାଷ୍ଟିକ ପ୍ରଦୂଷଣର ବିଶ୍ୱସ୍ତରୀୟ ବିପଦକୁ ଦୂର କରିବା ପାଇଁ ବିଶ୍ୱର ଦେଶ ସମୂହ ପ୍ରାୟ ୪ଟି ବୈଠକରେ ଏକାଠି ବସି ଆଲୋଚନା କରିସାରିଲେଣି, କିନ୍ତୁ ଏ ପର୍ଯ୍ୟନ୍ତ ସମାଧାନର ରାସ୍ତା ବାହାରି ପାରିନାହିଁ । ନିକଟରେ କାନାଡ଼ାର ଓଟାୱାରେ ହେଇ ଯାଇଥିବା ଚତୁର୍ଥ ବୈଠକ ଅନେକାଂଶରେ ସଫଳ ହେଇଛି ବୋଲି ଉପସ୍ଥିତ ପ୍ରତିନିଧିମାନେ ମତ ଦେଇଥିବାବେଳେ ପ୍ଲାଷ୍ଟିକ ଉତ୍ପାଦନକୁ ହ୍ରାସ କରିବା ନେଇ ଏକମତ ହେଇ ନ ପାରିବା ବାସ୍ତବିକ ଦୁଃଖର ବିଷୟ । ଏହା ଥିଲା ଚତୁର୍ଥ ବୈଠକ ଏବଂ ଯୋଜନା ଅନୁସାରେ, ଏହାର ପରବର୍ତ୍ତୀ ବୈଠକରେ ଅର୍ଥାତ୍ ପଞ୍ଚମ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହେଇଯିବା କଥା । ୨୦୨୨ ମସିହାରେ ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନପି) ଦ୍ୱାରା ଆୟୋଜିତ ବାର୍ଷିକ ସମ୍ମିଳନୀରେ ୧୭୫ଟି ଦେଶ ଦ୍ୱାରା ପ୍ଲାଷ୍ଟିକ ପ୍ରଦୂଷଣ ଚୁକ୍ତି ଗ୍ରହଣ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବୈଠକ ପରେ ବୈଠକ ଚାଲିଛି, କିନ୍ତୁ ସଠିକ୍ ସମାଧାନର ରାସ୍ତା ବାହାରି ପାରୁନାହିଁ । ଏକ ବୃତ୍ତାକାର ଅର୍ଥନୀତି ମାଧ୍ୟମରେ ପ୍ଲାଷ୍ଟିକ ପ୍ରଦୂଷଣକୁ ସମାପ୍ତ କରିବା, ପ୍ଲାଷ୍ଟିକ ଦ୍ୱାରା ଉତ୍ପାଦିତ କ୍ଷତିକାରକ ରାସାୟନିକ ପଦାର୍ଥକୁ ହ୍ରାସ କରିବା ଏବଂ ପ୍ଲାଷ୍ଟିକ ଦ୍ରବ୍ୟର ପୁନଃବ୍ୟବହାରକୁ ସହଜ କରିବା ଉପରେ ଧ୍ୟାନ ଦେବା ସହ ଓଟାୱା ବୈଠକ ସମାପ୍ତ ହୋଇଥିଲା । ଅନ୍ୟପକ୍ଷରେ, ପ୍ଲାଷ୍ଟିକ୍ ଉତ୍ପାଦନକୁ ସୀମିତ ରଖିବା ପାଇଁ ଏକ ବାଧ୍ୟତାମୂଳକ ପ୍ରତିବଦ୍ଧତା ଉପରେ କାର୍ଯ୍ୟ କରାଯିବ କି ନାହିଁ ସେନେଇ ଏବେ ମଧ୍ୟ ମତ ପାର୍ଥକ୍ୟ ରହିଛି । ଜୀବାଶ୍ମ ଇନ୍ଧନ ଏବଂ ରାସାୟନିକ ପଦାର୍ଥରୁ ନିର୍ମିତ ପ୍ଲାଷ୍ଟିକର ଉତ୍ପାଦନ ଗତ ଦୁଇ ଦଶନ୍ଧିରେ ଦ୍ୱିଗୁଣିତ ହୋଇଛି, ୨୦୦୦ ରେ ୨୦୦ ନିୟୁତ ଟନରୁ ୨୦୧୯ ରେ ୪୦୦ ନିୟୁତ ଟନ୍‌ରେ ପହଞ୍ଚିଛି । ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନପି) ଅନୁଯାୟୀ ପ୍ରତିଦିନ ପ୍ଲାଷ୍ଟିକରେ ପରିପୂର୍ଣ୍ଣ ୨,୦୦୦ ଅଳିଆ ଟ୍ରକ ସମୁଦ୍ର, ନଦୀ ଓ ହ୍ରଦରେ ପକାଯାଏ । ୟୁଏନପି ଅନୁଯାୟୀ, ପ୍ଲାଷ୍ଟିକ ପ୍ରଦୂଷଣ ପଶୁ ଓ ଉଦ୍ଭିଦର ପ୍ରାକୃତିକ ଆବାସକୁ ବଦଳାଇପାରେ, ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବା ପାଇଁ ଇକୋସିଷ୍ଟମର କ୍ଷମତାକୁ ହ୍ରାସ କରି ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ଏବଂ ଖାଦ୍ୟ ଉତ୍ପାଦନ କ୍ଷମତାକୁ ସିଧାସଳଖ ପ୍ରଭାବିତ କରିପାରେ । କେତେକ ଅଧ୍ୟୟନରୁ ଜଣାପଡିଛି ଯେ ମାଇକ୍ରୋପ୍ଲାଷ୍ଟିକ ମାନବ ଶରୀରରେ କୋଷଗୁଡ଼ିକୁ ଯଥେଷ୍ଟ କ୍ଷତି ପହଞ୍ଚାଇଥାଏ, ଯାହା କର୍କଟ, ଫୁସଫୁସ ରୋଗ ଏବଂ ଜନ୍ମଗତ ତ୍ରୁଟି ସମେତ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ । ଏ ସବୁ ପାଇଁ ଆମର ନିଘା ନାହିଁ, କାରଣ ହୁଏତ ପ୍ଲାଷ୍ଟିକ ବିନା ଆମେ ଚାଲିପାରିବା ନାହିଁ । ଅନ୍ୟପକ୍ଷରେ, ଏହା କେତେକ ଦେଶର ଅର୍ଥନୀତି ସହିତ ଏପରି ଭାବରେ ଜଡିତ ଯେ' ଏହାର ହ୍ରାସ କରିବା ଦ୍ୱାରା, ସେ ସବୁ ଦେଶର ଅର୍ଥନୀତି ପ୍ରଭାବିତ ହେବ । ତେଣୁ ତୈଳ ଓ ରାସାୟନିକ ଉତ୍ପାଦନକାରୀ ରାଷ୍ଟ୍ର ସମୂହର ଜିଦ ଆଗରେ ଏହି ବୈଠକର ଲକ୍ଷ୍ୟ ବାରମ୍ବାର ପରାସ୍ତ ହେଇଚାଲିଛି । ଉତ୍ପାଦନ ହ୍ରାସ ନେଇ ସେମାନେ ରାଜି ହେଉନାହାନ୍ତି, ବରଂ ବର୍ଜ୍ୟବସ୍ତୁ ପରିଚାଳନା, ପୁନଃ ବ୍ୟବହାରଯୋଗ୍ୟ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ପ୍ରଶ୍ନ ଉଠୁଛି, ପ୍ଲାଷ୍ଟିକକୁ ନେଇ ପରିସ୍ଥିତି ଯେପରି ଭାବରେ ଭୟାନକ ହେବାରେ ଲାଗିଛି, ତାର ସମାଧାନ ଜରୁରୀ । କେଉଁ ରାସ୍ତାରେ ଆମେ ପ୍ଲାଷ୍ଟିକ ଦ୍ୱାରା ସୃଷ୍ଟ ପ୍ରଦୂଷଣକୁ ରୋକି ପାରିବା, ତାହା ସମସ୍ତଙ୍କ ପାଇଁ ବଡ ପ୍ରଶ୍ନ ଏବଂ ସେ କ୍ଷେତ୍ରରେ ଆମେ କାର୍ଯ୍ୟ କରିବା ଉଚିତ । ଯଦି ଉତ୍ପାଦନ ହ୍ରାସ ନ କରି, ପ୍ଲାଷ୍ଟିକକୁ ବିଷାକ୍ତ ରାସାୟନିକ ପଦାର୍ଥରୁ ମୁକ୍ତ କରିପାରିବା ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସୁପରିଚାଳନା କରିପାରିବା, ତାହେଲେ ମଧ୍ୟ ଆମେ ଆମେ ଆମ ଲକ୍ଷ୍ୟରେ ଅନେକାଂଶରେ ସଫଳ ହେବା । ପୂର୍ବରୁ ହେଇଯାଇଥିବା ତିନୋଟି ବୈଠକରେ ସେପରି କିଛି ଅଗ୍ରଗତି ହେଇ ନଥିବା ବେଳେ, ଚତୁର୍ଥ ବୈଠକ କିଛି ପରିମାଣରେ ସମାଧାନ ପାଇଁ ଆଶା ସୃଷ୍ଟି କରିଛି । ଦକ୍ଷିଣ କୋରିଆରେ ହେବାକୁ ଥିବା ବୈଠକ ପୂର୍ବରୁ ସବିଶେଷ ତଥ୍ୟ ଉପରେ କାର୍ଯ୍ୟ କରିବାକୁ ରାଷ୍ଟ୍ରମାନେ ସହମତ ହେଇଛନ୍ତି । କ୍ଷତିକାରକ ଏବଂ ଏଡ଼ାଇବା ଯୋଗ୍ୟ ପ୍ଲାଷ୍ଟିକ୍ ଉତ୍ପାଦ ଏବଂ ରାସାୟନିକ ପଦାର୍ଥକୁ ସୀମିତ ରଖିବା, ପୁନଃ ବ୍ୟବହାରକୁ ସହଜ କରିବା ପାଇଁ ଉତ୍ପାଦଗୁଡିକର ଡିଜାଇନ କରିବା ଏବଂ ଚୂଡ଼ାନ୍ତ ଚୁକ୍ତି ପାଇଁ ଅର୍ଥ ଯୋଜନା ପ୍ରସ୍ତୁତ କରିବା ଉପରେ ସମସ୍ତେ ଆଲୋଚନା କରିଥିଲେ । ଜାତିସଂଘର ପରିବେଶ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଙ୍ଗର୍ ଆଣ୍ଡର୍ସେନ୍ କହିଛନ୍ତି ଯେ' ଓଟାୱା ବୈଠକ ପରେ ପ୍ଲାଷ୍ଟିକ ସମ୍ପର୍କିତ ଚୁକ୍ତି ନେଇ ସେ ଖୁବ୍ ଆଶାବାଦୀ ଅଛନ୍ତି ଏବଂ ଏହି ବୈଠକ ଚୁକ୍ତିନାମାର ରାସ୍ତାକୁ ସ୍ପଷ୍ଟ କରିଛି । ନଭେମ୍ବରରେ ଅନ୍ତିମ ରାଉଣ୍ଡ ଆଲୋଚନା ପାଇଁ ଅନେକ କିଛି ପ୍ରଶ୍ନ ଏବେ ମଧ୍ୟ ଅସମାହିତ ହେଇ ରହିଛି । ଉତ୍ପାଦନ ଏବଂ ବ୍ୟବହାର ହ୍ରାସ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା କି ନାହିଁ, ତାହା ସବୁଠାରୁ ବଡ ପ୍ରଶ୍ନ । ପ୍ଲାଷ୍ଟିକ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହେବା ହୁଏତ ସମ୍ଭବ ହେବନାହିଁ, କିନ୍ତୁ ଦେଶସମୂହ ନିଜର ସ୍ୱାର୍ଥରୁ ଦୂରେଇ ଯାଇ, ପ୍ଲାଷ୍ଟିକ ଉତ୍ପାଦନକୁ କିପରି ଏବଂ କେତେ ପରିମାଣରେ ସୀମିତ ରଖାଯିବ ଓ ପ୍ଲାଷ୍ଟିକ ଉତ୍ପାଦ କିପରି କ୍ଷତିକାରକ ନ ହେବ, ସେ ଦିଗରେ ଚିନ୍ତା କରିବା ଉଚିତ ଏବଂ ଏକମତ ହେବା ଉଚିତ ।

# ବିବାହର ଭିନ୍ନ ଭିନ୍ନ ସ୍ୱରୂପ

**ପ୍ରେମାନନ୍ଦ ପାଣିଗ୍ରାହୀ**

ପ୍ରାଚୀନ କାଳରେ ମୁନିଋଷିମାନେ ମଣିଷ ଜୀବନକୁ ପବିତ୍ରମୟ ଏବଂ ମର୍ଯ୍ୟାଦାସମ୍ପନ୍ନ କରିବା ପାଇଁ ସଂସ୍କାର ନୀତି ପ୍ରବର୍ତ୍ତନ କରିଥିଲେ । ଏକ ଉତ୍ତମ ଓ ସଭ୍ୟ ସମାଜ ପାଇଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ । ମହର୍ଷି ବ୍ୟାସଦେବ ତାଙ୍କ ସ୍ମୃତି ଶାସ୍ତ୍ରରେ ସମସ୍ତ ମନୁଷ୍ୟଙ୍କୁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପବିତ୍ର ଷୋହଳ ସଂସ୍କାର ଦେଇ ଜୀବନ ବିତାଇବାକୁ ପରାମର୍ଶ ଦେଇଛନ୍ତି । ଶାସ୍ତ୍ର ଅନୁସାରେ ଷୋହଳ ସଂସ୍କାର ମଧ୍ୟରୁ ବିବାହ ଏକ ସଂସ୍କାର । ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ପାଇଁ ନାରୀ ଓ ପୁରୁଷ ମଧ୍ୟରେ ବନ୍ଧନ ଲୋଡା ବୋଲି ଶାସ୍ତ୍ର କହେ । ସେହି ପବିତ୍ର ବନ୍ଧନ ପାଇଁ ଅନୁସୃତ ବିଧାନକୁ କୁହାଯାଏ ବିବାହ । ବିବାହ ଦୁଇଟି ହୃଦୟର ମିଳନ । ହିନ୍ଦୁ ଧର୍ମରେ ପରିବାର ନିର୍ମାଣର ଗୁରୁ ଦାୟିତ୍ୱ ନିଭାଇବା ପାଇଁ ଯୋଗ୍ୟ ଶାରୀରିକ,ମାନସିକ ପରିପକ୍ୱତା ଆସିଥିବା ଯୁବକ–ଯୁବତୀଙ୍କୁ ବିବାହ ସଂସ୍କାର କରାଯାଇଥାଏ । ଏଥିରେ ବର ଓ କନ୍ୟା ସାରା ଜୀବନ ଏକାଠି ରହିବାର ଅଙ୍ଗୀକାରବଦ୍ଧତା ଥାଏ । ଏକ ହୋଇ ରହି ଧର୍ମ ପାଳନ କରିବାକୁ ସଂକଳ୍ପ ନେଇଥାନ୍ତି । ଭାରତୀୟ ସଂସ୍କୃତି ଅନୁସାରେ ବିବାହ କେବଳ ଶାରୀରିକ ଓ ସାମାଜିକ ଅନୁବନ୍ଧନ ନୁହେଁ ବରଂ ଏହା ଦାମ୍ପତ୍ୟ ଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନା ମଧ୍ୟ । ଏଣୁ ବିବାହ ସଂସ୍କାରକୁ ସର୍ବାଧିକ ମହତ୍ୱପୂର୍ଣ୍ଣ ସଂସ୍କାର କୁହାଯାଏ । ପୌଷ ମାସକୁ ବାଦ ଦେଲେ ମାର୍ଗଶୀରରୁ ଜ୍ୟେଷ୍ଠ ମାସ ମଧ୍ୟରେ ଅଧିକ ବିବାହ ହୁଏ ।

ଭାରତୀୟ ସଂସ୍କୃତି ଅନୁସାରେ ବିବାହ ଏକ ଧାର୍ମିକ ବିଧାନ । ଦୁଇଟି ଭିନ୍ନ ମଣିଷ ଏକାଠି ଗୋଟିଏ ଛାତ ତଳେ ସାରା ଜୀବନ ପରସ୍ପର ସହିତ ବଞ୍ଚିବାର ସାମାଜିକ ସ୍ୱୀକୃତି ହେଉଛି ବିବାହ । ବିବାହ ଦୁଇଟି ହୃଦୟର ମିଳନ । ଦୁଇ ମନ,ପ୍ରାଣ ହୁଏ ଏକାକାର । ପରସ୍ପରର ସୁଖଦୁଃଖରେ ଭାଗୀଦାର ହେବାର ପ୍ରତିଶ୍ରୁତି । ପବିତ୍ର ବିବାହ ବନ୍ଧନ ସ୍ୱର୍ଗରେ ସ୍ଥିର ହୋଇଥାଏ ବୋଲି ପ୍ରତ୍ୟେକ ଧର୍ମର ଲୋକ ବିଶ୍ୱାସ କରିଥାନ୍ତି । ପ୍ରାଚୀନ ଭାରତରେ ପୁରୁଷ ଏବଂ ମହିଳାଙ୍କ ଜୀବନର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ପୂରଣ ପାଇଁ ବିବାହ ଆବଶ୍ୟକ ବୋଲି ବିବେଚନା କରାଯାଉଥିଲା । ମଣିଷ ଜୀବନର ଚାରୋଟି ଦିଗ ଯଥା ଧର୍ମ,ଅର୍ଥ,କାମ,ମୋକ୍ଷ । ବିବାହ ବିନା ମୋକ୍ଷ ହାସଲ କରାଯାଇ ପାରିବ ନାହିଁ ବୋଲି ବିଶ୍ୱାସ କରାଯାଉଥିଲା । ଏହା ଏପରି ଏକ ସମ୍ପର୍କ ଯାହା କେବଳ ଗୋଟିଏ ଜୀବନରେ ସୀମିତ ନୁହେଁ,ବରଂ ଏହି ସମ୍ପର୍କ ଜନ୍ମଜନ୍ମର ବୋଲି ଆମେ ବିଶ୍ୱାସ କରୁ । ବ୍ରାହ୍ମଣଙ୍କ ପବିତ୍ର ମନ୍ତ୍ରପାଠରେ ହୋମ ଅଗ୍ନି ଚାରି ପାଖରେ ସାତ ଥର ପ୍ରଦକ୍ଷିଣ କରି ସାତ ଜନ୍ମ ପାଇଁ ଯୋଡି ହୋଇଯାଏ ସମ୍ପର୍କ । କେବଳ ଶରୀର ନୁହେଁ,ମନ ଏବଂ ପ୍ରାଣର ମିଳନ,ବଂଶ ବଢାଇବା ଏବଂ ପ୍ରତିପୋଷଣ କରିବା ଏବଂ ଆମର ପୂର୍ବଜଙ୍କ ଋଣ ପରିଶୋଧ କରିବା ଏହାର ଲକ୍ଷ୍ୟ । ଏହି ବିଶ୍ୱାସ ସ୍ୱାମୀ–ସ୍ତ୍ରୀ ସମ୍ପର୍କକୁ ଅତୁଟ ରଖେ । ବିବାହରେ କେବଳ ଦୁଇଟି ଆତ୍ମାର ମିଳନ ହୁଏନି ଦୁଇଟି ପରିବାର ବନ୍ଧୁ ସୂତ୍ରରେ ବାନ୍ଧି ହୋଇଯାଆନ୍ତି । ପୁଣି ଏହି ବନ୍ଧୁତ୍ୱ ଡୋରିରେ ଛନ୍ଦି ହୋଇଯାଆନ୍ତି ଦୁଇ ପକ୍ଷର ଅନେକ ବନ୍ଧୁବାନ୍ଧବ । ଚାଣକ୍ୟଙ୍କ ନୀତି ଶାସ୍ତ୍ରରେ ଆଠ ପ୍ରକାର ବିବାହ ରହିଛି । ଯଥା–ବ୍ରହ୍ମ ବିବାହ,ଦୈବ ବିବାହ,ଆର୍ଶ ବିବାହ,ପ୍ରଜାପତି ବିବାହ,ଗାନ୍ଧର୍ବ ବିବାହ,ରାକ୍ଷସ ବିବାହ,ଅସୁର ବିବାହ ଓ ପିଶାଚ ବିବାହ । ଶାସ୍ତ୍ର ଅନୁଯାୟୀ ବିବାହକୁ ବ୍ରହ୍ମ ବିବାହ କୁହାଯାଏ । କନ୍ୟାକୁ ଜଣେ ପୁରୋହିତ ସହ ବିବାହ ଦେଲେ ତାକୁ ଦୈବ ବିବାହ କୁହାଯାଏ । ବର ପକ୍ଷରୁ କିଛି ଗାଈ ଗ୍ରହଣ କରି କନ୍ୟା ଦାନ ଦେଲେ ତାକୁ ଆର୍ଶ ବିବାହ କୁହାଯାଏ ।

ବର ଓ କନ୍ୟା ପବିତ୍ର ମନରେ ବିବାହ କଲେ ତାକୁ ପ୍ରଜାପତି ବିବାହ କୁହାଯାଏ । ପୁଅ ଓ ଝିଅ ପରସ୍ପରକୁ ଭଲ ପାଇ ବିବାହ କଲେ ତାକୁ ଗାନ୍ଧର୍ବ ବିବାହ କୁହାଯାଏ । ବର ପାତ୍ର ଠାରୁ କିଛି ଧନସମ୍ପତ୍ତି ଆଣି କନ୍ୟା ଦାନ କଲେ ତାକୁ ଅସୁର ବିବାହ କୁହାଯାଏ । କନ୍ୟାକୁ ଅପହରଣ କରି ବିବାହ କଲେ ତାକୁ ରାକ୍ଷସ ବିବାହ କୁହାଯାଏ । କନ୍ୟା ନିଦ୍ରା ବା ନିଶାସକ୍ତ ଥିବା ସମୟରେ ବିବାହ କଲେ ତାକୁ ପିଶାଚ ବିବାହ କୁହାଯାଏ । ହିନ୍ଦୁ ବିବାହ ଶାସ୍ତ୍ରରେ ପ୍ରଜାପତ୍ୟ ବିବାହକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି । ପୂର୍ବ ସମୟର ବିବାହ ଆଉ ବର୍ତ୍ତମାନର ବିବାହ ଭିତରେ ବହୁ ପରିବର୍ତ୍ତନ ଆସିଯାଇଛି । ଆଧୁନିକ ଯୁଗରେ ସବୁଥିରେ ରହିଛି ଆଧୁନିକତାର ସ୍ପର୍ଶ । ତେଣୁ ବିବାହ ଉତ୍ସବରୁ ଏହା କିପରି ଦୂରେଇ ଯିବ ! ରିଙ୍ଗ ସେରିମନି ଠାରୁ ଆରମ୍ଭ କରି ମେହେନ୍ଦି ସେରିମନି,ବାରାତ ପାର୍ଟି ସବୁକିଛି ବେଶ୍ ଚାକଚକ୍ୟରେ ହେଉଛି । ବିବାହକୁ ସ୍ମରଣୀୟ କରିବା ପାଇଁ କିଏ କେତେ ପ୍ରକାର ଯୋଜନା କରିଥାନ୍ତି । କିଛି ବାହାଘର ଏମିତି ଜାକଜମକରେ ହୋଇଥାଏ ଯେ ବହୁଦିନଯାଏ ଭୁଲି ବି ହୁଏନି । ଏଭଳି ଏକ ଶୁଭ କାର୍ଯ୍ୟ କରିବା ବେଳେ ବହୁ ସାବଧନତା ଗ୍ରହଣ କରାଯାଏ । ଶୁଭ ଅନୁକୂଳ,ଶୁଭ ପୋଷାକ,ଶୁଭ ରଙ୍ଗ ଆଦି ବିଭିନ୍ନ ଜିନିଷକୁ ଦୃଷ୍ଟିରେ ରଖି ବିବାହ ସମ୍ପନ୍ନ କରାଯାଏ । ବିବାହରେ କନ୍ୟାର ସାଜସଜ୍ଜା ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ହୋଇଥାଏ । ଯାହା ସଂସ୍କୃତି ଏବଂ ପରମ୍ପରାର ଏକ ଆଇନା । ଏବେ ମେହେନ୍ଦି ପାର୍ଟିକୁ ବେଶୀ ପ୍ରାଧାନ୍ୟ ଦିଆଯାଉଛି । କୁହାଯାଏ ମେହେନ୍ଦିର ରଙ୍ଗ ଯେତେ ଗାଢ ହେବ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଭଲ ପାଇବା ସେତେ ଗଭୀର ହେବ । ହିନ୍ଦୁ କନ୍ୟାମାନେ ବାହାଘର ସମୟରେ ହଳଦିଆ ରଙ୍ଗର ଲାଲ୍ ଧଡି ବାଲା ଶାଢି ପିନ୍ଧିଥାନ୍ତି । ଏହାକୁ ବଉଳ ପାଟ କୁହାଯାଏ । କେତେକ ସ୍ଥାନରେ ଏହି ଶାଢୀର ରଙ୍ଗ ଧଳା ଏବଂ ଲାଲ୍ ମିଶା ହୋଇଥାଏ । ବାହାଘର ପରେ ଏହି ବଉଳ ପାଟକୁ ବଦଳି ଶାଶୁଘରକୁ ନବବଧୂ ଯାଏ । ଏହା ସହିତ ସେ ମଥାରେ ଲାଲ୍ ଓଢଣା ବ୍ୟବହାର କରିଥାଏ । ଚନ୍ଦନ ଓ କୁଙ୍କୁମ ସାହାଯ୍ୟରେ ସଜାଇ ହୋଇଥାଏ । ହାତରେ କାଚ ଏବଂ ଲାଖର ଚୁଡି ପିନ୍ଧିଥାଏ । ବାହାଘର ସମୟରେ ମୁଣ୍ଡରେ ନୋଳ ମୁକୁଟ ପିନ୍ଧିଥାଏ । ମଙ୍ଗଳ, ବରାନୁଗମନ, ହୋମ, ପାଣିଗ୍ରହଣ ସହିତ ହିନ୍ଦୁ ବାହାଘର ସମ୍ପନ୍ନ ହୁଏ । ମୁସଲିମ କନ୍ୟା ବାହାଘର ବେଳେ ଲେହେଙ୍ଗା ବା ଶରାରା ଅଥବା ଶାଢୀ ପିନ୍ଧିଥାନ୍ତି । ଏସବୁ ପୋଷାକର ରଙ୍ଗ ଚେରି ରେଡ୍ ହୋଇଥାଏ । ମୁଣ୍ଡକୁ ଓଢଣୀ ଦ୍ୱାରା ଢାଙ୍କିବା ସେମାନଙ୍କର ପରମ୍ପରା । ଏହି ଓଢଣୀ ଦ୍ୱାରା କେବଳ ତାଙ୍କ ମଥା ନୁହେଁ,ତାଙ୍କର କାନ୍ଧ,ବେକ ଘୋଡାଇ ହୋଇ ରହିଥାଏ ତାସହିତ ମଥାମଣି,ହାତଫୁଲ,ନୋଥ ବ୍ୟବହାର କରନ୍ତି । ନିକାହ, ରୁଖ୍‌ସତି ପ୍ରଥା ସହିତ ବିବାହ ସମାରୋହ କମ୍ ସମୟ ମଧ୍ୟରେ ସମ୍ପନ୍ନ ହୁଏ । ଖ୍ରୀଷ୍ଟିଆନ୍ କନ୍ୟାମାନେ ବିବାହ ବେଳେ ଧଳା ରଙ୍ଗର ଗାଉନ୍ ପରିଧାନ କରିଥାନ୍ତି । ଏହି ଗାଉନ୍‌ରେ ମୁଣ୍ଡରେ ଓଢଣୀ ଦେବାର ବ୍ୟବସ୍ଥା ଥିବାବେଳେ ଏହା ନେଟ୍ କପଡାରେ ପ୍ରସ୍ତୁତ ହୋଇଥାଏ । ହାତରେ ଏକ ଫୁଲ ତୋଡା ଧରିବା ଖ୍ରୀଷ୍ଟିଆନ୍ କନ୍ୟାମାନଙ୍କର ବ୍ରାଇଡାଲ୍ ପୋଷାକର ମୁଖ୍ୟ ଅଙ୍ଗ । ଭାରତରେ ଖ୍ରୀଷ୍ଟିଆନ୍ କନ୍ୟାମାନେ ଗାଉନ୍ ପରିବର୍ତ୍ତେ ଧଳା ଶାଢୀ ବି ପିନ୍ଧିଥାନ୍ତି । କେଶକୁ ଫୁଲରେ ସଜାଇଥାନ୍ତି । ଚର୍ଚ୍ଚରେ ପାଦ୍ରି ବାଇବେଲ୍ ପଢି ବିବାହ ସମ୍ପନ୍ନ କରିବା ସହିତ ବିବାହ ରେଜିଷ୍ଟରରେ ଦସ୍ତଖତ କରାଇଥାନ୍ତି । ବୌଦ୍ଧ ଧର୍ମାବଲମ୍ବୀଙ୍କ ବିବାହରେ ବର–କନ୍ୟା ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶପଥ ନେଇ ସାତ ଜନ୍ମ ପାଇଁ ବାନ୍ଧି ହୋଇଥାନ୍ତି । ବିବାହ ଆଜି କେବଳ ଘରେ କି ମନ୍ଦିରରେ ଅନୁଷ୍ଠିତ ହେଉନାହିଁ ବରଂ ମଣିଷର ପସନ୍ଦ ମୁତାବକ ସ୍ଥାନରେ ଏହା ଅନୁଷ୍ଠିତ ହେଉଛି । ପୂର୍ବ ସାଜସଜ୍ଜା ଅପେକ୍ଷା ବର୍ତ୍ତମାନର ସାଜସଜ୍ଜାରେ ବହୁ ପରିବର୍ତ୍ତନ ଆସିଛି । ବିଭିନ୍ନ ଫ୍ଲୋରାଲ୍ ଡିଜାଇନରଙ୍କୁ ଦାୟିତ୍ୱ ଦିଆଯାଇ ବିବାହ ଉତ୍ସବକୁ ଖୁବ୍ ସୁନ୍ଦର ଫୁଲରେ ସଜାଯାଉଛି ।

ବିବାହ ପୂର୍ବରୁ ଏବେ ଏନଗେଜମେଣ୍ଟ ସେରିମନି ପାଳନ କରାଯାଉଛି । ପୂର୍ବେ ଏନଗେଜମେଣ୍ଟ ସେରିମନି କନ୍ୟାର ଘରେ କିମ୍ବା କୌଣସି ମନ୍ଦିରରେ ପାଳନ କରାଯାଉଥିବା ବେଳେ ଏବେ ଧନାଢ୍ୟ ଲୋକମାନେ ପାଳନ କରୁଛନ୍ତି ପଞ୍ଚତାରକା ହୋଟେଲ ବା ଫାର୍ମ ହାଉସ୍‌ରେ । ଏହା ବିବାହ ଉତ୍ସବର ଆରମ୍ଭ । ଦୁଇଟି ସମ୍ପର୍କର ମୂଳଦୁଆ ପକାଇଥାଏ ଏହି ଏନଗେଜମେଣ୍ଟ ସେରିମନି । ଏହାକୁ ଅନ୍ୟ ଅର୍ଥରେ କୁହାଯାଏ ରିଙ୍ଗ ସେରିମନି । ରିଙ୍ଗ ସେରିମନିରେ ଉଭୟ ବରକନ୍ୟା ମୁଦି ଅଦଳବଦଳ କରିଥାନ୍ତି । ସ୍ୱାମୀ ସ୍ତ୍ରୀଠାରୁ ଯେତେ ଦୂରରେ ରହିଥିଲେ ବି ସେଇ ମୁଦି ହିଁ ସନ୍ତକ ସାଜି ସେମାନଙ୍କୁ ଏକାଠି କରାଇଥାଏ । ରିଙ୍ଗ ସେରିମନିରେ ହିଁ ବିବାହ ତାରିଖ ଧାର୍ଯ୍ୟ କରାଯାଇଥାଏ । ବିବାହର ଦିନକ ପୂର୍ବରୁ ମଙ୍ଗଳ କାର୍ଯ୍ୟ କରାଯାଇଥାଏ । ଏଥିରେ କନ୍ୟାକୁ ହଳଦି ଲଗାଇ ଦିଆଯାଏ । ଏବେ ଏହାକୁ ଅନେକ ସ୍ଥାନରେ ମେହେନ୍ଦି ସେରିମନି ଭାବରେ ପାଳନ କରାଯାଉଛି । କନ୍ୟା ଓ ତାର ସାଙ୍ଗସାଥୀ ଏବଂ ପରିବାର ଏହି ପାର୍ଟିକୁ ବେଶ୍ ଉପଭୋଗ କରୁଛନ୍ତି ।

ବିବାହ ଉତ୍ସବ ଦିନ ପ୍ରଥମ କାର୍ଯ୍ୟ ହୋଇଥାଏ ଦିଅଁ ମଙ୍ଗୁଳା । ବରକନ୍ୟାଙ୍କ ଶୁଭ ମନାସୀ ଗ୍ରାମଦେବତୀଙ୍କ ପାଖରେ କନ୍ୟାର ଶଙ୍ଖା,ସିନ୍ଦୁର,ଗହଣା ପୂଜା କରାଯାଏ । ଗାଁମୁଣ୍ଡରେ ବର ପହଞ୍ଚିବା ପରେ କନ୍ୟାକୁ ବାଡୁଅ ପାଣିରେ ଗାଧୋଇ ଦିଆଯାଏ । ବରର ପରିବାର ସଦସ୍ୟ,ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବ ରୋଷଣି କରି କନ୍ୟା ଘରକୁ ଆସିଥାନ୍ତି ଏହାକୁ କୁହାଯାଏ ବାରାତ୍ ବା ବରଯାତ୍ରୀ ରୋଷଣି । ବରଯାତ୍ରୀମାନଙ୍କୁ କନ୍ୟା ଘରର ଲୋକ ବେଶ୍ ସମ୍ମାନ ଦେଇଥାନ୍ତି । ପୂର୍ବେ ବରମାନେ କିଏ ପାଲିଙ୍କି ତ କିଏ ଧଳା ଘୋଡାରେ ବସି ବେଶ୍ ସାଜସଜ୍ଜାରେ କନ୍ୟା ଘରକୁ ଆସୁଥିଲେ । ବର୍ତ୍ତମାନ ବର ଫୁଲରେ ସଜା ହୋଇଥିବା ଗାଡି ଅଥବା ଲାଇଟରେ ସଜା ହୋଇଥିବା ଗାଡିରେ ଆସୁଛନ୍ତି । ଏବେ ପୁଣି ମଡର୍ଣ୍ଣ ପାଲିଙ୍କି ଗାଡି ବା ସବାରୀରେ ବର ହୋଇଯିବାକୁ ଯୁବକମାନେ ପସନ୍ଦ କରୁଛନ୍ତି । ଆଧୁନିକ ପ୍ରଯୁକ୍ତି ବିଦ୍ୟା ଧୀରେ ଧୀରେ ବଦଳାଇ ଦେଉଛି ବିବାହର ପରିଭାଷାକୁ । ଇଣ୍ଟରନେଟ୍ ଜରିଆରେ ସାରା ଦୁନିଆ ହୋଇଯାଇଛି ଗୋଟିଏ ବଡ ଗାଁ । ଇଣ୍ଟରନେଟ୍ ଜରିଆରେ ଯୋଗ୍ୟ ପାତ୍ରପାତ୍ରୀ ଯୋଡୁଛନ୍ତି ସମ୍ପର୍କର ସେତୁ ଆଉ ସୁଇଚ୍ ଚିପିଲେ ହାତପାହାନ୍ତାରେ ମିଳିଯାଉଛି ବିବାହର ସବୁ ଉପକରଣ । ବିବାହର ସଂଜ୍ଞା ବଦଳି ଗଲେ ବି ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ସ୍ମରଣୀୟ କରିବାକୁ ସମସ୍ତେ ଚେଷ୍ଟା କରିଥାନ୍ତି ।

**ଭୁଷଳ,ଭୁବନ,ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**

# ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁ

**ଦଶରଥ ହେମ୍ବ୍ରମ୍**

ଭାରତରେ ସାନ୍ତାଳୀ ଭାଷା ଏବଂ ସାନ୍ତାଳ ରାଜ୍ୟ ପ୍ରତିଷ୍ଠା କରିବା ପାଇଁ ସାନ୍ତାଳ ସମ୍ପ୍ରଦାୟର ଅନେକ ସମୟ ଧରି ଦେଶର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ପୂର୍ବରୁ କିମ୍ବା ପରେ ସାନ୍ତାଳ ଆନ୍ଦୋଳନର ଦୃଶ୍ୟ ଇତିହାସ ରହିଛି । ଜନ୍ମ ମାଟିରେ ବିଦେଶୀ ଶାସନ ହଟେଇ ସ୍ୱ–ଶାସନ ଆଣିବା ପାଇଁ ଅନେକ ସାନ୍ତାଳ ସଂଗ୍ରାମୀ ଇଂରେଜ ବିରୋଧରେ ଲଢେଇ କରି ସହିଦ ହୋଇଛନ୍ତି । ସେହିଭଳି ସାନ୍ତାଳ ଜାତିରେ ଜନ୍ମିତ ଅନେକ ଗୁରୁ ଏବଂ ଭାଷାପ୍ରେମୀ ମଧ୍ୟ ସାନ୍ତାଳୀ ଭାଷାକୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଥିଲେ। । କିନ୍ତୁ ସାନ୍ତାଳୀ ଲିପି ନଥିବାରୁ ସେମାନେ କୌଣସି ପୁସ୍ତକ ଲେଖିବାର ସୁଯୋଗ ହାତଛଡ଼ା କରିଦେଇଥିଲେ । ଇଂରେଜ ଶାସନ ଭାରତରେ ଚାଲିଥିବାବେଳେ ବିଦେଶୀ ଭାଷାବିତ୍‌ମାନେ ଭାରତକୁ ଆସି ସାନ୍ତାଳୀ ଭାଷା ଶିଖି ଅନେକ ଗବେଷଣାତ୍ମକ ସାନ୍ତାଳୀ ପୁସ୍ତକ ରୋମାନ ଏବଂ ବଙ୍ଗାଳୀ ଭାଷାରେ ଲେଖି ଯାଇଛନ୍ତି । ୧୯୪୭ରେ ଦେଶ ସ୍ୱାଧୀନତା ପାଇଲା ପରେ ଭାଷାଭିତ୍ତିରେ ରାଜ୍ୟଗୁଡିକ ସ୍ଥାପିତ ହେବାକୁ ଲାଗିଲା କିନ୍ତୁ ସାନ୍ତାଳମାନଙ୍କୁ ଏଥିରୁ ଉପେକ୍ଷା କରାଗଲା । କିନ୍ତୁ ଏନେଇ ସାନ୍ତାଳ ଲୋକମାନେ ଜାନୁଆରୀ ୧, ୧୯୪୮ ଏବଂ ଫେବୃଆରୀ ୬, ୧୯୪୯ରେ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାରେ ପଛାଇ ନଥିଲେ । ତେବେ ଅନେକ ସାନ୍ତାଳ ସଂଗ୍ରାମୀ ସହିଦ ହେଇଥିଲେ। । ସାନ୍ତାଳ ଲୋକମାନେ ହାର ନମାନି ସାନ୍ତାଳ ରାଜ୍ୟ ଏବଂ ଭାଷା ପାଇଁ ଆନ୍ଦୋଳନ ଜାରି ରଖିଥିଲେ। ନଭେମ୍ବର ୧୫, ୨୦୦୦ରେ ଝାଡ଼ଖଣ୍ଡ ରାଜ୍ୟ ଗଠିତ ହେଲାପରେ ପରେ ଡିସେମ୍ବର ୨୨, ୨୦୦୩ରେ ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରି ଆନ୍ଦୋଳନର ଅନ୍ତ ଘଟିଥିଲା ସତ, କିନ୍ତୁ ଝାଡ଼ଖଣ୍ଡ ରାଜ୍ୟରେ ସାନ୍ତାଳୀ ଭାଷା ପ୍ରଥମ ରାଜ୍ୟଭାଷା ଭାବେ ଆଜି ପର୍ଯ୍ୟନ୍ତ ସ୍ୱୀକୃତି ପାଇପାରିଲା ନାହିଁ । ସାନ୍ତାଳୀ ଭାଷାକୁ ଉନ୍ନତ ଏବଂ ସୁରକ୍ଷିତ ରଖିବା ପାଇଁ ୧୯୨୫ରେ ପଣ୍ଡିତ ରଘୁନାଥ ମୁର୍ମୁ 'ଅଲଚିକି' ଲିପି ଆବିଷ୍କାର କରି ଅଲଚିକି ଲିପିରେ ବହି ଛାପିବାକୁ ଆରମ୍ଭ କରିଥିଲେ । ଏ ନେଇ ଜନଜାଗରଣ କରିବା ପାଇଁ ଅନେକ ସଂଗଠନ ସହିତ ଜଡ଼ିତ ହେଲେ ଏବଂ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଇଥିଲେ । ତେଣୁ ତାଙ୍କୁ କୁହାଯାଏ, ଏକାଧାରରେ ଦେଶସେବକ, ଜନନାୟକ, କବି, ଲେଖକ, ନାଟ୍ୟକାର, ବୈଜ୍ଞାନିକ, ଦାର୍ଶନିକ ଏବଂ ଆଦର୍ଶ ଶିକ୍ଷକ । ସାନ୍ତାଳୀ ଭାଷା ଓ ଲିପିର ପ୍ରଚାର ଓ ପ୍ରସାର କିପରି ହେଇପାରିବ ସେନେଇ ସେ ଚିନ୍ତାବ୍ୟକ୍ତ କରୁଥିବାବେଳେ ତତ୍ପରତା ଦେଖା ଦେଇଥିଲା । ତେଣୁ ପ୍ରତ୍ୟେକ ସାନ୍ତାଳ ଗାଁକୁ ଗାଁ ଯାଇ ଲୋକମାନଙ୍କୁ ଏ ବାବଦରେ ସଚେତନ କରାଇବା ସହିତ ଲୋକମାନଙ୍କୁ ଅଲଚିକି ଲିପି ଶିଖାଇ ଦେଉଥିଲେ । କେବଳ ସେତିକିରେ ସୀମିତ ନୁହଁ, ସେମାନଙ୍କ ପାଖରେ କିପରି ଖଣ୍ଡେ ଖଣ୍ଡେ ପୁସ୍ତକ ପହଞ୍ଚାଇ ହେବ ସେ ନେଇ ଚିନ୍ତା ମଧ୍ୟ କରିଲେ । ତେଣୁ କିଛି ବର୍ଷ ମଧ୍ୟରେ ଅଲଚିକି ଲିପିର ଛାପାକଳ ପ୍ରତିଷ୍ଠା କରିବାରେ ସେ ଥିଲେ ସଫଳ ସ୍ରଷ୍ଟା । ଏହି ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ଏକ 'ତନ୍ତ କଳ' ମଧ୍ୟ ତିଆରି କରି ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିବାରେ ସେ ଥିଲେ ପ୍ରଥମ ବ୍ୟକ୍ତି । ଏଣୁ ତାଙ୍କର ତ୍ୟାଗ ଏବଂ ନିଷ୍ଠା ବଳରେ ଜାତୀୟ ସ୍ତରରେ ଅନ୍ୟ ମହାପୁରୁଷଙ୍କ ସହିତ ସମକକ୍ଷ ହୋଇପାରିଛନ୍ତି । ମେ ୫, ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ଦିନରେ ପଣ୍ଡିତ ରଘୁନାଥ ମୁର୍ମୁ ମୟୁରଭଞ୍ଜ ଜିଲ୍ଲା ଦାଣ୍ଡବୋଷ, ଡାହାରଡ଼ିହି ଗ୍ରାମରେ ପିତା ନନ୍ଦଲାଲ ଏବଂ ମାତା ସଲମାଙ୍କ ଔରସରୁ ଜନ୍ମ ହେଇଥିଲେ । ପରମ୍ପରା ଅନୁସାରେ ନବଜାତ ଶିଶୁର ନାମ ତାଙ୍କ ଜେଜେଙ୍କ ନାମରେ ନାମିତ ହୁଏ, ତେଣୁ ଜେଜେଙ୍କ ନାମ ଅନୁସାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ 'ଚୁନୁ' ନାମରେ ଗାଁ ଲୋକେ ଡାକିବା ଆରମ୍ଭ କରିଥିଲେ । କିନ୍ତୁ ଚୁନୁ ନାମ ତାଙ୍କ ପାଇଁ ଶୁଭଙ୍କର ନୁହଁ ବୋଲି ସାନ୍ତାଳ ଓଝା/ଗୁରୁ ଖଡ଼ିପାଞ୍ଜୀରୁ ପାଇବା ପରେ ନାମ ପରିବର୍ତ୍ତନ ପାଇଁ ତାଙ୍କ ମାତାପିତାଙ୍କୁ କୁହାଗଲା । ଓଝା/ଗୁରୁଙ୍କ ଆଦେଶକୁ ପାଳନ କରିବାକୁ ଯାଇ ତାଙ୍କୁ 'ରାଘୁନାଥ' ନାମରେ ନାମିତ କରିଦିଆଗଲା । ତେବେ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ତାଙ୍କୁ 'ରଘୁନାଥ' ନାମରେ ସମ୍ବୋଧିତ କରାଗଲା ।

ଜନ୍ମ ମାଟିରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ଗମ୍ଭାରୀଆ ପ୍ରାଥମିକ ବିଦ୍ୟାଳୟରେ ୧୯୧୩ରେ ନାମ ଲେଖାଇ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଲେ । କିନ୍ତୁ ପଢୁଥିବା ସମୟରେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପାଠ ପଢ଼ା ହେଉଥିଲା, ଯାହା ଫଳରେ ତାଙ୍କୁ ବୁଝିବାକୁ ବହୁତ କଷ୍ଟ ଲାଗୁଥିଲା । ଏ ନେଇ ତାଙ୍କ ପିତାଶ୍ରୀ ଏବଂ ମାତାଙ୍କ ପାଖରେ ଅଭିଯୋଗ ଆଣିଲେ, ବିଦ୍ୟାଳୟରେ ଓଡିଆ ଓ ଇଂରାଜୀରେ ପାଠପଢ଼ା ହୁଏ କିନ୍ତୁ ଆମ ସାନ୍ତାଳୀ ଭାଷାରେ ପଢ଼ା ହୁଏନି । ତେଣୁ ବିଦ୍ୟାଳୟକୁ ଯିବା ପାଇଁ ସେ ରୋକଠୋକ ମନା କରିଦେଲେ । ତାଙ୍କ ପିତାମାତା ଏନେଇ ବୁଝାଇ କହିଲେ କି, 'ସବୁ ଦିନ ବିଦ୍ୟାଳୟକୁ ଯିବୁ, ମନ ଦେଇ ପାଠ ପଢ଼ିବୁ, ଗୁରୁଙ୍କ କଥା ସଦା ମାନିବୁ, ଦେଖିବୁ ଗୁରୁଙ୍କ ଆଶୀର୍ବାଦ ତୋ ଉପରେ ରହିଲେ ଦିନେନା ଦିନେ ନିଶ୍ଚୟ ତୋ ସ୍ୱପ୍ନ ସଫଳ ହେବ ଏବଂ ଦେଶରେ ତୋ ନାମ ରହି ଲୋକେ ତୋତେ ପୂଜା କରିବେ ଆଉ ଆମ ଆଶୀର୍ବାଦ ନିତି ତୋ ଉପରେ ରହିବ ।' ପଣ୍ଡିତ ରଘୁନାଥ ପିତାମାତାଙ୍କ କଥା ମାନି ସବୁଦିନ ବିଦ୍ୟାଳୟକୁ ଗଲେ । ସବୁ ପିଲାଙ୍କ ମଧ୍ୟରୁ ଭଲ ପାଠ ପଢ଼ିଲେ । ସେହି ସମୟରେ ସେ ଜଣେ ମେଧାବୀ ଛାତ୍ର ଭାବେ ଗଣ୍ୟ ହେଉଥିଲେ । ୧୯୧୫ରେ ବହଳଦା ୟୁପି.ଏମ.ଇ ସ୍କୁଲରେ ନାମ ଲେଖାଇ ସପ୍ତମ ଶ୍ରେଣୀ ଯାଏଁ ପାଠ ପଢ଼ିଲେ । ତା'ପରେ ବାରିପଦା ଏମ.ପି.ସି ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ୧୯୨୮ରେ ଦଶମ ଉତ୍ତୀର୍ଣ୍ଣ ହେଲେ କିନ୍ତୁ ଲିପିକୁ କେମିତି ଆବିଷ୍କାର କରିବେ ସେନେଇ ତାଙ୍କ ମନରେ ସବୁବେଳେ ଚିନ୍ତା ରହିଥିଲା । ପିତାମାତା ଏବଂ ଗୁରୁଙ୍କ ଆଶୀର୍ବାଦରୁ ସାନ୍ତାଳୀ ଭାଷାକୁ ଲେଖିବା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଲିପି ଆବିଷ୍କାର କରିବାରେ ସଫଳତା ଅର୍ଜନ କରିପାରିଥିଲେ ।

ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ପ୍ରସାରକୁ ଅଧିକ ସମୟ ଦେବା ନିମନ୍ତେ ସେ ଓଡିଶା, ପଶ୍ଚିମ ବଙ୍ଗ, ବିହାର ଏବଂ ଆସାମରେ ଥିବା ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳକୁ ଗସ୍ତ କରି ପ୍ରତି ସାନ୍ତାଳଙ୍କୁ ବୁଝାଇଲେ । କିନ୍ତୁ ବିନା ସଙ୍ଗଠନରେ ଏହା ସମ୍ଭବ ନୁହଁ ବୋଲି ହୃଦୟଙ୍ଗମ କଲେ । ତେଣୁ ତାଙ୍କ ନେତୃତ୍ୱରେ ୧୯୪୬ରେ 'ଖେରୱାଲ ଜାର୍ପା ସମିତି' ସଂଗଠନ ପ୍ରତିଷ୍ଠା କରାଗଲା। ୧୯୫୨ରେ 'ଅଲ ସମିତି' ସଂଗଠନ ତିଆରି କରିବାର ବାର ବର୍ଷପରେ ତାହା ପରିବର୍ତ୍ତନ କରି 'ଆଦିବାସୀ ସାମାଜିକ, ଶିକ୍ଷା, ସଂସ୍କୃତି ପରିଷଦ' ୧୯୬୪ରେ ପ୍ରତିଷ୍ଠା କରାଯାଇଥିଲା । ଏହା ଭିତରେ ସେ ଅନେକ ପୁସ୍ତକ ରଚନା କରିବାରେ ସଫଳ ହେଲେ । ଅଲଚିକି ଲିପିରେ ଛାପିବା ପାଇଁ ଅଲଚିକି ଅକ୍ଷର ଆବଶ୍ୟକତା ଥିବାରୁ କଲିକତାରୁ ଛାପାକଳ ଆଣି ଜାମସେଦପୁର କରଣ୍ଡିଠାରେ 'ବିଦୁ ଚାନ୍ଦାନ' ପ୍ରେସ ସ୍ଥାପନ କରିଲେ। ସାନ୍ତାଳୀ ସହଜ ଶିକ୍ଷା 'ଅଲ ଚେମେଦ ସହିତ ପାର୍ଶୀ ପହା, ପାର୍ଶୀ ଆପାଦ' ଆଦି ରଚନା କରି ସାନ୍ତାଳ ସମ୍ପ୍ରଦାୟର ଥିବା ଲୋକମାନଙ୍କୁ ଶିକ୍ଷା ପ୍ରଦାନ କରିବା ଆରମ୍ଭ କଲେ । ତା'ପରେ ଏଲଖା(ଗଣିତ), ରନଳ(ବ୍ୟାକରଣ) ଆଦି ପୁସ୍ତକ ସମେତ ବିଭିନ୍ନ କବିତା, ନାଟକ, ଗଳ୍ପ ପୁସ୍ତକ ରଚନା କରି ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପୁସ୍ତକ ହେବ ସାନ୍ତାଳୀ ଅଲଚିକି ଲିପିରେ ଛାପିଥିଲେ । ସାନ୍ତାଳ ସମାଜ ପ୍ରତି ଆପ୍ରାଣ ଉଦ୍ୟମ ଏବଂ କଠିନ ପରିଶ୍ରମକୁ ଉପଲବ୍ଧି କରି ୧୯୫୬ରେ ସର୍ବ ଭାରତୀୟ ସାରନା ମହାସଭା, ଜାମସେଦପୁର କରଣ୍ଡିଠାରେ ଜୟପାଲ ସିଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ 'ଗୁରୁ ଗୋମକେ' ଉପାଧି ପ୍ରଦାନ କରିଥିଲେ । ସେମିତି ପଶ୍ଚିମବଙ୍ଗ ସରକାର ତାମ୍ରଫଳକ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ତାଙ୍କୁ ସମ୍ମାନୀତ କରାଯାଇଥିଲା । ରାଞ୍ଚି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧିରେ ସମ୍ମାନୀତ ହୋଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ମାର୍ଟିନ ଓରାମ ତାଙ୍କୁ 'ଧରମ ଗୁରୁ' ନାମରେ ସମ୍ବୋଧନ କରିଲେ । ସେହିପରି ମହାନ ଜନନାୟକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ବାରିପଦାସ୍ଥିତ ଭେଷଜ ମହାବିଦ୍ୟାଳୟ ନାମକରଣ ହୋଇଥିବାବେଳେ ପଶ୍ଚିମବଙ୍ଗର ଜାମବାଣୀଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ ଏବଂ ମୂର୍ସିବାଦଠାରେ କଲ୍ୟାଣ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ସାନ୍ତାଳ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିବା ମହାତ୍ମା, ଧରମ ଗୁରୁ, ଗୁରୁ ଗୋମକେ, ପାର୍ସି ସିଂଜ ଚାନ୍ଦ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ୧୯୮୨ ଫେବୃଆରୀ ୧ ତାରିଖରେ ପରଲୋକ ହୋଇଥିଲା ।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ–୯୩୩୭୪୦୪୨୫୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀ...

ଭାବନ୍ତି ଓ ସେମାନଙ୍କ ଉନ୍ନତି ପାଇଁ ଦିନରାତି ପରିଶ୍ରମ କରୁଛନ୍ତି । କଥା କମ୍, କାମ ବେଶି ହେଉଛି ମୁଖ୍ୟମନ୍ତ୍ରୀଙ୍କ ପରିଚୟ । ମୁଖ୍ୟମନ୍ତ୍ରୀ ସବୁବେଳେ ବନ୍ୟା, ବାତ୍ୟା, ମରୁଡି, ସୁଖ ଦୁଃଖ ସବୁଥିରେ ଓଡିଶାବାସୀଙ୍କ ସାଥିରେ ଅଛନ୍ତି ଓ ସେମାନଙ୍କ ପାଇଁ କାମ କରୁଛନ୍ତି । କିନ୍ତୁ ବିରୋଧୀ ଦଳ କେବଳ ଭୋଟ ପାଇଁ ଓଡିଶା ଆସନ୍ତି । ବଡ ବଡ କଥା କୁହନ୍ତି । କିନ୍ତୁ କାମ ଘର ଶୂନ । କଥା ବେଶି କାମ କମ୍ – ହେଉଛି ବିରୋଧୀଙ୍କ ପରିଚୟ । ଭୋଟ ପାଇଁ ସେମାନେ ଆସନ୍ତି । ୫ ବର୍ଷରେ ଥରେ ଆସନ୍ତି । ଘୋଡା ଦେବୁ, ହାତୀ ଦେବୁ କୁହନ୍ତି । ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ କରିବେ ବୋଲି କୁହନ୍ତିଛ କିନ୍ତୁ, ଭୋଟ ସରିଲେ ସବୁ ଭୁଲିଯାନ୍ତି । ବିଜେପି ଦଳର ନିର୍ବାଚନୀ ପ୍ରତିଶ୍ରୁତି ସଂପର୍କରେ ସ୍ମରଣ କରାଇଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଯୁବକଙ୍କ ପାଇଁ ଦୁଇ କୋଟି ଚାକିରୀ ଓ ଚାଷୀଙ୍କ ପାଇଁ ଧାନର ଦୁଇ ଗୁଣ କରିବା ପ୍ରତିଶ୍ରୁତି କରିବା କୁଆଡେ ଗଲା ?

ଶ୍ରୀ ପାଣ୍ଡିଆନ କହିଥିଲେ ଯେ ବିରୋଧୀ ବାରମ୍ବାର ମିଛ କହୁଛନ୍ତି, ମିଛ ପ୍ରତିଶୃତି ଦେଉଛନ୍ତି । କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଲୋକଙ୍କୁ କାମର ହିସାବ ଦିଅନ୍ତି । ଭୋଟ ନୁହେଁ, ସେବାରେ ବିଶ୍ୱାସ କରନ୍ତିଛ ଲୋକଙ୍କ ମୁହଁରେ ହସ ଫୁଟିଲେ, ମୁଖ୍ୟମନ୍ତ୍ରୀ ଖୁସି ହୁଅନ୍ତି । ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ନୂଆ–ଓ ବୃତ୍ତି ସଂପର୍କରେ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଓଡିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ କଲେଜ ଯାଉଥିବା ୯୫ ପ୍ରତିଶତ ଛାତ୍ରଛାତ୍ରୀ ବୃତ୍ତି ପାଉଛନ୍ତି । ଝିଅମାନେ ୧୦ ହଜାର ଓ ପୁଅମାନେ ୯ ହଜାର ଟଙ୍କା ।

ବୀରମହାରାଜପୁରର ବିକାଶ ସଂପର୍କରେ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ବୀରମହାରାଜପୁରରେ ୩୦୦୦ କୋଟି ଟଙ୍କାର ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଚାଲିଛି । ଉଲୁଣ୍ଡା, ସୁବଳୟା ଓ ବୀରମହାରାଜପୁରକୁ ମାନ୍ୟତା ମିଳିଛି । ପାତଳୀ ଶ୍ରୀକ୍ଷେତ୍ର ପାଇଁ ୨୮ କୋଟି ଟଙ୍କା ଦିଆଯାଇଛି । ବୀରମହାରାଜପୁର ସହିତ ତାଙ୍କ ସଂପର୍କ ବିଷୟ ଉଲ୍ଲେଖ କରି ସେ କହିଥିଲେ ଯେ ବିନିକାରୁ ହିଁ ସେ ତାଙ୍କର ଚାକିରୀ ଜୀବନର ପ୍ରଶିକ୍ଷଣ ଆରମ୍ଭ କରିଥିଲେ । ସେ କହିଥିଲେ ଲୋକଙ୍କ ସେବାରେ ମୁଖ୍ୟମନ୍ତ୍ରୀ ନିଜକୁ ସମର୍ପିତ କରିଛନ୍ତି । ଲୋକଙ୍କ ମୁହଁରେ ହସ ଫୁଟିଲେ, ମୁଖ୍ୟମନ୍ତ୍ରୀ ଖୁସି ହୁଅନ୍ତି । ତେଣୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଦୁଇ ଥର ଭୋଟ ଦେଇ ବିଜୁ ଜନତା ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ ।

ଏହାପରେ ସୋନପୁରର ବିନିକା ଠାରେ ଆୟୋଜିତ ସଭାରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ବିନିକା ଓ ଡୁଙ୍ଗୁରିପାଲ୍ଲୀ ସହିତ ମୋର ସ୍ୱତନ୍ତ୍ର ସଂପର୍କ ରହିଛି । ଏଠାରେ ମୁଁ ପ୍ରଶିକ୍ଷଣ ପାଇଥିଲି । ନିର୍ବାଚନ ସରିଗଲେ ବିରୋଧୀ ଦଳଙ୍କୁ ଆପଣ ଖୋଜିଲେ ବି ପାଇବେ ନାହିଁ । କିନ୍ତୁ ନିର୍ବାଚନ ସରିଲେ ଆମେ ଆସିବୁ ଓ ପୁଣି ହିସାବ ଦେବୁ । ସେ କହିଥିଲେ ଯେ ଡୁଙ୍ଗୁରିପାଲ୍ଲୀ ଓ ରାମପୁରକୁ ଲ୍ଲଅଛର ମାନ୍ୟତା ଦିଆଯାଇଛି । ସୁବର୍ଣ୍ଣମେରୁ, ରାମେଶ୍ୱର ଓ ସୁରଶ୍ୱେରୀ ମନ୍ଦିର ପାଇଁ ୫.୪୦ କୋଟି ଟଙ୍କା, ସୋନପୁର ସୁରଶ୍ୱେରୀ ମନ୍ଦିର ପାଇଁ ୨.୧୦ କୋଟି ଟଙ୍କା, ଭୀମଭୋଇ ସମାଧୀ ପୀଠର ବିକାଶ ପାଇଁ ୫୦ ଲକ୍ଷ ଟଙ୍କା, ଅଙ୍ଗ ଜଳସେଚନର ସଂପ୍ରସାରଣ ପାଇଁ ୨୩୧ କୋଟି ଟଙ୍କା, ଚୂଡାଖାଇ ପାହାଡର ସୌନ୍ଦର୍ଯ୍ୟକରଣ ପାଇଁ ୧ କୋଟି ଟଙ୍କା, ପୂଜାଡୁଙ୍ଗୁରୀର ବିକାଶ ପାଇଁ ୧ କୋଟି ଟଙ୍କା, ତରଭା ବରପାହାଡ ବିକାଶ ପାଇଁ ୫୦ ଲକ୍ଷ ଟଙ୍କାର କାମ ଚାଲିଛି । ସେ ଆହୁରି ମଧ୍ୟ କହିଥିଲେ ଯେ ନିରଞ୍ଜନ ପୂଜାରୀ ବହୁତ ଦକ୍ଷତାର ସହ କାମ କରିଥାନ୍ତିଛ ତାଙ୍କ କାମ କରିବାର ଉଦାହରଣ ସୋନପୁରର ରାଜ୍ୟ ହସ୍ପିଟାଲ । ୬୦ ହଜାର ମାର୍ଜିନରେ ଉଭୟ ନିରଞ୍ଜନ ପୂଜାରୀ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଜିତାଇ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ ।

କାର୍ଯ୍ୟକ୍ରମରେ ବୌଦ୍ଧରେ କନ୍ଧମାଳ ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ପ୍ରାର୍ଥୀ ପ୍ରଦୀପ ଅମାତ, ବୀରମହାରାଜପୁରରେ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଏବଂ ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଏବଂ ସୋନପୁରର ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଓ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ପ୍ରମୁଖ ନିର୍ବାଚନ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ ।

### ୫ ବିଧାନସଭା...

ଉମାବଲ୍ଲଭ ରଥଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ । ସୁଜିତ ମହାପାତ୍ରଙ୍କ ସ୍ଥାନରେ ଉମାଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ସୁଜିତଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଉମାବଲ୍ଲଭ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।

ସେହିପରି ନୀଳଗିରି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ ।ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କୁ ଦଳ ଏହି ଆସନରୁ ପ୍ରାର୍ଥୀ କରିଛି । ୧୯୮୦ ଓ ୧୯୯୫ରେ ଅକ୍ଷୟ ଆଚାର୍ଯ୍ୟ ବିଧାୟକ ହୋଇଥିଲେ ।

### ଭୁବନେଶ୍ୱରରେ...

କଡ଼ା ପ୍ରହରା ଦେବାର ବ୍ୟବସ୍ଥା କରାଯାଇଛି । ୩ ଡିସିପି, ୫ ଏଡିସିପି, ୨୧ ଏସିପି, ୧୭ ଆଇଆଇସି, ୯୦ ଏସ୍ଆଇ ଓ ଏଏସ୍ଆଇ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ରହିବେ । ସଶସ୍ତ୍ରବାହିନୀର ୨୮ ପ୍ଲାଟୁନ୍ କମାଣ୍ଡୋ ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ପୋଲିସ କମିଶନର କହିଛନ୍ତି । ଏଥିସହ ବମ୍ସ୍କ୍ୱାର୍ଡ଼, ସନ୍ଧାନୀ କୁକୁର ମଧ୍ୟ ନିୟୋଜିତ ରହିବେ । ପ୍ରଧାନମନ୍ତ୍ରୀଙ୍କ ଗ୍ରସ୍ତକୁ ଲକ୍ଷ୍ୟରେ ରଖି ରାଜଧାନୀର କେତେକ ଅଞ୍ଚଳକୁ ନୋଫ୍ଲାଇଙ୍ଗ ଜୋନ୍ ଘୋଷଣା କରାଯାଇଛି ।

ବ୍ରହ୍ମପୁର ଓ ନବରଙ୍ଗପୁରରେ ନିର୍ବାଚନୀ କାର୍ଯ୍ୟକ୍ରମ ଥିବାରୁ ରବିବାର ରହଣି ପରେ ସୋମବାର ସେଠାକୁ ଗ୍ରସ୍ତ କରିବେ । ପ୍ରଧାନମନ୍ତ୍ରୀ ୫ ତାରିଖ (ରବିବାର) ପରେ ୧୦ ତାରିଖରେ ପୁଣି ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି । ରାଜଧାନୀରେ ମେଗା ରୋଡ୍ ଶୋ'ରେ ସାମିଲ ହେବେ ବୋଲି ସୂଚନା ମିଳିଛି ।

## ଛତିଶଗଡ଼ ରାଜ୍ୟପାଳଙ୍କ ବିରୋଧରେ ଇସିଙ୍କ ଠାରେ ଫେରାଦ




ଭୁବନେଶ୍ୱର (ସବ୍ୟୁ) : ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ହୋଇଛି । ଏନେଇ ବିଜେଡି ଇ–ମେଲ ଜରିଆରେ ଜାତୀୟ ର୍ନିବାଚନ କମିଶନଙ୍କୁ ଅବଗତ କରିଛ । ଯାହାର ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିଛି ବିଜେଡି । ବିଶ୍ୱଭୂଷଣ ହରିଚନ୍ଦନ ଗତ ଏପ୍ରିଲ ୩୦ ତାରିଖରେ ଭୁବନେଶ୍ୱର ଆସି ମେ' ୪ ତାରିଖରେ ଫେରି ଯାଇଥିଲେ । ଏହା ଭିତରେ ନିଜ ଭୁବନେଶ୍ୱର ବାସଭବନରେ ସେ ଚିଲିକା ନିର୍ବାଚନମଣ୍ଡଳୀ ଲୋକଙ୍କୁ ନେଇ ବୈଠକ କରିଥିଲେ ବୋଲି ବିଜେଡି ଅଭିଯୋଗ କରିଛି । ଏହା ସହ ଫୋନ ଯୋଗେ ନିଜ ପୁଅ ପୃଥ୍ୱୀରାଜ ହରିଚନ୍ଦନ ଯିଏ କି ବିଜେପିରୁ ଚିଲିକାରେ ପ୍ରାର୍ଥୀ ହୋଇଛନ୍ତି, ତାଙ୍କ ସପକ୍ଷରେ ପରୋକ୍ଷରେ ଭୋଟ ପାଇଁ ପ୍ରବର୍ତ୍ତାଇଥିବା ବିଜେଡି ଅଭିଯୋଗ କରିଛି । ବିଶ୍ୱଭୂଷଣ ହରିଚନ୍ଦନ ଏକ ସାମ୍ବିଧାନିକ ପଦରେ ରହି ଏପରି କରିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ । ଏହାର ତଦନ୍ତ ପାଇଁ ଦାବି କରିବା ସହ ନିର୍ବାଚନ ସମୟରେ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଓଡ଼ିଶା ଆସିବା ଉପରେ ଅଙ୍କୁଶ ଲଗାଇବାକୁ ଜାତୀୟ ନିର୍ବାଚନ କମିଶନଙ୍କୁ ବିଜେଡି ଅନୁରୋଧ କରିଛି । ଯେପରି ବିଶ୍ୱଭୂଷଣ ହରିଚନ୍ଦନ ନିର୍ବାଚନ କାମରୁ ନିଜକୁ ନିବୃତ୍ତ ରଖିବେ, ଏ ନେଇ ତାଙ୍କୁ ସତର୍କ କରିବାକୁ ବିଜେଡି ଦାବି କରିଛି ।

## ସରକାରୀ ମଦ ଦୋକାନରୁ ଗ୍ରାମାଞ୍ଚଳକୁ ଚୋରା ଚାଲାଣ

ସିମୁଳିଆ,(ସବ୍ୟୁ) :ଗ୍ରାମାଞ୍ଚଳର ବାର୍ତ୍ତା ପରିବେଶ ଆଗ ଭଳି ଆଉ ନାହିଁ । ଚୋରା ମଦ କାରବାର ଯୋଗୁଁ କଥାକଥାକେ ଖଣ୍ଡା,ଭୁଜାଲି ଏବଂ ବନ୍ଧୁକ ମଧ୍ୟ ବାହାରି ପଡୁଛି। ଏଥି ସହିତ ପୂର୍ବଦିନ ଅପେକ୍ଷା ସିମୁଳିଆ ଥାନା ଅଞ୍ଚଳରେ ଚୋରି,ଡକାୟତୀ ଏବଂ ଛିନତାଇ ଭଳି କାର୍ଯ୍ୟକଳାପ ବୃଦ୍ଧି ପାଇଛି । ନକଲି ଦେଶୀ ଓ ବିଦେଶୀ ମଦ ସରକାରୀ ଲାଇସେନ୍ସ ଦୋକାନରୁ ଚାରିଚକିଆ ଓ ଦୁଇ ଚକିଆ ଯାନ ଯୋଗେ ବାଲିଖଣ୍ଡ, ଅଡା, କ୍ଷୀରକୋଣା, ଅଣ୍ଡରାଇ, ମଇତାପୁର, ସବଙ୍ଗ, କଳାଶୁଣୀ, ଆନନ୍ଦପୁର, ଜାମ୍ବୁଝାଡି ଆଦି ଅଞ୍ଚଳରେ ବିଭିନ୍ନ ସ୍ଥାନକୁ ଦିବା ଲୋକରେ ଥାନାଦେଇ ଆସୁଥିବାବେଳେ ପୋଲିସ ଏଥିପ୍ରତି ନିରବ ଦ୍ରଷ୍ଟା ସାଜିଛି । ଖାଲି ସେତିକି ନୁହେଁ ଜାତୀୟ ରାଜପଥରେ ଗଢି ଉଠିଥିବା ହୋଟେଲ ମାନଙ୍କରେ ନକଲି ଚୋରାମଦର ସୁଅ ଛୁଟିଥିବାବେଳେ ଏହାକୁ ଯୁବ ଗୋଷ୍ଠୀ ନିୟମିତ ପାନ କରି ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାର ଦେଖିବାକୁ ମିଳିଥିବାବେଳେ ଆଉ କେତେକ ସର୍ବହରା ହୋଇ ଦାଣ୍ଡରେ ଭିକାରୀ ସାଜୁଛନ୍ତି । ଖାଲି ସେତିକି ନୁହେଁ ଜାତୀୟ ରାଜପଥ ହୋଟେଲ ମାନଙ୍କରେ ଦେହ ବ୍ୟବସାୟ ହେଉଥିବା ନେଇ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଚଢାଉ ସେମିତି ଆଖି ଦୃଶିଆ ହେଉ ନାହିଁ । ଯଦି ବି ହେଉଛି ଚଢାଉ ଆଗରୁ ହୋଟେଲ ମାଲିକମାନେ ଚଢାଉ ହେବାର ଜାଣିପାରି ସତର୍କ ହୋଇଯାଉଛନ୍ତି । ପ୍ରତିଦିନ ସରକାରୀ ମଦ ଦୋକାନରୁ ହଜାରହଜାର ମଦ ପେଟି ଗ୍ରାମାଞ୍ଚଳକୁ ମଦ ଚୋରା ଚାଲାଣ ହେଉଥିଲେ ହେଁ ପୋଲିସ–ଅବକାରୀ ବିଭାଗ ନିଷ୍କ୍ରିୟ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅଧୁନା ସାଧାରଣ ନିର୍ବାଚନ ବିଗୁଲ ବାଜି ସାରିଥିବାବେଳେ ପ୍ରବଳ ଗରମ ରହିଛି ଜାରି । ଏଥିପ୍ରତି ପ୍ରଶାସନ ସତର୍କ ନ ରହିଲେ ଆଗାମୀ ଦିନରେ କିଛି ବି ଘଟିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ନଜର ଦେବାକୁ ସାଧାରଣରେ ଦାବି ହୋଇଛି ।

### ହିମା ଇସ୍ପାତ କାରଖାନାରେ ବିସ୍ଫୋରଣ ଘଟଣା

## ଆଖି ବୁଜିଲେ ଆଉ ଜଣେ ଶ୍ରମିକ, ମୃତ୍ୟୁସଂଖ୍ୟା ୨କୁ ବୃଦ୍ଧି

କେନ୍ଦୁଝର,(ସ୍ୱପ୍ର): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ ଗୁଆଲି ପଞ୍ଚାୟତର କାଟେସାହି ସ୍ଥିତ କେଜେଏସ୍ ଆଲୁୱାଲିଆ କମ୍ପାନିର ହିମା ଇସ୍ପାତ କାରଖାନାରେ ଗତ ୨ ତାରିଖରେ ଭୟଙ୍କର ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ଦୁଇକୁ ବୃଦ୍ଧି ପାଇଛି। ଶନିବାର ଦିନି ଚିକିତ୍ସାଧୀନ ଅବସ୍ଥାରେ ଆସାମର ଦେବେନ ବାକ୍ଲାରିଆ (୨୨)ଙ୍କ ମୃତ୍ୟୁ ଘଟିଥିଲା।ରବିବାର ଦିନ ଆସାମ ନୂଆଗାଁର ବବୁଲ ଦାସ (୩୧)ଙ୍କ ମୃତ୍ୟୁ ଘଟିଛି। ଛବିରାଣୀ ମୁଣ୍ଡା ଓ ରାଜୁ ଦାସଙ୍କ ଅବସ୍ଥା ସଂକଟାପନ୍ନ ରହିଛିଛ ଏହି ଘଟଣା ପରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପକ୍ଷରୁ କାରଖାନାର ସମସ୍ତ ୪ଟି ଇଣ୍ଡକ୍ସନ୍ ଫର୍ଣ୍ଣେସକୁ ବନ୍ଦ କରିଦିଆଯାଇଛି।ଗତ ୨ ତାରିଖ ଅପରାହ୍ନ ୪ଟା ୪୫ରେ କାରଖାନାର ୧ନମ୍ବର ଇଣ୍ଡକସନ ଫର୍ଣ୍ଣେସରେ ବିସ୍ଫୋରଣ ହୋଇଥିଲା। ସେଠାରେ କାମ କରୁଥିବା ଶ୍ରମିକଙ୍କ ଉପରେ ତରଳ ଲୁହା ପଡ଼ିଥିଲା। ୧୦ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲାଛ ୪ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁଇଦିନରେ ୨ଜଣ ଶ୍ରମିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛିଛ ଅନ୍ୟପକ୍ଷରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାର, ସହକାରୀ ନିର୍ଦ୍ଦେଶକ କେଦାରନାଥ ହାଁସଦା, ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ଓ ରୁଗୁଡ଼ି ଥାନା ପୁଲିସ ଗତକାଲି କାରଖାନାକୁ ଯାଇ ତଦନ୍ତ କରିଥିଲେ। ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପକ୍ଷରୁ ତଦନ୍ତ ସରିବା ପର୍ଯ୍ୟନ୍ତ ସମସ୍ତ ୪ଟି ଇଣ୍ଡକସନ ଫର୍ଣ୍ଣେସକୁ ବନ୍ଦ କରିଦିଆଯାଇଛି। ଏହି କାରଖାନାରେ ଅଣକୁଶଳୀ ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି।୨୦୨୪ ଜାନୁଆରି ୪ରେ ଏହି କାରଖାନାର ଫର୍ଣ୍ଣେସ–୨ରେ ବିସ୍ଫୋରଣ ହୋଇଥିଲାଛ ଏହି ଘଟଣା ପରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପକ୍ଷରୁ ଉକ୍ତ ୟୁନିଟ୍କୁ ସିଲ୍ କରାଯାଇଥିଲାଛ ୨୦୧୩ରେ କାରଖାନାରେ ବଏଲର ଫାଟି ୩ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ ଅଗଷ୍ଟ ୧୦ରେ କନ୍ଭେୟର ବେଲ୍ଟରେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହାର ମାତ୍ର ଦୁଇମାସ ପରେ ୨୦୧୭ ଅକ୍ଟୋବର ୧୩ରେ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ ଫାଟି ୧୨ଜଣ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ମୃତ୍ୟୁ ଘଟିଥିଲା ।

### ମୈଦାନରେ ୩ ଟାଣୁଆ ନେତା

## ସୁକାନ୍ତ, ସନ୍ତୋଷଙ୍କ ପାଇଁ କଣ୍ଟା ସାଜିବେ କି ଅକ୍ଷୟ

ନୀଳଗିରି ,(ସବ୍ୟୁ) :ନୀଳଗିରି ନିର୍ବାଚନ ମଣ୍ଡଳୀ ଟି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ଥିବାବେଳେ ଚଳିତ ୨୦୨୪ସାଧାରଣ ନିର୍ବାଚନ ରେ ୩ତୁଙ୍ଗ ନେତାଙ୍କୁ ଦଳୀୟ ଟିକଟ ଘୋଷଣା କରାଯାଇଛି। ଶାସକ ବିଜେଡି ଦଳରୁ ସୁକାନ୍ତ କୁମାର ନାୟକ ଦଳୀୟ ଟିକେଟ ପାଇଁ ନିର୍ବାଚନ ମଣ୍ଡଳୀରେ ଧୁଆଁଧାର ପ୍ରଚାର ଆରମ୍ଭ କରିଛନ୍ତି। ସେ ଦୁଇ ଦୁଇ ଥର ଲଗାତାର ବିଧାୟକ ଭାବେ ଜିତି ଥିବା ବେଳେ ଚଳିତ ନିର୍ବାଚନରେ ବିଜେପି ଦଳ ଛାଡି ବିଜେଡି ରେ ମିଶିବାପରେ ତାଙ୍କୁ ଦଳୀୟ ଟିକଟ ମିଳିଛି। ୧୦ବର୍ଷ ମଧ୍ୟରେ ଅଞ୍ଚଳରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଆଣି ନିଳଗିରି ବାସୀଙ୍କ ପାଖରେ ପ୍ରଶଂସାର ପାତ୍ର ସାଜିଛନ୍ତି। ସେପଟେ ବିଜେଡି ନେତା ସନ୍ତୋଷ ଖଟୁଆ ୫ବର୍ଷଧରି ବିଜେଡି ଦଳକୁ ନିର୍ବାଚନ ମଣ୍ଡଳୀରେ ୧ନମ୍ବର କରିରଖିଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନରେ ଜିତି ନିଳଗିରିକୁ ବିଜେଡି ଗଡ ଭାବେ ଛିଡା କରାଇଥିଲେ। ମାତ୍ର ବିଜେଡି ସୁପ୍ରିମୋ ସନ୍ତୋଷ ଖଟୁଆଙ୍କ ଉପରେ ଆସ୍ଥା ପ୍ରକଟ ନ କରିବାରୁ ଶେଷରେ ବିଜେପି ରେ ସାମିଲ ହୋଇ ଟିକଟ ମଧ୍ୟ ହାତେଇଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ଲଢ଼ାଇ ହେବାକୁ ଥିବାବେଳେ ରବିବାର ଦିନ ଜାତୀୟ କଂଗ୍ରେସ ନିଳଗିରି ଆସନ ପାଇଁ ନିଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ନାମ ଘୋଷଣା କରାଯାଇଛି। ନାମ ଘୋଷଣା ପରେ ବିଜେଡି, ବିଜେପି ପ୍ରାର୍ଥୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ପୂର୍ବରୁ ଅକ୍ଷୟ କୁମାର ଆଚାର୍ଯ୍ୟ ଦୁଇ ଦୁଇ ଥର କଂଗ୍ରେସର ବିଧାୟକ ଥିବାବେଳେ ନିଳଗିରିର ଅନେକ କାର୍ଯ୍ୟ ଯଥା ବସ ଷ୍ଟାଣ୍ଡ, କାଠପାଳ ପୋଲ ଦମକଳ କେନ୍ଦ୍ର, ପୌରାଞ୍ଚଳ ଗଠନ ଆଦି ବହୁ ପ୍ରକଳ୍ପ ଆଜିବି ନିଳଗିରିବାସୀଙ୍କ ମନରେ ଉଙ୍କି ମାରୁଛି। ଦଳୀୟ ଟିକଟ ଘୋଷଣା ପରେ ବହୁ କଂଗ୍ରେସ ସମର୍ଥକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତିନି ନେତା ମଇଦାନକୁ ଆସିବା ପରେ ପୂର୍ବରୁ ଅକ୍ଷୟଙ୍କ ଦବଦବା ବିଜେଡି, ବିଜେପି ପ୍ରାର୍ଥୀଙ୍କ ପାଇଁ କଣ୍ଟା ସାଜିବକି ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ଏପଟେ କଂଗ୍ରେସ ବିଜୟ ଲାଭ କରିବ ବୋଲି ଅକ୍ଷୟ ନନା ପ୍ରକାଶ କରିଛନ୍ତି। କଂଗ୍ରେସ କର୍ମୀ ମାନେ କେତେଦୂର ଅକ୍ଷୟ ନନାଙ୍କୁ ସାହାଯ୍ୟ କରିବେ ନା ଦଳ ବିରୋଧୀ କାର୍ଯ୍ୟ କରିବେ ଦେଖିବାକୁ ବାକିରହିଲା ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ଭାରତୀୟ ପରିଷଦର ବୁଝାମଣାପତ୍ର ସ୍ୱାକ୍ଷର




ବାଲେଶ୍ୱର,(ସବ୍ୟୁ) : ଛାତ୍ରଛାତ୍ରୀମାନଙ୍କୁ ନୂତନ ବିଷୟବସ୍ତୁକୁ ନେଇ ଗବେଷଣା ଦିଗରେ ଉତ୍ସାହିତ କରିବାର ପ୍ରୟାସ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ଆନ୍ତର୍ଜାତୀୟ ଅର୍ଥନୈତିକ ସମ୍ପର୍କ ଉପରେ ଅନୁସନ୍ଧାନ ପାଇଁ ଭାରତୀୟ ପରିଷଦ, (ନୂଆଦିଲ୍ଲୀ) ର ଏକ ବୁଝାମଣାପତ୍ର ସ୍ୱାକ୍ଷର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମୀନା ଦାସଙ୍କ ଉପସ୍ଥିତିରେ ଆଇ.ସି.ଆର.ଆଇ.ଇ.ଆର ତରଫରୁ ଦୀପକ ମିଶ୍ରା, ମାନସୀ କେଡ଼ିଆ, ଆରତୀ ରେଡି, କ୍ରୀତିକା ରାମନାଥ ପ୍ରମୁଖ ଏହି ସ୍ୱାକ୍ଷର ବୈଠକରେ ଯୋଗଦେଇଥିଲେ।ଏହି ବୁଝାମଣାପତ୍ର ସ୍ୱାକ୍ଷରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗବେଷଣାତ୍ମକ ସନ୍ଦର୍ଭ, ସେମିନାର ମାଧ୍ୟମରେ ଅଧ୍ୟାପକ–ଅଧ୍ୟାପିକାଙ୍କ ସହ ପାରସ୍ପରିକ ସୂଚନା ତଥ୍ୟର ଆଦାନପ୍ରଦାନ ଏବଂ ଓଡିଶାରେ ଆଇ.ସି.ଆର.ଆଇ.ଇ.ଆର ଦ୍ୱାରା ପରିଚାଳିତ ପ୍ରାସଙ୍ଗିକ ବିଶ୍ଲେଷଣରେ ଅଂଶଗ୍ରହଣ ମାଧ୍ୟମରେ ନୀତି ଅନୁସନ୍ଧାନରେ ସମସାମୟିକ ତଥା ଉଦୀୟମାନ ବିକାଶ ଉପରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ କ୍ଷେତ୍ର ପ୍ରଦାନ କରିବା । ଆଇ.ସି.ଆର.ଆଇ.ଇ.ଆର ଅଧ୍ୟାପକ–ଅଧ୍ୟାପିକାମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ଅନୁସନ୍ଧାନ ସହ ସଂଯୋଜିତ କରି ପ୍ରକୃତ ବିଶ୍ୱ ଅଭିଜ୍ଞତାକୁ ଲୋକଲୋଚନକୁ ଆଣିବା ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ଅନୁସନ୍ଧାନ ସଂଲଗ୍ନ କରିବା ଏବଂ ଏହାର ଆଖପାଖ ସମ୍ପ୍ରଦାୟ ସହିତ ଯୋଗାଯୋଗ ମାଧ୍ୟମରେ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ରର ସ୍ୱାକ୍ଷର ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହିତ ଆଇ.ସି.ଆର.ଆଇ.ଇ.ଆର ଆବଶ୍ୟକତା, ଉପଯୁକ୍ତତା ଏବଂ ଛାତ୍ରଛାତ୍ରୀମାନଙ୍କ ଯୋଗ୍ୟତାକୁ ଆଧାର କରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଇଣ୍ଟର୍ନସିପ୍ ସୁଯୋଗ ବିଷୟରେ ବିଚାର କରିବା ନେଇ ଉଲ୍ଲେଖ କରାଯାଇଅଛି। ଏଥିସହ ୟୁ.ପି.ଆଇ ଆକ୍ସେସିବିଲିଟି ସୁବିଧାଜନକ ଏବଂ ସମସ୍ତଙ୍କ ପାଇଁ ସୁରକ୍ଷିତ ବିଷୟ ଉପରେ ଏକ ଅଧ୍ୟୟନ ପାଇଁ ଦୁଇ ଅନୁଷ୍ଠାନର ସହଯୋଗାତ୍ମକ ପାଇଲଟ୍ ସର୍ଭେକୁ ବିଶ୍ୱବିଦ୍ୟାଳୟର ନିକଟସ୍ଥ ଦୁଇଟି ଗ୍ରାମ / ସହରରେ କାର୍ଯ୍ୟକାରୀ କରାଯିବା ନେଇ ସ୍ଥିର ହୋଇଅଛି । ଷ୍ଟେଟ୍ ଅଫ୍ ଇଣ୍ଡିଆର ଡିଜିଟାଲ୍ ଇକୋନୋମି ରିପୋର୍ଟ ଉପରେ ଆଇ.ସି.ଆର.ଆଇ.ଇ.ଆରବିଶେଷଜ୍ଞ ମାନଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଦକ୍ଷତା ବିକାଶ ପାଇଁ ତଥା କ୍ୟାରିୟର ଗଠନ ଏବଂ ଚାକିରି ଅନୁସନ୍ଧାନ ସଂପର୍କରେ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ସ୍ଥାପନର ସୁଯୋଗ ଲାଭ ମିଳିବା ନେଇ ଆଶାପୋଷଣ କରାଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉପସ୍ଥିତ ବିଭିନ୍ନ ବିଭାଗ ମୁଖ୍ୟଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ସଫଳ ରୂପାୟନ ନେଇ ଆଶାବ୍ୟକ୍ତ କରିଥିଲେ ।

## ସପିଙ୍ଗ୍ ମଲରେ ନିଆଁ




ଆନନ୍ଦପୁର, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ଏକ ସପିଙ୍ଗ୍ ମଲରେ ଲାଗିଲା ନିଆଁ। ହୁତୁହୁତୁ ହୋଇ ଜଳିଗଲା ସବୁ ସାମଗ୍ରୀ। ନିଆଁ ଲିଭାରେ ୪ଟି ଅଗ୍ନିଶମ ଗାଡ଼ି ନିୟୋଜିତ ହୋଇଥିଲା। ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।ସପିଙ୍ଗ୍ ମଲରେ ଥିବା ସମସ୍ତ କର୍ମଚାରିଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି।ସୂଚନା ଅନୁସାରେ ଆନନ୍ଦପୁରରେ ଥିବା ରିଲିଆନ୍ସ ଟ୍ରେଣ୍ଡରେ ରବିବାରି ସନ୍ଧ୍ୟାରେ କୌଣସି କାରଣରୁ ନିଆଁ ଲାଗି ଯାଇଛି। ସପିଙ୍ଗ୍ ମଲରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇ ଥିବା ଅଭିଯୋଗ ହୋଇଛି। ଖବର ପାଇ ସଙ୍ଗେ ସଙ୍ଗେ ଦମକଳ ବାହିନି ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲା। ହେଲେ ଅଗ୍ନିକାଣ୍ଡ ଏତେ ଭୟଙ୍କର ହୋଇଥିଲା ଯେ ଆହୁରି ଦମକଳ ଗାଡ଼ିର ଅବଶ୍ୟକ ପଡ଼ିଥିଲା। ସେଥିପାଇଁ ଅନନ୍ଦପୁର, ଘସିପୁରା, ହାଟଡ଼ିହି, ଘଟଗାଁ, ଯାଜପୁର ରୋଡ଼ରେ ଥିବା ଦମକଳ କେନ୍ଦ୍ରରୁ ୭ଟି ଗାଡ଼ି ଆସି ନିଆଁ ଲିଭାଇବାରେ ନିୟୋଜିତ ଅଛନ୍ତି।ତେବେ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ମଲରେ ଥିବା ସମସ୍ତ କର୍ମଚାରୀ ସୁରକ୍ଷିତ ବହାରି ଆସିଛନ୍ତି। ମଲର ଗୋଟିଏ ପଟ କାନ୍ଥ ଭାଙ୍ଗି ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରହିଛି।

## ଆଧାତ୍ମିକ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହେଲା ତୋଶାଳା ଓଡ଼ିଆ ମିଡ଼ିଅମ ସ୍କୁଲ

ବାଲେଶ୍ୱର (ସବ୍ୟୁ) : ତେନ୍ତୁଳିଆ ନଗର, ରେମୁଣା ଠାରେ ଆଧାତ୍ମିକ ପରିବେଶ ମଧ୍ୟରେ ଗାୟତ୍ରୀ ମହାମନ୍ତ୍ର ଓ ବେଦପାଠ ଉଚ୍ଚାରଣ ମଧ୍ୟରେ ମୁଖ୍ୟଅତିଥି କବି ପ୍ରଶାନ୍ତ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ଟମ୍ପ ବା ତୋଶାଳା ଓଡ଼ିଆ ମିଡ଼ିୟମ ବିଦ୍ୟାଳୟ। କେବଳ ଶିକ୍ଷା ନୁହଁ, ଶିକ୍ଷା ସହିତ ଉପଯୁକ୍ତ ଜ୍ଞାନ, ସଂସ୍କାରଦାନର ଏବେ ଆବଶ୍ୟକତା ଅଧିକ ରହିଛି ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ସାମାଜିକ ବ୍ୟବସ୍ଥାର ବିପର୍ଯ୍ୟୟକୁ ସଙ୍କୁଚିତ କରିବା ପାଇଁ ଶିକ୍ଷାର ବିକାଶ ସହିତ ସମଭାବେ ଜ୍ଞାନ ଓ ନୈତିକତାର ବିକାଶ ହେବା ଆବଶ୍ୟକତାକୁ ଆଖିରେ ରଖି ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ ରାଉତ ଏହାକୁ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୁଭଶ୍ରୀ ନମିତା ଦାସ, ସି ଏ ବିଶ୍ୱରଂଜନ ପଣ୍ଡା, ଅରୁଣ କୁମାର ଦାସ, ଗାୟତ୍ରୀ ରଥ, ମାନସ ପୁହାଣ, ଜଗନ୍ନାଥ ଦାସ, ଅଭିଷେକ ମଣ୍ଡଳ, ଜାନକୀ ଗୁରୁମା, ରିଙ୍କି ଗୁରୁମା, ସସ୍ମିତା ଗୁରୁମାଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

## ସନ୍ଥପୁରାରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଲାଗି ଶାନ୍ତି କମିଟି

ତିହିଡ଼ି,(ସବ୍ୟୁ): ବାସୁଦେବପୁର ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧିନ ସନ୍ଥପୁରାରେ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସବୁଦିନ ପାଇଁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ଲାଗି ଶାନ୍ତି କମିଟି ଗଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଏବଂ ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଓ ଜିଲ୍ଲା ବିଜେଡି ସମ୍ପାଦକ କମଳାକାନ୍ତଙ୍କ ସହଯୋଗକ୍ରମେ ଏପରି ସଫଳତା ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉକି, ଗତ ମାସ ୧୨ ତାରିଖରେ କୌଣସି ଏକ ଘଟଣାକୁ କେନ୍ଦ୍ରକରି ସନ୍ଥପୁରାରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏପରିକି ଥାନା ପର୍ଯ୍ୟନ୍ତ କଥା ମଧ୍ୟ ଯାଇଥିଲା। ତେବେ ବିଧାୟକ ବିଷ୍ଣୁବ୍ରତଙ୍କ ଉଦ୍ୟମରେ ଏକ ଶାନ୍ତି କମିଟି ଗଠନ କରିବା ଲାଗି ସ୍ଥିର ହୋଇଥିଲା। ଉଭୟ ସଂପ୍ରଦାୟର ଲୋକଙ୍କ ଉପସ୍ଥିତିରେ ଅଘଟଣ କରାଇଥିବା ଯୁବଗୋଷ୍ଠୀଙ୍କ ସହିତ ଆମୂଳଚୂଳ ଆଲୋଚନା କରାଯିବା ଲାଗି ସ୍ଥିରିକୃତ ହୋଇଥିଲା। ତଦନୁଯାଇ ଦୁଇଦିନ ତଳେ ବ୍ଲକ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ମନୋଜ କୁମାର ପାତ୍ର, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, କମଳାକାନ୍ତ ଲେଙ୍କାଙ୍କ ସମେତ ତିହିଡି ଆଇଆଇସି ପ୍ରସନ୍ନ କୁମାର ନାୟକ, ପୀରହାଟ ଥାନାର ଏସଆଇ ସୁପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ପର୍ଯ୍ୟାଲୋଚନା ପରେ ଅଘଟଣ କରାଉଥିବା କେତେକ ଯୁବକଙ୍କୁ ତାଗିଦ୍ କରାଯାଇଛି। ଆଗାମୀ ଦିନରେ ସାମାନ୍ୟତମ ବ୍ୟତିକ୍ରମ କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୬୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୬୫୫୦୧ ।

## ଓଡ଼ିଶା ବିଧାନସଭା ନିର୍ବାଚନ ୨୦୨୪ ପାଇଁ

# ସଙ୍କଳ୍ପପତ୍ର ଲୋକାର୍ପଣ କଲେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା



ଭୁବନେଶ୍ୱର,(ସବ୍ୟୁ): ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ପ୍ରକାଶ ନଡ୍ଡା ଓଡ଼ିଶାର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସଂକଳ୍ପ ପତ୍ର 'ମେନିଫେଷ୍ଟୋ' ଜାରୀ କରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ରାଜନୀତିର ସଂସ୍କୃତି, ରାଜନୀତିର ଚାଲି ଚଲଣ ଏବଂ ରାଜନୀତିର ଉପାୟ –ପଦ୍ଧତି ବଦଳିଛି । ଆଜିର ସମୟରେ, ସଂକଳ୍ପ ପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ପରିଣତ ହୋଇଛି ।

ମୋଦୀ ଜୀ ଙ୍କ ନେତୃତ୍ୱରେ ଆଜିର ରାଜନୀତି ରିପୋର୍ଟ କାର୍ଡ ରାଜନୀତିରେ ପରିଣତ ହୋଇଛି । ଯାହା କହିଥିଲୁ ତାକୁ କଲୁ ଆଉ ଯାହା କହି ନ ଥିଲୁ ତାକୁ ମଧ୍ୟ କରି କି ଦେଖାଇଛୁ । ଆମେ ଗାଁରୁ ଗାଁ, ପଞ୍ଚାୟତରୁ ପଂଚାୟତ ଯାଇ ହଜାର ହଜାରରୁ ଅଧିକ ପରାମର୍ଶ ସଂଗ୍ରହ କରି ଏହି ସଂକଳ୍ପ ପତ୍ର ପ୍ରସ୍ତୁତ କରିଛୁ ।

ଶ୍ରୀ ନଡ୍ଡା କହିଛନ୍ତି ଯେ, ଓଡ଼ିଶାକୁ କର ଅବମୂଲ୍ୟନ ମାଧ୍ୟମରୁ ପ୍ରାୟ ୩.୨ ଲକ୍ଷ କୋଟି ଟଙ୍କା ଦିଆଯାଇଛି ଏବଂ ଗ୍ରାଣ୍ଟ ଇନ୍ ଏଡ ଅଧୀନରେ ୧.୭ ଲକ୍ଷ କୋଟି ଟଙ୍କା ଦିଆଯାଇଛି । ଓଡ଼ିଶାରେ ବିଜେପି ଏଥର ବିରୋଧୀ ଆସନରେ ବସିବନାହିଁ, ସରକାର ଗଢି ଲୋକଙ୍କ ସେବା କରିବ । ରାଜ୍ୟର କ୍ଷେତକୁ ପାଣି ପହଂଚିପାରୁନି, ଫସଲର ଉଚିତ ଦାମ ଦିଆଯାଉନାହିଁ ଏବଂ ଓଡ଼ିଶାର ଚାଷୀଙ୍କ ଆୟ ଦେଶରେ ସବୁଠୁ କମ୍ ଅଟେ । ଓଡ଼ିଶାରୁ ସବୁଠୁ ଅଧିକ ସ୍ଥାନାନ୍ତରିତ ହେଉଛି, କିନ୍ତୁ ରାଜ୍ୟ ସରକାର ଏଥିପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉନାହାନ୍ତି । ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିକ୍ଷା ଯାଏ ଓଡ଼ିଶାର ସମସ୍ତ ବ୍ୟବସ୍ଥା ଭୁଶୁଡିଯାଇଛି । ରାଜ୍ୟର ହସ୍ପିଟାଲ ସ୍ୱୟଂ କୋମାରେ ଚାଲୁଛି । ବିଜେପିର ଲକ୍ଷ୍ୟ ସଂକଳ୍ପରେ ସିଦ୍ଧି ଅଭିମୁଖେ ଅଟେ । ଏହି ସଂକଳ୍ପ ପତ୍ର ଓଡ଼ିଶାର ବିକାଶର ରୋଡମ୍ୟାପ ଅଟେ । ବିଜେପି ଓଡ଼ିଶାରୁ ଦୁର୍ନୀତି ଶେଷ କରିବ ଏବଂ ଓଡ଼ିଶାର ଚିଟଫଣ୍ଡ ଘୋଟାଲାକାରୀଙ୍କୁ ଦଣ୍ଡ ଦିଆଯିବ ଏବଂ ୧୮ ମାସ ମଧ୍ୟରେ ଛୋଟ ବ୍ୟବସାୟୀଙ୍କ ଟଙ୍କା ଫେରାଯିବ ।

ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି ଯେ, ଆମ ସରକାର ଚାଷୀ, ମହିଳା ଓ ଯୁବକଙ୍କ ଚିନ୍ତା କରୁଛି ଏଥିପାଇଁ ଆମେ ସମୃଦ୍ଧ କୃଷକ ନୀତି ଆରମ୍ଭ କରିବୁ । ମହିଳାଙ୍କ ବିକାଶ ପାଇଁ ସୁଭଦ୍ରା ଯୋଜନା ଆଣିବୁ ଏବଂ ଏହା ଅଧୀନରେ ପ୍ରତି ଜଣେ ମହିଳାଙ୍କୁ ୫୦ହଜାର ଟଙ୍କାର କ୍ୟାସ ଭାଉଚର ଦିଆଯିବ । ଆଗାମୀ ୩ବର୍ଷରେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି କରିବୁ ।

ଆମେ ଓଡିଶାର ଆର୍ଥିକ ନୀତିକୁ ଗତି ପ୍ରଦାନ କରାଯିବ । ଏହା ମାଧ୍ୟମରେ ଆମେ ୨୦୨୯ ବେଳକୁ ୩.୫ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରାଯିବ । ୨୦୨୭ ବେଳକୁ ରାଉରକେଲା, ସମ୍ବଲପୁର, ପାରାଦ୍ୱୀପ ଓ ଧାମରାକୁ ଇଣ୍ଡଷ୍ଟ୍ରିଆଲ କରିଡର ରୂପରେ ବିକଶିତ କରିବୁ । ଶ୍ରୀ ନଡ୍ଡା କହିଛନ୍ତି ଯେ ଆମେ ସମୃଦ୍ଧ ଓଡିଶା ଆଣିବୁ , ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆମେ ୧୫ ଲକ୍ଷ ଘର ତିଆରି କରିବୁ । ଆମେ ଶ୍ରୀ ଜଗନ୍ନାଥ ମନ୍ଦିରର ଯେଉଁ ରତ୍ନଭଣ୍ଡାର ରହିଛି ତାର ଚାବି ଆଣି ୪ ଜୁନ୍ ରେ ଆସିବୁ ଓ ଏହାର ଯାଞ୍ଚ କରି ନ୍ୟାୟ ଦେବୁ । ଆମେ ରତ୍ନ ଭଣ୍ଡାର ଖୋଲିବୁ । ଆମେ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲିଦେବୁ ।

ଶ୍ରୀ ନଡ୍ଡା କହିଛନ୍ତି ଯେ ଓଡିଶାର ବୁଣାକାର ସମ୍ମାନ ନିଧି ଯୋଜନାରେ ୪୦ରୁ ୬୦ ବର୍ଷର ବୁଣାକାରଙ୍କୁ ପ୍ରତି ମାସ ୩ ହଜାର ଟଙ୍କା ଓ ୬୦ ବର୍ଷରୁ ଅଧିକ ବୟସ୍କ ବୁଣାକାରଙ୍କୁ ୩ ହଜାର ୫୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିବେ । ଆୟୁଷ୍ମାନ ଭାରତକୁ ଲାଗୁ କରାଯିବ । ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ର ମୋଦୀଙ୍କ ଗ୍ୟାରେଣ୍ଟି ଅଟେ ଓ ମୋଦୀଙ୍କ ଗ୍ୟାରେଣ୍ଟି ମାନେ ଗ୍ୟାରେଣ୍ଟି ପୂରଣ ହେବାର ଗ୍ୟାରେଣ୍ଟି ।

ଏହି କାର୍ଯ୍ୟକ୍ରମରେ ଓଡିଶା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ , ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ଜୟ ପଣ୍ଡା, ଓଡିଶା ମେନିଫେଷ୍ଟୋ କମିଟି ମୁଖ୍ୟ ସମୀର ମହାନ୍ତି, ସହ–ମୁଖ୍ୟ ଶ୍ରୀମତୀ ଆପରାଜିତା ଷଡଙ୍ଗୀ, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ପାର୍ଟିର ଅନ୍ୟ ନେତାମାନେ ମଞ୍ଚରେ ଉପସ୍ଥିତ ଥିଲେ ।

## କଟକରେ ଅରୁନ୍ଧତୀ ଜୁଏଲର୍ସର ଅଷ୍ଟମ ଶାଖା ଶୁଭାରମ୍ଭ ଆଜି

### ଯୋଗଦେବେ ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ ଓ ଓଲିଉଡ ଅଭିନେତ୍ରୀ ଅର୍ଚ୍ଚିତା ସାହୁ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପ୍ରମୁଖ ସୁନା ଗହଣା ବ୍ରାଣ୍ଡ ଅରୁନ୍ଧତୀର ଜୁଏଲର୍ସର ଅଷ୍ଟମ ଫ୍ଲାଗସିପ୍ ଶୋ ରୁମ୍ କଟକର କ୍ୟାଣ୍ଟେନମେଣ୍ଟ ଛକଠାରେ ଉଦ୍‌ଘାଟନ ହେବାକୁଯାଉଛି । ୬ ତାରିଖ ସୋମବାର ସନ୍ଧ୍ୟା ୫ଟାରେ ଏହା ଉଦ୍‌ଘାଟନ ହେବ । ଏଥିରେ ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ ଓ ଓଲିଉଡ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ଯୋଗଦାନ କରିବେ । ଏହାର ପ୍ରତିଷ୍ଠାତା ତଥା ଏମ୍‌ଡି ବ୍ରାହ୍ମାନନ୍ଦ ମେହର କହିଛନ୍ତି ଯେ, ଦୀର୍ଘ ୨୪ ବର୍ଷ ଧରି ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ଅରୁନ୍ଧତୀ ଉପରେ ବିଗତ ଏକବର୍ଷ ମଧ୍ୟରେ ପୂର୍ବ ଭାରତର ଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଭାବେ ୪ଥର ଜାତୀୟ ସମ୍ମାନରେ ସମ୍ମାନୀତ ହୋଇ ଓଡ଼ିଶାବାସୀଙ୍କ ପାଇଁ ଗୌରବ ଆଣିଛି । କଟକ କ୍ୟାଣ୍ଟନମେଣ୍ଟ ସ୍କୋୟାର ଠାରେ ଖୋଲିବାକୁ ଯାଉଥିବା ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନିକ ଫ୍ଲାଗସିପ୍ ଶୋ ରୁମ୍ ୭ ହଜାର ବର୍ଗଫୁଟ ପରିମିତ ଓ ଏଠାରେ ୧୦,୦୦୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଡିଜାଇନ୍ ଓ ସମ୍ପୂର୍ଣ୍ଣ ହଲମାର୍କ ସୁଧତାଯୁକ୍ତ ସୁନା ଗହଣ, ହୀରାଗହଣା ଉପଲବ୍ଧ ହେବ । ଏଠାରେ ୫ ଷ୍ଟାର ପ୍ରମିଜ୍ ସେବା ମଧ୍ୟ ଯୋଗାଇ ଦିଆଯିବ । ଆଗାମୀ ଅକ୍ଷୟତୃତୀୟାରେ




ଥିବା ବିଶ୍ୱାସକୁ ପାଥେୟ କରି ଅରୁନ୍ଧତୀ ଆଜି ଓଡ଼ିଶାର ଏକ ପ୍ରତିଷ୍ଠିତ ସର୍ବବୃହତ ସୁନା, ହୀରା ଗହଣା ବ୍ରାଣ୍ଡ ଭାବରେ ମାନ୍ୟତା ପାଇବା ସହିତ ରାଜ୍ୟର ସର୍ବାଧିକ ସହରରେ ଉପସ୍ଥିତି ଜାହିର କରିପାରିଛି । ଆତ୍ମୀୟତା ସ୍ୱେଚ୍ଛତା ଓ ନମ୍ରତା ଭରା ଗ୍ରାହକ ସେବା ଯୋଗୁଁ ଅରୁନ୍ଧତୀ ଗ୍ରାହକମାନଙ୍କର ହୃଦୟ ଜିତିଛି । ବିଭିନ୍ନ ସମୟରେ ଜାତୀୟ, ଅନ୍ତର୍ଜାତୀୟ ପୁରସ୍କାର ସହ ଅରୁନ୍ଧତୀ ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟରେ ହଲମାର୍କ ସୁନା ଗହଣାର ପ୍ରତି ଗ୍ରାମ୍ ଗଢ଼ା ମଜୁରୀ ପିଛା ୭୯୯ ଟଙ୍କା ରହିଥିଲା ବେଳେ ପ୍ରତ୍ୟେକ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ସହ ଆକର୍ଷଣୀୟ ଉପହାର ଦିଆଯିବ । ୩୫ ଜଣ ଲକ୍ଷପତି ହେବାର ସୁଯୋଗ ଓ କୌଣସି ପୁରୁଣା ହଲମାର୍କ ଗହଣା ଉପରେ ୧୦୦ ପ୍ରତିଶତ ଏକ୍ସଚେଞ୍ଜ ଭ୍ୟାଲୁ ଦିଆଯିବ ।

## ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ: ଉମା ସାମନ୍ତରାୟଙ୍କ ନେତୃତ୍ୱରେ ବିଜେଡ଼ିରେ ମିଶିଲେ ବିଜେପି କର୍ମୀ

**ପୁରୀ:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ରହ୍ମଗିରି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ରବିବାର ବ୍ରହ୍ମଗିରି ପଞ୍ଚାୟତର କେତେକ କର୍ମୀ ବିଜେପି ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି ।



ଦଳ ପକ୍ଷରୁ ନବଗତଙ୍କୁ ବିଜୁ ଜନତା ଦଳ ଉତରି ପ୍ରଦାନ କରି ସ୍ୱାଗତ କରା ଯାଇଥିଲା । ନୂତନ ଭାବେ ଦଳରେ ଯୋଗ ଦେଇ ଥିବା କର୍ମୀ ମାନେ ହେଲେ ସରପଞ୍ଚ ଶ୍ରୀମତୀ ରାଧାରାଣୀ ଦଳାଇ, ଭୁବନପୂର୍ ପଞ୍ଚାୟତର ସମିତି ସଭ୍ୟ ତ୍ରିନାଥ ପଲାଇ, ୨୮ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଧାକର ଭୋଳ, ଭୁବନପୂର୍ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସୁଜାତା ଭୋଳ, ରେବଣାନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର ମଙ୍ଗରାଜ, ବିଜେପିର ପୁରୀ ଜିଲ୍ଲା ସମ୍ପାଦକ ଆର୍ତ୍ତତ୍ରାଣ ପ୍ରଧାନ, ବିଜେପି ନେତା ନନ୍ଦ କିଶୋର ବିଶ୍ୱାଳ, ଯୁବନେତା ରଜତ ସ୍ୱାଇଁ, ରଞ୍ଜନ ପଲାଇ, ଅର୍ଜୁନ ବେହେରା, ରାଜା ପ୍ରଧାନ, ଏକାଦଶୀ ପଲାଇ, ସତ୍ୟରଞ୍ଜନ ପ୍ରଧାନ, ରାଜୁ ବରାଳ । ଏଥି ସହିତ ବ୍ରହ୍ମଗିରି ପଞ୍ଚାୟତର ଶତାଧିକ କର୍ମୀ ଭାରତୀୟ ଜନତା ପାର୍ଟି ପରିତ୍ୟାଗ କରି ଫାଇବଟି ଅଧକ୍ଷ ଭି. କେ. ପାଣ୍ଡିଆନଙ୍କ ଉପସ୍ଥିତିରେ ନବୀନ ନିବାସରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।

## ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ବେପାରି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ପୋଲିସ ଜଣେ ବେପାରିକୁ ଗିରଫ କରିବା ସହ ତା' ନିକଟରୁ ୨୦ ଗ୍ରାମ୍ ବ୍ରାଉନ୍‌ସୁଗର, ୩ ହଜାର ୬୦୦ ଟଙ୍କା ଓ ବାଇକ୍ ଜବତ କରିଛି ।

ଖୁସି ହୋଟେଲ ନିକଟରେ ଖଣ୍ଡଗିରି ଥାନା ପୋଲିସ ଅତର୍କିତ ଭାବରେ ଚଢ଼ାଉ କରି ବେପାରି ଶକ୍ତି ପ୍ରସାଦ ଜେନା ଓରଫ କୁନୁ (୩୪)କୁ ଗିରଫ କରିବା ସହ ତା' ନିକଟରୁ ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବାରେ ସକ୍ଷମ ହୋଇଛି । ସେ ସେଠାରେ ବ୍ରାଉନ୍‌ସୁଗର ବିକ୍ରି କରିବା ପାଇଁ ଠିଆ ହୋଇଥିବା ପୋଲିସ କହିଛି । ଗିରଫ ଅଭିଯୁକ୍ତ କୁନୁର ଘର ଜାଗମରା ଭାଗବତ ହାଉସ୍ ନିକଟରେ । ସେ ବ୍ରାଉନ୍‌ସୁଗର ଆଣି ବିକ୍ରି କରୁଥିବା ପୋଲିସ ଖବର ପାଇବା ପରେ ସତର୍କତାର ସହ ଖୁସି ହୋଟେଲ ନିକଟରେ ଚଢ଼ାଉ କରିଥିଲା । ଗିରଫ କୁନୁକୁ ରବିବାର କୋର୍ଟଚାଲାଣ କରାଯିବ। ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସ୍ୱାଧୀନଭାବେ ଲଢିବେ କବିର ଦାସ

ରତ୍ନଗିରି,(ସବ୍ୟୁ): ଟିକେଟ ଆଶାୟୀ ଥିବା ଯାଜପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି କବିର ଦାସ ରବିବାର ଦିନି ସାମ୍ବାଦିକ ସମ୍ମିଳନୀ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବେ ବୋଲି କହିଛନ୍ତି। ଏଥି ସହ ମୋ ପାଖରେ କୋଟି କୋଟି ଟଙ୍କା ନଥିବାରୁ ମୋତେ ଟିକେଟ ଦିଆଯାଇ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। କବୀର ଦାସ ଜଣେ ଭଲ ସଂଗଠକ ସାଧାରଣ ନିର୍ବାଚନ ଲାଗି ବିଜେପି ଦଳ ତାଙ୍କୁ ଅଣଦେଖା କରି ଉମେଶ ଜେନାଙ୍କୁ ବରୀ ବିଧାୟକ ପ୍ରାର୍ଥୀ ଟିକେଟ ଦେବାରୁ ସେ ନିଶ୍ଚିତ ସ୍ୱାଧୀନ ଭାବେ ନିର୍ବାଚନ ଲଢିବାକୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଭାରତୀୟ ସୈନୀକ ଭାବେ ଦେଶ ସେବା କରି ଅବସର ପରେ ନିଜ ବରୀ ବାସୀଙ୍କ ସେବା କରୁଛନ୍ତି। ୨୦୨୨ ମସିହା ପଂଚାୟତ ନିର୍ବାଚନ ସମୟରୁ ମୁଁ ଦଳ ଲାଗି କାମ କରି ଆସୁଛି। ପଂଚାୟତ ନିର୍ବାଚନରେ ବିଜେପି ପକ୍ଷରୁ ଜିଲ୍ଲା ପରିଷଦ ଭାବେ ନିର୍ବାଚନ ଲଢି ମାତ୍ର ୬୦୦ ଖଣ୍ଡ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ମା ସମର୍ଥକ ମାନଙ୍କ ସହିତ ଆଲୋଚନା କରିବା ପରେ ଏହି ସାଧାରଣ ନିର୍ବାଚନରେ ସ୍ୱାଧିନ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ସ୍ଥିର କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣ ।କରିଛନ୍ତି।

## ବିଜେଡ଼ିରେ ଯୋଗଦେଲେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବହୁ ନିର୍ବାଚିତ ପ୍ରତିନିଧି

ଭୁବନେଶ୍ୱର,(ସବ୍ୟୁ): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ମୁରୀବାହାଲ ବ୍ଲକର ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀଙ୍କ ସହ ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖ ଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କଣ୍ଟାବାଞ୍ଜି ଓ ପଦ୍ମପୁର ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଶ୍ୱବିହାରୀ ଯୋଶୀଙ୍କ ସହ ଶତାଧିକ କର୍ମୀଙ୍କୁ ଡକ୍ଟର ପାତ୍ର, ଓ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ଏହି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି ମୁରୀବାହାଲ ବ୍ଲକରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ ।




ଏହି ମିଶ୍ରଣ ପର୍ବରେ ସରପଞ୍ଚ ସୁକମଣି ପଟେଲ, କାଳିଆସରଫ, ରାମ ଦାସମହାକୁଡ, ପ୍ରିୟବ୍ରତ ପ୍ରଧାନୀ, ଗିରିଧରୀମହାନନ୍ଦ, ଦୋଳମଣୀ ଛୁରା, ହେମରାଜ ବେହେରା, ଲମ୍ବୋଦର ବଗର୍ତୀ, କର୍ଣ୍ଣଘିବେଲା, ନବକିଶୋରହାତୀ, ରାମରଂଜନସେଠ, ବକୁଳଭୋଇ, ଚିନ୍ତାମଣି ବେହେରା, ଜିତେନ୍ଦ୍ର ନାଗ ଓ ସରୋଜ ମେହେରଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହ୍ଲାର ପକ୍ଷରୁ ବୈଶାଖୀ ଉତ୍ସବ

କଟକ (ସବ୍ୟୁ) ସାଂସ୍କୃତି ଅନୁଷ୍ଠାନ ମହ୍ଲାର ପକ୍ଷରୁ ଚୌଦ୍ୱାର ମଙ୍ଗରାଜ ପୁର ଭରସା ଆଶ୍ରମ ପରିସରରେ ବୈଶାଖୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଅନୀଲ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେଣ୍ଟଜାଭିୟର୍ସ ସ୍କୁଲର ଅଧ୍ୟକ୍ଷା ଅପରାଜିତା ମହାପାତ୍ର,ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁନିଲ ରାଉତ ଯୋଗଦେଇଥିଲେ ।

ଯୁଗ୍ମସଂପାଦିକା ନିରୂପମା ଆଚାର୍ଯ୍ୟ ପ୍ରାରମ୍ଭିକ ସୁଚନା ଦେଇଥିଲେ ।ଭରସା ଆଶ୍ରମର ସମ୍ପାଦିକା ଦୀପାଳି ମହାନ୍ତିଙ୍କୁ ମହ୍ଲାର ସେବା ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।ଏହି ଅବସରରେ ମହ୍ଲାର ପକ୍ଷରୁ ଆଶ୍ରମର ଅନ୍ତେବାସୀଙ୍କ ପାଇଁ ମହ୍ଲାର ପକ୍ଷରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସୋମନାଥ ମହାନ୍ତି,ବ୍ରହ୍ମୋତ୍ରୀ ଲେଙ୍କା,ମଧୁସ୍ମିତା ଷଢ଼ଙ୍ଗୀ,ସମ୍ବିତ ମହାନ୍ତି,ଶୁସାନ୍ତ ରାଉତ, ସୌମ୍ୟରଞ୍ଜନ ମିଶ୍ର, ଅଭିରାମ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ ।ଶେଷରେ ମହ୍ଲାର ପକ୍ଷରୁ କଳାକାର ମାନଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଜେଡ଼ିରେ ଯୋଗଦେଲେ ବରିଷ୍ଠ ବିଜେପି ନେତା ଯୁଗାଂଶୁ ଶେଖର ପଣ୍ଡା




ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ବିଜେପିର ବରିଷ୍ଠନେତା ଯୁଗାଂଶୁ ଶେଖର ପଣ୍ଡାଙ୍କ ସହ ଶତାଧିକ କଂଗ୍ରେସ ଓ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଭୁବନେଶ୍ୱର–ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମତ୍ସ୍ୟନିଗମ ଅଧ୍ୟକ୍ଷ ସୁବାସ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ଯୁଗାଂଶୁ ଶେଖର ପଣ୍ଡାଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସକର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀରାଉତ ଓ ଶ୍ରୀ ପାତ୍ର ଉପଢୌକନ ଦେଇ ସ୍ୱାଗତ କରିଥିଲେ । ବିଜେପି ଓ କଂଗ୍ରେସକର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର–ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ରାଉତ ଓ ଶ୍ରୀ ପାତ୍ର କହିଥିଲେ।

ଏହି ମିଶ୍ରଣ ପର୍ବରେ ବିଜେପି ନେତା ନିରଞ୍ଜନ ସାହୁ, ନିରଞ୍ଜନ ପାତ୍ର, ନିରୂପମା ପାତ୍ର, ସ୍ମୃତିରଞ୍ଜନ ମହାନ୍ତି, ଅନାମ ଚନ୍ଦ୍ର ପ୍ରଧାନ, ଆଲୋକ ରଞ୍ଜନ ପତି, ଶ୍ରୀଧର ବଳିୟାରସିଂହ, ମଧୁସ୍ମିତା ପରିଡା, ଅଭୟ ମିଶ୍ର, , ମୋହିନୀବେହେରାଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରବାଟୀ କଟକରୁ ଆଜି ପ୍ରାର୍ଥି ପତ୍ର ଦାଖଲ କରିବେ ଡାକ୍ତର ପୁର୍ଣ୍ଣ ମହାପାତ୍ର

କଟକ(ସ.ବ୍ୟୁ)ବାରବାଟୀ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଳମ୍ବରେ ହେଲେ ବି ବିଜେପି ଟିକେଟ ପାଇଥିବା ସୁନାମଧନ୍ୟ ପ୍ରସୁତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଆଜି ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିବେ । ସକାଳ ୮ ଟାରୁ ସେ ଏକ ଶୋଭାଯାତ୍ରାରେ ନିଜ ଦଳୀୟ କର୍ମକର୍ତ୍ତା ମାନଙ୍କ ସହ ସଡିଏ ରୁ ବାହାରି ସତୀଚଉରାଛକ ଦେଇ ଗୌରୀଶଙ୍କର ପାର୍କ ଠାରେ ପହଞ୍ଚିବେ ।ସେଠାରୁ ପାଦଯାତ୍ରାରେ ନୟାସଡକ ଛକ, ନିମଚୌଡି ଛକ,ହାଇକୋର୍ଟ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି ।ଆଜି ନୋମିନେସନ ଦାଖଲର ଶେଷ ଦିନ ହୋଇଥିବାରୁ କଟକ ସଦର ଆସନ କଂଗ୍ରେସ ଟିକେଟ ପାଇଥିବା ରାମଚନ୍ଦ୍ର ଗୋଛାୟତ ମଧ୍ୟ ନାମାଙ୍କନ ଭରିବେ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ଶିଶିର କୁମାର ମିଶ୍ର ସୁଚନା ଦେଇଛନ୍ତି ।



## ୪୧ ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,ଓଡ଼ିଶା ଦ୍ୱାରା କଳିଙ୍ଗ ଆର୍ଟ ଗ୍ୟାଲେରୀରେ ଆୟୋଜିତ ହୋଇଯାଇଛି । ୪୧ ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ । ପ୍ରଦର୍ଶନୀକୁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଚିତ୍ରଶିଳ୍ପୀ ବିନୋଦ ମହାରଣା ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋ ଉଦ୍‌ଘାଟନ କରିଥିଲେ । ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ଯୁବ ଚିତ୍ରଶିଳ୍ପୀ ମାନେ ଏହାକୁ ଅଧିକ ଋଦ୍ଧିମନ୍ତ କରିପାରିବେ ବୋଲି ମତ ପ୍ରକାଶ କରିଥିଲେ । ଅତିଥି ମାନେ ପ୍ରଦର୍ଶିତ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଦର୍ଶନୀରେ ୪୧ ତମ ରାଜ୍ୟ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀଙ୍କ କଳାକୃତି ସହ ୮୮ ଟି ଚିତ୍ରକଳା,୩୫ ଟି ଭାସ୍କର୍ଯ୍ୟ,୧୨ ଟି ମୁଦ୍ରଣ କଳା ଓ ୮ ଟି ପାରମ୍ପରିକ କଳା ପ୍ରଦର୍ଶିତ ହୋଇଛି । ଏହି ପ୍ରଦର୍ଶନୀ ପ୍ରତ୍ୟହ (ସୋମବାର ବ୍ୟତୀତ)ସକାଳ ୧୧ ଟା ଠାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ ।

# ମୁସଲମାନ ସମ୍ପ୍ରଦାୟକୁ କେବଳ ଏକ ଭୋଟ୍ ବ୍ୟାଙ୍କ ଭାବରେ ଦେଖନ୍ତି କଂଗ୍ରେସ: ରାଜନାଥ ସିଂ



ନୂଆଦିଲ୍ଲୀ: କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧିଙ୍କୁ ପ୍ରଶଂସା କରି ରାହୁଲ ଗାନ୍ଧୀଙ୍କ ସମସ୍ୟା ବାଇଛନ୍ତି ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଚୌଧୁରୀ ଫୱାଦ ହୁସେନ । ଏହି ପ୍ରଶଂସା ପରେ ବିଜେପି କ୍ରମାଗତ ଭାବେ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ ଉପରେ ଆକ୍ରମଣ କରୁଛି । ଏହି ପ୍ରସଙ୍ଗରେ ବିଜେପି ରାହୁଲ ଗାନ୍ଧୀଙ୍କଠାରୁ ଜବାବ ମାଗୁଛି ବୋଲି କହିଛନ୍ତି ବିଜେପିର ବରିଷ୍ଠ ନେତା ରାଜନାଥ ସିଂ ।

ରାଜନାଥ ସିଂ କହିଛନ୍ତି ଯେ, ପାକିସ୍ତାନର ପୂର୍ବତନ ମନ୍ତ୍ରୀ ରାହୁଲ ଗାନ୍ଧୀଙ୍କୁ ପ୍ରଶଂସା କରିବା ଅତ୍ୟନ୍ତ ଚିନ୍ତାର ବିଷୟ । ଏହା ଉପରେ କଂଗ୍ରେସ ସ୍ପଷ୍ଟୀକରଣ ଦେବା ଉଚିତ ।

ରାଜନାଥ ସିଂ ଆହୁରି ମଧ୍ୟ କହିଛନ୍ତି ଯେ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାଖରେ କୌଣସି ଶକ୍ତି ନାହିଁ । ତାଙ୍କ ଦଳ ନିର୍ବାଚନ ପାଇଁ ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଧାର୍ମିକ ଆଧାରରେ କଂଗ୍ରେସ ଚିନ୍ତା ବଢାଉଛି ବୋଲି କହିଛନ୍ତି ରାଜନାଥ ସିଂ । ସେମାନେ ମୁସଲମାନ ସମ୍ପ୍ରଦାୟକୁ କେବଳ ଏକ ଭୋଟ୍ ବ୍ୟାଙ୍କ ଭାବରେ ଦେଖନ୍ତି ବୋଲି ଅଭିଯୋଗ ଆଣିଛନ୍ତି ରାଜନାଥ ।

# ନିର୍ବାଚନ ଜିତିଲେ ବି ନିଆଯିବ କାର୍ଯ୍ୟାନୁଷ୍ଠାନ: ବିଜେପି

ମୁମ୍ବାଇ: ଅଶ୍ଳୀଳ ଭିଡିଓ ଭାଇରାଲ୍ ଓ ଏକାଧିକ ମହିଳାଙ୍କୁ ଯୌନ ନିର୍ଯାତନା ମାମଲାରେ ଫସିଛନ୍ତି ଜେଡିଏସ ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡାଙ୍କ ପୁଅ ଏଚଡି ରେଭାନ୍ନା ଓ ନାତି ପ୍ରଜ୍ୱଳ ରେଭାନ୍ନାଛ ଏହି ମାମଲାକୁ ନେଇ ଜେଡିଏସ ସହଯୋଗୀ ଦଳ ହୋଇଥିବାରୁ ବିଜେପିକୁ ଘେରିଛନ୍ତି ବିରୋଧୀ । ଏହାରି ମଧ୍ୟରେ କର୍ଣ୍ଣାଟକ ବିରୋଧୀ ଦଳ ନେତା ତଥା ବିଜେପି ନେତା ଆର ଅଶୋକ ମୁହଁ ଖୋଲିଛନ୍ତି ।

ପ୍ରଜ୍ୱଳ ହାସନ ଲୋକସଭା ନିର୍ବାଚନମଣ୍ଡଳନୀରୁ ବିଜୟୀ ହେଲେ ମଧ୍ୟ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ଏଥିସହ ପ୍ରଜ୍ୱଳଙ୍କ ବିଦେଶ ପଳାୟନ ଉପରେ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ସିଦ୍ଧରମୈୟାଙ୍କୁ ଦାୟୀ କରିଛନ୍ତି ଆର ଅଶୋକ ।

ସେ କହିଛନ୍ତି, ଆମେ ଦୀର୍ଘ ଦିନ ଧରି ଓଉ ରେଭାନ୍ନା ଏବଂ ପ୍ରଜ୍ୱଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଆସିଛୁ । ସରକାର ବିଳମ୍ବରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ସିଦ୍ଧରମୈୟା ହାସନରେ ପ୍ରଜ୍ୱଳଙ୍କୁ ଏହି ପାଞ୍ଚ ବର୍ଷ କାହିଁକି ସମର୍ଥନ କଲେ ବୋଲି ଆର ଅଶୋକ ପ୍ରଶ୍ନ କରିଛନ୍ତି ।

କହି ରଖୁଛୁ ଯେ, ୨୦୧୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଏବଂ ଜେଡି(ଏସ୍) ମେଣ୍ଟ ଗଠନ ହୋଇଥିଲା । ୨୦୧୯ ଲୋକସଭା ନିର୍ବାଚନରେ ମଧ୍ୟ ମିଳିତ ଭାବେ ନିର୍ବାଚନ ଲଢିଥିଲେ । ଏହି ନିର୍ବାଚନ ସମୟରେ ପ୍ରଜ୍ୱଳ ହାସନ ଲୋକସଭା ନିର୍ବାଚନମଣ୍ଡଳୀରୁ ସାଂସଦ ହୋଇଥିଲେ । କିନ୍ତୁ ଚଳିତ ଲୋକସଭା ନିର୍ବାଚନରେ କର୍ଣ୍ଣାଟକରେ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ)ରେ ଜେଡି(ଏସ) ବିଜେପିର ସହଯୋଗୀ ଦଳ ।



ପ୍ରଜ୍ୱଳଙ୍କ ବାପା ତଥା କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ଓଉ ରେଭାନ୍ନାଙ୍କ ଗିରଫଦାରୀ ଉପରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଆର ଅଶୋକ । ସେ କହିଛନ୍ତି, ତାଙ୍କ ଗିରଫଦାରୀ ବିଜେପିର ଭାବମୂର୍ତ୍ତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ । କାରଣ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ଜେଡି(ଏସ୍) ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ବିଜେପିର ନୁହେଁ । ସେ ଆହୁରି କହିଛନ୍ତି, ଯଦି କର୍ଣ୍ଣାଟକରେ ଲୋକସଭା ଆସନରୁ ଅଧିକାଂଶ ବିଜେପି ଜିତେ ତେବେ ପ୍ରଜ୍ୱଳଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଏକାସଙ୍ଗେ ପାଞ୍ଚ ଶିଶୁଙ୍କୁ ଜନ୍ମ ଦେଲେ ମହିଳା

ପାଟଣା: ବିହାରର କିଶାନଗଞ୍ଜରେ ଦେଖିବାକୁ ମିଳିଛି ଏକ ବିରଳ ଘଟଣା । ଜଣେ ମହିଳା ଏକା ସାଙ୍ଗରେ ପାଞ୍ଚଟି ଶିଶୁଙ୍କୁ ଜନ୍ମ ଦେଇଛନ୍ତି । ସବୁଠୁ ବଡ଼ କଥା ହେଉଛି କି ମାଆ ସମେତ ସମସ୍ତ ଶିଶୁ ମଧ୍ୟ ସୁସ୍ଥ ଅଛନ୍ତି

ସୂଚନାନୁସାରେ, ପାଞ୍ଚ ଶିଶୁଙ୍କୁ ଜନ୍ମ ଦେଇଥିବା ମହିଳା ହେଉଛନ୍ତି ୨୭ ବର୍ଷୀୟ ତାହେରା ବେଗମ୍ । ସେ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଇସଲାମପୁରର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଏକା ସାଙ୍ଗରେ ପାଞ୍ଚଟି ଶିଶୁକନ୍ୟାଙ୍କୁ ଜନ୍ମ ଦେଇଛନ୍ତି ।

ଗୋଟିଏ ପରେ ଗୋଟିଏ ପିଲା ଜନ୍ମ ହେଉଥିବା ଦେଖି ଡାକ୍ତର ଏବଂ ନର୍ସମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହି ଖବର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଡାକ୍ତରଙ୍କ କହିବାନୁସାରେ, ସମସ୍ତ ପାଞ୍ଚ ଶିଶୁ ଝିଅଏବଂ ସେମାନେ ସମସ୍ତେ ସୁସ୍ଥ ଅଛନ୍ତି । ମାଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଠିକ୍ ରହିଛି ।

## ୟୁପିଆଇ ଏସଏମଏସ୍ ପଠାଇ ଲୋକଙ୍କୁ ଲୁଟିବାର ନୂଆ ତରିକା

ନୂଆଦିଲ୍ଲୀ : ଯେତେବେଳେ ମୁଁ ଅଫିସ କାମରେ ବ୍ୟସ୍ତ ଥିଲି, ସେତେବେଳେ ମୋ ପାଖକୁ ଜଣେ ବୃଦ୍ଧ ବ୍ୟକ୍ତିଙ୍କ କଲ୍ ଆସିଲା । କଲରେ ବୃଦ୍ଧ ବ୍ୟକ୍ତି ଜଣକ କହିଲେ, ଝିଅ ଆଦିତି ତୁମ ବାପାଙ୍କ ଆକାଉଣ୍ଟକୁ ପଇସା ପଠାଉଥିଲି, କିନ୍ତୁ ପଇସା ଟ୍ରାନ୍ସଫର ହୋଇପାରୁନି । ମୁଁ ତୁମ ନମ୍ବରକୁ ପଇସା ପଠାଇ ଦେଉଛି । ତୁମ ନମ୍ବର ଥରେ ଚେକ୍ କରିନିଅ । ମୁଁ ସେହି ବୃଦ୍ଧ ବ୍ୟକ୍ତିଙ୍କୁ ମୋ ନମ୍ବର ଦେବା ମାତ୍ରେ ଫୋନକୁ ଏକ ଏସଏମଏସ୍ ଆସିଲା । ବ୍ୟାଙ୍କ ଖାତାକୁ ଟଙ୍କା କ୍ରେଡିଟ୍ ହେଲେ ଯେପରି ଏସଏମଏସ୍ ଆସେ ଅବିକଳ ସମାନ ମେସେଜ୍ ମୋ ଫୋନକୁ ଆସିଗଲା । ପ୍ରଥମେ ୧୦,୦୦୦ ଟଙ୍କା କ୍ରେଡିଟ୍ ହୋଇଥିବା ମେସେଜ୍ ଆସିଲା ପରେ ପୁଣି ୩୦,୦୦୦ ଟଙ୍କା କ୍ରିଡିଟ୍ ହୋଇଥିବା ମେସେଜ୍ ଆସିଲା । ଏହା ପରେ ସେହି ବୃଦ୍ଧ ବ୍ୟକ୍ତି ଜଣକ ପୁଣି ଫୋନ କଲେ ଆଉ କହିଲେ, ଝିଅ ଆଦିତି ମୁଁ ତୁମ ବାପାଙ୍କୁ ୩୦୦୦ଟଙ୍କା ପଠାଇବାର ଥିଲା । କିନ୍ତୁ ଭୁଲବସତଃ ୩୦,୦୦୦ ଟଙ୍କା ପଠାଇଦେଇଛି । ତେଣୁ ତୁରନ୍ତ ମୋର ବାକି ଟଙ୍କା ଫେରସ୍ତ କରିଦିଅ ଛ ମୁଁ ମେଡିକାଲ ଆସିଛି । ତେଣୁ ତୁରନ୍ତ ଟଙ୍କା ଫେରସ୍ତ କରିଦିଅ । ବାରମ୍ବାର କଲ କରିବାରୁ ମୋ ମନରେ ସନ୍ଦେହ ସୃଷ୍ଟି ହେଲା ଆଉ ମୁଁ ବ୍ୟାଙ୍କ ଆକାଉଣ୍ଟ ଚେକ୍ କରି ସେହି ନମ୍ବରକୁ କଲ କଲାବେଳକୁ ମୋ ନମ୍ବରକୁ ବ୍ଲକ୍ କରିଦିଆଯାଇଥିଲା ।

ଏହି କୌଣସି କାହାଣୀ ନୁହେଁ ଆଦିତି ଚୋପ୍ରା ନାମକ ଜଣେ ମହିଳାଙ୍କ ପାଖକୁ ସାଇବର ଠକଙ୍କ ଏପରି କଲ୍ ଆସିଥିଲା । ସାଇବର ଠକ ଲୋକଙ୍କୁ ଲୁଟିବାର ଏକ ନୂଆ ତରିକା ଆପଣାଇଛନ୍ତି । ଏହିପରି ଭାବରେ କଲ୍ ଏବଂ ମେସେଜ୍ କରି ଲୋକଙ୍କୁ ଚୁନା ଲଗାଉଛନ୍ତି । ତେଣୁ ଯଦି ଆପଣଙ୍କ ପାଖକୁ ବି ଏପରି କଲ୍ କିମ୍ବା ମେସେଜ୍ ଆସୁଛି ତେବେ ସତର୍କତାର ସହ କାମ କରିବା ଉଚିତ୍ ।

## ୟୁନିସେଫରେ ଭାରତର ଜାତୀୟ ଆମ୍ବାସାଡର ହେଲେ କରିନା

ନୂଆଦିଲ୍ଲୀ: ଜାତିସଂଘ ଅନ୍ତର୍ଜାତୀୟ ଶିଶୁ ଜରୁରୀକାଳୀନ ପାଣ୍ଠି– ୟୁନିସେଫରେ ଭାରତର ଜାତୀୟ ଆମ୍ବାସାଡର ହେଲେ ବଲିଉଡ୍ ଅଭିନେତ୍ରୀ କରିନା କପୂର ଖାନ୍ । ଏହି ପଦବୀରେ ନିଯୁକ୍ତ ହେବା ପରେ ଖୁସି ବ୍ୟକ୍ତ କରିଛନ୍ତି କରିନା । ଯାହାର ଫଳସ୍ୱରୂପ ନିଯୁକ୍ତି ପରର ଅଭିଭାଷଣରେ ଭାବପ୍ରବଣ ହୋଇପଡିଥିଲେ କରିନା । ଏହି ୨୪ ବର୍ଷର ସେଲିବ୍ରିଟି ଜୀବନରେ ଆଉ ଏକ ବଡ ଉପଲବ୍ଧି ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି । ତେବେ ସେଲିବ୍ରିଟି ପ୍ରଚାରକ ଭାବେ ୨୦୧୪ ଠାରୁ ସେ ୟୁନିସେଫ ସହ ଜଡିତ ରହିଛନ୍ତି । ୨୦୦୦ ମସିହାରେ ସିନେମା 'ରିଫ୍ୟୁଜି'ରୁ, ବଲିଉଡ୍ ଜଗତରେ ପାଦ ଥାପିଥିଲେ କରିନା । ଯେଉଁଥିରେ ସେ 'ବେଷ୍ଟ ଫିମେଲ୍ ଡେବ୍ୟୁଟ' ପାଇଁ 'ଫିଲ୍ମଫେୟାର' ସମ୍ମାନ ମଧ୍ୟ ଜିତିଥିଲେ । ତେବେ ଏଯାବ୍ ସେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସିନେମା କରିସାରିଲେଣି ।




# ପିଆଜ ରପ୍ତାନୀ ଉପରୁ ହଟିଲା ବ୍ୟାନ

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ପାଇଁ ଜାରି ମତଦାନ ଭିତରେ କେନ୍ଦ୍ର ସରକାର ପିଆଜକୁ ନେଇ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଛନ୍ତି । ପୂର୍ବରୁ ପିଆଜ ରପ୍ତାନୀ ଉପରେ ସରକାର କଟକଣା ଜାରି କରିଥିବାବେଳେ ବର୍ତ୍ତମାନ ଏହି କଟକଣା ପ୍ରତ୍ୟାହର କରାଯାଇଛି । ମାତ୍ର ପିଆଜ ରପ୍ତାନୀ ଉପରେ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏନେଇ ଏକ ସରକାରୀ ବିବୃତିରେ କୁହାଯାଇଛି, ପିଆଜ ରପ୍ତାନୀ ଉପରେ ସରକାର ୪୦ ପ୍ରତିଶତ ରପ୍ତାନୀ ଶୁଳ୍କ ବଳବତ୍ତର ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଘରୋଇ ବଜାରରେ ପିଆଜ ଦର ବଢ଼ିବା ପରେ ଗତ ବର୍ଷ ଅଗଷ୍ଟରେ ପିଆଜ ରପ୍ତାନୀ ଉପରେ ସରକାର ୪୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ରପ୍ତାନୀ ଶୁଳ୍କ ଲାଗୁ କରାଯାଇଥିଲା । ତେବେ ଏହା ପରେ ମଧ୍ୟ ଘରୋଇ ବଜାରରେ ଯୋଗାଣରେ କୌଣସି ଉନ୍ନତି ନହେବାରୁ ସରକାର ପିଆଜ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ପରବର୍ତ୍ତୀ ସମୟରେ ପିଆଜ ରପ୍ତାନୀ ଉପରେ କଟକଣା ମଧ୍ୟରେ କିଛି ପଡ଼ୋଶୀ ଦେଶକୁ ପିଆଜ ପଠାଇବାକୁ ଭାରତ ସରକାର ନିକଟରେ ଅନୁମୋଦନ ଦେଇଛନ୍ତି ।

ଗତ ମାସରେ କେନ୍ଦ୍ର ସରକାର ସୂଚନା ଦେଇଥିଲେ ଯେ ୬ ଦେଶକୁ ପ୍ରାୟ ୧ ଲକ୍ଷ ଟନ ପିଆଜ ରପ୍ତାନୀ ପାଇଁ ଅନୁମୋଦନ ଦିଆଯାଇଛି । ଏହି ସମସ୍ତ ୬ ପଡ଼ୋଶୀ ଦେଶକୁ ୯୯ ହଜାର ୧୫୦ଟନ ପିଆଜ ରପ୍ତାନୀ ହେବ । ତେବେ ପିଆଜ ଏବଂ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ କ୍ଷେତ୍ରରେ ସରକାର ବାଣିଜ୍ୟ ସମ୍ବନ୍ଧୀୟ ନୀତିରେ କିଛି ପରିବର୍ତ୍ତନ କରିଛନ୍ତି । ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଦେଶୀ ଚଣା ଉପରୁ ସରକାର ଆମଦାନୀ ଶୁଳ୍କ ଛାଡ଼ କରିଛନ୍ତି । ସେହିଭଳି ହଳଦିଆ ମଟର ଉପରେ ଆମଦାନୀ ଶୁଳ୍କ ଛାଡ଼କୁ ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସମସ୍ତ ପରିବର୍ତ୍ତନ ଶନିବାରଠାରୁ କାର୍ଯ୍ୟକାରୀ ହୋଇଛି ।

# ବ୍ରାଜିଲରେ ଭୟଙ୍କର ବନ୍ୟା, ୫୬ ମୃତ

ନୂଆଦିଲ୍ଲୀ : ବ୍ରାଜିଲରେ ଭୟଙ୍କର ବନ୍ୟା । ଦକ୍ଷିଣ ଆଫ୍ରିକାରେ ପ୍ରବଳ ବର୍ଷା କରାଣରୁ ଭୟଙ୍କର ବନ୍ୟା ସୃଷ୍ଟି ହୋଇଛି । କାଦୁଅ ଓ ପାଣି କାରଣରୁ ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କ ଜୀନବହାନୀ ଘଟିଥିବା ସୂଚନାରୁ ଜଣାପଡିଛି । ୫୬ଜଣ ଏହି ବନ୍ୟାରେ ପ୍ରାଣହରାଇଥିବା ବେଳେ ଏକ ହଜାରରୁ ଅଧିକ ଲୋକ ନିଜର ବାସଗୃହ ହରାଇଛନ୍ତି ।

ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଏବଂ ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚାଇବା କାମ ଜାରି ରହିଛି । ଜଳବନ୍ଦୀ ଅବସ୍ଥାରେ ଥିବା ଘର, ରାସ୍ତାଘାଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବନ୍ୟାରେ ଭାସିଆସିଥିବା କୁଢ କୁଢ ଅଳିଆ ଆବର୍ଜନା ଭିତରୁ ଦବି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି ।

ସେପଟେ ବନ୍ୟା ପୀଡିତ ଅଞ୍ଚଳଗୁଡିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି ରାଜ୍ୟପାଳ ଅଡୁଆର୍ଡୋ ଲିଟ୍ । ସେ କହିଛନ୍ତି ଆମ ଇତିହାସରେ ପ୍ରଥମଥର ସବୁଠାରୁ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେଉଛୁ । ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ପାଣିପାଗର ଆକଳନ ଲୋକଙ୍କ ଚିନ୍ତାକୁ ଆହୁରି ବଢାଇଦେଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଏହାଠୁ ଆହୁରି ଭୟଙ୍କର ପରିସ୍ଥିତି ହେବାକୁ ଅଛି ବୋଲି ପାଣିପାଗ ବିଭାଗ ପକ୍ଷ୍ୟରୁ ପୂର୍ବାନୁମାନ କରାଯାଇଛି । ତେଣୁ ଲୋକଙ୍କୁ ସତର୍କ ରହିବାରୁ ପରାମର୍ଶ ଦିଆଯାଇଛି । ପରିସ୍ଥିତି ଏତେ ଖରାପ ହୋଇପଡିଛି କି, ସବୁଠୁ ଉଚ୍ଚ ସ୍ଥାନରେ ଥିବା ଲୋକଙ୍କୁ ସେମାନଙ୍କ ସ୍ଥାନ ଖାଲି କରିବାକୁ ସରକାର କହିଛନ୍ତି । ସବୁଠୁ ବଡ କଥା ହେଉଛି ପାନୀୟ ଜଳ ସମସ୍ୟା ସୃଷ୍ଟି ହୋଇଛି । ଯାହାକୁ ନେଇ ଲୋକେ ଅଧିକ ମାତ୍ରାରେ ଆତଙ୍କିତ ହୋଇପଡିଛନ୍ତି ।



## ନୁହୁ ହତ୍ୟା ମାମଲା: ୪ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

ଚଣ୍ଡିଗଡ: ନୁହୁ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିବା ୪ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି । ପଞ୍ଚକୁଳାର ସ୍ୱତନ୍ତ୍ର ସିବିଆଇ କୋର୍ଟ । ଏଥିସହ କୋର୍ଟ ଦୋଷୀଙ୍କ ଉପରେ ୮ ଲକ୍ଷ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଦଣ୍ଡାଦେଶ ପାଇଥିବା ସେହି ୪ ଅଭିଯୁକ୍ତ ହେଉଛନ୍ତି ହେମନ୍ତ ଚୌହାନ, ଆୟନ ଚୌହାନ, ବିନୟ ଓ ଜୟ ଭଗବାନ । ଗତ ଏପ୍ରିଲ ୧୦ରେ କୋର୍ଟ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

ସୂଚନା ଅନୁସାରେ, ଏକ ପରିବାର ଗୋ–ମାଂସ ବିକ୍ରି କରୁଥିବା ଅଭିଯୋଗ ଆଣି ଗତ ୨୦୧୬ ମସିହା ଅଗଷ୍ଟ ୨୪ ତାରିଖ ରାତିରେ କିଛି ଲୋକ ଉକ୍ତ ଘରେ ଚାଉ କରିଥିଲେ । ବନ୍ଦ ଘରେ ଘର ମାଲିକ ଓ ତାଙ୍କ ପତ୍ନୀଙ୍କୁ ହାଣି ହତ୍ୟା କରିଥିଲେ ଦୁର୍ବୃତ୍ତ । ପରେ ଘରେ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା ଓ ୨୧ ବର୍ଷୀୟା ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ ।

ପରେ ଘରୁ ସୁନାରୁପା ଓ ଟଙ୍କା ପଇସା ଲୁଟି ନେଇ ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ । ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚହଳ ପକାଇଥିଲା । ଯାହା ରାଜ୍ୟ ରାଜନୀତିରେ ଝଡ ସୃଷ୍ଟି କରିଥିଲା । ଶେଷରେ ଏହି ଘଟଣାର ତଦନ୍ତ ଭାର ରାଜ୍ୟ ସରକାର ସିବିଆଇକୁ ହସ୍ତାନ୍ତର କରିଥିଲେ । ସିବିଆଇ ୨୦୧୮ ଜାନୁଆରୀ ୧୪ ଏବଂ ୨୦୧୯ ଜାନୁଆରୀ ୨୯ରେ ଦୁଇଟି ଚାର୍ଜସିଟ୍ ଦାଖଲ କରିଥିଲା ।

# ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ କଲେ ମୋଦୀ



ବାରଣାସୀ: ଗତ ଜାନୁଆରୀ ୨୨ରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ପରେ ପ୍ରଥମ ଥର ପାଇଁ ରାମମନ୍ଦିର ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଉତ୍ତରପ୍ରଦେଶ ଗସ୍ତ କରି ପ୍ରଭୁ ଶ୍ରୀ ରାମଲାଲାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ରାମଲାଲାଙ୍କୁ ଦର୍ଶନ ପରେ ଅଯୋଧ୍ୟାରେ ଏକ ବିଶାଳ ରୋଡ ସୋ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଆସନ୍ତା ମେ ୧୪ରେ ବାରାଣାସୀ ଲୋକସଭା ଆସନରୁ ନାମାଙ୍କନପତ୍ର ଦାଖଲ କରିବେ ମୋଦୀ । ଏହା ପୂର୍ବରୁ ପ୍ରଭୁ ରାମଲାଲାଙ୍କର ଦର୍ଶନ କରିଛନ୍ତି ମୋଦୀ ।

ତେବେ ନିର୍ବାଚନ ପ୍ରଚାର କାର୍ଯ୍ୟସୂଚୀ ମଧ୍ୟରେ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶ ଗସ୍ତରେ ଯାଇଛନ୍ତି । ସେଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ସମୟରେ ମୋଦି ଏକ ଗଲଡେନ ରଙ୍ଗର କୁର୍ତ୍ତା–ଧଳା ପାଇଜାମା ଏବଂ ଏକ ଗଲଡେନ ଜ୍ୟାକେଟ ପିନ୍ଧିଥିଲେ । ପ୍ରଧାନମନ୍ତ୍ରୀ ପ୍ରଭୁ ରାମ ଲାଲାଙ୍କ ମୂର୍ତ୍ତିକୁ 'ସାଷ୍ଟାଙ୍ଗ ଦଣ୍ଡବତ'ରେ ପ୍ରଣାମ କରି ପ୍ରାର୍ଥନା କରିଥିଲେ । ଏହା ପରେ ସେ ଦୁଇ କିଲୋମିଟର ଲମ୍ବା ରୋଡ ସୋ ପାଇଁ ବାହାରିଥିଲେ । ନରେନ୍ଦ୍ର ମୋଦୀଙ୍କୁ ଦେଖିବାକୁ ସେଠାରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା ।

ରୋଡ ସୋ ସୁଗ୍ରିବ ଦୁର୍ଗରୁ ଆରମ୍ଭ ହୋଇ ଲତା ଚୌକରେ ଶେଷ ହେବ । ଉତ୍ତର ପ୍ରଦେଶରେ ଲୋକ ସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ପାଇଁ ଅଭିଯାନ ରବିବାର ସା ୬ ଟାରେ ଶେଷ ହୋଇଛି । ମେ ୭ରେ ସମ୍ଭଲ, ହାଥରସ, ଆଗ୍ରା, ଫତେହପୁର ସିକ୍ରି, ଫିରୋଜାବାଦ, ମୈନପୁରୀ, ଏଟା, ବାଦାୟୁ, ଆମଲା ଏବଂ ବରେଲିରେ ମତଦାନ ଅନୁଷ୍ଠିତ ହେବ ।

# ମେହେବୁବାଙ୍କୁ ଆଚରଣବିଧି ଉଲ୍ଲଙ୍ଘନ ନୋଟିସ

ନୂଆଦିଲ୍ଲୀ: ରବିବାର ପିଡିପି ସଭାପତି ମେହବୁବା ମୁଫତିଙ୍କୁ ଏକ କାରଣ ଦର୍ଶାଏ ନୋଟିସ ଜାରି କରାଯାଇ । ଲୋକ ସଭା ନିର୍ବାଚନରେ ତୃତୀୟ ପର୍ଯ୍ୟାୟ ଭୋଟ ଦେବା ପୂର୍ବରୁ ମୁଫତିଙ୍କୁ ନୋଟିସ ଜାରି କଲେ ନିର୍ବାଚନ ଆୟୋଗ । ରାଜୌରୀ ଜିଲ୍ଲାରେ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ପିଲାଙ୍କୁ ଭୋଟ୍ ମାଗିବା ଅଭିଯୋଗରେ ସ୍ପଷ୍ଟୀକରଣ ମାଗିଥିଲେ । ରାଜୌରୀ ଅନନ୍ତନାଗ ସଂସଦୀୟ ନିର୍ବାଚନମଣ୍ଡଳୀର ଏକ ଅଂଶ, ଯେଉଁଠାରେ ମେ ୨୫ରେ ଷଷ୍ଠ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ । ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ଅନନ୍ତନାଗ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏଠାରେ ୨୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରାଜୌରୀ ଏବଂ ଆଦର୍ଶ ଆଚରଣ ସଂହିତା ନୋଡାଲ ଅଧିକାରୀ ରାଜୀବ କୁମାର ଖଜୁରିଆ ମେ ୧ରେ ଜିଲ୍ଲାର ଶାହଦରା ସରିଫ ଅଞ୍ଚଳରେ ଆୟୋଜିତ ଏକ ନିର୍ବାଚନ ରାଲିରେ ମେହବୁବା ମୁଫତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା ଯେଉଁଥିରେ ଜଣେ ନାବାଳିକାଙ୍କୁ ପିଡିପିକୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା ।

ନୋଡାଲ ଅଧିକାରୀ ରାଜୀବ କୁମାର ଖଜୁରିଆ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଦେବାକୁ କହିଛନ୍ତି । ନିର୍ବାଚନ ଆୟୋଗ ଏବଂ ଶିଶୁ ଅଧିକାର ସୁରକ୍ଷା ଜାତୀୟ ଆୟୋଗର ନିର୍ଦ୍ଦେଶାବଳୀକୁ ଦର୍ଶାଇ ନିର୍ବାଚନ ଆୟୋଗର ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ଅଧିକାରୀ କହିଛନ୍ତି । ମେହବୁବା ମୁଫତିଙ୍କୁ ଲେଖାଯାଇଥିବା ଚିଠିରେ ଚେତାବନୀ ଦିଆଯାଇଛି ଯେ ଯଦି ସେ ଏହାର ଜବାବ ନଦିଅନ୍ତି ତେବେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହେବ ଏବଂ ତାଙ୍କୁ ରାଜୌରୀରେ ସାଧାରଣ ସଭା ତଥା ସମାବେଶ ଆୟୋଜନ କରିବାକୁ ବାରଣ କରାଯିବ ।

# ବୀର ପୁଅକୁ ହରାଇ ଝୁରୁଛି ଗାଁ ମାଟି

ନୂଆଦିଲ୍ଲୀ : ବୀର ପୁଅକୁ ହରାଇ ଝୁରୁଛି ଗାଁ ମାଟି । ସ୍ତବ୍ଧ ହୋଇଯାଇଛି ପରିବାର । ଦୁଃଖରେ ଫାଟିପଡୁଚି ସ୍ତ୍ରୀ ଓ ମାଆର ଛାତି । ଜାମ୍ମୁ କାଶ୍ମୀର ପୁଞ୍ଚରେ ବଡ଼ ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଯାଇଛନ୍ତି ଛିନ୍ଦୱାଡା ଜିଲ୍ଲାର ବିକି ପାହାଡେ ।

ବିକି ଛୋଟବେଳୁ ଦେଶ ସେବା କରିବାକୁ ଚାହୁଁଥିଲେ । ଦେଶ ସେବା ପାଇଁ ସେନାରେ ଭର୍ତ୍ତି ହୋଇଥିଲେ ଆଉ ଗତ ଶରୀବାର ଦେଶ ପାଇଁ ବଳିଦାନ ଦେଇଛନ୍ତି ବୀର ପୁଅ ବିକି । ବୀର ପୁଅ ସହିଦ ହେବା ଖବର ଯେତେବେଳେ ଜିଲ୍ଲାର ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚିଲେ । ସେତେବେଳେ ଏହି ଖବର ଶୁଣି ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । ମାଟିର ବୀର ପୁଅକୁ ହରାଇ ସମସ୍ତଙ୍କ ଆଖିରୁ ଧାର ଧାର ଲୁହ ବୋହିଆସିଥିଲା । ପରିବାରରେ ବି ଶୋକର ଛାୟା ଖେଳିଯାଇଛି ।



ଅନ୍ୟପଟେ ଆହାତ ହୋଇଥିବା ୫ ଜଣ ଯବାନଙ୍କୁ ହେଲିକପ୍ଟର ଜରିଆରେ ଉଦମପୁର ସ୍ଥିତ ଆର୍ମୀ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି । ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଜଣେ ଏୟାରମ୍ୟାନଙ୍କୁ ଉଦମପୁରରେ ଥିବା କମାଣ୍ଡ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି ।

ଯବାନମାନେ ଦୁଇଟି ଗାଡିରେ ଫେରୁଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ସୂଚତା ମୁତାବକ, ଗତକାଲି ସନ୍ଧ୍ୟା ୬ଟା ୧୫ରେ ଜାମ୍ମୁ କାଶ୍ମୀର ପୁଞ୍ଚ ଜିଲ୍ଲାର ସୁରାନକୋଟ ଠାରେ ଆକ୍ରମଣ ହୋଇଛି । ତେବେ ଆକ୍ରମଣ ପରେ ଜାମ୍ମୁ କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଗାଡିଗୁଡିକୁ ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି । ଏନେଇ ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ବାୟୁସେନାର ଗାଡି ଉପାରକୁ ଶସସ୍ତ୍ର ଆତଙ୍କବାଦୀ ଆକ୍ରମଣ କରିଛନ୍ତି ଛ ପୁଲିସ ଏବଂ ଯବାନ ମିଳିତ ଭାବେ କର୍ଡନ କରି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି ଛ ଚଳିତ ବର୍ଷରେ ଏହା ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି ଛ ତେବେ ଏହି ଆକ୍ରମଣ ପଛରେ ଆଇଏସଆଇଏସ୍ ଅବା ପାକିସ୍ତାନର ହାତ ଅଛି ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ କହିଛନ୍ତି । ନିର୍ବାଚନ ସମୟରେ ଭାରତର ଛବି ମଳିନ କରିବାକୁ ଏଭଳି ଆକ୍ରମଣ କରାଯାଇଥିବା କୁହାଯାଉଛି ।

## କଂଗ୍ରେସରୁ ଇସ୍ତଫା ଦେଲେ ରାଧିକା ଖେରା



ରାୟପୁର: ଛତିଶଗଡ କଂଗ୍ରେସ ନେତ୍ରୀ ରାଧିକା ଖେରାଙ୍କ ଇସ୍ତଫା । ସେ ଆଜି ତାଙ୍କ ଇସ୍ତଫା ପତ୍ର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ପଠାଇଛନ୍ତି । ରାଜ୍ୟ ପାର୍ଟି ୟୁନିଟ ତାଙ୍କୁ ଅସମ୍ମାନିତ କରିଥିବା ନିକଟରେ ଅଭିଯୋଗ କରିଥିଲେ ।

ଇସ୍ତଫା ନେଇ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି ରାଧିକା । ସେ ଏକ୍ସ ପୋଷ୍ଟରେ ଲେଖିଛନ୍ତି, ଅତି ଦୁଃଖର ସହ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଉଛି । ୨୨ ବର୍ଷ ଧରି ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବା ପରେ ମୋତେ ବିରୋଧର ସାମ୍ନା କରିବାକୁ ପଡିଛି । ଏହାର ମୁଖ୍ୟ ହେଉଛି କାରଣ ମୁଁ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣକୁ ସମର୍ଥନ କରିଥିଲି ।

ପ୍ରକାଶ ଥାଉକି, ଖେରା ନିକଟରେ କଂଗ୍ରେସ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ରାଜ୍ୟ ପାର୍ଟି ୟୁନିଟ ତାଙ୍କୁ ଅସମ୍ମାନିତ କରିଥିବା ସେ କହିଥିଲେ । ଏପରି ଅଭିଯୋଗ ଆଣିବା ପରେ ମଧ୍ୟ ତାଙ୍କୁ ଶାନ୍ତ୍ୱନା କିମ୍ବା ନ୍ୟାୟ ମିଳିନଥିଲା । ତେଣୁ ଦୁଃଖର ସହ ଦଳ ଏବଂ ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଉଛି ବୋଲି ରାଧିକା କହିଛନ୍ତି ।

ଏକ୍ସ ପୋଷ୍ଟରେ ରାଧିକା କହିଛନ୍ତି, ମୁଁ ଜଣେ ଝିଅ, ଆଉ ମୁଁ ନିଜେ ଲଢିପାରିବି । ଏବେ ମୁଁ ଠିକ୍ ତାହା କରୁଛି । ଦେଶବାସୀଙ୍କ ପାଇଁ ନ୍ୟାୟ ପାଇଁ ସଂଗ୍ରାମ ଜାରି ରଖିବି ।

# ଆଇଟିଏଫ ବିଶ୍ୱ ଟେନିସ ଟୁର ଜୁନିୟର୍ସ ଟୁର୍ଣ୍ଣାମେଣ୍ଟ ଭାଗନେଲେ ୧୧୫ ପ୍ରତିଯୋଗୀ




ଭୁବନେଶ୍ୱର, ୫।୫ (ସବ୍ୟୁ) : କଳିଙ୍ଗ ଷ୍ଟାଡିୟମ ପରିସରରେ ଓଡ଼ିଶା ଟେନିସ ଆସୋସିଏସନ ପକ୍ଷରୁ ଜେ-୩୦ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍ ଜୁନିୟର୍ସ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ପରିସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ନେପାଳ, କାନାଡ଼ା, ଆମେରିକା ଓ ଆୟୋଜକ ଭାରତର ମୋଟ ୧୧୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଏଥିରେ ୩୨ ଜଣ ବାଳକ ଓ ବାଳିକା କ୍ୱାଲିଫାଇଙ୍ଗ୍ ରାଉଣ୍ଡ ଜରିଆରେ ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ । ୧୪୦ଟି ଦେଶରେ ମୋଟ ୮୦୦ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି । ଏହା ମଧ୍ୟରୁ ଆଇଟିଏଫ୍ ବିଶ୍ୱ ଟେନିସ ଟୁର ଜୁନିୟର୍ସ ପ୍ରତିଯୋଗିତା ଅନ୍ୟତମ ।

ରବିବାର ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଟେନିସ ଆସୋସିଏସନର ସଭାପତି ଅସୀତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ତଥା ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ବିଜୟାନନ୍ଦ ନାୟକ, ପ୍ରବୀଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଁ ପ୍ରତିଯୋଗୀମାନେ ସୁଯୋଗ ହାସଲ କରିବେ । ସିଙ୍ଗଲ୍ସ ବିଜେତା ୩୦ ରେଟିଂ ପଏଣ୍ଟ ଓ ଡବଲ୍ସ ବିଜେତାଙ୍କୁ ୨୫ ରେଟିଂ ପଏଣ୍ଟ ମିଳିବ ।

# ଚେନ୍ନାଇ ବିଜୟରେ ଜାଡେଜା ହିରୋ

## ଆଇପିଏଲ୍ ମହାସମର



ଧର୍ମଶାଳା, ୫।୫ (ଏଜେନ୍ସି) : ଆଇପିଏଲ୍‌ର ୫୩ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ଧମାକାଦାର ବିଜୟ ହାସଲ କରିଛି । ଧର୍ମଶାଳାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ଉଚ୍ଚକୋଟିର ପ୍ରଦର୍ଶନ ଯୋଗୁ ଚେନ୍ନାଇ ୨୮ ରନ ବ୍ୟବଧାନରେ ପଞ୍ଜାବକିଙ୍ଗ୍‌ସକୁ ଧରାଶାୟୀ କରିଛି । ଚଳିତ ସଂସ୍କରଣରେ ଏହା ଚେନ୍ନାଇର ଷଷ୍ଠ ବିଜୟ । ଏପର୍ଯ୍ୟନ୍ତ ୧୧ ମ୍ୟାଚରୁ ୧୨ ପଏଣ୍ଟ ସହ ଚେନ୍ନାଇ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି । ପରାଜୟ ପଞ୍ଜାବ କିଙ୍ଗ୍ସ ଟେବୁଲ ୮ମ ସ୍ଥାନକୁ ଖସିଛି । ଏହି ମ୍ୟାଚ୍‌ରେ ଚେନ୍ନାଇ ୨୦ ଓଭରରେ ୯ ୱିକେଟ ହରାଇ ୧୬୭ ରନ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା । ୨୬ ବଲରୁ ୪୩ ରନ ସାଙ୍ଗକୁ ୨୦ ରନ ବିନିମୟରେ ୩ ୱିକେଟ ଅକ୍ତିଆର କରିଥିବା ରବିନ୍ଦ୍ର ଜାଡେଜାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ଧର୍ମଶାଳାରେ ମ୍ୟାଚ୍ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଥିଲା । କିନ୍ତୁ ପିଚ୍‌ର ଧିମା ପଣ ଯୋଗୁ ଚେନ୍ନାଇ ଆଶାନୁରୂପ ରନ ସଂଗ୍ରହ କରିପାରି ନଥିଲା । ଦଳର କେବଳ ୫ଜଣ ବ୍ୟାଟର ଦୁଇଅଙ୍କ ଛୁଇଁଥିଲେ । ତାରକା ମହେନ୍ଦ୍ର ସିଂହ ଧୋନୀ ଖାତା ଖୋଲିପାରି ନଥିଲେ । ଏହାସତ୍ତ୍ୱେ ଅଧିନାୟକ ଋତୁରାଜ ଗାଏକ୍ୱାଡ୍‌ଙ୍କ ୩୨ ରନ, ଡାର୍ଲି ମିଚେଲ ୩୦, ମୋଇନ ଅଲ୍ଲୀ ୧୭ ରନ, ରବିନ୍ଦ୍ର ଜାଡେଜା ୨୬ ବଲରୁ ୪୩, ମିଚେଲ ସାଣ୍ଟନର ୧୧ବଲରୁ ୧୧ ରନ ଓ ସାର୍ଦ୍ଦୁଲ ଠାକୁର ୧୧ ବଲରୁ ୧୭ ରନ କରିବାରୁ ୧୬୭/୯ ରନରେ ପହଞ୍ଚିଥିଲା । ପଞ୍ଜାବର ରାହୁଲ ଚହର ଓ ହର୍ଷାଲ ପଟେଲ ୩ଟି ଲେଖାଏଁ, ଅର୍ଶଦୀପ ସିଂହ ୨ଟି ଓ ସାମ କୁରନ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ ।

୧୬୮ ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ପଞ୍ଜାବ କିଙ୍ଗ୍ସ ମାତ୍ର ୯ ରନରେ ଦୁଇ ୱିକେଟ ହରାଇଥିଲା । ଜନି ବେୟାରଷ୍ଟୋ ୭ ରନ ଓ ରିଲେ ରୋସୌ ବିନା ସ୍କୋରରେ ଆଉଟ ହୋଇଥିଲେ । ଗୋଟିଏ ଓଭରରେ ତୁଷାର ଦେଶପାଣ୍ଡେ ୨ ୱିକେଟ ଅକ୍ତିଆର କରି ପଞ୍ଜାବର ଆରମ୍ଭକୁ ବିଗାଡ଼ି ଦେଇଥିଲେ । ଓପନର ପ୍ରଭସିମ୍‌ରନ ସିଂହ ୩୦ ରନ, ଶଶାଙ୍କ ସିଂହ ୨୭ ରନ, ହରପ୍ରିତ ବ୍ରାର୍ ୧୭, ହର୍ଷାଲ ପଟେଲ ୧୨ ଓ ରାହୁଲ ଚହର ୧୬ ରନ କରିବାରୁ ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ କରିଥିଲା । ଅଧିନାୟକ ସାମ କୁରନ ୭, ଜିତେଶ ଶର୍ମା ୦, ଆଶୁତୋଷ ଶର୍ମା ୩ ରନ କରିଥିଲେ । ମଧ୍ୟମକ୍ରମର ବ୍ୟାଟିଂ ବିଫଳତା ଯୋଗୁ ପଞ୍ଜାବ କିଙ୍ଗସ ମାତ୍ର ୨୮ ରନ ପାଇଁ ମ୍ୟାଚ୍ ହାତଛଡ଼ା କରିଥିଲା । ବୋଲିଂ ଚେନ୍ନାଇର ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ଟି, ତୁଷାର ଦେଶପାଣ୍ଡେ ଓ ସିମ୍‌ରନ ଜିତ ସିଂହ ୨ଟି ଲେଖାଏଁ ତଥା ମିଚେଲ ସାଣ୍ଟନର ଓ ସାର୍ଦ୍ଦୁଲ ଠାକୁର ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

**ଆଜିର ମ୍ୟାଚ**
**ମୁମ୍ବାଇ– ସନରାଇଜର୍ସ**
**ସମୟ: ରାତି ୭.୩୦**
**ସ୍ଥାନ: ୱାଙ୍ଖେଡେ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା**

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ |
| ରାଜସ୍ଥାନ | ୧୦ | ୮ | ୨ | ୧୬ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ସନ୍‌ରାଇଜର୍ସ | ୧୦ | ୬ | ୪ | ୧୨ |
| ଲକ୍ଷ୍ନୌ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୧ | ୫ | ୬ | ୧୦ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ |
| ପଞ୍ଜାବ | ୧୧ | ୪ | ୭ | ୮ |
| ଗୁଜରାଟ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୧ | ୩ | ୮ | ୬ |

# ନଳିନୀକାନ୍ତ ସ୍ମାରକୀ ଚେସ: ଲଳିତ ରଞ୍ଜନ ବିଜେତା



ଭୁବନେଶ୍ୱର, ୫।୫ (ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଦ୍ୱିତୀୟ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଟକର ଲଳିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି । ହର୍ଷିତ ରଞ୍ଜନ ସାହୁ ଦ୍ୱିତୀୟ, କୌସ୍ତୁଭ ଦାସ ତୃତୀୟ ତଥା ରବୀନ୍ଦ୍ର କୁମାର ଓଝା, କମଳେଶ ଗୁପ୍ତା, ସୃଜନ ପ୍ରଣୟୀ ରାୟ ଏବଂ ଏସ୍‌କେ ସହିଦ ଯଥାକ୍ରମେ ୪ଥରୁ ୭ମ ସ୍ଥାନ ମଧ୍ୟରେ ରହିଛନ୍ତି । ୮ବର୍ଷରୁ କମ ବର୍ଗରେ ଆଭିକ ଆଦିତ୍ୟ ସ୍ୱାଇଁ, ୧୦ ବର୍ଷରୁ କମ ବର୍ଗରେ ଆର୍ଯ୍ୟନ୍ସ ମିଶ୍ର, ୧୨ ବର୍ଷରୁ କମ ବର୍ଗରେ ସତ୍ୟମ ସ୍ୱରୂପ ସାହୁ, ୧୪ ବର୍ଷରୁ କମ ବର୍ଗରେ ଆୟଭନାଥ ମହାନ୍ତି ଏବଂ ବାଳିକା ବର୍ଗରେ ଦିୟା ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ୮ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ପୁରସ୍କରଣ ବିତରଣ ଉତ୍ସବରେ ସ୍କୁଲର ପ୍ରିନ୍ସପାଲ ସର୍ବେଶ୍ୱର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ନଳିନୀକାନ୍ତ ଆଚାର୍ଯ୍ୟଙ୍କ କନ୍ୟା ଶିବାଙ୍ଗୀ ଆଚାର୍ଯ୍ୟ ଯୋଗ ଦେଇଥିଲେ ।

# କୋଲକାତାର ବିଶାଳ ବିଜୟ

ଲକ୍ଷ୍ନୌ, ୫।୫ (ଏଜେନ୍ସି) : ବଡ଼ ସ୍କୋର ପରେ ଉଚ୍ଚକୋଟିର ବୋଲିଂ କରି କୋଲକାତା ନାଇଟ ରାଇଡର୍ସ ଅଷ୍ଟମ ବିଜୟ ହାସଲ କରିଛି । ରବିବାର ଲକ୍ଷ୍ନୌରେ ଅନୁଷ୍ଠିତ ଆଇପିଏଲ୍‌ର ୫୪ତମ ମ୍ୟାଚ୍‌ରେ କୋଲକାତା ୯୮ ରନ ବ୍ୟବଧାନରେ ଲକ୍ଷ୍ନୌକୁ ହରାଇଛି । ଏଥିସହ କୋଲକାତା ୧୧ ମ୍ୟାଚର ୧୬ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉଠିଛି । ପ୍ରଥମେ ବ୍ୟାଟିଂ କରି କୋଲକାତା ସୁନୀଲ ନାରିନଙ୍କ ୮୧ ରନ ସହାୟତାରେ ୬ ୱିକେଟ ହରାଇ ୨୩୫ ରନ କରିଥିଲା । ଜବାବରେ ଲକ୍ଷ୍ନୌ ୧୬.୧ ଓଭରରେ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଫିଲ ସଲ୍ଟ ୩୨, ସୁନୀଲ ନାରିନ ୮୧, ଅଙ୍ଗକ୍ରିସ ରଘୁବଂଶୀ ୩୨, ଆନ୍ଦ୍ରେ ରସେଲ ୧୨, ରିଙ୍କୁ ସିଂହ ୧୬, ଶ୍ରେୟାସ ଆୟର ୨୩ ଓ ରମଣଦୀପ ସିଂହ ଅପରାଜିତ ୨୫ ରନ କରିଥିଲେ । ତେଣୁ ୨୦ ଓଭରରେ ଦଳୀୟ ସ୍କୋର ୨୩୫/୬ ରନରେ ପହଞ୍ଚି ଥିଲା । ବୋଲିଂ ଲକ୍ଷ୍ନୌର ନବୀନ ଉଲ୍ ହକ୍‌ଙ୍କୁ ସର୍ବାଧିକ ୩ ୱିକେଟ ସଫଳତା ମିଳିଥିଲା ।

୨୩୬ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ । ଅଧିନାୟକ ଲୋକେଶ ରାହୁଲଙ୍କ ସହ ଅର୍ଶୀନ କୁଲକର୍ଣ୍ଣି ପ୍ରଥମ ୱିକେଟ ପାଇଁ ୨୦ ରନ ସଂଗ୍ରହ କରିଥିଲେ । କୁଲକର୍ଣ୍ଣି ୯, ଲୋକେଶ ରାହୁଲ ୨୫ ଓ ମାର୍କସ ଷ୍ଟୋଇନିସ ୩୬ ରନ କରିଥିଲେ । ନିୟମିତ ବ୍ୟବଧାନରେ ୱିକେଟ ଝଡ଼ିବାରୁ ଲକ୍ଷ୍ନୌ ବିଜୟଠାରୁ ବହୁ ପଛରେ ରହିଯାଇଥିଲା । ଦୀପକ ହୁଡା ୫, ନିକୋଲାସ ପୁରନ ୧୦, ଆୟୁଷ ବଦୋନୀ ୧୫, ଅଷ୍ଟନ ଟର୍ଣ୍ଣର ୧୬ ରନ କରିଥିଲେ । ଏହାସତ୍ତ୍ୱେ ଲକ୍ଷ୍ନୌ ୧୬.୧ ଓଭରରେ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା ।

**SALE SALE SALE**
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଜାତୀୟ ମାଷ୍ଟର୍ସ ଦୌଡ଼କୁଦରେ ପ୍ରକାଶଙ୍କ ସଫଳତା

ଅନୁଗୁଳ, ୫।୫ (ସବ୍ୟୁ) : ମୁମ୍ବାଇରେ ଅନୁଷ୍ଠିତ ୪୩ତମ ଜାତୀୟ ମାଷ୍ଟର୍ସ ଦୌଡ଼କୁଦ ପ୍ରତିଯୋଗିତାରେ ଅନୁଗୁଳର ଖ୍ୟାତିସମ୍ପନ୍ନ ଅନ୍ତର୍ଜାତୀୟ ଖେଳାଳି ପ୍ରକାଶ ଗଡ଼ନାୟକ ୩ଟି ପଦକ ସଫଳତା ଲାଭ କରିଛନ୍ତି । ସେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି । ପ୍ରକାଶ ୧୦୦ ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ହାତେଇଥିବାବେଳେ ଲଙ୍ଗଜମ୍ପରେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ । ଆଣ୍ଠୁରେ ଯନ୍ତ୍ରଣା ଯୋଗୁ ସେ ଶତପ୍ରତିଶତ ପ୍ରଦର୍ଶନ ଦେଖାଇପାରି ନଥିଲେ । ତେଣୁ ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଗତ ଡିସେମ୍ବର ମାସରେ ୩ୟ ଜାତୀୟ ଖେଳକୁଦ ପ୍ରତିଯୋଗିତା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାର ୧୦୦, ୨୦୦ ମିଟର ଓ ଲଙ୍ଗଜମ୍ପରେ ଅଂଶଗ୍ରହଣ କରି ହ୍ୟାଟ୍ରିକ ସ୍ୱର୍ଣ୍ଣପଦକ ଜିତିଥିଲେ ପ୍ରକାଶ ଗଡ଼ନାୟକ । ୪ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ସହ ସର୍ବମୋଟ ୪ଟି ପଦକ ଜିତି ଅନୁଗୁଳ ପାଇଁ ଚମକ ଆଣିଥିଲେ ।

ଆଗକୁ ସ୍ୱିଡେନରେ ବିଶ୍ୱ ମାଷ୍ଟର୍ସ ଦୌଡ଼କୁଦ ଚାମ୍ପିଅନସିପ ଆୟୋଜିତ ହେବାକୁ ଯାଉଛି । ଏଥିରେ ଅଂଶଗ୍ରହଣ କରିବା ଲାଗି ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିପାରିଲେ ଶ୍ରୀ ଗଡ଼ନାୟକ ଦେଶ ଓ ରାଜ୍ୟ ପାଇଁ ଆହୁରି ପଦକ ଜିତି ଗୌରବ ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ଅନ୍ତର୍ଜାତୀୟ ସ୍ତରରେ ଶ୍ରୀ ଗଡ଼ନାୟକ କଲମ୍ବୋ, ମାଲେସିଆ, ନେପାଳ, ବାଂଲାଦେଶ ଓ ଭୁଟାନ ଆଦି ଦେଶରେ ନିଜର ଦକ୍ଷତା ଦେଖାଇ ସାରିଛନ୍ତି । ଏପର୍ଯ୍ୟନ୍ତ ସେ ମୋଟ ୧୭ଟି ପଦକ ଜିତିଛନ୍ତି । ଏଥିରେ ୧୦ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ରହିଛି । ଶ୍ରୀ ଗଡ଼ନାୟକ ଜଣେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ, ସମାଜସେବୀ, କଣ୍ଠଶିଳ୍ପୀ, ବାଦ୍ୟକାର, ସଫଳ କ୍ରୀଡ଼ାବିତ୍ ଓ କ୍ଷୀପ୍ର ସାଇକେଲ ଚାଳକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି ।







# ଇଗା ସ୍ୱିଟେକ ମାଦ୍ରିଦ ଚାମ୍ପିଅନ

ନୂଆଦିଲ୍ଲୀ, ୫।୫ (ଏଜେନ୍ସି) : ମାଦ୍ରିଦ ଓପନ ଟେନିସ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି ଇଗା ସ୍ୱିଟେକ । ସଂଘର୍ଷପୂର୍ଣ୍ଣ ଟାଇଟଲ ମୁକାବିଲାରେ ୩ ସେଟ୍ ଟାଇବ୍ରେକରରେ ଇଗା ପ୍ରତିପକ୍ଷ ଆର୍ଯ୍ୟାନା ଶାବାଲେଙ୍କାଙ୍କୁ ଧରାଶାୟୀ କରିଥିଲେ । ୨୨ ବର୍ଷିୟା ଇଗା ଗତ ସଂସ୍କରଣ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି । ଚଳିତ ସିଜନରେ ଏହା ଇଗାଙ୍କ ତୃତୀୟ ଟାଇଟଲ ସଫଳତା । ମୋଟ ଉପରେ ସେ ୨୦ଟି ଟାଇଟଲ ଜିତିଲେଣି ।

୨୦୧୨ରେ କାରୋଲିନା ଓଜନିଆକି ୨୦ ଟାଇଟଲ ଛୁଇଁଥିଲେ । ଇଗା ମଧ୍ୟ ୨୦ ଟାଇଟଲ ସହ ନୂଆ କୀର୍ତ୍ତିମାନର ଅଧିକାରିଣୀ ହୋଇଛନ୍ତି । ଟାଇଟଲ ମୁକାବିଲା ଉଭୟଙ୍କ ମଧ୍ୟରେ ୩ଘଣ୍ଟା ୧୧ ମିନିଟର ହୋଇଥିଲା । ୨୦୨୪ ଡବ୍ଲୁଟିଏ ଫାଇନାଲରେ ଏହା ସର୍ବାଧିକ ଲମ୍ବା ଖେଳାଯାଇଥିବା ମୁକାବିଲା । ଇଗା ୭-୫, ୪-୬, ୭-୬ ସେଟ୍‌ରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି ।

# ଅରୋବିନ୍ଦ କ୍ରିକେଟ: ପାରାମାଉଣ୍ଟ-ଏ ବିଜୟୀ




ଭୁବନେଶ୍ୱର, ୫।୫ (ସବ୍ୟୁ) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପାରାମାଉଣ୍ଟ ସ୍ପୋର୍ଟିଂ ଖେଳପଡ଼ିଆରେ ୧୬ ବର୍ଷରୁ କମ ବର୍ଗର ଷଷ୍ଠ ଅରୋବିନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନ ପାରାମାଉଣ୍ଟ-ଏ ଦଳ ବିଜୟଲାଭ କରି ଆଗକୁ ବଢ଼ିଛି । ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କର୍ପୋରେଟର କେ.ଶାନ୍ତି ଏବଂ ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ କୁମାର ଜେନା ଓ ସମ୍ପାଦକ ଅକ୍ଷୟ ପାତ୍ର ଉପସ୍ଥିତ ଥିଲେ ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ପାରାମାଉଣ୍ଟ-ଏ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ । ଏହି ମ୍ୟାଚରେ ପାରାମାଉଣ୍ଟ-ଏ ଦଳ ୩୦ ଓଭରରେ ୨ ୱିକେଟ ହରାଇ ୨୭୨ ରନ କରିଥିଲା । ପ୍ରାନ୍ତିକ ପ୍ରିୟାଂଶୁ ନାୟକ ୧୧୯ ରନର ଶତକୀୟ ଇନିଂସ ଖେଳିଥିଲେ । ଜବାବରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ୨୦ ଓଭରରେ ୬ ୱିକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା । ତେଣୁ ପାରାମାଉଣ୍ଟ ୧୨୬ ରନ ବ୍ୟବଧାନରେ ବଡ଼ ବିଜୟ ହାସଲ କରିଛି । ପୁରସ୍କାର ବିତରଣ ଉତ୍ସବରେ ପ୍ରତାପ ଜେନା ଓ ଅକ୍ଷୟ କୁମାର ପାତ୍ର ଉପସ୍ଥିତ ରହି ଶତକୀୟ ଇନିଂସ ପାଇଁ ପ୍ରାନ୍ତିକଙ୍କୁ ପୁରସ୍କୃତ କରିଥିଲେ ।

**ସୂଚନା**
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି



ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ କାଶିପୁର ବଡ଼ପାଟଣାରେ ଅନୁଷ୍ଠିତ ରାମଲୀଳାରେ ସୀତା ବିବାହ

# ଆନ୍ତଃ ରାଜ୍ୟ ବାଇକ ଲୁଟେରା ଗିରଫ : ସ୍କୁଟି ,ବାଇକ ଜବତ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ଥାନା ଅଧିନ ନାଭାଲ ଫାଣ୍ଡି ପୋଲିସ ଏକ ଆନ୍ତଃ ରାଜ୍ୟ ବାଇକ ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ତା ଠାରୁ ଚୋରି ଦୁଇଟି ସ୍କୁଟି ଏବଂ ଗୋଟିଏ ହିରୋ ଗ୍ଲାମର ବାଇକ ଜବତ କରିଛନ୍ତି । ଲୁଟେରା ଜଣକ ହେଲେ ଦିଲ୍ଲୀପ ସାହୁ, ଘର ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ତେନ୍ତୁଳିଆପଲ୍ଲୀ ଗ୍ରାମରେ ବୋଲି ଜଣାପଡିଛି । ବାଲୁଗାଁ ଥାନା କେସ ନମ୍ବର ୧୬୦/୨୪ ଅନୁଯାୟୀ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଦିଲ୍ଲୀପର ଶ୍ୱଶୁର ଘର ନାଭାଲ ଛକ ନିକଟସ୍ଥ ଛତ୍ରଗଡ଼ ଗ୍ରାମରୁ କିଛି ଦିନ ତଳେ ଏକ ସ୍କୁଟି ଚୋରି ହୋଇଥିଲା ।ଏ ନେଇ ଅଭିଯୋଗ କ୍ରମେ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ । ତେବେ ସି ସି ଟିଭି ଫୁଟେଜରୁ ଦିଲ୍ଲୀପ ପୋଲିସର ସନ୍ଦେହ ଘେରକୁ ଆସିଥିଲା । ଦିଲ୍ଲୀପ କୁ କୌଶଳକ୍ରମେ ଧରିଆଣି ପଚରାଉଚରା କରାଯିବାରେ ସେ ଆନ୍ତଃ ରାଜ୍ୟ ଗାଡି ଚୋରି ରାକେଟରେ ସମ୍ପୃକ୍ତ ଥିବା ଜଣାପଡିଥିଲା । ତାର ବୟାନ ଅନୁଯାୟୀ ପୋଲିସ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାରୁ ଚୋରି ହୋଇଥିବା ଏକ ସ୍କୁଟି ସମେତ ସ୍ଥାନୀୟ ଅଞ୍ଚଳରୁ ଚୋରି କରିଥିବା ଏକ ସ୍କୁଟି ଏବଂ ଏକ ବାଇକକୁ ଜବତ କରିଥିଲେ । ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇଜଣଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡା କହିଛନ୍ତି ।

# ଅବାଧ ମଦ କାରବାର ପୁଲିସର ନିରବତା ସନ୍ଦେହଜନକ

ଫୁଲନଖରା, (ସବ୍ୟୁ) : ସଦର ଥାନା ଅଞ୍ଚଳରେ ଅବାଧ ଚୋରା ମଦ କାରବାର ଚାଲିଥିଲାବେଳେ ପୁଲିସରଆଶ୍ଚର୍ଯଜନକ ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ମହୀଧରପଡ଼ା, ଖଣ୍ଡାଗର, ଗୁଆଳି, ଅରିଲୋ ବଡ଼ପୋଖରୀ, ନଗରୀ, ସନ୍ତୋଳ ତୋଟା, ପାଣ୍ଡାଗାଡ଼ିଆ, କୁରାଙ୍ଗଶାସନ ଓ୍ୱାଟରପାର୍କ ରାସ୍ତା ପ୍ରଭୃତି ଅଞ୍ଚଳରେ ଏହା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଥାନାକୁଜଣାଇଲା ପରେ ବି କୌଣସି କାର୍ଯାନୁଷ୍ଠାନ କିମ୍ବା ଚଢ଼ଉ ହେଉନଥିବା ଦେଖାଯାଇଛି। ଅପରପକ୍ଷରେ ଗତଦୁଇ ମାସ ମଧରେ ଖଣ୍ଡାଗର ଗ୍ରାମର ଦୁଇ ଜଣ ଓ ଗୁଆଳି ମୌଜାର ଜଣକର ଅତଧିକ ମଦପାନ ଜନିତମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମହୀଧରପଡ଼ା ଠାରେ ଏକ ସରକାରୀ ଅନୁମୋଦିତ ବିଦେଶୀ ମଦଦୋକାନ ଥିଲେ ମଧ ସମ୍ପୃକ୍ତ ଅଞ୍ଚଳରେ ପ୍ରଚୁର ପରିମାଣର ଚୋରା ମଦ ବିକ୍ରି ହେଉଛି ଏବଂ ଲୋକେ ଏହାକୁପିଇ ରାସ୍ତା ଘାଟରେ ପଡୁଛନ୍ତି। ବେଳେବେଳେ ପୁଲିସ ବେଆଇନ ମଦ ବେପାରୀଙ୍କୁ ଧରି ଗାଡ଼ିରେ ବସାଇନେଇ ଅଧା ବାଟରେ ଛାଡ଼ିଦେଉଥିବା ଜଣାପଡ଼ିଛି। କ୍ୱାଇଁଲୋ, ଖଲର୍ଦ୍ଦା, କୋରକରା, ହରିଅନ୍ତାଆଦି ଅ*ଳରେ ମଧ ଅବାଧ ଚୋରା ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଉଭୟ ପୁଲିସ ଏବଂଅବକାରୀ ବିଭାଗ ପକ୍ଷରୁ ରାତି ଅଧିଆ ଚଢ଼ଉ କରି ମଦ ବେପାରୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଗ୍ରହଣକରିବାକୁ ସାଧାରଣରେ ଦାବି ହେଉଛି।

# ଖଣ୍ଡପଡ଼ାରେ ଦୁର୍ବଳ ହେଉଛି ବିଜେଡ଼ି ସଂଗଠନ
# ଦଳ ଛାଡୁଛନ୍ତି ନେତା ଓ ସଂଗଠକ

ଖଣ୍ଡପଡା,(ସବ୍ୟୁ): ନୟାଗଡ଼ ଜିଲ୍ଲାର ଅନ୍ୟତମ ସମ୍ମାନଜନକ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଗତ ୨୪ବର୍ଷ ଧରି ବିଜେଡ଼ିର ଦୁର୍ଗ ଭାବେ ପରିଚିତ ହୋଇଆସୁଛି। ପ୍ରତିଥର ସାଧାରଣ ନିର୍ବାଚନରେଶାସକ ଦଳ ପ୍ରାର୍ଥୀ ବଦଳାଇ ନୂତନ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଆସୁଥିବା ବେଳେ ଚଳିତନିର୍ବାଚନରେ ମଧ ଏହି ଘଟଣାର ପୁନରାବୃତି ଘଟିଛି। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଖଣ୍ଡପଡ଼ା ବିଧାନସଭା ଆସନ ନିମନ୍ତେ ଭାପୁର ବ୍ଲକ୍ଅଧକ୍ଷା ସାବିତ୍ରୀ ପ୍ରଧାନଙ୍କ ନାମ ଘୋଷଣା କରିବା ପରେ ବିଜେଡ଼ି ଦଳରେ ବିଦ୍ରୋହର ସ୍ୱର ଉଠାଇ ଦଳଛାଡ଼ିଛନ୍ତି ପୂର୍ବତନ ବିଧାୟକ, ବ୍ଲକ୍ ଅଧକ୍ଷ, ଓ ସଂଗଠକମାନେ। ଏକଦା ଭାପୁର ବ୍ଲକ୍ ଅଂଚଳରେବିଜେଡ଼ି ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନଭାପୁର ବ୍ଲକ୍ ଅଧକ୍ଷ ତଥା ନୟାଗଡ଼ ଜିଲ୍ଲା ବିଜେଡ଼ି ଉପ-ସଭାପତି ଗୟାଧର ପରିଡ଼ା ଦଳରୁ ଇସ୍ତଫାଦେବାପରେ ଏବେ ସମର୍ଥକଙ୍କ ଗହଣରେ ସାଧାରଣ ନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ କରୁଥିବା ତାଙ୍କନିକଟତମ ମହଲରୁ ସୂଚନା ମିଳିଛି। ସେହିପରି ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଟିକେଟ ପାଇବାରୁ ବଂଚିତ ହେବା ପରେ ବିଜେଡ଼ିର ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ବିଜେଡ଼ିର ସାଧାରଣସମ୍ପାଦକ ତଥା ଭାପୁର ବ୍ଲକ୍ ଅଂଚଳରେ ଜଣେ ଦୃଢ଼ ସଂଗଠକ ଭାବେ ଜଣାଶୁଣା ଜିତେନ୍ଦ୍ର କୁମାରରଣସିଂହ ଦଳର ଶୀର୍ଷନେତାଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଦଳରୁ ଇସ୍ତଫା ଦେଇଥିବାଜଣାପଡ଼ିଛି। ଏକଦା ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୪୨ ପଂଚାୟତ ସମେତ ଖଣ୍ଡପଡ଼ା ସହରରେ ବିଜେଡ଼ି ସଂଗଠନକୁ ସୁଦୃଢ଼ କରିବାରେ ପୂର୍ବତନ ବିଧାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ଓ ଛାମୁଆଁସଂଗଠକମାନେ ଦଳ ଛାଡ଼ିବା ପରେ ଏବେ ବିଜେଡ଼ି ସଂଗଠନ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଦୁର୍ବଳହେବାରେ ଲାଗିଛି। ଯାହାକି ବିଧାୟକ ପ୍ରାର୍ଥୀନିଙ୍କ ପାଇଁ ମସ୍ତବଡ଼ ଚ୍ୟାଲେଂଜ ସୃଷ୍ଟି କରିଛି।ଆଗାମୀ ଦିନରେ ମଧ୍ୟ ବହୁ ପୁରୁଖା ନେତା, କର୍ମୀ ଓ ସଂଗଠକମାନେ ଦଳ ଛାଡ଼ିବାର ଆଶଙ୍କାପ୍ରକାଶ ପାଇଛି। ବିଜେଡ଼ିର ଦୁର୍ଗଭାବେ ପରିଚିତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଘଡ଼ିକେଘୋଡ଼ା ଛୁଟୁଥିବା ବେଳେ ରାଜନୀତି ଏକ ଭିନ୍ନ ମୋଡ଼ ନେବାର ସମ୍ଭାବନା ଦେଖାଦେଇଛି।

# ବିଜେଡିର କାର୍ଯ୍ୟକର୍ତ୍ତା ସମ୍ମିଳନୀ




ନିମାପଡା,(ସବ୍ୟୁ) : ରବିବାର ସଂଧାରେ ସ୍ଥାନୀୟ ମୁକ୍ତାକାଶ ମଂଚ ପଡିଆରେ ନିମାପଡା ବିଜୁ ଜନତା ଦଳର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଜେଡି ନେତା ପୁନେଶ ସେନାପତିଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ବିଜେଡିର ଜଗତସିଂହପୁର ସାଂସଦ ପ୍ରାର୍ଥିନୀ ଡ. ରାଜଶ୍ରୀ ମଲ୍ଲିକ,ନିମାପଡା ବିଜେଡି ବିଧାୟକ ପାର୍ଥୀ ଦିଲ୍ଲିପ କୁମାର ନାୟକ, ପୁରୀ ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର,ରାଜ୍ୟ ସଂଗଠକ ସୁବ୍ରତ ଛାଟୋଇ,ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ,ସସ୍ମିତା ନାୟକ,ରବିନ୍ଦ୍ର ମଲ୍ଲିକ,ଏନ୍ଏସି ଅଧକ୍ଷା ସସ୍ମିତା ସାହୁ,କାଉନସିଲର ଧନୁର୍ଦ୍ଧର ଦାସ,ନିମାପଡା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭୁପେଶ ପ୍ରଧାନ,ବିଜେଡି ନେତା ସତ୍ୟବାଦୀ ମହାପାତ୍ର, ନିରଂଜନ ମହାପାତ୍ର,ମାନସ ସେଠୀ,ଭାଗୀରଥି ସେନାପତି,ଦିଲ୍ଲିପ ପାତ୍ର,ଅଜୟ ଭୋଇ,ମାନସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବିଜୁ ଜନତା ଦଳ ଏକ ଶୃଙ୍ଖଳିତ ଦଳ,ସମସ୍ତ ମନମାଳିନ୍ୟକୁ ଭୁଲି ସମସ୍ତେ କାମ କରି ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ମଲ୍ଲିକ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀ ନାୟକଙ୍କୁ ଯୋଡା ଶଙ୍ଖରେ ଭୋଟ ଦେଇ ଆର୍ଶିବାଦ କରିବା ପାଇଁ ନିବେଦନ କରିଥିଲେ । ସଭା ପ୍ରାରମ୍ଭରୁ ନିମାପଡା ନୂତନ ବସଷ୍ଟାଣ୍ଡ ଠାରୁ ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ମଲ୍ଲିକ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀ ନାୟକଙ୍କୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ସମ୍ମିଳନୀ ସ୍ଥଳକୁ ପାଛୋଟି ଅଣାଯାଇଥିଲା । ଏହି ସମ୍ମିଳନୀରେ ୨ହଜାରରୁ ଉର୍ଦ୍ଧ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମା'ମଙ୍ଗଳାଙ୍କ ଗୀତଗୋବିନ୍ଦ ସେବକଙ୍କ ପରଲୋକ,

କାକଟପୁର ,(ସବ୍ୟୁ): କାକଟପୁରର ସେବକ ସାହିର ପ୍ରାକ୍ତନ ସେବାୟତ ନିଯୋଗ ସଭାପତି ତଥା ମା 'ମଙ୍ଗଳା ଙ୍କ ଗୀତଗୋବିନ୍ଦ ସେବକ ଲକ୍ଷ୍ମୀଧର ଦୀକ୍ଷିତଙ୍କ ୮୧ ବର୍ଷ ବୟସରେ ତାଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। । ସ୍ୱର୍ଗତ ଦୀକ୍ଷିତ ଶନିବାର ସକାଳୁ ନିଜର ନିତ୍ୟକର୍ମ ସାରି ଘର ବାରଣ୍ଡାରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ତାଙ୍କର ବନ୍ଧୁ, ଶୁଭେଚ୍ଛୁ ମାନେ ଶେଷ ଦର୍ଶନ କରିଥିଲେ । ଏଥି ସହିତ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ,ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ପବିତ୍ର କୁମାର ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ମରଶରୀର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଦର୍ଶନ କରିଥିଲେ ।ସ୍ୱର୍ଗତ ଦୀକ୍ଷିତ ଜଣେ ସାମରିକ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଥିବାବେଳେ ଚାକିରୀ ତାଙ୍କୁ ଶାନ୍ତି ଦେଇପାରିନଥିଲା । ସେ ଖୁବ କମ ଦିନ ଚାକିରୀ କରିବାପରେ ଚାକିରୀ ଛାଡି କାକଟପୁର ବାସୀ ଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ତତ ସହିତ ମା ମଙ୍ଗଳାଙ୍କ ଗୀତଗୋବିନ୍ଦ ସେବା ଏବଂ ମା ମଙ୍ଗଳା ଙ୍କ ମନ୍ଦିର ରେ ପ୍ରଥମେ ସଂକୀର୍ତନ ଆରମ୍ଭ କରି ନିଜକୁ ମା ଙ୍କ ସେବାରେ ସମର୍ପଣ କରିଦେଇଥିଲେ। ସେ ଜଣେ ମିଷ୍ଟଭାଷୀ,ପରୋପକାରୀ ବ୍ୟକ୍ତି ଭାବେ ସାରା ଅଞ୍ଚଳ ରେ ବେଶ ସୁପରିଚିତ ଥିଲେ । ତାଙ୍କର ପାର୍ଥିବ ଶରୀରକୁ ଏକ ବିରାଟ ପଟୁଆରରେ ବଜାର ଏବଂ ସେବକ ସାହି ପରିକ୍ରମା କରାଯିବାପରେ ଗ୍ରାମ୍ୟ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ଅଶୋକ ଏବଂ କନିଷ୍ଠ ପୁତ୍ର ନଳିନୀକାନ୍ତ ମୁଖାଗ୍ନି ଦେଇଥିବାବେଳେ ତାଙ୍କ ମୃତ୍ୟୁରେ ସେବକ ସାହିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲାବୋଲି ଅଞ୍ଚଳରେ ଶୁଣିବାକୁ ମିଳୁଛି ।

# ନିରାକାରପୁରରେ ପୁଲିସର ଫ୍ଲାଗମାର୍ଚ୍ଚ

ନିରାକାରପୁର,(ସବ୍ୟୁ) :ସାଧାରଣ ନିର୍ବାଚନ କୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ମତଦାନ ଲାଗି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୁଲିସ ପକ୍ଷରୁ ଆଜି ବିଭିନ୍ନ ଅଂଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ ଓ ବଡପୋଖରୀଆ ପଞ୍ଚାୟତର ବିଭିନ୍ନ ଅଂଚଳରେ ପୁଲିସ ଅଧିକାରୀ, ସିଏପିଏଫ କର୍ମଚାରୀଙ୍କ ସହ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚରେ ଏସପି ଅଭିନାଶ କୁମାର, ବାଲୁଗାଁ ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର,ଆଇଆଇସି ବିଶ୍ୱଜିତ ରାଉତରାୟ, ଏସ ଆଇ ଅରବିନ୍ଦ ରାଉଳ, ଏସ ଆଇ ଦିପାଲୀସା ନାୟକ, ଏଏସଆଇ ତପନ କୁମାର ପ୍ରଧାନ, ଶ୍ରୀମତୀ ମଲ୍ଲିକ ଓ ଏଏସଆଇ ଶରତ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେଛ ସେହିପରି ଖୋର୍ଦ୍ଧା ଜିଲ୍ଲା ବର୍ଡର ଟାଙ୍ଗୀ ବ୍ଲକ ଲେଣ୍ଟୁ ଠାରେ ହୋଇଥିବା ଚେକ୍ ପୋଷ୍ଟ ପାଖକୁ ଯାଇ ତନଖି କରିଥିଲେ।

# ରାତି ସାଢ଼େ ୧୦ ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିବ

ସାକ୍ଷୀଗୋପାଳ ,(ସବ୍ୟୁ) : ପୁରୀ ଜିଲ୍ଲାରେ ଆସନ୍ତା ମେ୨୫ ରେ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।ଏହାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ନିମନ୍ତେ ନିମନ୍ତେ ସତ୍ୟବାଦୀ ଥାନା ପକ୍ଷରୁ ରାତି ୧୦ ଟା ସମୟରେ ସାକ୍ଷୀଗୋପାଳ ବଜାରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କ ସହ ଅନ୍ୟ ଜନ ଗହଳି ସ୍ଥାନ ମାନଙ୍କରେ ପୋଲିସ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରା ଯାଇଛି। ସଚେତନତା କରିବା ପାଇଁ ସତ୍ୟବାଦୀ ଥାନା ପକ୍ଷରୁ ସବଇନ୍ସପେକ୍ଟର ଦୀପ୍ତି ରଞ୍ଜନ ସାହୁ ଓ ରମେଶ ନିଶଙ୍କ ଙ୍କ ସମେତ ଅନ୍ୟକର୍ମଚାରୀ ମନେ ଉପସ୍ଥିତ ଥିଲେଛ ଏଥିରେ ବ୍ୟବସାୟୀ ମାନେ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ରାତି ସାଢ଼େ ୧୦ଟା ଯାଏ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନ ଖୋଲାରଖିବେ । ରାତ୍ର ଦଶଟା ତିରିଶ ପରେ କୌଣସି ବ୍ୟବସାୟୀ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ନରଖିବା ପାଇଁ ସତ୍ୟବାଦୀ ଥାନା ପକ୍ଷରୁ ଅନୁରୋଧ କରାଯାଇଛି ।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ନୟାହାଟ,(ସବ୍ୟୁ) :ଗୋପବ୍ଲକ ଅନ୍ତର୍ଗତ ସିମୁଳି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ସାହୁଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତହୋଇଯାଇଛି । ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଂପାଦକ ସରୋଜ କୁମାର ମିଶ୍ରଙ୍କଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୋପ ବ୍ଲକ ଓଡିଶା ପ୍ରଶାସନିକ ସେବା ମଣ୍ଡଳଶିଶ୍ରାଧିକାରୀ ସୁଶୀଳ କୁମାର ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ମୁଖ୍ୟବକ୍ତା ଭାବେ ମା ମଙ୍ଗଳା ଟ୍ରଷ୍ଟ ବୋର୍ଡର ଅଧକ୍ଷ କୈଳାସ ଚନ୍ଦ୍ର ଦାଶ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋପବ୍ଲକ ସହ ମଣ୍ଡଳ ଶିକ୍ଷାଧିକାରୀ ଅଶୋକ ବେହେରା,ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ ସହ ଶିକ୍ଷାଧିକାରୀଣୀ ବିନୋଦିନୀ ମହାପାତ୍ର,ଅବସର ପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଜମେଶ୍ୱର ସ୍ୱାଇଁ , ସଂପାଦକ ଯୁବରାଜ ମିଶ୍ର,ଅବସରପ୍ରାପ୍ତ ପ୍ରମୋଦ କୁମାର ଆଚାର୍ଯ୍ୟ ,କୋଣାର୍କ ସହିତ୍ୟ ସଂସଦର ସଂପାଦକ ରବିନ୍ଦ୍ରନାଥବାହିନୀପତି ,ସିଆରସିସି ଲିଙ୍ଗରାଜ ସ୍ୱାଇଁ,ଗ୍ରାମବାସୀ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତଥିଲେ । ବିଦାୟୀ ପ୍ରଧାନ ଶିକ୍ଷକ ଜଣେ ଛାତ୍ର ବତ୍ସଳ ,ଜନପ୍ରିୟ ଓ ସମଦର୍ଶୀ ବ୍ୟକ୍ତି ଥିଲେ ବୋଲିନିଜ ନିଜ ବକ୍ତବ୍ୟରେ ଗୁଣଗାନ କରିବା ସହିତ ଅତିଥିମାନେ ଉତ୍ତରୀୟ ,ମାନପତ୍ର ସହିତଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ସୁରଜିତ୍ ସାହୁ , ଜଳନ୍ଧର କାଣ୍ଡି ,ବିଜୟ ପାତ୍ର ଦେବୀପ୍ରସାଦ ପାତ୍ର, ବସନ୍ତ କୁମାର ମହାନ୍ତି ଓ ତାପସ କୁମାର ନାୟକ ଉପସ୍ଥିତ ରହିସହେଯାଗ କରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀ ରେଣୁକା ତ୍ରିପାଠୀଙ୍କ ଅବସରଗ୍ରହଣ

ସାକ୍ଷୀଗୋପାଳ, (ସବ୍ୟୁ) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଶୁକଳ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ତ୍ରିପାଠୀଙ୍କ ଅବସର ଗ୍ରହଣ ଉତ୍ସ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷାବିତ ଗୌତମ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ କାହ୍ନୁ ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ଓ ବ୍ଲକ ସହ ଶିକ୍ଷା ଅଧିକାରୀ କୁମୁଦିନୀ ଦେବୀ ଯୋଗ ଦେଇଥିଲେ। ଅତିଥି ମାନେ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷୟତ୍ରୀ ରେଣୁକା ତ୍ରିପାଠୀଙ୍କ ନିଷ୍ଠାପର କର୍ମମୟ ଜୀବନୀ ଉପରେ ଆଲୋଚନା କରିବା ସହ ଏଭଳି ଶିକ୍ଷୟତ୍ରୀଙ୍କ ଅବଦାନକୁ ବିଦ୍ୟାଳୟ ସବୁବେଳେ ସ୍ମରଣ କରିବ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏହି କ୍ଲଷ୍ଟରର ସିଆରସିସି ମାନେ ଯୋଗ ଦେଇଥିଲେ।

# ଓଡ଼ଖଣ୍ଡ କଲେଜ ଅଧକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡ଼ଖଣ୍ଡ ମହାବିଦ୍ୟାଳୟ ଅଧକ୍ଷ ସୁବାଷ ଚନ୍ଦ୍ର ନାୟକ ଅବସର ଗ୍ରହଣ କରିଛନ୍ତି।ଏହି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ନୂତନ ଅଧକ୍ଷ ସାଗରିକା ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ଅନୁଷ୍ଠାନର ପ୍ରତିଷ୍ଠାତା ଶରତ ଚନ୍ଦ୍ର ମହାନ୍ତି,ଶିକ୍ଷକ ନେତା ଗୋଲକ ନାୟକ,ଡ୍ ଗଗନ ବେହୁରା,ତପନ ଜେନା,ଜ୍ୟୋସ୍ନା ରାଣୀ ବସ୍ତିଆ,ରଞ୍ଜନ ପ୍ରଧାନ,ପ୍ରଶାନ୍ତ ଦାସ,କଲ୍ୟାଣ ପଣ୍ଡା ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ନାୟକଙ୍କ କଲେଜ ପ୍ରତି ଅବଦାନ ର ପ୍ରଶଂସା କରିଥିଲେ।ସମସ୍ତ ଅନ୍ତେବାସୀ ଙ୍କୁ ସାଥିରେ ନେଇ କଲେଜର ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ଦ୍ୱାରା ସେ ଜଣେ ସଫଳ ଅଧକ୍ଷ ଭାବରେ ପରିଚିତ ହୋଇଛନ୍ତି।ତାଙ୍କର ଅବସର ଜୀବନ ସୁଖମୟ ହେବା ସମସ୍ତେ କାମନା କରିଥିଲେ।କାର୍ଯ୍ୟକ୍ରମକୁ ଅଧାପକ ସତାପ ଉଦ୍ଦିନ ଅହମଦ ଓ ଅତନୁ ପଣ୍ଡା ପରିଚାଳନା କରିଥିଲେ।ସମସ୍ତ ଛାତ୍ର ଛାତ୍ରୀ,ନିମନ୍ତ୍ରିତ ଅତିଥି,ମହାବିଦ୍ୟାଳୟ ର କର୍ମଚାରୀ ବିଦାୟୀ ଅଧକ୍ଷ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଲୋ-ଭୋଲଟେଜ ପାଇଁ ଛଟପଟ ଦଳବାଡ଼ ବାସିନ୍ଦା

ଫୁଲନଖରା, (ସବ୍ୟୁ) : ସଦର ଥାନା ଅନ୍ତର୍ଗତ ଦଳବାଡ଼ ଗ୍ରାମର ୩୫ରୁ ଉର୍ଦ୍ଧ୍ୱ ପରିବାର ଲୋଭୋଲଟେଜ ସମସାରସମ୍ମୁଖିନ ହେଉଛନ୍ତି। ବିଶେଷ କରି ପ୍ରଚଣ୍ଡ ତାତି ସମୟରେ ପଙ୍ଖା ଓ ଅନାନ ବୈଦୁତିକ ଉପକରଣ କାର୍ଯକରୁନଥିବାରୁ ଲୋକମାନେ ଛଟପଟ ହେଉଛନ୍ତି। ଏହି ଗ୍ରାମରେ ଥିବା ବିଦୁତ ଟ୍ରାନ୍ସଫରମରପୋଡ଼ିଯିବା ପରେ ଫୁଲନଖରା ବିଦୁତ ବିଭାଗ କର୍ତ୍ତୃପକ୍ଷ ସେଠାରେ ୧୬ କିଲୋଭୋଲ୍ଟ କ୍ଷମତା ବିଶିଷ୍ଟଏକ ସ୍ୱଳ୍ପ ଶକ୍ତିସମ୍ପନ୍ନ ଟ୍ରାନ୍ସଫରମର ଲଗାଇଥିଲେ ପରବର୍ତୀ ସମୟରେ ଏହା ସ୍ଥାନରେ ଏକ ଉଚ୍ଚ ଶକ୍ତିସମ୍ପନ୍ନଟ୍ରାନ୍ସଫରମର ବସାଯିବବୋଲି ଯନ୍ତ୍ରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁଇ ବର୍ଷ ପରେ ମଧସେଠାରେ ନୂତନ ଟ୍ରାନ୍ସଫରମର ଲଗାଯାଇନାହିଁ। ଏ ନେଇ ଦଳବାଡ଼ ଗ୍ରାମବାସୀ ବାରମ୍ବାର ଫୁଲନଖରାସ୍ଥିତବିଦୁତ କାର୍ଯାଳୟକୁ ଯାଇ ପରିଚାଳକଙ୍କ ସାକ୍ଷାତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଅସହ ଗରମଓ ଗୁଳୁଗୁଳିରୁ ତ୍ରାହି ପାଇବାକୁ ଦଳବାଡ଼ରେ ଥିବା ପୁରୁଣା ପରିବର୍ତେ ଏକ ନୂତନ ବିଦୁତଟ୍ରାନ୍ସଫରମର ବସାଇବାକୁ ଦାବି ହୋଇଛି। ନଚେତ ଦଳବାଡ଼ ଗ୍ରାମବାସୀ ବାଧ ହୋଇ ବିଦୁତକାର୍ଯାଳୟ ଘେରାଉ କରିବେବୋଲି ଚେତାବନୀ ଦେଇଛନ୍ତି।

# କଂଗ୍ରେସରେ ମିଶିଲେ ବହୁ ବିଜେଡ଼ି କର୍ମୀ



ବାଙ୍କୀ ,(ସବ୍ୟୁ): ସଧାରଣ ନିର୍ବାଚନ ଯେତିକି ପାଖେଇ ପାଖେଇ ଆସୁଛି ସେତିକି ରାଜନୈତିକ ଉଷ୍ମତା ବୃଦ୍ଧି ପାଉଥିବା ବେଳେ ଦଳ ଡିଆଁ ଚାଲୁରହିଛି। ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଯର କଳାପଥର ଗ୍ରାମ ପଞ୍ଚାୟତର ପଚାଶ ରୁ ଉର୍ଦ୍ଧ୍ୱ ଯୁବ ବିଜେଡ଼ି କର୍ମୀ କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ବାଙ୍କୀ କଂଗ୍ରେସ୍ କାର୍ଯ୍ୟାଳୟରେ କଦମ ପାଟଣା ଗ୍ରାମର ବଂଶୀଧର ସାହୁ ଙ୍କ ନେତୃତ୍ୱ ରେ ମାନସ ସ୍ୱାଇଁ, ବାସୁଦେବ ସାହୁ, ଅଜିତ କୁମାର ଙ୍କ ସମେତ ବହୁ ଦଳୀୟ କର୍ମୀ ମିଶିଛନ୍ତି। ମିଶ୍ରଣ ପର୍ବ ସମୟରେ ବାଂକୀ ବ୍ଲକ୍ କଂଗ୍ରେସ୍ ସଭାପତି ନରେଶକୁମାର ସାହୁଙ୍କ ଉପସ୍ଥିତ ରେ ଦେବାଶିଷ ପଟ୍ଟନାୟକ କଂଗ୍ରେସ ଉତ୍ତରୀୟ ଦେଇ ଦଳ ରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତ ଅଧିନ ଜୋକନ୍ଦୁଆସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଅକ୍ଷୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଉତ୍କଳ ଶିକ୍ଷା ବିକାଶ ପରିଷଦ ଭୁବନେଶ୍ୱରର ସଭାପତି ମଙ୍ଗୁଳି ଚରଣ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରାଥମିକ ସ୍ତରରୁ ଶିଶୁର ଶିକ୍ଷା ସହିତ ନୈତିକ ଓ ଅଧାତ୍ମିକ ଶିକ୍ଷା ଉପରେ ଶିକ୍ଷକମାନେ ବିଶେଷ ଧାନ ଦେବା ଆବଶ୍ୟକ ଓ ଶିଶୁର ଜୀବନ ସୁପଥଗାମୀ କରିବାରେ ଅଭିଭାବକ ମାନଙ୍କ ଗୁରୁ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଉତ୍କଳ ଶିକ୍ଷା ବିକାଶ ପରିଷଦ ସମ୍ପାଦକ ସୁରେନ୍ଦ୍ର ନାଥ ଖୁଣ୍ଟିଆ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଡେଲାଙ୍ଗ ଶାଖା ପରିଚାଳକ ନିରଞ୍ଜନ ପଣ୍ଡିତ, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧାପକ ଲକ୍ଷ୍ମୀଧର ପାଇକରାୟ, ସାମ୍ବାଦିକ ପ୍ରସନ୍ନ ତ୍ରିପାଠି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପରିଚାଳନା କମିଟି ସଭାପତି ତ୍ରିଲୋଚନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଚିତ୍ତରଞ୍ଜନ ପରିଡା ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିଲେ। ସେହିପରି ଶିକ୍ଷୟତ୍ରୀ ଅନୁସୟା ପାଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ସରକାରୀ ମେଧାବୃତ୍ତି, ଏନ୍ଆରଟିଏସ୍, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷିରେ ଏଲକେଜି ଶ୍ରେଣୀର ଛାତ୍ରୀ ଆରାଧ୍ୟା ପ୍ରଧାନ ଯିଏ ଏକା ସହିତ ଇଣ୍ଡିଆ ବୁକ ଅଫ୍ ରେକର୍ଡସ୍, ଇଣ୍ଟର ନାସ୍ନାଲ ସୁପର ଟ୍ୟାଲେଣ୍ଟ କିଡ୍ ପୁରସ୍କାର ଓ ଡ. ଅବଦୁଲ କାଲାମସ ସାଇଣ୍ଟିଫିକ ଓ୍ୱାଲଡ୍ ରେକର୍ଡସର ଅଧିକାରିଣୀ ହୋଇଥିବାରୁ ତାଙ୍କୁ ଅତିଥିମାନେ ମଞ୍ଚ ଉପରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେପିରେ ମିଶିଲେ ବିଜେଡି କର୍ମୀ



ବାରଙ୍ଗ,(ସବ୍ୟୁ) : ରବିବାର ଦିନ ଭାଜପା କାର୍ଯ୍ୟାଳୟ ପରିସରରେ ବାରଙ୍ଗ ବ୍ଲକ କୁହ୍ନେଇପଡା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ତଥା ବିଜେଡ଼ି ନେତ୍ରୀ ଶ୍ରୀମତୀ ପ୍ରାଚୀନା ଦାସ ଏବଂ ତ୍ରିଶୂଳିଆ ଗ୍ରାମର ବହୁ ବିଜୁ ଜନତା କର୍ମୀ ଯଥା ରୁଦ୍ରପ୍ରତାପ ମହାନ୍ତି,ସୋନୁ ମହାନ୍ତି ,ବିକାଶ ମୁଦୁଲି,ଅନୀଲ ମୁଦୁଲି ଦଳର ଆଗ ଧାଡିର ୫୦ ରୁ ଉର୍ଦ୍ଧ ବିଜେଡି କର୍ମୀ ଦଳ ଛାଡି ଭାଜପାରେ ଯୋଗଦାନ କରିଛନ୍ତି । ବିଜେପି ବିଧାୟକ ପ୍ରାର୍ଥି ତୁଷାରକାନ୍ତ ଚକ୍ରବର୍ତ୍ତୀ ଉପସ୍ଥିତରହି ଦଳରେ ଯୋଗଦେଇଥିବା ଏହି ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଏବଂ ବିଜେପି ପ୍ରାର୍ଥି ତୁଷାର ଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସମସ୍ତେ ଦଳ ଛାଡି ବିଜେପିରେ ସାମିଲ ହୋଇଥିବା କଥା କହିଛନ୍ତି ।ନିର୍ବାଚନ ସମୟରେ ସମସ୍ତଙ୍କ ମିଶିବା ବିଜେପି ପାଇଁ ଶୁଭ ସଂକେତ ବୋଲି ତୁଷାର କହିଛନ୍ତି । ଆୟୋଜିତ ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ଭୂପତି ପାଣି ,ସରପଞ୍ଚ ସଞ୍ଜୟ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସୁଗୃହିଣୀ ପ୍ରତିଯୋଗିତା: ସେମିଫାଇନାଲରେ ୨୦



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଉଦୀୟମାନ ମହିଳା ସଂଗଠନ ପକ୍ଷରୁ ଚାଲିଥିବା ସୁଗୃହିଣୀ ପ୍ରତିଯୋଗିତାର ସେମିଫାଇନାଲ ଶେଷ ହୋଇଯାଇଛି।ଯାଜପୁର ,କଟକ, ଖୋର୍ଦ୍ଧା,ପୁରୀ, ଢେଙ୍କାନାଳ, କେନ୍ଦ୍ରାପଡା , ଭଦ୍ରକ ଆଦି ଜିଲ୍ଲା ମାନଙ୍କରୁ ଶତାଧିକ ଗୃହିଣୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ସୁନ୍ଦର ଭାବେ ସହଭାଗିତା ପ୍ରଦର୍ଶନ କରିଥିଲେ ! ସେମାନଙ୍କ ମଧ୍ୟରୁ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ୨୦ ଜଣ ଗୃହିଣୀଙ୍କୁ ସେମି ଫାଇନାଲକୁ ମନୋନୀତ କରାଯାଇଛି । ଫାଇନାଲ ରାଉଣ୍ଡରେ ପ୍ରଥମ , ଦିତୀୟ , ତୃତୀୟ , ଚତୁର୍ଥ , ପଞ୍ଚମ କରି ପାଞ୍ଚ ଜଣଙ୍କୁ ଶ୍ରେଷ୍ଠ ସୁଗୃହିଣୀ ଭାବରେ ବଛାଯିବା।କୃତକାର୍ଯ୍ୟ ହୋଇଥିବା ଗୃହିଣୀଙ୍କୁ ଆଗାମୀ ରଜ ମହୋତ୍ସବରେ ସୁନାର ମଙ୍ଗଳ ସୂତ୍ର , କାନଫୁଲ , ଶଂଖୀ ଏବଂ ରୁପା ପାଉଁଜୀ , ଆର୍ମଲେଟ୍ ପ୍ରଭୃତି ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯିବା ସହିତ ୧୫ ଜଣଙ୍କୁ ସାନ୍ତ୍ୱନା ମୂଳକ ଉପହାର ଦିଆଯିବ ।ସେମିଫାଇନାଲର ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ଶିକ୍ଷାବିତ ପ୍ରସନ୍ନ କୁମାର ଜେନା , ଅଧ୍ୟାପକ ପଦ୍ମନାଭ ପଣ୍ଡା , ଦିଲ୍ଲୀପ କୁମାର ନାୟକ , ସଂଗଠନର ସଂପାଦିକା ଅରୁଣି ନନ୍ଦ , ସଭାନେତ୍ରୀ ଦେବଜାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଠିକ ଆଜିର ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ବାଛିଥିଲେ। ଉଦୀୟମାନର ସଂସ୍ଥାର ସମ୍ପାଦକ ଅନୀଲକୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜିକା ଇତିଶ୍ରୀ ପରିଡ଼ା , ସନ୍ଧ୍ୟାରାଣୀ ବ୍ରହ୍ମ, ଗୀତାଞ୍ଜଳୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ସାମାଜିକ କର୍ମୀ ମାୟାଧର



ସାଲେପୁର, (ସବ୍ୟୁ) : ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ମାୟାଧର ଘଡେଇ (୪୨)ଙ୍କ ଗତ ୨୧ ତାରିଖ ମଧ୍ୟ ରାତ୍ରରେ ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ ସି ବି ମେଡିକାଲର ଦୁର୍ଘଟଣା ଜନିତ ଆସୁ ଚିକିତ୍ସା ବିଭାଗରେ ଭର୍ତି କରଯାଇ ଚିକିତ୍ସା କରାଯାଉଥିଲା।ରବିବାର ସକାଳ ୦୫. ୩୦ ମିନିଟ ସମୟରେ ମୃତ୍ୟୁ ସହ ସଂଗ୍ରାମ କରି ହାରିଯାଇଛନ୍ତି। ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ପୂର୍ବରୁ ଅଙ୍ଗ ଦାନ ପାଇଁ ସ୍ୱୀକୃତି ପ୍ରଦାନ କରିଥିବାରୁ ପରିବାର ଲୋକଙ୍କ ସମ୍ମତି କ୍ରମେ ଭୁବନେଶ୍ୱର ଏଲ. ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ସ୍ୱର୍ଗତ ମାୟାଧରଙ୍କ ଦୁଇଟି ଚକ୍ଷୁ ଦାନ କରିଦିଆଯାଇଥିଲା। ଚକ୍ଷୁ ଚିକିତ୍ସାଳୟ ତରଫରୁ ଡାକ୍ତରୀ ଦଳ ଉପସ୍ଥିତ ରହି ଚକ୍ଷୁର ପାରଳ ସଂଗ୍ରହ କରି ଦୁଇ ଜଣକ ଆଖିରେ ସେ ସମାଜକୁ ଏକ ନୂଆ ଜୀବନ ଦେଇ ଯାଇଛନ୍ତି ବୋଲି କହିଥିଲେ। ସ୍ୱର୍ଗତ ମାୟାଧର ସ୍ଥାନୀୟ ଗୋପୀନାଥପୁର ଅଂଚଳରେ ବିରୂପା ମହୋତ୍ସବ, ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପାରେ ସକ୍ରିୟ ଭାବେ କାର୍ଯ୍ୟ କରି ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର ସହ ସାମାଜିକ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଥିବା ସହ ନିଜେ ୧୯ଥର ରକ୍ତଦାନ କରିଛନ୍ତି। ତାଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ଅଛନ୍ତିଛ ତାଙ୍କର ଏପରି ଅପମୃତ୍ୟୁରେ ଘଟଣାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଗୋପୀନାଥପୁର ଗ୍ରାମ ପଂଚାୟତର ସରପଞ୍ଚ ଦମୟନ୍ତୀ ମହାନ୍ତି, ପ୍ରାକ୍ତନ ସରପଞ୍ଚ ଦିଲୀପ ରାଉତ, ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ସହ ଗୋପୀନାଥପୁର ଗ୍ରାମର ଗ୍ରାମବାସୀମାନେ ଶୋକ ପ୍ରକାଶ କରିଛନ୍ତି।

# ହୃଦ୍‌ଘାତରେ ଅଟୋ ଚାଳକଙ୍କ ମୃତ୍ୟୁ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ତଥା ପଥରପଦା ପଂଚାୟତ ଅନ୍ତର୍ଗତ ଓଉପଦା(ଗରୁଆଳ ) ଗ୍ରାମରେ ରବିବାର ଦିନ ଜଣେ ଅଟୋ ଚାଳକ ଯୁବକଙ୍କ ହୃଦଘାତରେ ପରଲୋକ ଘଟିଛି । ପ୍ରକାଶଯେ ଓଉପଦା ଗ୍ରାମର ନାରାୟଣ ମଲିକଙ୍କ ପୁଅ ନିରଂଜନ ମଲିକ(୩୪) ପ୍ରତିଦିନ ପରି ନିଜ ଅଟୋ ଧରି ବ୍ୟବସାୟ ସାରି ଘରେ ପହଂଚିଥିଲେ । ପ୍ରଚଣ୍ଡ ଖରାଯୋଗୁ ଘରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ । ଘରେ ଖାଇ ବିଶ୍ରାମ ନେଉଥିବା ବେଳେ ପୁଣି ଅସୁସ୍ଥତା ଅନୁଭବ କରିବାରୁ ପରିବାର ପକ୍ଷରୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ଡାକ୍ତରଖାନା ପକ୍ଷରୁ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ପଂଚାନାମା କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ନିରଂଜନର ଦୁଇଟି (ପୁଅ ଓ ଝିଅ) ଥିବା ବେଳେ ନିରଂଜନଙ୍କ ହୃଦଘାତରେ ଆକସ୍ମିକ ମୃତ୍ୟୁ ଗଭୀର ଦୁଃଖ ପହଂଚାଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଥାନା ପକ୍ଷରୁ ଜଳଛତ୍ର

ପାଟକୁରା, (ସବ୍ୟୁ) : ଗରଦପୁର ବ୍ଲକର ପାଟକୁରା ହାଟ ରେ ପାଟକୁରା ଥାନା ପୋଲିସ ପକ୍ଷରୁ ଓ କୋରୁଆ କଲେଜ ଛକ ଠାରେ କୁଦାନଗରୀ ଥାନା ପକ୍ଷରୁ ଜଳଛତ୍ର ଚାଲୁରହିଛି। ପାଟକୁରା ଥାନା ର ଥାନା ଅଧିକାରୀ ପ୍ରଦୀପ ପ୍ରଧାନ ଙ୍କ ନେତୃତ୍ୱରେ ଥାନାର କର୍ମଚାରୀମାନେ ଉପସ୍ଥିତ ରହି ରାସ୍ତାରେ ଯାଉଥିବା ବାଟୋଇ ମାନଙ୍କୁ ଦହି ସରବତ ପ୍ରଦାନକରୁଛନ୍ତି ସେହିଭଳି କୁଦାନଗରୀ ଥାନାଧିକାରିଣୀ ଅମ୍ବିକା ଦାସଙ୍କ ନେତୃତ୍ୱରେ ଥାନା କର୍ମଚାରୀ ନିକୁଞ୍ଜ ପ୍ରଧାନ, ରଶ୍ମିରଂଜନ ଗ୍ରହାଚାର୍ଯ୍ୟ ପ୍ରମୁଖ ଏହି ଜଳଛତ୍ରରେ ସାମିଲ ହୋଇ ଦହି ପାଣି ବଂଟନ କରୁଛନ୍ତି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ପାଟକୁରା ଓ କୁଦାନଗରୀ ଥାନା ପକ୍ଷରୁ ଏହି ଜଳଛତ୍ର ଅନୁଷ୍ଠିତ ହେଉଥିବାବେଳେ ଏହି କାର୍ଯ୍ୟକ୍ରମକୁ ଜନସାଧାରଣ ବେଶ୍ ପସନ୍ଦ କରିଛନ୍ତି।ପାଟକୁରା ହାଟଛକ ଓ କଲେଜ ଛକ ରେ ଏହି ଜଳଛତ୍ର ଅନୁଷ୍ଠିତ ହେଉଥିବାରୁ ଥଣ୍ଡା ଦହି ପାଣି ପିଇବାକୁ ପଥିକମାନଙ୍କର ବେଶ୍ ଭିଡ ଦେଖାଯାଉଛି।

# କରଜ ବୋଝକୁ ନେଇ ପରିବାରରେ କଳହ : ଆତ୍ମହତ୍ୟା କଲେ ମହିଳା

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଥାନା ତଥା ଧାନମଣ୍ଡଳ ଫାଣ୍ଡି ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମରେ ପାରିବାରିକ ଋଣ ଓ କରଜ ବୋଝକୁ ନେଇ ଜଣେ ମହିଳା ରବିବାର ଦିନ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଆତ୍ମହତ୍ୟା କରିଥିବା ମହିଳା ଜଣଙ୍କ ହେଉଛନ୍ତି ଧାନମଣ୍ଡଳ ଗ୍ରାମର ମଙ୍ଗୁଳି ଜେନାଙ୍କ ସ୍ତ୍ରୀ ସବୀତା ଜେନା(୫୦)। ପ୍ରାପ୍ତ ସୂଚନା ଅନୁଯାଇ ମଙ୍ଗୁଳିଙ୍କ ପରିବାର ନିଜର ଦାରିଦ୍ର୍ୟତା ପାଇଁ ବିଭିନ୍ନ ସଂସ୍ଥା ଓ ଘରୋଇ ଲୋକଙ୍କ ଠାରୁ ଋଣ ଓ କରଜ କରିଥିଲେ। ହେଲେ ସଠିକ ସମୟରେ ଋଣଟଙ୍କା ପରିଶୋଧ କରିବା ସମ୍ଭବ ହେଉନଥିବାରୁ ତାକୁ କେନ୍ଦ୍ର କରି ପରିବାର ମଧ୍ୟରେ କଳହ ଲାଗିରହୁଥିଲା। ଶନିବାର ରାତିରେ ମଧ୍ୟ ସମାନ କାରଣକୁ ନେଇ ମଙ୍ଗୁଳିଙ୍କ ଘରେ ଝଗଡା ହୋଇଥିଲା! ଫଳରେ ତାଙ୍କ ସ୍ତ୍ରୀ ଋଣଟଙ୍କା ନସୁଝିପାରିବା ଦୁଶ୍ଚିନ୍ତା ଓ ପରିବାର ଅଶାନ୍ତିକୁ ନେଇ ମାନଶୀକ ଭାରସାମ୍ୟ ହରାଇ ନିଜ ଶୋଇବା ଘରେ ଶନିବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।ତାଙ୍କ ପୁଅ ଲବିବାର ସକାଳୁ ବିଛଣାରୁ ଉଠି ମା'ରଶିରେ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଡାକିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ବଡଚଣା ଡାକ୍ତରଖାନାକୁ ନିଆଯାଇଥିଲା।ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ପୋଲିସ ଟିମ ସହ ଡାକ୍ତର ଖାନାରେ ପହଞ୍ଚି ସବୀତାଙ୍କ ମୃତଦେହ ଜବତ କରି ବ୍ୟବଛେଦ କରାଇଥିଲେ। ପରେ ବଡଚଣା ଥାନାରେ ଏକ ଅପମୃତ୍ୟୁ ମାମଲା ପଞ୍ଜିକରଣ କରି ପୋଲିସ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିବା ସହ ସବୀତାଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ବିଭିନ୍ନ ଦିଗରୁ ଅନୁସନ୍ଧାନ ଚଳାଇଥିବା ଜଣାପଡିଛି।

# ସାମ୍ବାଦିକଙ୍କୁ ହତ୍ୟା ଧମକ, ଥାନାରେ ମାମଲା

ପାରାଦୀପ, (ଜିପ୍ର) : ଗତ ବର୍ଷ ମାଟି ଚୋରି ଘଟଣା ରେ ତତ୍କାଳୀନ କୁଜଙ୍ଗ ତହସିଲଦାରଙ୍କ ଲିଖିତ ଅଭିଯୋଗ ପରେ ଗିରଫ ହୋଇଥିବା ନୂଆଗଡ଼ର ଅଜୟ ବେହେରା ରବିବାର ଦିନ ପାରାଦୀପ ର୍ କାର୍ଯ୍ୟରତ ସାମ୍ବାଦିକ ସୁବ୍ରତ କୁମାର ନାୟକଙ୍କୁ ଟେଲିଫୋନ କରି ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ସୁବ୍ରତ ପାରାଦୀପ ଆଦର୍ଶ ଥାନାରେ କରିଥିବା ଅଭିଯୋଗ ଅନୁଯାଇ ମଧ୍ୟାହ୍ନ ଏକଟା ଚାରି ମିନିଟ ଓ ଏକଟା ୬ ମିନିଟ ରେ ଦୁଇଥର ମୋବାଇଲ ନମ୍ବର ୮୪୬୮୭୯୬୯୧ ରୁ କଲ କରି ମୁଁ ଅଜୟ ବେହେରା କହୁଛି ମୋ ବିରୋଧରେ କଣ ପାଇଁ ନ୍ୟୁଜ କରୁଛୁ , ତତେ ଗୁଳି ଫୁଟାଇ ଦେବୀ , ତତେ ମାରିଦେବି ବୋଲି ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଯାହାକୁ ନେଇ ସୁବ୍ରତ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେଶ ନମ୍ବର ୧୨୬ ଦଫା ୨୯୪, ୫୦୬, ୫୦୭ ଓ ୩୪ ଆଇପିସି ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୁବ୍ରତ ଜଣେ କର୍ତ୍ତବ୍ୟ ନିଷ୍ଠ ସାମ୍ବାଦିକ ହୋଇଥିବା ବେଳେ ତାଙ୍କୁ ଏଭଳି ହତ୍ୟା ଧମକକୁ ସାମ୍ବାଦିକ ମହଲରେ ନିନ୍ଦା କରିବା ସହ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ।

## ଗାଡି ଧକ୍କାରେ ଜଣେ ମୃତ

ସାଲେପୁର,(ସବ୍ୟୁ) : ରବିବାର କଟକ ସାଲେପୁର ରାସ୍ତାର ନାହୋଳ ବଜାର ଠାରେ ଏକ ଅଜଣା ଅଟୋ ଧକ୍କାରେ ଜଣେ ମୃତ ଓ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ରବିବାର ମଧ୍ୟାହ୍ନରେ ସାଲେପୁରରୁ କାର୍ଯ୍ୟସାରି ରାମେଶ୍ୱର ସନ୍ୟାସୀ ପାଟଣା ଗ୍ରାମର କଳ୍ପତରୁ ମହାନ୍ତି ଓ ଚନ୍ଦ୍ରଶେଖର ମହାନ୍ତି ନିଜ ମଟରସାଇକେଲ ନଂ ଓଡି ୦୫ ଏ ଯେ ୭୯୯୨ ଯୋଗେ ନିଜ ଘରକୁ ଫେରୁଥିଲେ । ନାହୋଳ ଗଡ଼ା ବଜାର ନିକଟରେ ସମ୍ମୁଖ ଆଡୁ ଆସୁଥିବା ଏକ ଆଜଣା ଅଟୋ ବାଇକକୁ ମୁହାଁମୁହିଁ ଧକ୍କା ଦେଇଥିଲା।

# ଶାରଳା ମା'ଙ୍କ ପାଇଁ ପହଞ୍ଚିଲା ନୌକା



ପାରାଦୀପ, (ଜିପ୍ର) : ଝଙ୍କଡ଼ ବାସିନୀ ମା ଶାରଳାଙ୍କ ନୌକା ଯାତ୍ରା ପାଇଁ ପାରାଦୀପ ଗଡ଼ରୁ ରବିବାର ଦିନି ଏକ ନୂତନ ନୌକା ପଟୁଆର ହୋଇ ମା ଙ୍କ ମନ୍ଦିର କୁ ଯାତ୍ରା କରିଛି । ନିଖିଳ ଉତ୍କଳ କୈବର୍ତ୍ତ ମହା ସଭା ଆନୁକୁଲ୍ୟରେ ସଭାପତି ପ୍ରହଲ୍ଲାଦ ବେହେରା ଗଡ଼ ବଜାର ନିକଟରୁ ପାରମ୍ପରିକ ଘୋଡା ନାଚ , ସଙ୍କୀର୍ତ୍ତନ , ହୋମ, ପୂଜା ପାଠ କରି ଏକ ବିରାଟ ନୌକା କୁ ସୁସଜ୍ଜିତ କରି ଝଙ୍କଡ ଅଭିମୁଖେ ଶୋଭାଯାତ୍ରା ଧରି ବାହାରିଥିଲେ। ଆଗକୁ ଚନ୍ଦନ ଯାତ୍ରା ଆସୁଥିବା ଓ ମା ଏହି ନୌକା ରେ ବିହାର କରିବା ସହ ଚାପ ଖେଳିବେ ବୋଲି କୈବର୍ତ୍ତ ମହାସଭା ପକ୍ଷ୍ୟରୁ ଏହି ନୌକା ଦିଆଯାଇଥିବା ଜଣାପଡ଼ିଛି ।ବାଟସାରା ହରିବୋଲ ହୁଳହୁଳି ରେ ଲୋକମାନେ ନୌକା କୁ ଭବ୍ୟ ସ୍ୱାଗତ କରିଥିବା ବେଳେ ବାଟସାରା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।

# ନିମ୍ନମାନର ପିଚୁ କାମକୁ ବିରୋଧ

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକ ପେଟଛେଲା ପଂଚାୟତରେ କେନ୍ତିଆ ଠାରୁ ପଲ୍ଲୀଗଡ଼ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପିଚୁ କାମ ହେଉଛି । ଏହି ରାସ୍ତାଟି ଚାଲିବା ଉପଯୋଗୀ ଅବସ୍ଥାରେ ନଥିଲା । ଏହି ଅବସ୍ଥାକୁ ଲକ୍ଷ୍ୟ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେନ୍ତିଆ ଠାରୁ ପଲ୍ଲୀଗଡ଼ ପର୍ଯ୍ୟନ୍ତ ପିଚୁ ରାସ୍ତା କରାଯାଉଛି । କିନ୍ତୁ ଏହି କାମ ନିମ୍ନମାନର କରାଯାଉଛି ବୋଲି ଅଭିଯୋଗ କରି ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ପିଚୁ ରାସ୍ତାର ମୋଟେଇ ଯେତିକି ହେବାକଥା ସେତିକି କରାଯାଉନାହିଁ । ଏବଂ କାମରେ ଯେଉଁ ପିଚୁ ବ୍ୟବହାର କରାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଗମନାଗମନ ସୁବିଧା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି । ଅଂଚଳର ଆର୍ଥିକ ବିକାଶରେ ଗମନାଗମନର ଭିତିଭୂମିରେ ଉନ୍ନତି ଆସିଲେ ଏହା ସହାୟକ ହେବ ବୋଲି ବୁଦ୍ଧିଜୀବୀମାନେ କୁହନ୍ତି । ବିକାଶକୁ ତ୍ୱରାନ୍ୱିତ କରିବାରେ ଗମନାଗମନ ମୁଖ୍ୟ ଅସ୍ତ୍ର । ଏଥିପାଇଁ ସରକାର ପ୍ରଚୁର ଅର୍ଥ ପ୍ରଦାନ କରୁଛନ୍ତି । କିନ୍ତୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ବେଳେ ସମସ୍ୟା ଦେଖାଦେଉଛି । ଯାହାର ଉଦାହରଣ ହେଉଛି କେନ୍ତିଆ ପଲ୍ଲିଗଡ଼ ରାସ୍ତା । ଏପରିକି ପିଚୁ କାମ ବେଳେ ଗ୍ରାମ୍ୟ ଉନ୍ନୟନ ଅଧିକାରୀମାନେ ରହୁନାହାଁନ୍ତି ବୋଲି ମଧ୍ୟ ଲୋକମାନେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଦେଇ କେନ୍ତିଆ ପଲ୍ଲୀଗଡ଼, ରାଜେନ୍ଦ୍ରନଗର, ଏପରିକି ରାମନଗର ପଂଚାୟତର ଲୋକମାନେ ମଧ୍ୟ ଯିବା ଆସିବା କରନ୍ତି । ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ଲୋଡ଼ିବାକୁ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମହୋଦୟ ଫୋନ୍ ଉଠାଇନଥିଲେ ।

# ଭୋଟର ସଚେତନତା ଅଭିଯାନ



କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡାର ସାମାଜିକ ସଂଗଠନ ଜୟରାଷ୍ଟ୍ରପକ୍ଷରୁ ଭୋଟର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ର ଶୁଭାରମ୍ଭହୋଇଯାଇଛି । ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଅରୁଣ ସ୍ତମ୍ଭ ନିକଟରେସଚେତନତା ବାର୍ତା ପ୍ରଚାରପତ୍ର କୁ ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତରବିରେନ୍ଦ୍ର କୁମାର ଦାଶ ଓ ଯୁବ ଚିତ୍ରଶିଳ୍ପୀ ସୌମ୍ୟ ରଞ୍ଜନ ପଟ୍ଟନାୟକଅତିଥି ଭାବେ ଯୋଗ ଦେଇ ଉନ୍ମୋଚନ କରିଥିଲେ । ମତଦାନପ୍ରତ୍ୟେକ ନାଗରିକ ଅଧିକାର ଓ କର୍ତବ୍ୟ ବୋଲି ଅତିଥି ମାନେମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଂଚଳରବ୍ୟବସାୟୀ ମାନଙ୍କୁ ପ୍ରଚାର ପତ୍ର ବଣ୍ଟନ କରାଯାଇ ମତଦାନ ପାଇଁସଚେତନତା କରାଯାଇ ଥିଲା । ପ୍ରଚାରପତ୍ର ଜୟରାଷ୍ଟ୍ର ସ୍ୱେଚ୍ଛାସେବୀ ଙ୍କଦ୍ୱାରା ସମଗ୍ର ଜିଲ୍ଲାରେ ବିତରଣ କରାଯିବା ପାଇଁ ଲକ୍ଷ୍ୟରଖାଯାଇଛି । ଉନ୍ମୋଚନ ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜ୍ୟୋତିରଞ୍ଜନ ନାୟକ, ସେବାୟତ ଜ୍ୟୋତି ରଞ୍ଜନ ପତ୍ରୀ, ନିରଞ୍ଜନ ମହାରଣା,ଲକ୍ଷ୍ମୀକାନ୍ତ ନାୟକ, ପ୍ରଦ୍ୟୁମ୍ନ କୁମାର ବେହୁରା, ରାଜେଶ ମହାପାତ୍ର,ଗୌତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମାତୃଦତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଙ୍କଜ ସିଂହ୍ନା ଧନ୍ୟବାଦଅର୍ପଣ କରିଥିଲେ ।

# ପଶୁ ଓ ପକ୍ଷୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା

ପାଟକୁରା, (ସବ୍ୟୁ): ମୁଣ୍ଡଫଟା ଖରା,ଝାଂଜି ପବନ ସାଙ୍ଗକୁ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇପଡ଼ିଛି । ଲୋକେ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଛଟପଟ ହେଉଥିବାବେଳେ ପଶୁ , ପକ୍ଷୀ ମାନେ ପାଣି ଟୋପାଏ ପାଇଁ ଡ଼ହଳ ବିକଳ ହେଉଛନ୍ତି । କେଉଁଠାରେ ଟୋପାଏ ପାଣି ନାହିଁ । ସବୁ ଗଡ଼ିଆ ପୋଖରୀ ଶୁଖିଲା । ପାଣି ମୁନ୍ଦେ ପାଇଁ ମାଙ୍କଡ଼, ଗୋଈ, ଗୋରୁ, ପକ୍ଷୀ ଡ଼ହଳ ବିକଳ ହେଉଛନ୍ତି । ପ୍ରତି ବର୍ଷ ତେଣ୍ଡାକୁଡ଼ା ପଂଚାୟତ ଅନ୍ତର୍ଗତ ଜୟତଲଙ୍ଗ ଶନିଦେବ ପୂଜନ ସମିତି ପକ୍ଷରୁ ବଡ଼ ସିମେଂଟ ନନ୍ଦିଆରେ ପଶୁ ଓ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଉଥିଲା । ଚଳିତ ବର୍ଷ ଅଧିକ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଶନିଦେବ ପୂଜନ ସମିତି ପକ୍ଷରୁ ଏହାର ତତ୍ତ୍ୱାବଧାରକ ବରିଷ୍ଠ ସାମ୍ବାଦିକ ଦୀପ୍ତିରଂଜନ କାନୁନଗୋ ଙ୍କ ଉଦ୍ୟମରେ ବଡ଼ ସିମେଂଟ ନନ୍ଦିଆ ବଦଳରେ ଏକ ଛୋଟ ଶୁଖିଲା ପୋଖରୀ ରେ ମୋଟର ଲଗାଇ ପାଣି ପୁରାଇ ପଶୁ ଓ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି ।

# ଚଣ୍ଡିଖୋଲ କୋର୍ଟରେ ଶ୍ରମିକ ଦିବସ

ଚଣ୍ଡିଖୋଲ, (ସବ୍ୟୁ):ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ରପକ୍ଷରୁ କୋର୍ଟ ପରିସରରେ ଆର୍ନ୍ତଜାତିକ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ତାଲୁକ ସେବାକେନ୍ଦ୍ରର ଅଧକ୍ଷ ତଥା କୋର୍ଟର ସବଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେ.ଏମ.ଏଫ.ସି ପରବିନ ମଣ୍ଡଳ, ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ସଂପାଦକ ପ୍ରକାଶ କୁମାର ଦାଶ, ରିଟେନର ପ୍ରତିମାରାଣୀ ସାହୁ ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରିଆକ୍ଟ, ଶିଳ୍ପ ସମ୍ବନ୍ଧୀୟ ବିବାଦ ଆକ୍ଟ, କାରଖାନା ଆକ୍ଟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ସମ୍ବନ୍ଧରେ ସଚେତନତା କରାଇଥିଲେ।

# ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନଙ୍କ କର୍ମୀ ସମାବେଶ



ନିଶ୍ଚିନ୍ତକୋଇଲି, (ସବ୍ୟୁ) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ନରେନ୍ଦ୍ରପୁର ଓ ଦାଉଦପୁର ପଞ୍ଚାୟତରେ ଏଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ଯାଉଥିବା ଶାରଦା ପ୍ରଧାନଙ୍କ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି । ନରେନ୍ଦ୍ରପୁର ପଞ୍ଚାୟତରେ ସୁଧିର ଦାସ ଓ ଅକ୍ଷୟ କୁମାର ନନ୍ଦିଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମୀ ବୈଠକରେ ଅନ୍ୟ ଦଳ ଛାଡ଼ି ୧୫ ଜଣ କର୍ମୀ ସ୍ୱାଧୀନ ପ୍ରାର୍ଥୀ ଶାରଦାଙ୍କ ସହିତ ମିଶିଛନ୍ତି । ଏ ବୈଠକରେ ପ୍ରାର୍ଥୀ ଶାରଦା ପ୍ରଧାନ ଯୋଗ ଦେଇ ମାହାଙ୍ଗାରୁ ଭ୍ରଷ୍ଟାଚାର ଓ ଦୁର୍ନୀତିଗ୍ରସ୍ତ ଶାସନ କୁ ହଟାଇବାକୁ ହେଲେ ଛାତ୍ର , ଯୁବକ, ମହିଳା ଓ ବୟଜ୍ୟୋଷ୍ଠ ମାନେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ମାହାଙ୍ଗାରେ ଯେଉଁ ପାରିବାରିକ ଶାସନର ମଞ୍ଜି ଲଗା ହେବାକୁ ଯାଉଛି ବେଳୁ ସାବଧାନ ହୋଇ ତାହାକୁ ଉପାଡ଼ି ଦେବା ପାଇଁ ସମସ୍ତଙ୍କର ସହଯୋଗ ଓ ଆର୍ଶିବାଦ କାମନା କରିଥିଲେ । ଏଥିରେ ରାକେଶ ସେଠୀ,ପ୍ରଦୀପ୍ତ ପୃଷ୍ଟି, ଶୁକଦେବ ସୂତାର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଦାଉଦପୁର ପଞ୍ଚାୟତରେ ଦୀପକ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ କର୍ମୀ ସମାବେଶରେ ଶ୍ରୀ ପ୍ରଧାନ ଯୋଗ ଦେଇ ଅନ୍ୟ ଦଳର ୫ଜଣ କର୍ମୀ ଙ୍କୁ ତାଙ୍କ ସହିତ ମିଶାଇଥିଲେ । ଏକ ସ୍ୱାଭିମାନୀ,ବିକାଶଶୀଳ ମାହାଙ୍ଗା ଗଠନ ପାଇଁ ଉପସ୍ଥିତ ପଞ୍ଚାୟତ ବାସୀଙ୍କୁ ଆହ୍ୱାନ ଦେଇଥିଲେ । ଶ୍ରୀ ପ୍ରଧାନଙ୍କ ସହିତ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ଯୁବନେତା ଦେବଦତ୍ତ କର, ପିତାମ୍ବର ମହାନ୍ତି, ବିନୋଦ ସାମଲ, ମିନତୀ ଦାସ ପ୍ରମୁଖ ଯୋଗ ଦେଇ ସ୍ୱାଧୀନ ପ୍ରାର୍ଥୀ ଶାରଦାଙ୍କୁ ଏଥର ନିର୍ବାଚନରେ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ମୁକ୍ତାକାଶ ରଙ୍ଗମଞ୍ଚରେ ଯାତ୍ରା ଉଦ୍‌ଯାପିତ



ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ପଂଚାୟତ ଅନ୍ତର୍ଗତ ବାଲିଦାଣ୍ଡ ସାହିର ସତ୍ୟ ନାରାୟଣ ପାଲା ମଣ୍ଡପ ଦ୍ୱାରା ତିନି ଦିନ ଧରି ଚାଲିଥିବା ଯାତ୍ରା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ସାହିରେ ରହୁଥିବା ୯୦ଟି ପରିବାର ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ପ୍ରତି ବର୍ଷ ଯାତ୍ରା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆସୁଛନ୍ତି। ସାହିର ଯୁବକ ମାନେ ନିଜ ନିଜ ଭିତରେ ଏକତା ଓ ଭାଇଚାରା ବୃଦ୍ଧି କରି ପଂଚାୟତରେ ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଯାତ୍ରାର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ତଥା କୋରାଇର ବିଜେପି ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କମିଟିର ସଦସ୍ୟ ମାନଙ୍କ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇବା ସହିତ ସମସ୍ତ ଗ୍ରମବାସୀଙ୍କୁ ଏଭଳି ପରମ୍ପରା ବଂଚାଇ ରଖିବା ଲାଗି ଅନୁରୋଧ କରିଥିଲେ। କମିଟିର ସଦସ୍ୟ ମାନେ ତାଙ୍କୁ ଯାତ୍ରା ମଂଚ ଉପରକୁ ନେବା ସହିତ ତାଙ୍କରି ମୁଖରୁ ଏକ ଗୀତ ଗାଇବାକୁ ବାଧ୍ୟ କରିଥିଲେ। ଜନତାଙ୍କ ଭାବାବେଗକୁ ଏଡ଼ାଇ ଯାଇ ନପାରି ଆକାଶ ନିଜ ଅଭିନିତ ଓଡ଼ିଶା ମୋ ଓଡ଼ିଶା ଭଳି ଏକ ଲୋକପ୍ରିୟ ଗୀତ ଗାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କମିଟିର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଶଶୀକାନ୍ତ ମଲିକ, ରାମଚନ୍ଦ୍ର ମଲିକ, ଶିବରାମ ପାତ୍ର, ରବି ନାରାୟଣ ପଣ୍ଡା,ଶଙ୍କର ମଲି.ଗଣନାଥ ସାହୁ ସଭାପତି ଅବଦୁଲ ସଏଦ ଖାଁ, ସମ୍ପାଦକ ରାଜ କିଶୋର ମଲିକ କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସଦସ୍ୟ ବିଜୟ ପଣ୍ଡା,ସୁକାନ୍ତ ସାହୁ, ଯୋଗେନ୍ଦ୍ର ମଲିକ, ଭୀମସେନ ସାହୁ, ଅକ୍ଷୟ ଜେନା, ବଳରାମ ଜେନା, ପ୍ରଦୀପ ମଲିକ,ରମେଶ ମଲିକ, ନାରଣ ଚନ୍ଦ୍ର ମଲିକ, ନିରଂଜନ ପଣ୍ଡା, ନିରାକାର ସାହୁ, ହରି ବାରିକ, ଫିରୋଜ ପଣ୍ଡା, ପ୍ରଫୁଲ୍ଲ ମଲିକ, ସନ୍ତୋଷ ମଲିକ ପ୍ରମୁଖ ପରିଚାଳନା କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରମୋଦ କୁମାର ପଣ୍ଡା ଓ ରାଜା ମଲିକ ମଂଚ ପରିଚାଳନା କରିଥିଲେ।

# ୫,୪୦୦ କୋଟିର ପୁଞ୍ଜିନିବେଶ କରିବ ଜିନ୍ଦଲ, ୪.୨ ମିଲିୟନ ଟନ୍‌କୁ କ୍ଷମତା ବୃଦ୍ଧି ଘୋଷଣା

ବ୍ୟାସନଗର, (ଜିପ୍ର) : ଅଗ୍ରଣୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ ଏହାର ମେଲଟିଂ ଏବଂ ଡାଉନଷ୍ଟ୍ରିମ କ୍ଷମତାକୁ ବୃଦ୍ଧି କରିବା ସହ ବିଶ୍ୱରେ ଏକ ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଭାବେ ପରିଗଣିତ ହେବା ଉଦ୍ଦେଶ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଏବଂ ଅଧିଗ୍ରହଣ ଯୋଜନା ଘୋଷଣା କରିଛି। ଷ୍ଟେନଲେସ ଷ୍ଟିଲରେ ବିଶ୍ୱସ୍ତରୀୟ ନେତୃତ୍ୱ ହାସଲ କରିବା ପାଇଁ କମ୍ପାନୀ ପ୍ରାୟ ୫,୪୦୦ କୋଟି ଟଙ୍କାର ଏକ ତ୍ରିସ୍ତରୀୟ ନିବେଶ ରଣନୀତି ଘୋଷଣା କରିଛି। ଜିନ୍ଦଲ ଷ୍ଟେନଲେସ ଇଣ୍ଡୋନେସିଆରେ ବାର୍ଷିକ ୧.୨ ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ଥିବା ଏକ ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟ ସୋପ୍ ବିକାଶ ଏବଂ ପରିଚାଳନା ପାଇଁ ଯୌଥ ଉଦ୍ୟୋଗ ଆରମ୍ଭ କରିଛି। ଏଥିରେ ୭୦୦କୋଟି ଟଙ୍କାରୁ ଅଧିକ ନିବେଶ ହେବା ସହ କମ୍ପାନୀର ମେଲଟିଂ କ୍ଷମତା ୪୦% ବୃଦ୍ଧି ପାଇ ବାର୍ଷିକ ୪.୨ ମିଲିୟନ ଟନ୍ ହେବ। ଯାଜପୁରରେ ଏହାର ଡାଉନଷ୍ଟ୍ରିମ ଲାଇନର ସମ୍ପ୍ରସାରଣ ପାଇଁ କମ୍ପାନୀ ପ୍ରାୟ ୧୯୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛି। ଏହା ବ୍ୟତୀତ ରେଲୱେ ସାଇଡିଂ, ସଷ୍ଟେନେବିଲିଟି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଅକ୍ଷୟ ଶକ୍ତି ଉତ୍ପାଦନ ଭଳି ଭିତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ ପାଇଁ କମ୍ପାନୀ ପ୍ରାୟ ୧୪୫୦ କୋଟି ଟଙ୍କାର ନିବେଶ ଆକଳନ କରିଛି। କମ୍ପାନୀ ଏକ ଗଠନମୂଳକ ପରୋକ୍ଷ ଅଧିଗ୍ରହଣ ଚୁକ୍ତି ମାଧ୍ୟମରେ ଗୁଜରାଟର ମୁନ୍ଦ୍ରାରେ ଥିବା ୦.୬ ଏମଟିପିଏ କୋଲ୍ଡ ରୋଲିଂ ମିଲ, କ୍ରୋମେନି ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୫୪% ଇକ୍ୱିଟି ଅଂଶଧନ ଅଧିଗ୍ରହଣ କରିବ। ଏହି କାରବାରରେ ପ୍ରାୟ୧,୩୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଯେଉଁଥିରେ ଯ୧,୨୯୫ କୋଟି ଟଙ୍କାର ଋଣ ଏବଂ ଇକ୍ୱିଟି କ୍ରୟ ବାବଦରେ ଅବଶିଷ୍ଟ ୪୫ କୋଟି ଟଙ୍କା ରହିଛି। ଜିନ୍ଦଲ ଷ୍ଟେନଲେସର ବୋର୍ଡ ଅଫ୍ ଡିରେକ୍ଟରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ଉଲ୍ଲେଖନୀୟ ନିଷ୍ପତି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ । ସେ କହିଛନ୍ତି,ଇଣ୍ଡୋନେସିଆର ଯୌଥ ଉଦ୍‌ଯୋଗ ଆମକୁ ସର୍ବୋତମ ଗତି ଏବଂ କଞ୍ଚାମାଲ ସୁରକ୍ଷା ପ୍ରଦାନ କରିବ ଏବଂ ଯାଜପୁର ଲାଇନର ଉନ୍ନତିକରଣ ଘରୋଇ ଏବଂ ବିଦେଶୀ ଗ୍ରାହକଙ୍କ ପାଇଁ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିବା।ଏହି ଅବସରରେ ସିଇଓ ତଥା ସର୍ବକାଳୀନ ନିର୍ଦ୍ଦେଶକ, ତରୁଣ କୁମାର ଖୁଲବେ କହିଛନ୍ତି, ଇଣ୍ଡୋନେସିଆର ଅପଷ୍ଟ୍ରିମ୍ ସୁବିଧାରେ ପୁଞ୍ଜିନିବେଶ ହେଉଛି ଏକ ପ୍ଲଗ୍ ଆଣ୍ଡ ପ୍ଲେ ମଡେଲ୍, ଯାହା ବର୍ତମାନର ଇଣ୍ଡଷ୍ଟ୍ରିଆଲ ପାର୍କ ସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ ୨୪ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଲଜିଷ୍ଟିକ୍ ଏବଂ ଶକ୍ତି ଖର୍ଚ୍ଚ ଇଣ୍ଡୋନେସିଆକୁ ଏଭଳି ନିବେଶ ପାଇଁ ଅଧିକ ଅନୁକୂଳ କରିଥାଏ। ଏହାବ୍ୟତୀତ ଇଣ୍ଡୋନେସିଆ ସରକାର ନିକେଲ ଓର୍ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଏବଂ ଦୀର୍ଘମିଆଦୀ ଟିକସ ହୋଲିଡେ ମାଧ୍ୟମରେ ଡାଉନଷ୍ଟ୍ରିମ୍ ସୁବିଧାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରୁଛନ୍ତି। କ୍ରୋମେନି ଅଧିଗ୍ରହଣ ଆମର କୋଲ୍ଡ ରୋଲ ଉତ୍ପାଦ ବୃଦ୍ଧି କରିବାରେ ସହାୟକ ହେବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ରୁପ୍ ସିଏଫ୍‌ଓ ଅନୁରାଗ ମନ୍ତ୍ରୀ କହିଛନ୍ତି, ଏହି ନିବେଶ ଆମର ଡାଉନଷ୍ଟ୍ରିମ୍ କୋଲ୍ଡ ରୋଲ କ୍ଷମତାକୁ ସାମଗ୍ରିକ ଭାବେ ସନ୍ତୁଳନ କରିବାରେ ସହାୟକ ହେବ ଏବଂ ବିଶ୍ୱସ୍ତରୀୟ ବେଞ୍ଚ ମାର୍କର ନିକଟତର ହେବ। ଯାଜପୁରରେ ଡାଉନଷ୍ଟ୍ରିମ୍ ସମ୍ପ୍ରସାରଣ ଏବଂ ସିଏସପିଏଲ୍ ଅଧିଗ୍ରହଣ ଇଣ୍ଡୋନେସିଆ ଏସ୍‌ଏମ୍‌ଏସ୍ କ୍ଷମତା ସହିତ ଜଡ଼ିତ ଏବଂ ଏହା ଜିନ୍ଦଲ ଷ୍ଟେନଲେସର କମ୍ପାନୀ ସ୍ତରରେ ସାମଗ୍ରିକ ସୁବିଧା ସନ୍ତୁଳନକୁ ସମର୍ଥନ କରିବ। ଭିତିଭୂମିରେ ଉନ୍ନତି ଲଜିଷ୍ଟିକ୍ ସାମର୍ଥ୍ୟକୁ ଯଥେଷ୍ଟ ବୃଦ୍ଧି କରିବ ।